# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁନ୍ ୧୩/୨୦୧୯ (୨୦ ପୃଷ୍ଠା) | Sambalpur, Thursday, June 13 / 2019 | ★★

୧୫୩ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ‘୮୩’ରେ ଦୀପିକା ପାଦୁକୋନ

ଚଳଚ୍ଚିତ୍ର ‘୮୩’ରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ନିଆଯାଇଛି। ଏହି ଚଳଚ୍ଚିତ୍ରରେ ସେ ସ୍ୱାମୀ ରଣବୀର କପୁରଙ୍କ ସହ ଅଭିନୟ କରିବେ।

୧୩ ୧୯

## ଆମିରଙ୍କୁ ୫ ଉଇକେଟ

ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆମିର ଦମ୍‌ଦାର ପ୍ରଦର୍ଶନ କରି ୫ ଉଇକେଟ ସଫଳତା ପାଇଛନ୍ତି।








# ୪୨ ଡିଗ୍ରୀ ଖରାରେ ଦୌଡ଼ାଇଲେ

## ମହିଳା ଅଫିସରଙ୍କ ସମେତ ୨୪ରୁ ଊର୍ଦ୍ଧ୍ୱ ଅଚେତ

- ଆମ୍ବୁଲାନ୍ସ ଡ୍ରାଇଭର ନ ଥିଲେ, ସ୍କୁଟିରେ ବୁହାହେଲେ
- ଲାଗିଲା ଅକ୍ସିଜେନ, ସାଲାଇନ୍; ଚାପା ଉତ୍ତେଜନା



ଡ୍ରାଇଭର ନଥିବାରୁ ଆମ୍ବୁଲାନ୍ସ ଅକାମୀ: ଅସୁସ୍ଥଙ୍କୁ ଦୁଇଚକିଆରେ ଡାକ୍ତରଖାନା ନିଆଯାଉଛି।

**ଭୁବନେଶ୍ୱର, ୧୨।୬(ବ୍ୟୁରୋ)**

ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ୪୨.୪ ଡିଗ୍ରୀ ଖରାରେ ଟ୍ରେନିଂ ଚାଲିଥିଲାବେଳେ ଜଣେ ମହିଳା ପୋଲିସ ଅଫିସରଙ୍କ ସମେତ ୨୪ରୁ ଊର୍ଦ୍ଧ୍ୱ ଅଚେତ ହୋଇପଡିଥିଲେ। ଆମ୍ବୁଲାନ୍ସ ବଦଳରେ ସେମାନଙ୍କୁ ସ୍କୁଟିରେ ବୋହି ଟ୍ରେନିଂ ସେଣ୍ଟର ପରିସର ହସ୍ପିଟାଲକୁ ଅଣାଯାଇଥିଲା। ତୁରନ୍ତ ଅକ୍ସିଜେନ ଓ ସାଲାଇନ୍ ଲଗାଯାଇ ଚିକିତ୍ସା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଉପସ୍ଥିତ ଅଧିକାରୀଙ୍କୁ ଦାୟୀ କରି ଅସୁସ୍ଥ ଟ୍ରେନି ଯବାନ ଓ ପୋଲିସ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚନ୍ଦକାସ୍ଥିତ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଟ୍ରେନିଂ ସେଣ୍ଟରରେ ସକାଳ ସାଢ଼େ ୫ଟାରୁ ସାଢ଼େ ୯ଟା ଓ ଅପରାହ୍ନ ସାଢ଼େ ୩ଟାରୁ ସାଢ଼େ ୬ଟା ରେଗୁଲାର ଟ୍ରେନିଂ ହୁଏ। ୫ କେଜି ଓଜନର ବନ୍ଧୁକ ଓ ୧୦ କେଜି ଓଜନର ସାମଗ୍ରୀ ଥିବା ବ୍ୟାଗ୍ କାନ୍ଧ ଓ ପିଠିରେ ଲଦି ଟ୍ରେନିଂ ନେବାକୁ ପଡେ। ପୂର୍ବରୁ ସମସ୍ତ ଯବାନ ଓ ମାଓବାଦୀ ଅଞ୍ଚଳରେ କାର୍ଯ୍ୟରତ ପୋଲିସ ଅଫିସରଙ୍କୁ ଏହି ଟ୍ରେନିଂ ଦିଆଯାଇଥାଏ। ଏବେ ସମସ୍ତ ପୋଲିସ ଅଧିକାରୀଙ୍କ ପାଇଁ ଏସ୍‌ଓଜି ଟ୍ରେନିଂ ବାଧ୍ୟତାମୂଳକ କରାଯାଇଛି। ବୁଧବାର ସକାଳେ ରେଗୁଲାର ଟ୍ରେନିଂ ପରେ ସ୍ୱତନ୍ତ୍ର ଟ୍ରେନିଂ ଆରମ୍ଭ ହୋଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍‌ଓଜି ଯବାନ, ୭ଜଣ ଡିଏସ୍‌ପି ର୍‍ୟାଙ୍କ୍‌ର ମହିଳା ପୋଲିସ ଅଧିକାରୀ ଓ ୩୦ଜଣ ପୋଲିସ ଏସ୍‌ଆଇ ଥିଲେ। ବୁଧବାର ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୨.୪ ଡିଗ୍ରୀ ରହିଥିଲାବେଳେ ସକାଳ ୯ଟାରୁ ପ୍ରବଳ ତାତି ଅନୁଭୂତ ହୋଇଥିଲା। ସ୍ୱତନ୍ତ୍ର ଟ୍ରେନିଂ ବେଳକୁ ତାପମାତ୍ରା ଆହୁରି ବଢ଼ିଯାଇଥିଲା। ଝାଞ୍ଜିରେ ମୁହଁ ପୋଡ଼ିଗଲା ଭଳି ଲାଗୁଥିଲା। ଦୌଡୁଥିବାବେଳେ ପ୍ରଥମେ କେତେଜଣ ଅସୁସ୍ଥ ଅନୁଭବ କରୁଥିବା ନେଇ ଟ୍ରେନିଂ ଅଫିସରଙ୍କୁ ଜଣାଇଥିଲେ। ହେଲେ ଉପସ୍ଥିତ ଅଫିସର କିଛି ନ ଶୁଣି ଦୌଡ଼ିବାକୁ କହିଥିଲେ। ଫଳରେ ଜଣକ ପରେ ଜଣେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ଅଧିକାଂଶ ଅଚେତ ହୋଇପଡିଥିଲେ। ତୁରନ୍ତ ସେମାନଙ୍କୁ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଆଣିବାକୁ ଉପସ୍ଥିତ ଅଧିକାରୀମାନେ ଫୋନ୍ କରି କାର୍ଯ୍ୟାଳୟକୁ ଜଣାଇଥିଲେ। ହେଲେ ଡ୍ରାଇଭର ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ପରେ ସ୍କୁଟି, ବାଇକ୍ ଓ ଅନ୍ୟ ଗାଡ଼ିରେ ସେମାନଙ୍କୁ ଟ୍ରେନିଂ ସେଣ୍ଟର ପରିସରସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ୨୦ ଏସ୍‌ଓଜି ଯବାନ, ୩ଜଣ ଏସ୍‌ଆଇ ଓ ଜଣେ ମହିଳା ଡିଏସ୍‌ପିଙ୍କୁ ଅକ୍ସିଜେନ, ସାଲାଇନ୍ ଦିଆଯାଇ ଚିକିତ୍ସା ଆରମ୍ଭ ହୋଇଥିବାବେଳେ ଅନ୍ୟ କେତେଜଣ ସାମାନ୍ୟ ଅସୁସ୍ଥଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ଘଟଣା ସଂକ୍ରାନ୍ତରେ ଏସ୍‌ଓଜି ଟ୍ରେନିଂ କମାଣ୍ଡାଣ୍ଟ୍ ଅନିରୁଦ୍ଧ କୁମାର ସିଂଙ୍କୁ ପଚାରିବାରୁ ସେ କହିଲେ, ମାଓବାଦୀଙ୍କ ସହ ଲଢ଼ିବାକୁ ଆମକୁ ସେପରି ଦକ୍ଷ ହେବାକୁ ପଡ଼ିବ। ତେଣୁ ଯବାନ ଓ ପୋଲିସ ଅଧିକାରୀଙ୍କୁ କଡା ଟ୍ରେନିଂ ଦେବାକୁ ପଡୁଛି। ବୁଧବାର ଟ୍ରେନିଂ ସମୟରେ ଗରମ ଓ ଗୁଳୁଗୁଳି ଟିକେ ଅଧିକ ଥିଲା। ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିଲା। ଏବେ ସେମାନେ ସୁସ୍ଥ ଅଛନ୍ତି।


ବାର୍ କାଉନ୍‌ସିଲ ଅଧ୍ୟକ୍ଷାଙ୍କୁ ହତ୍ୟା | ପୃଷ୍ଠା ୮


■ ନ୍ୟାୟ ପାଉନାହାନ୍ତି ବଳାତ୍କୃତା

# ଆଇନକୁ ପାଳୁନାହାନ୍ତି ସରକାର

**କଟକ ଅଫିସ, ୧୨।୬**



ବଳାତ୍କାର ଶିକାର ହେଉଥିବା ପୀଡ଼ିତାମାନଙ୍କୁ ନ୍ୟାୟ ମିଳୁନାହିଁ। ଏମାନଙ୍କ ପାଇଁ ଆଇନରେ ସଂଶୋଧନ ଅଣାଯାଇଥିଲା। ପୂର୍ବରୁ ପୀଡ଼ିତାମାନଙ୍କୁ ସିଆର୍‌ପିସିର ୩୫୭ ଧାରା ଅନୁଯାୟୀ କୋର୍ଟଙ୍କ ରାୟ କ୍ରମେ କ୍ଷତିପୂରଣ ରାଶି ମିଳୁଥିଲା। ମାତ୍ର ୨୦୦୯ରେ କେନ୍ଦ୍ର ସରକାର ସିଆର୍‌ପିସିର ୩୫୭ ଧାରା ସହିତ ‘କ’କୁ ଯୋଡ଼ିଥିଲେ। ଏହି ଆଇନକୁ ୨୦୧୬ରେ ସମଗ୍ର ଦେଶରେ ଲାଗୁ କରାଯାଇଥିଲା। ଏହି ଆଇନକୁ ଆଧାର କରି ରାଜ୍ୟ ସରକାର ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା (ଓଡ଼ିଶା ଭିକ୍‌ଟିମ କମ୍ପେନ୍‌ସେସନ ସ୍କିମ୍) ୨୦୧୮ ପ୍ରଣୟନ କରିଥିଲେ। ଏଥିପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆଇନ ଅନୁଯାୟୀ ବଳାତ୍କାର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ଘଟଣା ଘଟିବାର ୨ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୪ରୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ☞ ପୃଷ୍ଠା–୪

## ଆଜିର ସମ୍ପାଦକୀୟ

### ଅଣ୍ଡା ଓ ହୃଦ୍‌ରୋଗ

## ଆଜିର ମନ୍ତବ୍ୟ

“ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ଅସ୍ତ୍ର ତ୍ୟାଗ କରି ଆଲୋଚନାର ଟେବୁଲକୁ ଆସିବା ଉଚିତ।

–ସତ୍ୟପାଳ ମଲିକ, ଜମ୍ମୁ–କଶ୍ମୀର ରାଜ୍ୟପାଳ


"Hurry Up" Admission Open

AIT

ASHA INSTITUTE OF TECHNOLOGY

100% Results

This course is approved by govt. of Odisha

B.Ed

10th +2 Arts Science Commerce

BA, BSc., B.Com. M.Com., MA, MSC, BSW, MSW, DCA, PGDCA

Failed & Discontinued students don't worry continue your studies

Contact:- 9178713912, 9178713934

Franchise Contact:- 9439820889

Address- Panchayat College Road, Near Naka Chowk, Bargarh

AIMS COLLEGE SAMBALPUR

FULLY RESIDENTIAL +2 & +3 Sc. COLLEGE

For e-admission: College Code- 28085307

(JHARSUGUDA HIGHWAY) PARDHIAPALI, SAMBALPUR



For Admission please Contact: 7873006705, 7873006725, 7978326206, 7873006711, 7381026700

E-mail: aims.sambalpur@gmail.com

website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE | 12.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers



INSTITUTE OF ENTREPRENEURSHIP DEVELOPMENT, ODISHA

An Institute of

MSME Department, Govt. of Odisha

Admission Notice for 2019-20

IMBA

Integrated Master in Business Administration-5Yrs

(Affiliated to Utkal University)

QUALITY EDUCATION IN GOVT. INSTITUTE

AFFORDABLE COURSE FEES ₹ 25,000/- per Annum (First 3 yrs BBA module), ₹ 60,000/- per Annum (For last 2 yrs MBA module)

Eligibility : 10+2 (Arts/Science/Commerce/Diploma program) from a recognized Board/University with minimum 45% mark for admission into First Year of IMBA.

For Lateral Entry into 4th Year (MBA Module of IMBA), Students having passed 3year BBA from any recognized University with atleast 50% marks in aggregate can apply.

Application form is available at the Institute or can be downloaded from Institutes website www.iedodisha.nic.in. The filled in application can be submitted alongwith DD for ₹ 500/- (₹ 200/- for SC/ST candidates) in favour of IED Odisha IMBA payable at Bhubaneswar on or before 27.06.2019 (Thursday).

123, Sect-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609, 2587176, Mob. 9437036346, 7978120939



Learn Professional Skills and Become an Accounting Expert!



OKCL Creating a Knowledge Lit World

Join Career Oriented KLiC Courses

MKCL KLiC Tally with GST

Gateway to Knowledge Lit Careers

Learn Tally with GST and Advanced Inventory Management

MKCL KLiC Advanced Excel

Gateway to Knowledge Lit Careers

Learn Data Analysis, Expense & Accounts Management

For Admissions please contact nearest OS-CIT Center Today!

0674-3026700, 6676767

www.okcl.org/klic



ସ୍ମାର୍ଟ ସିଟି ପାଇଁ ବଜାଜ୍ ଅଟୋର ସ୍ମାର୍ଟ CNG ଗାଡ଼ି




ସରଳ ବ୍ୟାଙ୍କ ଫାଇନାନ୍ସର ସୁବିଧା | ଅଫର ସୀମିତ ସମୟ ପାଇଁ ଉପଲବ୍ଧ

ଅଞ୍ଜନେ ମୋଟର୍ସ (ରାଉରକେଲା):

ପାନପୋଷ , ବେଦବ୍ୟାସ - 7682839111, ସେକ୍ଟର , ରାଉରକେଲା - 7682839105, ବିରମିତ୍ରପୁର - 7978049043, ସୁନ୍ଦରଗଡ - 7008253030, ଛେଣ୍ଡ - 7682839110

# ଖାଦ୍ୟରୁଚି

ଆଜିକାଲି ଯୁବଗୋଷ୍ଠୀ ଖାଇବାରେ ସବୁବେଳେ କିଛି ନା କିଛି ନୂଆ ଚାହୁଁଥିବା ବେଳେ ସ୍ୱାଦକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏମାନଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ହୋଟେଲରେ ମଧ୍ୟ ବିଭିନ୍ନ ଡିସ୍ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର ନାଁ ମଧ୍ୟ ଦିଆଯାଉଛି। ଏହିଭଳି ବାରିପଦା କେସି ସର୍କଲ ସ୍ଥିତ ହୋଟେଲ ମୟୂରଭଞ୍ଜରେ ଏକ ସ୍ୱତନ୍ତ୍ର ଡିସ୍ ଗ୍ରାହକଙ୍କୁ ପରଷାଯାଉଛି। ଯାହାର ନାଁ ରହିଛି 'ଚିକେନ ୟୋଗା'। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମାଷ୍ଟର ସେଫ ପବନ ବେହେରା ଯାହା କୁହନ୍ତି।

**ରିପୋର୍ଟ: ରବିନାରାୟଣ ଚଲାନ୍**

## ଚିକେନ ୟୋଗା

### ଆବଶ୍ୟକ ସାମଗ୍ରୀ

**(ଗୋଟିଏ ପ୍ଲେଟ୍ ପାଇଁ)**

- ବୋନଲେସ୍ ଚିକେନ–୩୦୦ ଗ୍ରାମ
- ତେଲ– ଆବଶ୍ୟକ ପରିମାଣର
- ଅଦା–ରସୁଣ ପେଷ୍ଟ ୧ ଚାମଚ
- ମଇଦା–୨ ଚାମଚ
- କର୍ନ ଫ୍ଲୋର–୨ ଚାମଚ,
- ହ୍ୱାଇଟ ପେପର–୧ ଚାମଚ,
- ଟମୋଟୋ ସସ୍– ୧ ଚାମଚ
- ଚିଲି ସସ୍–୧ ଚାମଚ
- ଗାର୍ଲିକ ସସ୍–୧ ଚାମଚ
- କାଜୁ– ୮ଟି କାଜୁ
- ଆବଶ୍ୟକ ଅନୁସାରେ ଅଣ୍ଡା
- ପୋଦିନା ପତ୍ର
- ଧନିଆ ପତ୍ର
- ଭୃର୍ସୁଙ୍ଗ ପତ୍ର
- କିଛି ଶୁଖିଲା ଲଙ୍କା ଓ ଅଳ୍ପ ଗରମ



**ମୁଖ୍ୟ ସେଫ୍**
**ପବନ ବେହେରା**



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବୋନଲେସ୍ ଚିକେନକୁ ଭଲ ଭାବେ ଧୋଇଦିଅନ୍ତୁ। ପରେ ଅଦା-ରସୁଣ ପେଷ୍ଟ, ମଇଦା, କର୍ନ ଫ୍ଲୋର, ହ୍ୱାଇଟ ପେପର, ଅଣ୍ଡା ଓ ଲୁଣକୁ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣ(ମାରିନେଟ)କୁ ୧୦ ମିନିଟ ରଖିଦିଅନ୍ତୁ। ଏହା ପରେ କଡ଼େଇରେ ତେଲ ପକାନ୍ତୁ। ପୂର୍ବ ପ୍ରସ୍ତୁତ ମାରିନେଟ ଚିକେନକୁ ଛାଣି ଦେଇ ଅନ୍ୟ ଏକ ପାତ୍ରରେ ରଖନ୍ତୁ। ଚୁଲା ଲଗାଇ କଡେଇରେ ତେଲ ଗରମ କରନ୍ତୁ। ଏଥିରେ ପୋଦିନା ପତ୍ର, ଧନିଆ ପତ୍ର, ଭୃର୍ସୁଙ୍ଗ ପତ୍ର, କାଜୁ ଓ ଶୁଖିଲା ଲଙ୍କାକୁ ଫ୍ରାଏ କରନ୍ତୁ। ଭଲ କରି ଫ୍ରାଏ କରିବା ପରେ ଏଥିରେ ପୂର୍ବରୁ ଛଣା ହୋଇଥିବା ଚିକେନ ସାମଗ୍ରୀକୁ ପକାନ୍ତୁ ଏବଂ ଭଲ ଭାବେ ଫ୍ରାଏ କରନ୍ତୁ। ଶେଷରେ ଗରମ ମସଲା ଗୁଣ୍ଡ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ୟୋଗା। ଏହାକୁ ଘରେ ମଧ୍ୟ ବନାଇପାରିବେ। ନିଜେ ଖାଇବା ସହିତ ଅନ୍ୟମାନଙ୍କୁ ମଧ୍ୟ ଖୁଆଇ ପାରିବେ।

# ନିଜ କଥା

## ଆଉ ଥରେ ଜନ୍ମ ହେଲେ ଛାତ୍ରବତ୍ସଳ ଶିକ୍ଷକ ହେବାକୁ ଚାହିଁବି

ସାହିତ୍ୟିକ,ନାଟ୍ୟକାର ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ଜଣେ ସରଳ ଏବଂ ବିରଳ ବ୍ୟକ୍ତିତ୍ୱ । ୧୯୬୦ ଜୁଲାଇ ୨୨ ତାରିଖରେ କଳାମୟୀ କଳାହାଣ୍ଡି ଜିଲାରେ ତାଙ୍କ ଜନ୍ମ । ସ୍ଥାନୀୟ ବିମଳା କନ୍‌ଭେଣ୍ଟ ସ୍କୁଲରେ ଅଧ୍ୟାପନା କରନ୍ତି । ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ନାଟ୍ୟମହୋତ୍ସବରେ ଅଂଶଗ୍ରହଣ କରି ସେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଇପାରିଛନ୍ତି । ଶତପଥୀ ଅନେକ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ଉଚ୍ଚ ପ୍ରସଶିଂତ ହୋଇଛନ୍ତି । ସେଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି । ଏଥର ନିଜ କଥା ସ୍ତମ୍ଭରେ ତାଙ୍କ କଥା... ।



ଉମେଶ ଚନ୍ଦ୍ର ଶତପଥୀ

॥ ରିପୋର୍ଟ
ସଞ୍ଜୀବ କୁମାର ଯୋଶୀ ॥

❑ ଆପଣଙ୍କ ସକାଳ କେମିତି କଟେ ?

ଭୋର ୫ଟା ପୂର୍ବରୁ ମୁଁ ଶଯ୍ୟା ତ୍ୟାଗ କରେ । ନିତ୍ୟକର୍ମ ସାରି ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ କରେ । କିଛି ସମୟ ନିଜ ବଗିଚାରେ ବୁଲେ । ଜଳଖିଆ ଖାଇସାରି ପ୍ରତିଦିନ ଠିକ୍ ୭ ଟାର ବିଦ୍ୟାଳୟରେ ପହଞ୍ଚି ଯାଏ ।

❑ କେଉଁଭଳି ଖାଦ୍ୟରେ ରୁଚି ରଖନ୍ତି ?

ଘର ତିଆରି ଦେଶୀୟ ଖାଦ୍ୟ ମୋର ବେଶି ପ୍ରିୟ। ଶୁଦ୍ଧଶାକାହାରୀ ଖାଦ୍ୟ ସବୁଦିନ ଖାଇଥାଏ । ଶାଗ, ସାଲାଡ,ବାଇଗଣ ପୋଡା ମୋର ପ୍ରିୟ ।

❑ ପ୍ରଥମ ଦରମା କ'ଣ କରିଥିଲେ ?

ମୁଁ ମୋର ପ୍ରଥମ ଦରମା ୧୯୭୯ ମସିହାରେ ମାତ୍ର ୧୫୦ ଟଙ୍କା ପାଇଥିଲି। ସବୁତକ ଦରମା ମା'ଙ୍କୁ ଦେଇଥିଲି । ମା' ମୋର ଶିବଭକ୍ତ । ପ୍ରଥମ ଦରମାରେ ବୁନ୍ଦି କିଣି ପୂଜାକରି ଆତ୍ମୀୟସ୍ୱଜନଙ୍କୁ ପ୍ରସାଦବାଣ୍ଟି ମୋ କର୍ମମୟ ଜୀବନର ମଙ୍ଗଳ କାମନା କରିଥିଲେ ।

❑ ସିନେମା ଦେଖନ୍ତି କି ?

ମୋର ପୂଜ୍ୟପିତା ଜଣେ ସଂସ୍କୃତ ପଣ୍ଡିତ ଏବଂ ଖୁବ୍ ରକ୍ଷଣଶୀଳ। ମାଟ୍ରିକ୍ ପାସ୍ ହେଲାପରେ ତାଙ୍କ ଶ୍ରଦ୍ଧେୟ ଛାତ୍ର ଚିତ୍ତରଞ୍ଜନ ମହାନ୍ତିଙ୍କ ମାଧ୍ୟମରେ ଚଳଚ୍ଚିତ୍ର ଟିଏ ଦେଖିବାରେ ସୁଯୋଗ ପାଇଥିଲି। ବର୍ତ୍ତମାନ ବେଳେ ବେଳେ ଉନ୍ନତ କଳାରୁଚିର ମୂଲ୍ୟବୋଧଭିତ୍ତିକ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଦେଖିବାକୁ ଭଲପାଏ ।

❑ କେଉଁ କାମରେ ଆପଣଙ୍କ ରୁଚି ରହିଛି ?

ଅଧ୍ୟୟନ ଓ ଅଧ୍ୟାପନା ମୋ ଜୀବନର ପରମ ବ୍ରତ । ନାଟକ ଲେଖିବା ନିର୍ଦ୍ଦେଶନା ଦେବାରେ ମୋର ବିଶେଷ ରୁଚି ରହିଛି ।

❑ କେଉଁ ରଙ୍ଗକୁ ଭଲ ପାଆନ୍ତି ?

ନୀଳ ରଙ୍ଗ ମୋର ସବୁଠୁ ପ୍ରିୟ ?

❑ ସଉଦା କିଣିବାକୁ ବଜାର ଯାଆନ୍ତି କି ?

ପ୍ରତି ରବିବାର ଏବଂ ସରକାରୀ ଛୁଟି ଦିନରେ ତଟକା ସବୁଜ ପନିପରିବା କିଣିବାକୁ ଭଲପାଏ ।

❑ ସ୍ତ୍ରୀଙ୍କର କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ ?

ସୌଭାଗ୍ୟକ୍ରମେ ମୁଁ ବନ୍ଧନମୁକ୍ତ ଏବଂ ଅବିବାହିତ ।

❑ ଜୀବନର ଅଭୁଲା ସ୍ମୃତି ?

ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲା ପ୍ରତିନିଧି ଭାବେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ବିପ୍ଳବୀ କବି ରବି ସିଂ, କବି ମନୋରମା ମହାପାତ୍ର, କବି ରାଜେନ୍ଦ୍ର ପଣ୍ଡାଙ୍କ ଗହଣରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବରେ ଅଂଶଗ୍ରହଣ କରିଥିଲି। ତାହା ମୋ ଜୀବନରେ ଅଭୁଲା ସ୍ମୃତି ।

❑ ଆଉଥରେ ଜନ୍ମ ହେଲେ କ'ଣ ହେବାକୁ ଚାହାନ୍ତି ?

ମୁଁ ମୋର ଶିକ୍ଷାଦାନ କାର୍ଯ୍ୟରେ ଯଥେଷ୍ଟ ଆତ୍ମ ସନ୍ତୋଷ ଲାଭ କରିଛି । ବାରମ୍ବାର ଜନ୍ମଗ୍ରହଣ କଲେ ଜଣେ ଆଦର୍ଶବାନ କର୍ତ୍ତବ୍ୟନିଷ୍ଠ ଛାତ୍ରବତ୍ସଳ ଶିକ୍ଷକ ହେବାକୁ ହିଁ ଚାହିଁବି। ଶିକ୍ଷାଦାନ ସମୟରେ ମୋ ଶେଷ ସ୍ପନ୍ଦନ ସ୍ଥିର ହୋଇଗଲେ ପରମ ସୌଭାଗ୍ୟ ବୋଲି ମନେ କରିବି ।

# ସେଲ୍‌ଫି କର୍ନର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ଶଶୀକାନ୍ତ



@ ଲଳିତା



@ ପଙ୍କଜ



@ ସଞ୍ଜୁ



@ ଚିନ୍ମୟ



@ କୃପା



@ ସୁନୀଲ



@ ସୁମିତ୍



@ ସନ୍ତୋଷ

## ନବୀନ..ନବୀନ... ଗୀତ

# ୬ଥର ଶୁଣିଥିଲେ ମୁଖ୍ୟମନ୍ତ୍ରୀ



### ମୋ ଅନୁଭୂତି

ବହୁ ଲୋକ ଦୁଃଖ ଗୀତକୁ ପସନ୍ଦ କରନ୍ତି। ଏଣୁ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଦେବାଶିଷ ମଲ୍ଲିକ (ଜାପାନୀ)ଙ୍କ ପାଇଁ ଦୁଃଖ ଗୀତଗୁଡ଼ିକ ହିଁ ଆଶୀର୍ବାଦ ହୋଇ ଆସିଲା। କିଛି ମାସ ତଳେ ଯାଜପୁରରେ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ ଆସିଥିଲା। ସେଠାରେ ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଗୀତ ପରିବେଷଣ ମଧ୍ୟ ହୋଇଥିଲା। ହେଲେ କାର୍ଯ୍ୟକ୍ରମ ଶେଷରେ ଜଣେ ଯୁବକ ହଠାତ୍ ଆସି ତାଙ୍କ ହାତ ଧରି କାନ୍ଦିବା ସହ କେମିତି ଏପରି ଦୁଃଖ ଗୀତ ପ୍ରସ୍ତୁତ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏପରିକି ତାଙ୍କ ଭିତରେ କ'ଣ ଦୁଃଖ ଅଛି ତାହା ପଚାରିଥିଲେ। ତାହା ତାଙ୍କୁ ଯେତିକି ବିସ୍ମୟ କରୁଥିଲା ସେତିକି ହାସ୍ୟମୟ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥିଲା। ତାଙ୍କ ଭିତରେ କିଛି ଦୁଃଖ ନାହିଁ ବୋଲି କହିଥିଲେ ମଧ୍ୟ ଯୁବକ ଜଣକ ମାନିବାକୁ ରାଜି ହୋଇ ନ ଥିଲେ, ଯାହା ଅଭୁଲା ଅନୁଭୂତି ହୋଇରହିବ ବୋଲି ଜାପାନୀ କହିଛନ୍ତି।

ସେହିପରି ଗତ ନିର୍ବାଚନରେ ବିଜେଡର ଦଳୀୟ ଗୀତ ନବୀନ..ନବୀନ ପ୍ରସ୍ତୁତ କରି ଜାପାନୀ ନିଜ କଳାର ପ୍ରସିଦ୍ଧିକୁ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ନବୀନ ଗୀତ ପ୍ରସ୍ତୁତ କରିବାର ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଗୀତ ତିଆରି ହେବା ପରେ ହିଟ୍ କି ଫ୍ଲପ୍ ହେବ ତାହା ଜଣା ନ ଥିଲା। ତଥାପି ଆଶା ଥିଲା ଭଲ ହେବ। ହଠାତ୍ ଫୋନ ଆସିଲା ମୁଖ୍ୟମନ୍ତ୍ରୀ ଗୀତ ଶୁଣିବାକୁ ଚାହୁଁଛନ୍ତି। ପେନ୍‌ଡ୍ରାଇଭରେ ଆଣି ତାଙ୍କ ବାସଭବନରେ ପହଞ୍ଚିବାକୁ ନିର୍ଦ୍ଦେଶ ଆସିଲା। ସେଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ହାତକୁ ପେନ୍‌ଡ୍ରାଇଭ ବଢ଼ାଇ ଦେଇଥିଲି। ହେଲେ ନର୍ଭସ ଥିଲି ଗୀତ ଶୁଣିବା ପରେ ସେ ପ୍ରତିକ୍ରିୟା କ'ଣ ଦେବେ। ଗୀତ ବାଜିବା ଆରମ୍ଭ ହେଲା। ଥରେ ଶୁଣିଲା ପରେ ପୁଣି ଥରେ ବଜାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଲଗାତର ୬ଥର ନବୀନ..ନବୀନ ଗୀତ ବାଜିଲା। ଶେଷରେ ଗୁଡ୍ ଜବ୍ ବୋଲି ମୁଖ୍ୟମନ୍ତ୍ରୀଙ୍କ ପାଟିରୁ ଶୁଣି ଖୁସି ମିଳିଥିଲା ବୋଲି ଜାପାନୀ କୁହନ୍ତି।

ଜଗତ୍‌ସିଂହପୁର ବାଲିକୁଦାରେ ଜନ୍ମିତ ଦେବାଶିଷଙ୍କ ପିଲାବେଳର ନାମ ଜାପାନୀ। ଗ୍ରାମଦେବତୀ ଜାଗୁଳାଇଙ୍କଠାରେ ପୂଜାର୍ଚ୍ଚନା କରି ପଣ୍ଡିତଙ୍କ ପରାମର୍ଶରେ ପିତାମାତା ଜାପାନୀ ନାମ ରଖିଥିଲେ ବୋଲି ସେ କୁହନ୍ତି। ପ୍ରଥମେ ଅଭିନୟରେ ପାଦ ଥାପିଥିବା ଜାପାନୀ ୨୦୦୨ରୁ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଧନଲୋ ଧନ, ଏ ମନ ମୋ ମନ, ତୋ କଥା ମନେ ପଡୁଛି, ଆଖିରେ ଆଖି ମିଶେଇ ଦେଇ ଗୀତ ୟୁ-ଟ୍ୟୁବ୍‌ରେ ସବୁଠାରୁ ଅଧିକ ଲୋକପ୍ରିୟ ତାଲିକାର ଶୀର୍ଷରେ ରହିଛି।

–ରିପୋର୍ଟ: କୁମାରଶ୍ରୀ ସାହୁ



# ଅଂଶୁଘାତରେ ୩ ମୃତ୍ୟୁ ଅଭିଯୋଗ

**ବରଗଡ଼ ଅଫିସ/ବୌଦ୍ଧ (ସ୍ୱପ୍ର),୧୨।୬**

ବରଗଡ଼ ଓ ବୌଦ୍ଧ ଜିଲାରେ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ବୁଧବାର ବରଗଡ଼ ଜିଲାର ୩ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତକମାନେ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମର ଗ୍ରନ୍ଥ ପ୍ରଧାନ (୫୮) ଏବଂ ଗାଇସିଲେଟ୍ ଥାନା ଟେଙ୍ଗନାପାଲି ଗ୍ରାମର ସହଦେବ ବରିହା (୮୦)। ଗ୍ରନ୍ଥ ସକାଳୁ ନିଜ କ୍ଷେତକୁ ଯାଇ ସେଠାରେ ଗୁରୁତର ଅସୁସ୍ଥ ହୋଇ ଘରକୁ ଫେରିଥିଲେ । ଏହାପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା ଏବଂ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପରିବାର ଲୋକେ କହିଛନ୍ତି। ସେହିପରି ସହଦେବ ମଧ୍ୟ ସକାଳୁ ନିଜ ଧାନଖଳାକୁ ଯାଇଥିଲେ ଏବଂ ସେଠାରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ମଧ୍ୟ ଚିକିତ୍ସା ପାଇଁ ଡାକ୍ତରଖାନା ଅଣାଯାଇଥିଲା ଏବଂ ଡାକ୍ତର ମୃତ ଘୋଷଣା କରିଥିଲେ । ଅଂଶୁଘାତ ଯୋଗୁ ଉଭୟଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେବା ପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେହିପରି ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ଗୋଛାପଡା ପଞ୍ଚାୟତ ଝାରମୁଣ୍ଡା ଗ୍ରାମର ସୁଧାସାର ମଳିକ(୬୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି । ସୁଧାସାର ସ୍ଥାନୀୟ ସେରିକଲଚର ଫାର୍ମରେ ଶ୍ରମିକ ଭାବେ କାମ କରୁଥିଲେ । ସେ ବୁଧବାର ସକାଳୁ କାମ କରିବାକୁ ଯାଇ ଅପରାହ୍ନ ୫ଟାରେ ଘରକୁ ଫେରୁଥିଲେ । ତେବେ ଅଁଳାଝୁଲି ଗ୍ରାମର ଡିପମୁଣ୍ଡା ବନ୍ଧ ପାଖରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ ।

## ■ ଆକାଶରୁ ଅଗ୍ନିବର୍ଷା, ସିଝୁଛି ଓଡ଼ିଶା

# ୪୫ ଡିଗ୍ରୀ ଟପିଲା ୬ ସହର

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଓଃ କି ତାତି। ବାହାରେ ଘଡିଏ ରହି ହେଉ ନାହିଁ। ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ଦେହ ମୁହଁ ଜଳି ପୋଡି ଯାଉଛି। ପଥଚାରୀଙ୍କ ମୁହଁରୁ ଏମିତି ଶବ୍ଦ ଆପଣା ଛାଏଁ ବାହାରି ଆସୁଛି। ପ୍ରଚଣ୍ଡ ଗ୍ରୀଷ୍ମରେ ଆଉଟୁ ପାଉଟୁ ହେଉଛି ସାରା ରାଜ୍ୟ। ମଣିଷ ଠାରୁ ଆରମ୍ଭ କରି ପଶୁ ପକ୍ଷୀ ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହେଉଛନ୍ତି। ପାରଦ ଉପରମୁହାଁ ହେଉଥିବାରୁ ବେଳକୁ ବେଳ ପରିବେଶ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ସକାଳ ୭ଟା ହେବା ମାତ୍ରେ ମାଡି ଆସୁଛି ଭୟଙ୍କର ଖରା। ସଞ୍ଜ ନଇଁବା ଯାଏ ସୂର୍ଯ୍ୟଙ୍କ ପ୍ରକୋପରୁ ମିଳୁନି ନିସ୍ତାର। ଖରା ଟାଳିଗଲେ ମଧ୍ୟ ପରିବେଶ ଉତ୍ତପ୍ତ ରହୁଛି। ବୁଧବାର ରାଜ୍ୟର ୧୫ଟି ସହରର ପାରଦ ଝାଇଁ ଝାଇଁ କରି ପକାଇଛି। ସେସବୁ ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିବା ବେଳେ ୬ଟି ସହର ତାତି ୪୫ ଡିଗ୍ରୀ ସେଲସିୟସ ଉପରକୁ ଚାଲି ଯାଇଛି।

**ଆଉ ୩ ଦିନ କଲବଲ କରିବ ତାତି**

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୫.୩, ହୀରାକୁଦ ୪୫.୨, ସୋନପୁର ୪୫.୨, ଝାରସୁଗୁଡା ୪୫, ଟିଟିଲାଗଡ ୪୫, ସୁନ୍ଦରଗଡ ୪୪.୫, ଅନୁଗୋଳ ୪୩.୯, ମାଲକାନଗିରି ୪୨.୬, ବଲାଙ୍ଗୀର ୪୨.୫, ଭବାନୀପାଟଣା ୪୧.୮, କେନ୍ଦୁଝର ୪୦.୯, ଚାନ୍ଦବାଲି ୪୦.୮ ଏବଂ କଟକରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଭୁବନେଶ୍ୱର ସବୁଠୁ ତତଲା ସହରରେ ପରିଣତ ହୋଇଛି। ଏଠାରେ ପାରଦ ୪୨.୪ ଡିଗ୍ରୀକୁ ଛୁଇଁଛି। ଦିନ ତମାମ ସହର ପ୍ରଚଣ୍ଡ ଗ୍ରୀଷ୍ମ ବଳୟ ମଧ୍ୟରେ ରହିଥିଲା। ରାସ୍ତାଘାଟ ଶୂନ୍‌ଶାନ ହୋଇ ଯାଇଥିଲା। ସହରରେ ସତେଯେମିତି ଲୁ ବହୁଥିଲା। କେବଳ ଗ୍ରୀଷ୍ମ ନୁହେଁ ଗୁଳୁଗୁଳି ମଧ ଜନଜୀବନକୁ ବେହାଲ କରିଛି। ଆଦ୍ରତା ୮୦ ପ୍ରତିଶତ ଉପରେ ରହୁଥିବାରୁ ଦେହମୁଣ୍ଡରୁ ଗମ୍‌ଗମ୍ ହୋଇ ଝାଳ ବୋହୁଛି। ପ୍ରଚଣ୍ଡ ଗ୍ରୀଷ୍ମ ଆହୁରି ୩ ଦିନ କଲବଲ କରିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହି ଜିଲାଗୁଡିକ ହେଲା ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା ଏବଂ ଭଦ୍ରକ । ଏହି ସମୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡା, ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

# ମାଡ଼ି ଆସୁଛି ‘ବାୟୁ’

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଗତ ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ଦୁର୍ଦ୍ଦଶା ଭୋଗିଛି ଓଡିଶା। ଏଥିଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ତେବେ ଓଡିଶା ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ଧନଜୀବନ ହାନିକୁ ଅନେକାଂଶରେ ରୋକାଯାଇ ପାରିଛି। ରାଜ୍ୟ ସରକାରଙ୍କ ବାତ୍ୟା ପ୍ରସ୍ତୁତିକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଥିଲା। ଆରବ ସାଗରରେ ଆଉ ଏକ ବାତ୍ୟା ‘ବାୟୁ’ ଗୁଜରାଟ ଉପକୂଳ ଆଡକୁ ମାଡି ଆସୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହି ସାମୁଦ୍ରିକ ଝଡ ଗୁଜରାଟ ଉପକୂଳରେ ମାଡ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ବାତ୍ୟା ପ୍ରକୋପରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଗୁଜରାଟ ସରକାର ଓଡିଶା ସରକାରଙ୍କ ସହାୟତା ଲୋଡିଛନ୍ତି। ବାତ୍ୟା ମୁକାବିଲା ପାଇଁ କି ପ୍ରକାର ପୂର୍ବ ପ୍ରସ୍ତୁତି କରିଥିଲେ ସେ ନେଇ ଗୁଜରାଟ ମୁଖ୍ୟ ଶାସନ ସଚିବ ଜଗଦୀପ ନାରାୟଣ ସିଂ ଓଡିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସହିତ ଟେଲିଫୋନରେ କଥା ହୋଇଛନ୍ତି। ବୁଧବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ପାଢୀ କହିଛନ୍ତି ଯେ ଗୁଜରାଟ ତଟ ଆଡକୁ ବାତ୍ୟା ‘ବାୟୁ’ ଆସୁଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ଗୁଜରାଟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଗୁଜରାଟ ମୁଖ୍ୟ ଶାସନ ସଚିବ ବାତ୍ୟା ପ୍ରସ୍ତୁତି ନେଇ ଓଡିଶା ଆପଣାଇଥିବା ପ୍ରସ୍ତୁତି ବିଷୟରେ କଥା ହୋଇଛନ୍ତି। ବାତ୍ୟା ମୁକାବିଲା ନେଇ ସହାୟତା କରିବାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଓଡିଶା ସରକାରଙ୍କ ପକ୍ଷରୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଗତ ୨୦ ବର୍ଷ ଭିତରେ ଓଡିଶା ମହାବାତ୍ୟାଠାରୁ ଆରମ୍ଭ କରି ଫାଇଲିନ, ହୁଦ୍‌ହୁଦ, ତିତ୍‌ଲି ଏବଂ ଫନୀ ଭଳି ବାତ୍ୟାର ସମ୍ମୁଖୀନ ହୋଇଛି। ବାତ୍ୟା ପୂର୍ବରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ଏବଂ ପୁନରୁଦ୍ଧାର ଓ ଥଇଥାନ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

**ସହାୟତା ଲୋଡ଼ିଲା ଗୁଜରାଟ**

ସୂଚନାଯୋଗ୍ୟ ଯେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ସରକାରୀ ଅଧିକାରୀମାନେ ଓଡିଶା ସରକାରଙ୍କ ସହ ବାତ୍ୟା ମୁକାବିଲା ନେଇ ବାରମ୍ବାର ଯୋଗାଯୋଗରେ ଅଛନ୍ତି। ଫନୀ ସମୟରେ ଓଡିଶା ସରକାର ବିପର୍ଯ୍ୟୟ ପରିଚାଳନା କରିବାକୁ କେଉଁ ସବୁ ପଦ୍ଧତି ଅବଲମ୍ବନ କରିଥିଲେ ସେ ନେଇ ଅଧିକାରୀମାନେ ଆଲୋଚନା କରିଛନ୍ତି। ବାତ୍ୟା ଫନୀ ପରବର୍ତ୍ତୀ ରିଲିଫ ଓ ପୁନରୁଦ୍ଧାର ପାଇଁ ଗୁଜରାଟ ସରକାର ଓଡିଶାକୁ ୫ କୋଟି ଟଙ୍କାର ସହାୟତା ଦେଇଥିଲେ।

# ଦୁଇ ବର୍ଷରେ ରାଜ୍ୟରେ ଦୂର ହେବ ଡାକ୍ତର ସମସ୍ୟା: ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ରାଜ୍ୟରେ ଆଉ ଦେଖାଦେବ ନାହିଁ ଡାକ୍ତର ସମସ୍ୟା। ଆବଶ୍ୟକଠାରୁ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଆଗାମୀ ଦୁଇ ବର୍ଷରେ ଓଡ଼ିଶାରେ ଆବଶ୍ୟକ ତୁଳନାରେ ଅଧିକ ଡାକ୍ତର ଉପଲବ୍ଧ ହେବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ବୁଧବାର ସଚିବାଳୟଠାରେ ଦପ୍ତର ପ୍ରବେଶ ସମୟରେ ମନ୍ତ୍ରୀ କହିଥିଲେ, ମେଡିକାଲ କଲେଜଗୁଡ଼ିକରୁ ଅଧିକ ସଂଖ୍ୟାରେ ଡାକ୍ତର ଉତ୍ତୀର୍ଣ୍ଣ ହେବାକୁ ଯାଉଛନ୍ତି। ତେଣୁ ଆଗାମୀ ଦିନରେ ରାଜ୍ୟର କୌଣସି ଚିକିତ୍ସାଳୟରେ ଆଉ ଡାକ୍ତରଙ୍କ ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟସେବା ସବୁବେଳେ ଏକ ବଡ଼ ଆହ୍ୱାନ। ସମସ୍ତ ପ୍ରକାର ପରିସ୍ଥିତିରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସଚିବାଳୟ ମନ୍ତ୍ରୀ କରିଡରର ଦ୍ୱିତୀୟ ମହଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ପ୍ରକୋଷ୍ଠ ମିଳିଥିବା ବେଳେ ବୁଧବାର ପୂର୍ବାହ୍ନରେ ସେ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦପ୍ତର କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ଛୋଟିଆ ପୂଜାପାଠର ଆୟୋଜନ ହୋଇଥିଲା।

# ରଜ ପରେ ଯୁକ୍ତ୨ କଳା, ବାଣିଜ୍ୟ ରେଜଲ୍ଟ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ରଜ ପରେ ଯୁକ୍ତ୨ କଳା ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ। ଆସନ୍ତା ୧୭ କିମ୍ବା ୧୮ତାରିଖରେ ରେଜଲ୍ଟ ବାହାରିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୩ତାରିଖରେ ଚଳିତବର୍ଷର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ୯ କଲେଜର ରେଜଲ୍ଟ ଶୂନ ରହିଥିବା ବେଳେ ୨୯ କଲେଜରେ ଶହେ ପ୍ରତିଶତ ରେଜଲ୍ଟ ହୋଇଥିଲା। ଚଳିତବର୍ଷ ପାସ୍ ହାର ୭୨.୩୩ ପ୍ରତିଶତ ରହିଛି, ଯାହାକି ଗତବର୍ଷ ତୁଳନାରେ ୪.୬୫% କମ୍। ତେବେ କଳା ଓ ବାଣିଜ୍ୟରେ ଫଳାଫଳ କ'ଣ ହେବ, ତାହାକୁ ନେଇ ସମସ୍ତଙ୍କ ଅପେକ୍ଷା।

# ‘ସୁପରସୋନିକ୍ ସ୍ପିଡ୍ ଫ୍ଲାଇଟ୍’ ଉଡ଼ାଣର ପରୀକ୍ଷଣ

**ବାଲେଶ୍ୱର ଅଫିସ,୧୨।୬**



ସୁପରସୋନିକ୍ ସ୍ପିଡ୍ ଫ୍ଲାଇଟ୍।

ଭଦ୍ରକ ଜିଲା ଧାମରା ନିକଟ ବଙ୍ଗୋପସାଗର ଅବଦୁଲ କଲାମ ଦ୍ୱୀପରେ ଥିବା ୪ ନମ୍ବର ଲଞ୍ଚପ୍ୟାଡରୁ ବୁଧବାର ପୂର୍ବାହ୍ନ ୧୧ଟା ୧୨ ମିନିଟ୍‌ରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମାନବବିହୀନ ‘ହାଇପରସୋନିକ୍ ଟେକ୍ନୋଲୋଜି ଡେମନ୍‌ଷ୍ଟ୍ରେଶନ ଭେଇକିଲ’ର ଉଡାଣ ପରୀକ୍ଷଣ କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଭେଇକିଲ ପରୀକ୍ଷଣ କାର୍ଯ୍ୟ ସଫଳ ହୋଇଥିବା ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ଟେଷ୍ଟ ରେଞ୍ଜ (ଆଇଟିଆର) ପକ୍ଷରୁ ସୂଚନା ଦିଆଯାଇଛି। ଏହା ଜରିଆରେ ଏଣିକି ଭାରତ ଆକାଶ ମାର୍ଗରେ ଦୂରଗାମୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ଉତ୍‌କ୍ଷେପଣ କରିପାରିବ। ସୁପରସୋନିକ୍ ସ୍ପିଡ୍ ଫ୍ଲାଇଟ୍ ସାହାଯ୍ୟରେ ଅତି କମ୍ ଖର୍ଚ୍ଚରେ ମହାକାଶକୁ ଉପଗ୍ରହ ପଠାଯାଇ ପାରିବ। ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ହାଇପରସୋନିକ୍ ଏୟାରକ୍ରାଫ୍ଟରେ ଦୁଇଟି ସ୍କ୍ରାମ୍ ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି। ଶବ୍ଦ ଗତିଠାରୁ ଏହା ୪ଗୁଣ ଅଧିକ କ୍ଷିପ୍ର ବେଗରେ ଯାଇପାରିବ। ୫.୬ ମିଟର ଲମ୍ବ ଓ ୩.୭ ମିଟର ଆୟତନ ବିଶିଷ୍ଟ ଏହି ସୁପରସୋନିକ୍ ଭେଇକିଲ୍ ୧ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଉଭୟ ଅଣୁ ଓ ପାରମାଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ସମୁଦ୍ର ପତ୍ତନଠାରୁ ୩୨.୫ କି.ମି. ଉଚ୍ଚରେ ଏହା ଶତ୍ରୁ ପକ୍ଷର ସମସ୍ତ କ୍ଷେପଣାସ୍ତ୍ରକୁ ଟାର୍ଗେଟ୍ କରିବାରେ ସଫଳ ହେବ। ବୁଧବାର ଏହି ପରୀକ୍ଷଣ ବେଳେ ଭାରତୀୟ ପ୍ରତିରକ୍ଷା ବିଭାଗର ସଚିବଙ୍କ ସହ ବହୁ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଉପସ୍ଥିତ ଥିଲେ।





ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅର୍ମାନ୍‌ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ରେଲର ପଛରେ ପିଟିଲା ପିକ୍‌ଅପ୍, ୨ ମୃତ

**ଚଣ୍ଡିଖୋଲ,୧୨।୬(ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ହାଟକରନ୍ଧା ଛକ ନିକଟରେ ବୁଧବାର ଟ୍ରେଲରକୁ ପିକଅପ୍ ଭ୍ୟାନ୍ ପଛପଟୁ ଧକ୍କା ଦେବାରୁ ୨ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଚନ୍ଦକା ଥାନା ଅଧୀନ ମହୁଲ ଗ୍ରାମର ଗାଡ଼ି ଚାଳକ ମଳୟକାନ୍ତ ଛୋଟରାୟ (୩୩) ଓ ତାଙ୍କ କକା ସଚ୍ଚିଦାନନ୍ଦ ଛୋଟରାୟ (୩୫)। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ପ୍ରକାଶ ଯେ, ପିକଅପ୍ ଭ୍ୟାନ୍ ଚଣ୍ଡିଖୋଲରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଅସାବଧାନତା ଯୋଗୁ ଜାତୀୟ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରେଲରକୁ ପଛପଟୁ ଧକ୍କା ଦେଇଥିଲା। ତେବେ ଘଟଣାସ୍ଥଳରେ ପିକଅପ୍ ଭ୍ୟାନ୍‌ରେ ଥିବା ୨ ଜଣଙ୍କର ମୃତ୍ୟୁ ଘଟିଛି।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ।

# ଫୋକସ୍ ପାହ୍ୟା ଦାବିକୁ ନେଇ ରାଜନୀତି

- ■ କଂଗ୍ରେସର ସମର୍ଥନ
- ■ ଭାଜପାର ବିରୋଧ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟା ଫନୀ ପ୍ରଭାବିତ ଓଡିଶାକୁ ଫୋକସ୍ ରାଜ୍ୟର ମାନ୍ୟତା ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସାକ୍ଷାତ ବେଳେ ଦାବି କରିଛନ୍ତି। ବିଜେଡି ସରକାର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ଦାବିକରି ଆସୁଥିଲେ। ଫୋକସ୍ ରାଜ୍ୟ ମାନ୍ୟତା ଦାବି କରିବା ନେଇ ବିରୋଧୀ ଦଳଗୁଡିକ ପକ୍ଷରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ଏହାକୁ ସମର୍ଥନ କରିଥିବାବେଳେ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଫୋକସ୍ ରାଜ୍ୟ ଦାବିକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଏହି ଦାବି ଯୁକ୍ତିଯୁକ୍ତ। ନବୀନଙ୍କ ଦାବିକୁ ମୁଁ ପୂର୍ଣ୍ଣ ସମର୍ଥନ କରୁଛି। ଓଡିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଏହି ଦାବି ଯଥାର୍ଥ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ନବୀନ ଯେତେବେଳେ କେନ୍ଦ୍ର ମନ୍ତ୍ରୀ ଥିଲେ ଓ ଭାଜପା ସହିତ ମିଶି ଶାସନ କରୁଥିଲେ ସେତେବେଳେ ମଧ୍ୟ ଏହି ଦାବି ଉଠାଯାଇ ପାରିଥାଆନ୍ତା। ସେ କାହିଁକି ଏହି ଦାବି ଉଠାଇ ନ ଥିଲେ ତାହାର ଜବାବ ଦେବା ଦରକାର ବୋଲି ନରସିଂହ କହିଛନ୍ତି। ଏହାର ଭୌଗୋଳିକ ଅବସ୍ଥିତି ଯୋଗୁ ଓଡିଶା ବାରମ୍ବାର ପ୍ରାକୃତିକ ବିପତ୍ତି ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଓଡିଶାକୁ ସ୍ପେଶାଲ ଫୋକସ୍ ଷ୍ଟେଟ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ତେବେ ଭାଜପା ଏହାକୁ ନାଟକବାଜି ବୋଲି କହିଛି। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ଆସୁଥିବା ବିଜେଡି ଏବେ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ପାହ୍ୟା ଦାବି କରୁଛି। ଏହା ବିଜେଡିର ଆଉ ଏକ ଡ୍ରାମା ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଜେଡି ସରକାର ରାଜ୍ୟର ବିକାଶ ପ୍ରତି ଧ୍ୟାନ ଦେବା ଦରକାର। ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ କେନ୍ଦ୍ରୀୟ ଯୋଜନାଗୁଡିକୁ ରାଜ୍ୟରେ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜେଡି ସରକାର ଯେଉଁ ଫୋକସ୍ ପାହ୍ୟା ଦାବି କରୁଛି ସେମିତି କିଛି ବାସ୍ତବରେ ନାହିଁ। ଫନୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ଅବହେଳା କଲେ ଆମେ ତାକୁ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବୁ ବୋଲି ସେ କହିଛନ୍ତି।

■ ନେପାଳ ଦୁର୍ଘଟଣାରେ ୨ ଓଡ଼ିଆଙ୍କ ମୃତ୍ୟୁ ଘଟଣା

# ଧର୍ମେନ୍ଦ୍ରଙ୍କ ଚିଠି ପରେ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ସମ୍ବିତ୍

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଓଡ଼ିଆ ତୀର୍ଥଯାତ୍ରୀମାନେ ଥିବା ଏକ ବସ୍ ସୋମବାର ନେପାଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇଜଣ ଓଡ଼ିଆଙ୍କ ମୃତ୍ୟୁ ହେବା ସହ ୨୧ଜଣ ଆହତ ହୋଇଛନ୍ତି। ୨ ମୃତକ ବିଜୟ କୁମାର ଜେନା, ଚରଣ ବିଶ୍ୱାଳ ଯଥାକ୍ରମେ ପୁରୀ ଓ ଖୋର୍ଦ୍ଧା ଜିଲାର ହୋଇଥିବାବେଳେ କେତେଜଣ ଆହତ ମଧ୍ୟ ଏହି ଦୁଇ ଜିଲାର। ଆହତମାନଙ୍କ ଚିକିତ୍ସା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଗାଁ ଫେରାଇ ଆଣିବା ଏବଂ ମୃତଦେହ ଅଣାଯିବା ପ୍ରସଙ୍ଗରେ ସହଯୋଗ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ ଚିଠି ଲେଖିଥିଲେ। ଏହାର ଦିନକପରେ ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଜୟଶଙ୍କରଙ୍କୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ସାକ୍ଷାତ୍ କରିଛନ୍ତି। ଜୟଶଙ୍କରଙ୍କ ସହ ଆଲୋଚନା କରିବା ପରେ ସମ୍ବିତ କହିଛନ୍ତି, ଆମ ଦୁଇଜଣ ଓଡ଼ିଆ ଭାଇ ତୀର୍ଥ ପାଇଁ ଯାଇ ଜୀବନ ହରାଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଘଟଣା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଅବଗତ କରାଯାଇ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କୁ ଆଉଥରେ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛି। ସେ ନିଜେ ଫୋନ୍ ଯୋଗେ ନେପାଳ ଅଧିକାରୀଙ୍କ ସହ ଆଲୋଚନା କଲେ। ମୃତକ ଏବଂ ଆହତଙ୍କ ଲାଗି ଯାହା ଆବଶ୍ୟକ ପଡିବ ସେସବୁ ଯୋଗାଇ ଦେବା ଲାଗି ମନ୍ତ୍ରଣାଳୟକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୃତଶରୀର ନେପାଳରୁ ଫେରିବା ପରେ ଓଡ଼ିଶା ଯିବି, ଯାହାସବୁ ଆବଶ୍ୟକ ପଡ଼ିବ ସେସବୁ ସହଯୋଗ ଯୋଗାଇ ଦେବି ବୋଲି ସମ୍ବିତ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଆଇନକୁ ପାଳୁନାହାନ୍ତି ...

ଗଣବଳାତ୍କାର ଶିକାରମାନଙ୍କୁ ୫ରୁ ୧୦ ଲକ୍ଷ ଟଙ୍କା ଏବଂ ବଳାତ୍କାର ଓ ହତ୍ୟା ପାଇଁ ପୀଡ଼ିତା ପରିବାରକୁ ୯ରୁ ୧୭ ଲକ୍ଷ ଟଙ୍କା, ଗଣବଳାତ୍କାର ଓ ହତ୍ୟା ପାଇଁ ୧୦ରୁ ୨୦ ଲକ୍ଷ ଟଙ୍କା ଦେବାର ଆଇନରେ ଉଲ୍ଲେଖ ରହିଛି। କିନ୍ତୁ ଏବେ ଏହି ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ବଳାତ୍କାର ପୀଡ଼ିତାମାନେ ଗୋଟେପଟେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟେ ଘଟଣାକୁ ନେଇ ମାନସିକ ସ୍ତରରେ ଦୁର୍ବଳ ହୋଇ ଜୀବନ ହାରିବା ଭଳି ଘଟଣାମାନ ଘଟୁଛି। ଉଦାହରଣ ଭାବେ କୁନ୍ଦୁଲି ଘଟଣାକୁ ଦେଖିଲେ ଏହା ପ୍ରମାଣିତ ହେଉଛି। କାରଣ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କୁ ମାତ୍ର ୫୦ ହଜାର ଟଙ୍କାର କ୍ଷତିପୂରଣ ରାଶି ମିଳିଥିଲା। ତାହା ପୁଣି ଓଡ଼ିଶା ମାନବାଧିକାର କମିଶନଙ୍କ ଆଦେଶ ଅନୁଯାୟୀ ମିଳିଥିଲା।

ଗତ ୩ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦ରୁ ଅଧିକ ବଳାତ୍କାର, ଗଣବଳାତ୍କାର ଓ ବଳାତ୍କାର ପରେ ହତ୍ୟା ଭଳି ଘଟଣା ଘଟିଛି। କିନ୍ତୁ ଏହି ପୀଡ଼ିତା କିମ୍ବା ତାଙ୍କ ପରିବାରବର୍ଗଙ୍କୁ ସରକାର କ୍ଷତିପୂରଣ ରାଶି ଦେବାରେ ସକ୍ଷମ ହୋଇନାହାନ୍ତି। ସରକାରଙ୍କ ଏଭଳି ଅବହେଳାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ସେ ପିଟିଶନରେ ଦର୍ଶାଇଛନ୍ତି, ନୟାଗଡ଼, ଭୁବନେଶ୍ୱର, କଟକ, କୋରାପୁଟ ଆଦି ଅଞ୍ଚଳରେ ଇତିମଧ୍ୟରେ ୩୦ ପାଖାପାଖି ଘଟଣା ଘଟିଛି। ପ୍ରତ୍ୟେକ ଘଟଣାକୁ ଅନୁଶୀଳନ କରିବାରୁ ଜଣାପଡ଼ିଛି ଯେ, ଏଥିପ୍ରତି ସରକାର ଆଦୌ ଯତ୍ନବାନ୍ ନାହାନ୍ତି। ଫଳରେ ଜଣେ ପୀଡ଼ିତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଉଦାହରଣ ଦେଇ ଦାସ କହିଛନ୍ତି, ଗତ ଏପ୍ରିଲ ୧୯ରେ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ପୋଲିସ ବୀରେନ୍ଦ୍ର ପ୍ରଧାନ(୪୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଏକ ମାମଲା(ନଂ.୧୮୪/୧୯) ରୁଜୁ ହୋଇଥିଲା। ମାତ୍ର ଅଦ୍ୟାବଧି ସମ୍ପୃକ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ।

ସେହିପରି ଗତ ୭ ତାରିଖରେ ମର୍କତନଗର ଥାନା ଅଞ୍ଚଳରେ ଆଉ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୮୪/୧୯) ରୁଜୁ କରିଥିଲା। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ରମେଶ ମହାରଣା ନାମକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ମିଳି ନ ଥିବା ଜୟନ୍ତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଏପ୍ରିଲ ୨୭ ତାରିଖରେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ଜଙ୍ଗଲରେ ପୋତି ଦିଆଯାଇଥିଲା। ହେଲେ ମୃତା ପୀଡ଼ିତାଙ୍କ ପରିବାରକୁ ଆଇନ ଅନୁଯାୟୀ ୧୦ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳିବା କଥା। କିନ୍ତୁ ଅଦ୍ୟାବଧି ଉକ୍ତ ପରିବାରକୁ କ୍ଷତିପୂରଣ ମିଳି ନ ଥିବାରୁ ଜୟନ୍ତ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ପୀଡ଼ିତାମାନଙ୍କୁ ନ୍ୟାୟଦେବା ସହିତ ମାନସିକ ସ୍ତରରେ ସୁଦୃଢ଼ କରିବା ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଆଇନ ପ୍ରଣୟନ କଲେ। କିନ୍ତୁ ସରକାରୀ କାର୍ଯ୍ୟାଳୟରେ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ଆଇନ ପୀଡ଼ିତା କିମ୍ବା ସେମାନଙ୍କ ପରିବାର ପାଖରେ ପହଞ୍ଚି ପାରୁ ନ ଥିବା ଜୟନ୍ତ ଅଭିଯୋଗ କରିଛନ୍ତି।

ବଳାତ୍କାର ପୀଡ଼ିତାମାନଙ୍କୁ କ୍ଷତିପୂରଣ ରାଶି ମିଳିବାରେ ବିଳମ୍ବ ହେବା ସମ୍ପର୍କରେ ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟିୟର ଶର୍ମିଷ୍ଠାରାଣୀ ନନ୍ଦ କୁହନ୍ତି, ପୀଡ଼ିତା କିମ୍ବା ସେମାନଙ୍କ ପରିବାର ଆବେଦନ କରିବାରେ ବିଳମ୍ବ କରୁଛନ୍ତି। ଏପରି କି ଆବଶ୍ୟକ କାଗଜପତ୍ର ମଧ୍ୟ ଦାଖଲ କରିବାରେ ଅନେକ ତ୍ରୁଟି କରୁଛନ୍ତି। ଅନେକ କ୍ଷେତ୍ରରେ ବଳାତ୍କାର ଘଟଣା ପରେ ପୀଡ଼ିତାଙ୍କ ପରିବାର ମାମଲାର ଫଇସଲା ନିଜ ସ୍ତରରେ କରିଦେଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଆଇନସେବା ପ୍ରାଧିକରଣଙ୍କ ପ୍ୟାନେଲ ଆଡଭୋକେଟ ମାନସ ରଞ୍ଜନ ତ୍ରିପାଠୀ କୁହନ୍ତି, ଅନେକ ସମୟରେ ପୀଡ଼ିତାମାନେ ମତ ବଦଳାଉଛନ୍ତି। ତ୍ରିପାଠୀ ନିଜ ଅନୁଭୂତିରୁ କୁହନ୍ତି, ସେ ପାଖାପାଖି ୫୦ଟି ମାମଲା ପରିଚାଳନା କରିବା ସମୟରେ ଏଭଳି ପରିସ୍ଥିତିର ସାମ୍ନା କରିଛନ୍ତି। ତେଣୁ ପୀଡ଼ିତା ମତ ବଦଳାଇବା ଦ୍ୱାରା ମାମଲାଟି ଦୁର୍ବଳ ହେବା ସହିତ ଆଉ ଏକ ସମସ୍ୟା ସୃଷ୍ଟି କରୁଛି। ମୁଖ୍ୟତଃ ଅଧିକାଂଶ କ୍ଷେତ୍ରରେ ପୀଡ଼ିତାମାନେ ଅଭିଯୁକ୍ତଙ୍କ ସହିତ ଫଇସଲା କରିଦେଉଥିବାରୁ ସମସ୍ୟା ଉପୁଜୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇନରୁ ଫାଇଦା ନେବାକୁ ମଧ୍ୟ କେତେଜଣ ଚେଷ୍ଟା କରୁଥିବା ପୋଲିସ ତଦନ୍ତରୁ ଜଣାପଡିଛି।

# ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା

- ■ ଏନ୍‌ଏଚ୍‌ଆର୍‌ସି, ଥାନାରେ ଏସ୍‌ଆଇଙ୍କ ଅଭିଯୋଗ
- ■ ଦୁର୍ନୀତି ନେଇ ମୁହଁ ଖୋଲିଲେ ଅନ୍ୟ କେତେଜଣ ଯବାନ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଦିଆଯାଉଛି ନିର୍ଯାତନା। ଅଭିଯୋଗ କଲେ ମିଳୁଛି ଚାକିରି ନେଇଯିବାର ଧମକ। ଏଠାରେ ଟ୍ରେନିଂ ନେଉଥିବା ପୋଲିସ ଏସ୍‌ଆଇ ବିଶ୍ୱଜିତ୍ ବେହେରା ଟ୍ରେନିଂ କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଆଣିଛନ୍ତି ଏପରି ଅଭିଯୋଗ। ଏନେଇ ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଓ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟକୁ ଅଭିଯୋଗ ପଠାଇଛନ୍ତି।

ଥାନାରେ ବିଶ୍ୱଜିତ୍ କରିଥିବା ଅଭିଯୋଗ ଅନୁସାରେ, ସେ କେନ୍ଦୁଝର ଜିଲା ଘଟଗାଁ ଥାନାର ଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ଆର୍ମ୍ସ ଆଣ୍ଡ ଏକ୍ସପ୍ଲୋସିଭ୍ସ ଟାକ୍ଟିସ୍ (ଏଇଟି) ଟ୍ରେନିଂ ପାଇଁ ଚନ୍ଦକା ଏସ୍‌ଓଜି ସେଣ୍ଟରକୁ ଆସିଛନ୍ତି। ଟ୍ରେନିଂ ସମୟରେ ପୁରୀ ଜିଲା ନିମାପଡ଼ାକୁ ବାତ୍ୟା ଡ୍ୟୁଟିରେ ଯାଇଥିଲେ। ଏହି ସମୟରେ ଅଣ୍ଟାରେ ଗୁରୁତର ଆଘାତ ଲାଗିବାରୁ ନିମାପଡ଼ା ସିଏଚ୍‌ସିରେ ଚିକିତ୍ସିତ ହୋଇଥିଲେ। କଷ୍ଟ ଅନୁଭବ କରୁଥିବାରୁ ଫେରିବା ପରେ ଏସ୍‌ଓଜି ଟ୍ରେନିଂ ସେଣ୍ଟର ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଥିଲେ। କୌଣସି ଶାରୀରିକ ପରିଶ୍ରମ ଓ ଅଣ୍ଟା ଉପରେ ଚାପ ପଡ଼ିବା ଭଳି କାର୍ଯ୍ୟ ନ କରିବାକୁ କହି ୩ଦିନ ବିଶ୍ରାମ ନେବାକୁ ମେଡିକାଲ ଅଫିସର ପରାମର୍ଶ ଦେଇଥିଲେ। ୧୧ ତାରିଖ ସକାଳେ ଟ୍ରେନିଂ ଅଫିସର ତାଙ୍କୁ ଦୌଡ଼ାଇବା ସହ ତାଙ୍କୁ କେତେକ ବ୍ୟାୟାମ କରିବାକୁ କହିଥିଲେ। ହେଲେ ଡାକ୍ତର ମନା କରିଥିବା କହିବାରୁ ସେ ଏ ସଂକ୍ରାନ୍ତରେ ଟ୍ରେନିଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଜଣାଇଥିଲେ। ଏହାପରେ ସେ ତାଙ୍କୁ ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କ ନିକଟକୁ ନେଇଥିଲେ। ଘଟଣା ସଂକ୍ରାନ୍ତରେ ବିଶ୍ୱଜିତ୍ ସବୁକିଛି ଜଣାଇଥିଲେ ମଧ୍ୟ କମାଣ୍ଡାଣ୍ଟ ସିଂ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଥାନା ପୋଲିସ ସବୁ ଦେଶଦ୍ରୋହୀ, ମାସିକିଆ ଖାଉଛ ବୋଲି କହି ଉତ୍ତେଜିତ ହୋଇପଡିଥିଲେ। ଏପରିକି ଚାକିରିରୁ ବାହାର କରିଦେବାକୁ ଧମକ ଦେଇଥିଲେ। ସେଠାରେ ଅନ୍ୟ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଶ୍ୱଜିତ୍ ମାନସିକ ଯନ୍ତ୍ରଣା ପାଇବା ସହ ଏ ସଂକ୍ରାନ୍ତରେ ଆଡିଶନାଲ ଡିଜି ଟ୍ରେନିଂ ଓ ଆଇଜି ପର୍ସୋନେଲଙ୍କୁ ଭେଟିବାକୁ ଏସ୍‌ଓଜି କମାଣ୍ଡାଣ୍ଟ ସିଂଙ୍କୁ ଦରଖାସ୍ତ ଲେଖିଥିଲେ। ହେଲେ ଦିନକ ବିତିଯାଇଥିଲେ ମଧ୍ୟ ସେ ଏଥିପାଇଁ ଅନୁମତି ଦେଇ ନ ଥିଲେ। ୧୨ ତାରିଖରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ କମାଣ୍ଡାଣ୍ଟ ସିଂ ସେଠାରେ ପହଞ୍ଚି ତାଙ୍କୁ ବିଶ୍ରାମ ନ ଦେବାକୁ ଡାକ୍ତରଙ୍କୁ କହିବା ସହ ଚାକିରିରୁ ବହିଷ୍କାର କରିବାକୁ ପୁଣି ଧମକ ଦେଇଥିଲେ ବୋଲି ବିଶ୍ୱଜିତ୍ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ବିଶ୍ୱଜିତ୍‌ଙ୍କ ଏପରି ଅଭିଯୋଗ ଓ ବୁଧବାର ଟ୍ରେନିଂ ସମୟରେ ୨୪ରୁ ଊର୍ଦ୍ଧ୍ୱ ଅସୁସ୍ଥ ହେବା ପରେ ଖବର ସଂଗ୍ରହ ପାଇଁ ଟ୍ରେନିଂ ସେଣ୍ଟରକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ କେତେଜଣ ଯବାନ ମୁହଁ ଖୋଲିଛନ୍ତି। ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେଠାରେ ଚାଲିଥିବା ଦୁର୍ନୀତି ବିଷୟରେ ନାମ ଗୋପନ ରଖି କହିଛନ୍ତି ଯେ, ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ କେତେଜଣ ଅଧିକାରୀ ଓ କର୍ମଚାରୀ ଚୌକି ଦଖଲ କରି ରାଜ୍ କରୁଛନ୍ତି। ଦାୟିତ୍ୱରେ ଥିବା ନିର୍ଦ୍ଦିଷ୍ଟ ଅଧିକାରୀ ଟ୍ରେନି ପିଲାଙ୍କ ପାଇଁ ଆସୁଥିବା ଖାଦ୍ୟ ଏବଂ ପୋଷାକ ଟଙ୍କାକୁ ବାଟମାରଣା କରୁଛନ୍ତି। ଏ ନେଇ ମୁହଁ ଖୋଲିଲେ ଅତ୍ୟାଚାର କରାଯାଉଛି। ଚାକିରି ନେଇଯିବାକୁ ଧମକ ଦିଆଯାଉଛି। ଏସ୍‌ଓଜି ଟ୍ରେନିଂ କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ କୁହନ୍ତି, ବିଶ୍ୱଜିତ୍‌ଙ୍କ ଅଭିଯୋଗ ଠିକ୍ ନୁହେଁ। ସେ ଗତକାଲି ୩ କିମି ଦୌଡ଼ିବା ପରେ ଅଣ୍ଟାରେ ଯନ୍ତ୍ରଣା ହେଉଥିବା ବାହାନା କରି ହସ୍ପିଟାଲରେ ଥିଲେ। ବୁଧବାର ତାଙ୍କୁ ହସ୍ପିଟାଲରେ ଭେଟିବାବେଳେ ବିଶ୍ୱଜିତ୍‌ଙ୍କୁ ତାଗିଦ୍ କରିବାରୁ ସେ ଯୁକ୍ତିତର୍କ କରିଥିଲେ। ସସ୍‌ପେଣ୍ଡ କରିଦେବାକୁ କହିବାରୁ ସେ ମିଡିଆ ଓ ଥାନାରେ ଏପରି ଅଭିଯୋଗ ଆଣିଥିବା ସିଂ କହିଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତି ଓ ଅନ୍ୟ ଅଭିଯୋଗ ସଂକ୍ରାନ୍ତରେ ଡିଜିପି ଆର୍.ପି. ଶର୍ମାଙ୍କୁ ଜଣାଇବାରୁ ସେ ଏହା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ତହସିଲଦାରଙ୍କ ଗାଡ଼ିକୁ ଧକ୍କା ମାରି ହତ୍ୟା ଉଦ୍ୟମ

**ନୀଳଗିରି, ୧୨।୬ (ଡି.ଏନ.ଏ.)–**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଚୋରା ପଥର ବେପାରୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ପ୍ରତିଦିନ ସୋର ତହସିଲ ଅଧୀନ କେତେକ ଖାଦାନରୁ ଶତାଧିକ ଗାଡିରେ ପଥର ନୀଳଗିରି ଦେଇ ଅନ୍ୟତ୍ର ଚାଲାଣ କରାଯାଉଛି। ଏ ସମ୍ପର୍କରେ ସୂଚନା ମିଳିବା ପରେ ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ ସ୍ଥାନୀୟ ତହସିଲଦାର ସୁଶ୍ରିତା ଗୁଡୁଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ୫ରୁ ଅଧିକ କର୍ମଚାରୀ ନୀଳଗିରି-ମିତ୍ରପୁର ରାସ୍ତାର ଗୋପୀନାଥପୁର ଛକରେ ଧରପଗଡ କରିଥିଲେ। ସେମାନେ ପଥର ବୋଝେଇ ଗାଡି ଅଟକାଇ ଯାଞ୍ଚ କରୁଥିବା ବେଳେ ଗୋଟିଏ ଡମ୍ଫର ତହସିଲଦାରଙ୍କ ଗାଡିକୁ ଧକ୍କା ଦେଇଥିଲା। ତହସିଲଦାର ସେତେବେଳେ ଗାଡିରେ ବସିଥିଲେ। ତାଙ୍କ ଗାଡ଼ି ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ସେ ଆହତ ହୋଇ ଅଳ୍ପକେ ରକ୍ଷାପାଇ ଯାଇଛନ୍ତି। ଧକ୍କା ଲଗାଇଥିବା ଡମ୍ଫର ଖସି ପଳାଇଯାଇଛି। ତହସିଲଦାରଙ୍କୁ ସେଠାରେ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୧୩୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ତହସିଲଦାର ସୁଶ୍ରିତାଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ସ୍କ୍ୱାଡ ଗୋପୀନାଥପୁର ଛକରେ ଜଗି ରହି ପ୍ରଥମେ ଏକ ଚୋରା ପଥର ଗାଡି (ନଂ.ଓଡି ୦୧ଜି ୫୫୩୫)କୁ ଜବତ କରିଥିଲେ। ଏହାକୁ ସେମାନେ ଥାନାରେ ଜିମା ଦେଇଥିଲେ। ଏହି ସମୟରେ ଆଉ ଏକ ପଥର ବୋଝେଇ ଡମ୍ଫର ଆସିବାରୁ ଏହାକୁ ଅଟକାଇ ପରମିଟ ଯାଞ୍ଚ କରାଯିବା ବେଳେ ଡମ୍ଫର ଚାଳକ ଗାଡି ନ ଅଟକାଇ ତହସିଲଦାରଙ୍କ ଗାଡିକୁ ଧକ୍କା ଲଗାଇ ଫେରାର ହୋଇଯାଇଥିଲା। ଏହି ଡମ୍ଫର ନମ୍ବରକୁ ସମ୍ପୃକ୍ତ କର୍ମଚାରୀ ଟିପି ରଖିଥିବାରୁ ଏ ନେଇ ଥାନାରେ ମାମଲା ହୋଇଛି। ଗୋପୀନାଥପୁର ଛକରୁ ଜବତ ହୋଇଥିବା ଅନ୍ୟ ଏକ ଡମ୍ଫରରୁ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଚୋରା ପଥର ଗାଡି କେଉଁଠୁ ଆସୁଛି ଓ କେଉଁଠିକୁ ଯାଉଛି ସେ ନେଇ ଅଧିକ ତଦନ୍ତ କରାଯିବ।

## କିଛି ତଥ୍ୟ

ଦେଶର ଇଞ୍ଜିନିୟରିଂ ରପ୍ତାନି ୨୦୧୮-୧୯ରେ ୬.୩୬% ବୃଦ୍ଧି ପାଇ ୮୩.୭ ବିଲିୟନ ଡଲାରରେ ପହଞ୍ଚିଛି। – ବାଣିଜ୍ୟ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ପୂରଣ କରାଇବ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ସମ୍ଭାବନା ରହିଛି।

**ବୃଷ** ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯାଇପାରେ। ଶୁକ୍ର ପ୍ରଭାବରୁ କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ଅଯଥା ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ଆଜିର ବନ୍ଧୁମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି ଯାହା କରନ୍ତୁନା କାହିଁକି କୌଣସି କାମରେ ପଛକୁ ହଟିବେ ନାହିଁ। ପିଲାଙ୍କ ଅଭିଯୋଗକୁ ଅଦେଖା ଅଶୁଣା କରିବା ଆଗାମୀ ପାଇଁ ସମସ୍ୟାର କାରଣ ହୋଇପାରେ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**କର୍କଟ** କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ସଭାସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ପ୍ରଫୁଲ୍ଲିତ ହୋଇଯିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** ରବି ଦଶମ କେନ୍ଦ୍ରରେ ଥିବାରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତା ଅବଶ୍ୟ ଲାଭ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ନୃତ୍ୟ ଓ ସଙ୍ଗୀତ ସମାରୋହରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ।

**କନ୍ୟା** ତୃତୀୟ ଅଷ୍ଟମାଧିପ ମଙ୍ଗଳ ରାଶ୍ୟାଧିପତିଙ୍କ ସହ ଅବସ୍ଥାନ କରି ସ୍ୱାସ୍ଥ୍ୟ ଓ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ଆର୍ଥିକ ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ନିଜର କୌଣସି ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭୁଲ୍ ବିଚାର ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** କର୍ମାଧିପ ନିଜ ରାଶିରେ ଅନ୍ୟ ଗ୍ରହର ଦୃଷ୍ଟି ଆଢୁଆଳରେ ରହୁଥିବାରୁ ଆଜି ନିଜର ମନ ଅନୁଯାୟୀ କାମ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସତର୍କତା ଅଭାବରେ ଯାନବାହନ ଚାଳନାରେ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ଆଲୋଚନା କ୍ଷେତ୍ର କିମ୍ବା ସଭାସମିତିରେ ନିଜର ପ୍ରାଧାନ୍ୟତା ବଜାୟ ରହିବ।

**ବିଛା** ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ୍ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଓ ଅଷ୍ଟମସ୍ଥ ରବି କାର୍ଯ୍ୟକୁ ଏପଟ ସେପଟ କରିଦେଇପାରେ। ଅପ୍ରିୟ ସତ୍ୟକଥା ପ୍ରକାଶ କରିବା ଦ୍ୱାରା ଭଲ ସମ୍ପର୍କ ଥିବା ବ୍ୟକ୍ତିମାନେ ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ୍ୟହେବେ।

**ଧନୁ** ଏକାଦଶ ଚନ୍ଦ୍ର ପ୍ରଭାବରୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ରର ସ୍ଥିତି ପ୍ରାୟତଃ ଭଲ ରହିବ। ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବୁଧ ନକ୍ଷତ୍ରସ୍ଥ ବୃହସ୍ପତି ପ୍ରଭାବରୁ ଜଞ୍ଜାଳ ବୃଦ୍ଧି ପାଇବ, ଯାହା ଦୁଶ୍ଚିନ୍ତାର କାରଣ ହୋଇପାରେ। ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହୋଇପାରନ୍ତି।

**ମକର** ଆଜି ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଯେଉଁ କାମରେ ହାତ ଦେଲେ ମଧ୍ୟ ସେଥିରେ ସଫଳତା ନିଶ୍ଚିତ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜି ମନୋରଞ୍ଜନ ପ୍ରୀତିପ୍ରଦ ହେବ। ସହକର୍ମୀ କିମ୍ବା ବନ୍ଧୁବର୍ଗଙ୍କ ସାହାଯ୍ୟ ଲାଭକରି କାମଗୁଡ଼ିକୁ ତ୍ୱରାନ୍ୱିତ କରିପାରିବେ। ନୂତନ ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଉପଢ଼ୌକନ ଲାଭ ଯୋଗ ରହିଛି।

**କୁମ୍ଭ** ରବିଙ୍କ ଚତୁର୍ଥଭାବ ସ୍ଥିତି ପରିବାର, ଲୋକସମ୍ପର୍କ ଓ କର୍ମସଂସ୍ଥାନ ପ୍ରତି କିଛିଟା ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ଘରୋଇ କ୍ଷେତ୍ରରେ ନିଜ ଲୋକମାନେ ଅଯଥା ସମସ୍ୟା ସୃଷ୍ଟି କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ କର୍ମ ପରିସରକୁ ବ୍ୟାପକ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବନାହିଁ।

**ମୀନ** ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ଆପଣଙ୍କ ପୂର୍ବ ସ୍ଥିରୀକୃତ କାମକୁ ଯଥା ସମୟରେ ସମ୍ପନ୍ନ କରିବା କଷ୍ଟକର ହେବ। ଟେନସନ୍ ଲାଗି ରହିବା କାରଣରୁ ଆଲୋଚନା, ସଭାସମିତି, ପ୍ରଶାସନ, ରାଜନୀତି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ଜଳା ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ବ୍ରତ, ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଓ ବିବାହ ମହୋତ୍ସବ, ଜୁନ୍ ୧୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୧୧ ।୪୫ମି. ପର୍ଯ୍ୟନ୍ତ ଚିତ୍ରା/ତୁଳା, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହପ୍ରବେଶ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧ ।୦୬ମି. ଗତେ ଘ୧୨ ।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୬ ।୪୯ମି. ମଧ୍ୟେ ଘ୧୨ ।୪୫ମି. ଗତେ, ଘ୨ ।୦୩ମି. ମଧ୍ୟେ ମାହେନ୍ଦ୍ରବେଳା।


classifieds Everyday 0674-2580101, 2549302

real estate

SALE

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

AFFIDAVIT



By virtue of an affidavit before the Notary Public, Sambalpur, I, Christina Kiro, W/o- Andrias Kiro, R/o- Badpati, Charmal, Dist- Sambalpur, declared that in Aadhar Card my name has been wrongly mentioned as Khristina Kido instead of Christina Kiro. That Christina Kiro and Khristina Kido belongs to one and same person. D-37369

ଇଣ୍ଡିଆନ୍‌ଅଏଲ୍ ଅଧିକାରୀଙ୍କୁ ପିଏଚ୍.ଡି ଉପାଧି



ଇଣ୍ଡିଆନ୍‌ଅଏଲ୍‌ର ଗୌହାଟୀ ରିଫାଇନରୀରେ ଉପ ମହାପ୍ରବନ୍ଧକ ରୂପେ କାର୍ଯ୍ୟରତ ଶ୍ରୀ ମନୋଜ କୁମାର ରାଏ ରାଜସ୍ଥାନର ଜେଜେଟି ବିଶ୍ୱବିଦ୍ୟାଳୟରୁ "Behaviour Based Safety" ବିଷୟରେ ସନ୍ଦର୍ଭ ପାଇଁ ପିଏଚ୍.ଡି ଉପାଧି ପାଇଛନ୍ତି। ଯାଜପୁର ଜିଲ୍ଲାର ଧନିପୁର ଗ୍ରାମର ସ୍ୱ ସୁରେନ୍ଦ୍ର କୁମାର ରାଏଙ୍କ ପୁତ୍ର ଶ୍ରୀ ମନୋଜ କୁମାର ରାଏ, ଇଶ୍ୱରପୁର ହାଇସ୍କୁଲରୁ ମାଟ୍ରିକ୍, ବାଣପୁର ଗୋଦାବରିଶ ମହାବିଦ୍ୟାଳୟରୁ ବି.ଏସ୍‌ସି ଉତ୍ତୀର୍ଣ୍ଣ ହେବା ପରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରି ୧୯୯୩ ମସିହାରେ ଇଣ୍ଡିଆନ୍‌ଅଏଲ୍ କର୍ପୋରେଶନର ଡିଗ୍‌ବୋଇ ରିଫାଇନରୀରେ ଟ୍ରେନି ଗ୍ରାଜୁଏଟ୍ ଇଞ୍ଜିନିୟର ରୂପେ ଯୋଗଦାନ କରିଥିଲେ ଏବଂ ସେ ମଥୁରା ରିଫାଇନରୀ ଓ ପାରାଦୀପ ରିଫାଇନରୀରେ ମଧ୍ୟ କାର୍ଯ୍ୟ କରିଛନ୍ତି। ପାରାଦୀପ ରିଫାଇନରୀ ପରିଯୋଜନା ଆରମ୍ଭ ହେବା ସମୟରୁ ନିରାପତ୍ତା ପରିଚାଳନା ପଦ୍ଧତିରେ ବ୍ୟାପକ ଉନ୍ନତି ଆଣିବା ଏବଂ ଏହି ବୃହତ୍ ପରିଯୋଜନା ନିର୍ମାଣ ସମୟରେ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକର ସୁପରିଚାଳନା କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି । ୨୦୦୩ ମସିହାରେ ଡିଗ୍‌ବୋଇ ରିଫାଇନରୀରେ ଘଟିଥିବା ବଡ଼ ଧରଣର ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବାରେ ମଧ୍ୟ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ଥିଲା ଏବଂ ଏଥିପାଇଁ ସେ ରାଷ୍ଟ୍ରପତିଙ୍କ ପଦକ ପାଇଁ ମନୋନୀତ ହୋଇଥିଲେ। ଶ୍ରୀ ରାଏ ପିଏଚ୍.ଡି ଡିଗ୍ରୀ ହାସଲ କରିବା ପୂର୍ବରୁ ରିଜିଓନାଲ୍ ଲେବର୍ ଇନ୍‌ଷ୍ଟିଚ୍ୟୁଟ୍, କଲିକତାରୁ ଇଣ୍ଡଷ୍ଟ୍ରିଆଲ୍ ସେଫ୍ଟିରେ ପୋଷ୍ଟ ଡିପ୍ଲୋମା, ୟୁନିଭର୍ସିଟି ଅଫ୍ ପେଟ୍ରୋଲିୟମ୍ ଆଣ୍ଡ ଏନର୍ଜି ଷ୍ଟଡ଼ିଜ୍, ଡେରାଡୁନ୍‌ରୁ ଏମ୍.ଟେକ୍ ଓ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ଫାୟାର୍ ଓ ସେଫ୍ଟି ସମ୍ବନ୍ଧୀୟ ତାଙ୍କର ଅନେକ ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶିତ ହୋଇଅଛି।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ



## ଜିଲା ଚିଠି
### କଟକ



## ଗୁହାଳ ଖୋଜା

କଟକରେ ଏବେ ଗୁହାଳ ଖୋଜା ଚାଲିଛି। ସାଧାରଣତଃ ଗାଁଗହଳିରେ ବର୍ଷାଦିନ ପୂର୍ବରୁ ଜାଳକାଠକୁ ସାଇତି ରଖିବା ପାଇଁ ଲୋକେ ଭାଡ଼ି (ଅସ୍ଥାୟୀ କୁଡ଼ିଆ) ନିର୍ମାଣ କରିଥାନ୍ତି। ସେଥିରେ ଜାଳକୁ ବର୍ଷାଦାଉରୁ ରକ୍ଷା କରିଥାନ୍ତି। ଏହାବାଦ୍ ମୁଗ ବୋତି (ମୁଗ ଶୁଖିଲା ପତ୍ର)କୁ ଗୋରୁଙ୍କୁ ବର୍ଷା ଦିନେ ଖାଇବାକୁ ଦେବା ପାଇଁ ମଧ ଭାଡ଼ି ତିଆରି ହୋଇଥାଏ। କିନ୍ତୁ ଏହି ଭାଡ଼ିଗୁଡ଼ିକ ଏବେ ଗୁହାଳର ମାନ୍ୟତା ପାଉଛି। ରାତାରାତି ଜାଳ ଓ ବୋତି ଭାଡ଼ିଗୁଡ଼ିକ ଗୁହାଳ ପାଲଟିବା ପଛରେ ଫନୀ ବାତ୍ୟାର ହାତ ରହୁଛି। କାରଣ ଫନୀରେ ଭାଙ୍ଗିଯାଇଥିବା ଗୁହାଳଗୁଡ଼ିକ ପାଇଁ ସରକାର ଗୁହାଳ ପିଛା ୨୧ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଉଛନ୍ତି। ତେଣୁ ଏହି ଅର୍ଥ ହାତେଇବା ପାଇଁ ଘରେ ଗୋରୁ ଥାଆନ୍ତୁ କି ନ ଥାନ୍ତୁ କିନ୍ତୁ ଗୁହାଳ ଥିବା ଦର୍ଶାଯାଉଛି। ଜାଳ, ବୋତିଭାଡ଼ିକୁ ଗୁହାଳ ଦର୍ଶାଇବାରେ ଲୋକମାନଙ୍କୁ ଭରପୂର ସହାୟତା ଯୋଗାଉଛନ୍ତି ତହସିଲର କର୍ମଚାରୀମାନେ। ଯେହେତୁ ୨୧ହଜାର ଟଙ୍କା ସହାୟତା ମିଳିବ ତେଣୁ ସେଥିରୁ ଯଦି ୫ରୁ ୧୦ହଜାର ବାଟରେ ଖର୍ଚ୍ଚ ହେଉଛି, ସେଥିପ୍ରତି ନକଲି ଗୁହାଳଧାରୀମାନେ ଚିନ୍ତା କରୁନାହାନ୍ତି। ତେଣୁ ତହସିଲ କର୍ମଚାରୀମାନେ ଗାଁ ଗାଁ ବୁଲି ଗୁହାଳ ଖୋଜୁଥିବାବେଳେ ଗୁହାଳ ମାଲିକ ହେବା ପାଇଁ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ରାତି ପାହିଲେ ବିଭିନ୍ନ ତହସିଲ ଅଫିସ୍‌ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଜିଲା ଜରୁରିକାଳୀନ ବିଭାଗ କାର୍ଯ୍ୟାଳୟରେ ତାହାଠୁ ଅଧିକ ଦରଖାସ୍ତର ଭିଡ଼। ଏହି କ୍ରମରେ ଦେଖିଲେ କଟକ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୮ହଜାର ୭୫ଟି ଗୁହାଳ ଚିହ୍ନଟ କରାଯାଇଛି। ଏହି ଗୁହାଳଗୁଡ଼ିକ ପାଇଁ ୫ କୋଟି ୮୯ ଲକ୍ଷ ୫୭ହଜାର ୫୦୦ ଟଙ୍କାର ସହାୟତା ରାଶି ଆବଶ୍ୟକ ଥିବା ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ବାସ୍ତବରେ ସେହି ୨୮ହଜାର ୭୫ ଗୁହାଳ ଭିତରେ ଗୋରୁ ରହୁଥିଲେ ନା ଜାଳକାଠ ଆଦି ରହୁଥିଲା ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ। ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ପ୍ରକୃତ ହିତାଧିକାରୀ ଏହାର ଫାଇଦା ପାଇ ନ ଥାନ୍ତି। ମୁଖ୍ୟତଃ ଫନୀ ଯଦି କାହାର ସର୍ବାଧିକ କ୍ଷତି କରିଛି, ତେବେ ପରିବେଶର କରିଛି, ଯାହାର ପରିଣାମ ସମସ୍ତଙ୍କୁ ତତ୍କାଳ ଭୋଗିବାକୁ ପଡ଼ିଛି। ମେ'ର ପ୍ରଚଣ୍ଡ ଉତ୍ତାପକୁ ଦେଖି ପରିବେଶ ବିଜ୍ଞାନୀମାନେ ସିଧାସଳଖ ଫନୀରେ ଉଜୁଡ଼ିଯାଇଥିବା ସବୁଜିମାକୁ ଦାୟୀ କରିଥିଲେ। ସରକାର ଏବେ ଫନୀ କ୍ଷୟକ୍ଷତିର ଭରଣା ପାଇଁ ତତ୍ପର ହୋଇଛନ୍ତି। ସରକାର ଯେତିକି ତତ୍ପର, ଫନୀରୁ ଫାଇଦା ମାରିବାକୁ ଅନେକ ସରକାରୀ ଅଧିକାରୀ, ନେତା ଓ ଲୋକେ ମଧ ଅଧିକ ତତ୍ପର ହୋଇଉଠିଛନ୍ତି। ହେଲେ ପ୍ରତିବାଦ କରିପାରୁ ନ ଥିବା ପରିବେଶ ନିଜର ଉଜୁଡ଼ା ନଗ୍ନ ରୂପକୁ ଧରି ମୂକପ୍ରାୟ ଛିଡ଼ା ହୋଇଥିବା ବେଳେ ସଚେତନ ଲୋକମାନେ ଗୁହାଳ ଖୋଜାକୁ ଦେଖି ମୁଣ୍ଡରେ ହାତଦେଇ ବସିବାକୁ ବାଧ ହେଉଛନ୍ତି।

– ନିର୍ମଳ ପଣ୍ଡା

## ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

# ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୧୯% ବୃଦ୍ଧି

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷର ଗତ ମେ ମାସ ଶେଷ ସୁଦ୍ଧା ଓଡ଼ିଶା ରାଜସ୍ୱ ସଂଗ୍ରହରେ ୧୯ପ୍ରତିଶତ ଅଭିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ବିଭିନ୍ନ ବିଭାଗର ରାଜସ୍ୱ ପରିଚାଳନା କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଜୁନ ଓ ଜୁଲାଇରେ ବଜେଟ ବିନିଯୋଗ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମଧ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରି ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ କହିଛନ୍ତି ଯେ, ଏଥିପାଇଁ ଜାତୀୟସ୍ତରରେ ୩୦୬ ମାନାଙ୍କ ଚିହ୍ନଟ କରାଯାଇଛି । ଏଗୁଡ଼ିକରେ ପ୍ରାୟ ୧୮ଟି ବିଭାଗର କାର୍ଯ୍ୟ ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଓଡ଼ିଶା ପାଇଁ ପ୍ରଯୁଜ୍ୟ ଲକ୍ଷ୍ୟଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକ ହାସଲ ନିମନ୍ତେ ସମୟ ଅନୁବନ୍ଧିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବାର୍ଷିକ ବଜେଟ ଆସନ୍ତା ୨୮ରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି। ଏଥିଲାଗି ନିଜନିଜ ବିଭାଗର ନୂଆ ପଦକ୍ଷେପ ବିଷୟରେ ତୁରନ୍ତ ଅର୍ଥ ବିଭାଗକୁ ଅବଗତ କରାଇବାକୁ ସେ କହିଛନ୍ତି। ବିଭିନ୍ନ ସରକାରୀ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଏବଂ ସାଧାରଣ ଉଦ୍ୟୋଗଗୁଡ଼ିକ ନିଜ ବିଭାଗ ପାଇଁ ଆବଶ୍ୟକ କ୍ରୟ ଅନ୍‌ଲାଇନ୍ ମାଧ୍ୟମରେ ଅର୍ଥାତ୍ 'ଜେମ୍ ପୋର୍ଟାଲ୍' ଦ୍ୱାରା କରିବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏଥିଲାଗି ଆବଶ୍ୟକ ତାଲିମ ଓ ସହାୟତା କୋଷାଗାର ଅଧକ୍ଷଙ୍କ କାର୍ଯ୍ୟାଳୟରେ ଥିବା ଜେମ୍ ପୋର୍ଟାଲ୍ ୟୁନିଟ୍ ଯୋଗାଇବ। ବର୍ତ୍ତମାନ ସୁଦ୍ଧା ଏହି ପୋର୍ଟାଲ୍‌ରେ ୯୧୮ଟି ବ୍ୟବହାରକାରୀ ସଂସ୍ଥା ପଞ୍ଜୀକୃତ ହୋଇଛନ୍ତି।

ଚଳିତ ମାସ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ପୂର୍ବ ବର୍ଷର ଏହି ସମୟ ଅପେକ୍ଷା ବଢ଼ିଛି। ୨୦୧୮ ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୫୪୬୬ କୋଟି ଟଙ୍କା ହୋଇଥିଲା। ଚଳିତ ବର୍ଷ ମେ ସୁଦ୍ଧା ଏହା ୬୫୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଗତବର୍ଷ ଅପେକ୍ଷା ଏଥର ୧୦୩୯ କୋଟି ଟଙ୍କା ଅଧିକ ରାଜସ୍ୱ ଆଦାୟ ହୋଇଛି। ଏହା ମଧ୍ୟରୁ ନିଜସ୍ୱ ଟିକସ ବାବଦରେ ୪୨୫୭ କୋଟି ଟଙ୍କା ସଂଗ୍ରହ ହୋଇ ୯.୨୫% ଏବଂ ଅଣଟିକସ ବାବଦରେ ୨୨୪୭ କୋଟି ଟଙ୍କା ସଂଗ୍ରହ ହୋଇ ୪୩.୨୧% ବୃଦ୍ଧି ହୋଇଛି। ଅଣଟିକସ ରାଜସ୍ୱ ବାବଦରେ ଇସ୍ପାତ ଓ ଖଣି ବିଭାଗର ଖଣି ରୟାଲ୍‌ଟିରେ ସର୍ବାଧିକ ୫୧.୧୮% ଏବଂ ଜଳ ସମ୍ପଦ ବିଭାଗ ଶିଳ୍ପ ପାଇଁ ଜଳ ଦେୟରେ ୧୬.୨୨% ବୃଦ୍ଧି ଘଟିଛି। ନିର୍ବାଚନ ଆଚରଣ ବିଧି ଯୋଗୁ ଗତ ମାସରେ ଯୋଜନା ଓ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ପରିମାଣ ପୂର୍ବ ବର୍ଷ ତୁଳନାରେ କମ୍ ରହିଛି। ମେ ଶେଷସୁଦ୍ଧା ଯୋଜନା ବାବଦରେ ବଜେଟ ବିନିଯୋଗ ୮୭୪୬ କୋଟି ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ତୁଳନାରେ ୧୯ପ୍ରତିଶତ କମ୍ ବୋଲି ଜଣାପଡ଼ିଛି।

# ଶିକାରୀ ଫାଶରେ ଦନ୍ତା ମୃତ

- ଗିରଫ ହେବେ ଅଭିଯୁକ୍ତ: ଏସିଏଫ୍
- ଦାନ୍ତ କାଟି ବାହାର କରାଗଲା
- ବ୍ୟବଚ୍ଛେଦ ପରେ ପୋତାଗଲା ମୃତଦେହ

ସାତମାଇଲ, ୧୨।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜରେ ପୁଣିଥରେ ଶିକାରୀଙ୍କ ବିଦ୍ୟୁତ୍ ଜାଲରେ ଛନ୍ଦି ହୋଇ ଯାଇଛି ଏକ ଦନ୍ତା ଜୀବନ। ବାଲିମି ଥାନା କଡ଼ଲା ଗ୍ରାମ ଉପକଣ୍ଠ କର୍ଣ୍ଣପୁର ବିଟ୍ ନିକଟ ଏକ ବିଲରୁ ବୁଧବାର ସକାଳେ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ୨୨ବର୍ଷ ହେବ। ଛାନଭିନ୍‌ବେଳେ ଘଟଣାସ୍ଥଳରୁ ଶିକାର ଉଦ୍ଦେଶ୍ୟରେ ପୋତାଯାଇଥିବା ବୋତଲ, କାଠ ଜବତ କରାଯାଇଛି। ହାତୀ ଶରୀରରେ ମଧ ବିଦ୍ୟୁତ୍ ଆଘାତ ଚିହ୍ନ ରହିଛି। ଏଥିରୁ ହାତୀ ଶିକାର କରାଯାଇଥିବା ସ୍ପଷ୍ଟ ହୋଇଛି। ମୃତହାତୀର ଦାନ୍ତ କଟାଯାଇ ବାହାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଗାତଖୋଳି ପୋତି ଦିଆଯାଇଥିବା ଏସିଏଫ୍ ଜିତେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ମଙ୍ଗଳବାର ରାତିରେ ହାତୀ ଗର୍ଜନ ଶୁଣାଯାଇଥିଲା। ଜନବସତି ନିକଟରେ ହାତୀପଲ ଥିବା ଅନୁମାନ କରି ସେମାନେ ଏହାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲେ। ବୁଧବାର ସକାଳୁ ଦେଖିଲା ବେଳକୁ ଏକ ଦନ୍ତାହାତୀ ବିଦ୍ୟୁତ୍ ତାରରେ ଲାଗି ପ୍ରାଣ ହରାଇଛି। ସୂଚନା ପ୍ରଚାରିତ ହେବା ପରେ ବହୁ ବିଳମ୍ବରେ ମଧାହ୍ନ ୧୨ଟାରେ କେତେଜଣ ହାତୀ ସ୍କ୍ୱାଡ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରାହ୍ନ ୪ଟାରେ ଏସିଏଫ୍ ପହଞ୍ଚି ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି। ରାସୋଳ ପ୍ରାଣୀଧନ ନିରୀକ୍ଷକ ଡା. ଅଭିଶେକ୍ ସାହୁ, ଖଜୁରିଆକଟା ପ୍ରାଣୀଧନ ଚିକିତ୍ସାଳୟ ଡା. ବାଣୀକୁଞ୍ଜ ଖଟୁଆ ହାତୀର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ବନ ବିଭାଗ ପକ୍ଷରୁ ରେଞ୍ଜର ମଧୁସୂଦନ ପାତ୍ର, ଡେପୁଟି ରେଞ୍ଜର ସୁରେଶ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ହିନ୍ଦୋଳ ରେଞ୍ଜ ଅଧୀନ ସଂରକ୍ଷିତ ଜଙ୍ଗଲ ଶିକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ଜନ୍ତୁ ଶିକାର ଏଠାରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଡେଙ୍ଗବୁରି, ଦୁଦୁରୁକୋଟରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ମୃତ୍ୟୁ ଘଟିଥିବା ନଜିର ରହିଛି। ଉକ୍ତ ଘଟଣାରେ ବନ ବିଭାଗ ପକ୍ଷରୁ ଅଦ୍ୟାବଧି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବନ କର୍ମଚାରୀମାନେ ପାଟ୍ରୋଲିଂ କରୁ ନ ଥିବାରୁ ଶିକାରୀମାନେ ଦେଶୀ ବନ୍ଧୁକ, ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ବିଛାଇ ଅବାଧ ଶିକାର କରୁଛନ୍ତି।

ଏ ନେଇ ଏସିଫ୍ କୁହନ୍ତି, ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିଛି। ରେଞ୍ଜ ଅଞ୍ଚଳରେ ପୂର୍ବରୁ ହୋଇଥିବା ହାତୀ ଶିକାର ମାମଲାର ବିଭାଗୀୟ ତଦନ୍ତ ଚାଲିଛି। କର୍ଣ୍ଣପୁର ବିଟ୍ ହାତୀମୃତ୍ୟୁ ଘଟଣାରେ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡିଏଫ୍‌ଓ ସୁଦର୍ଶନ ପାତ୍ର କୁହନ୍ତି, ଦନ୍ତା ହାତୀଟି ସୁସ୍ଥହୋଇ ବୁଲାଚଲା କରୁଥିଲା। ହଠାତ୍ ଏହାର ମୃତ୍ୟୁ ଘଟିଛି। ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଗ୍ରାମସଭାରେ ଗଣ୍ଡଗୋଳ, ଜଣେ ମୃତ, ୪ ଗିରଫ

ଛେଣ୍ଡିପଦା,୧୨।୬(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାହାଲସାହି ପଞ୍ଚାୟତ ଗୋହିରାପଶିରେ ମଙ୍ଗଳବାର ରାତି ୯ଟାରେ ଗ୍ରାମସଭା ଚାଲିଥିବାବେଳେ ଗଣ୍ଡଗୋଳ ଘଟି ସ୍ଥାନୀୟ ଅଞ୍ଚଳର ଅନାମ ଖିଲାରଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡ଼ିଛି, ଗୋହିରାପଶି ଗ୍ରାମରେ ଗ୍ରାମସଭା ଚାଲିଥିଲା। ତେବେ କୌଣସି କଥାକୁ ନେଇ ଅନାମଙ୍କ ସହିତ ଗ୍ରାମର କେତେଜଣ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଅନାମ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅନାମଙ୍କ ପୁଅ ଜଗବନ୍ଧୁଙ୍କ ଅଭିଯୋଗକ୍ରମେ ଛେଣ୍ଡିପଦା ପୋଲିସ ଏକ ମାମଲା ରୁଜୁ କରି ଗୋହିରାପଶି ଗ୍ରାମର ସଭାପତି ଚୌତନ୍ୟ ଖିଲାର, ନାଲୁ ସେନାପତି, ବିଦ୍ୟାଧର ଭୁଟିଆ, ଘନ ଖିଲାରଙ୍କୁ ଗିରଫ କରି ବୁଧବାର ଅନୁଗୋଳ କୋର୍ଟଚାଲାଣ କରିଛି।

DAYANAND PLAY/PUBLIC SCHOOL
Raseram Vihar, Padiabahal, Sambalpur
Mob- 7381058813, 8249212113
ADMISSION CONTINUE NURSERY CLASS VII
Recognized by Govt. of Odisha
FEATURES
Trained & Experienced
Green & Safe Environment
CCTV Surveillance
Own bus facility
Day boarding & Hostel facility
Hygienic & Nutritious food
Separate boys & girls hostel
Sports, Game, Yoga, Dance etc
EDAC Curriculum CBSE School

## ନିଆଁ ଲାଗି ସାଇକେଲ ଗୋଦାମ ଛାରଖାର

ବାମରା, ୧୨।୬ (ସ୍ୱ.ପ୍ର.) –ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ଥାନା ଅଧୀନ ସିଶାଲ ଫାର୍ମ ପଡା ନିବାସୀ ମହମ୍ମଦ ୟୁସୁଫଙ୍କ ସାଇକେଲ ଗୋଦାମରେ ନିଆଁ ଲାଗି ଛାରଖାର ହୋଇ ଯାଇଛି। ବାମରାରୁ ଦମକଳ ଆସି ଲୋକଙ୍କ ସହାୟତାରେ ନିଆ ଲିଭାଇଥିଲା। ପ୍ରାୟ ୨ ଲକ୍ଷ ଟଙ୍କାର ସାଇକେଲ ସାମଗ୍ରୀ ଜଳି ଯାଇଥିବା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି।

ପୁଣି କଙ୍ଗାରୁ କୋର୍ଟ ଘଟଣା




# କଙ୍ଗାରୁକୋର୍ଟରେ ପରିବାର ସଦସ୍ୟ ଦଣ୍ଡିତ

- ଖଟବିଦ୍ୟାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ
- ଆକ୍ରମଣରେ ୩ ଆହତ

ନୟାଗଡ଼ ଅଫିସ,୧୨।୬

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ପଞ୍ଚାୟତର କୋଟଗଡ଼ ଗ୍ରାମରେ କଙ୍ଗାରୁ କୋର୍ଟ କରି ଏକ ପରିବାରକୁ ଦଣ୍ଡିତ କରାଯାଇଛି। ଖଟବିଦ୍ୟା ମାଧ୍ୟମରେ ଉକ୍ତ ପରିବାରକୁ ଦୋଷୀ ସାବ୍ୟସ୍ତ କରାଯାଇ ଆକ୍ରମଣ କରାଯାଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରିବାର ଲୋକେ ବୁଧବାର ଏସ୍‌ପିଙ୍କୁ ଭେଟିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ମେ' ୧୮ ତାରିଖରେ କୋଟଗଡ଼ ଗ୍ରାମର ଭାସ୍କର ଦୋରାଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସମସ୍ତ ଅଳଙ୍କାର ଓ ଟଙ୍କା ନେଇ ପଳାଇ ଥିଲେ। ଏ ନେଇ ଭାସ୍କର ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିଲା। ଭାସ୍କର ଏ ନେଇ ଗ୍ରାମରେ ଜଣାଇଥିଲେ। ଗାଁ ଲୋକେ କଙ୍ଗାରୁ କୋର୍ଟ କରି ଚୋର ଧରିବା ପାଇଁ ଖଟ ବୁଲାଇବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଗତ ୧୦ ତାରିଖରେ ଗ୍ରାମରେ ଖଟ ବୁଲାଯାଇଥିଲା। କିଛି ସମୟ ଖଟ ବୁଲିବା ପରେ ଗ୍ରାମର ଗୀତାଞ୍ଜଳି ଦୋରାଙ୍କ ଘରେ ଲାଗିଥିଲା। ତେଣୁ ସେ ଚୋରି କରିଥିବା ସନ୍ଦେହ କରି ରାତି ୮ଟାରେ ଗୀତାଞ୍ଜଳିଙ୍କ ଘରକୁ ସ୍ଥାନୀୟ କେତେଜଣ ଭଦ୍ରଲୋକ ଯାଇ ପଚରାଉଚରା କରିଥିଲେ। ଗୀତାଞ୍ଜଳି ଚୋରି କରି ନ ଥିବା କହିଥିଲେ। ପରଦିନ ଅର୍ଥାତ୍ ୧୧ ତାରିଖରେ ଗ୍ରାମରେ ଆଉଥରେ ବୈଠକ ବସିଥିଲା। ଉକ୍ତ ବୈଠକରେ ମଧ ଗୀତାଞ୍ଜଳି ଚୋରି କରି ନ ଥିବା ପ୍ରକାଶ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଭାସ୍କରଙ୍କ ସହ ଅନ୍ୟମାନେ ଉଠି ପଳାଇବାରୁ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ଅପରାହ୍ନ ୨ଟା ୩୦ରେ ଭାସ୍କର, ସ୍ତ୍ରୀ ଦମୟନ୍ତୀ,



ଗ୍ରାମରେ ଖଟ ବୁଲାଯାଉଛି।

ଭାଇ କୁସୁନି ଓ ତାଙ୍କ ସ୍ତ୍ରୀ ଗୋଲାପ ଗୀତାଞ୍ଜଳିଙ୍କ ଘରକୁ ଆସିଥିଲେ। ସମସ୍ତେ ଲୁହାରଡ୍ ଓ କଟୁରିରେ ଗୀତାଞ୍ଜଳ, ତାଙ୍କ ନଣନ୍ଦ ତୁଳସୀ ଦୋରା, ଭଉଣୀ ଟୁକୁନି ଦୋରାଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ଏଥିରେ ଆହତ ହୋଇଥିଲେ। ସେହି ରାତିରେ ଆହତମାନେ ରାଜସୁନାଖଳା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ।

ଜୀବନ ପ୍ରତି ବିପଦ ଥିବାରୁ ଗୀତାଞ୍ଜଳିଙ୍କ ପରିବାର ସଦସ୍ୟମାନେ ଏଣେତେଣେ ଲୁଚିଛପି ରହୁଛନ୍ତି। ବୁଧବାର ଗୀତାଞ୍ଜଳି ଓ ତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଅବଗତ କରିବାକୁ ଆସିଥିଲେ । ହେଲେ ଏସ୍‌ପି ଅନୁପସ୍ଥିତ ଥିବାରୁ ତାଙ୍କ ସହ ଦେଖା ହୋଇପାରି ନ ଥିଲା। ଉଭୟ ଦମୟନ୍ତୀ ଓ ଗୀତାଞ୍ଜଳିଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ପ୍ରକାଶ କରିଛନ୍ତି। ଦମୟନ୍ତୀଙ୍କ ଅଭିଯୋଗକୁ ଆଧାର କରି ଥାନାରେ ଏକ ମାମଲା(ନଂ.୧୨୮/୧୯) ରୁଜୁ ହୋଇଛି। ଗୀତାଞ୍ଜଳିଙ୍କ ପରିବାର ଲୋକେ ତାଙ୍କୁ ଆକ୍ରମଣ କରିଥିବା ଦମୟନ୍ତୀ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗୀତାଞ୍ଜଳିଙ୍କ ଅଭିଯୋଗକୁ ଆଧାର କରି ଅନ୍ୟ ଏକ ମାମଲା(ନଂ୧୨୯/୧୯) ରୁଜୁ ହୋଇଛି । ଦିନ ଦ୍ୱିପ୍ରହରରେ ଖଟବିଦ୍ୟା ମାଧ୍ୟମରେ ଜଣଙ୍କୁ ନିର୍ଯାତନା ଦେବା ଓ ମାଡ଼ ମାରିବା ଘଟଣା ଜିଲା ପୋଲିସର ପାରିଲାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଗ୍ରାମୀଣ ଖାଦ୍ୟ ସୁରକ୍ଷାର ସଚେତନତା ସଭା, ପାନ୍ଥ ନିବାସ,ପୂର୍ବାହ୍ନ ୧୧ଟା।
- ଶ୍ରୀକୃଷ୍ଣ ରୁକ୍ମଣୀଙ୍କ ନଗର ପରିକ୍ରମା, ମୁଦିପଡା, ରାତି ୭ଟା।

**ଜୁନାଗଡ଼**
- ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ତାଲିମପ୍ରାପ୍ତ ଚାଷୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ,ବଜାର ପଡିଆ,ପୂର୍ବାହ୍ନ ୧୦ଟା।

**ବରଗଡ଼**
- ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ, ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୯ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ କରିବା ଘଟଣା

# ବିଧାୟକଙ୍କ ଗିରଫ ଦାବିରେ ଜିଲାପାଳ ଅଫିସ ଘେରାଉ

ବଲାଙ୍ଗୀର ଅଫିସ, ୧୨।୬

ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଉଠବସ୍ କରିବା ଘଟଣାରେ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ଗିରଫ ଦାବିରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବୁଧବାର ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଉତ୍ୟକ୍ତ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ସେଠାରେ ଆଦିବାସୀ ଓ ପୋଲିସ ଠେଲାପେଲା, ଧସ୍ତାଧସ୍ତି ହେବାରୁ କିଛି ସମୟ ଧରି ଉତ୍ତେଜନା ଦେଖାଯାଇଥିଲା । ଆଦିବାସୀମାନେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଅଭିଯୋଗ କରିଥିବାବେଳେ ଆଦିବାସୀଙ୍କ ଠେଲାପେଲାରେ ଦୁଇଜଣ ପୋଲିସ କର୍ମଚାରୀ ତଳେ ପଡିଯାଇଥିବା ଓ ସେମାନଙ୍କୁ କେତେକ ଆନ୍ଦୋଳନକାରୀ ଠେଲାପେଲା କରୁଥିବା ଦେଖାଯାଇଥିଲା । ତେବେ କିଛି ସମୟ ପରେ ଉତ୍ତେଜନା ହ୍ରାସ ପାଇଥିଲା ଓ ଆଦିବାସୀ ସଂଘ ପ୍ରତିନିଧିଦଳ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯିବ ବୋଲି ଜିଲାପାଳ କହିଥିଲେ ।

କୋଶଳ କଳାମଣ୍ଡଳ ରାସ୍ତାରୁ ଆଦିବାସୀ ସଂଘର ଏକ ରାଲି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ପୂର୍ବରୁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଫୋର୍ସ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ବନ୍ଦ କରି ରଖିଥିଲେ। ଆନ୍ଦୋଳନକାରୀମାନେ ଆସିବା କ୍ଷଣି ମୁଖ୍ୟ ଫାଟକ ଖୋଲି ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ । ଏତିକି ବେଳେ ଆଦିବାସୀ ଓ ପୋଲିସ ମଧ୍ୟରେ ଉଚ୍ଚବାଚ, ଠେଲାପେଲା, ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଦୁଇଜଣ ପୋଲିସ କର୍ମଚାରୀ ତଳେ ପଡିଯାଇଥିଲେ । ଉତ୍ୟକ୍ତ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେକ ତଳେ ପଡିଯାଇଥିବା ପୋଲିସ କର୍ମଚାରୀଙ୍କୁ ଟଣାଓଟରା କରିଥିଲେ । ପରିସ୍ଥିତିକୁ ଦେଖି ଟାଉନ୍ ଥାନା ଅଧିକାରୀ ତୋଫାନ୍ ବାଗ ଆନ୍ଦୋଳନକାରୀଙ୍କୁ ତାଗିଦ୍ କରିଥିଲେ । କେତେକ ଆଦିବାସୀ ନେତୃସ୍ଥାନୀୟ ଲୋକ ମଧ ଠେଲାପେଲାରୁ ନିବୃତ୍ତ ରହିବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଆଦିବାସୀଙ୍କ ୧୦ ଜଣିଆ ପ୍ରତିନିଧି ଦଳ କଲେକ୍ଟୋରେଟ ଯାଇ ଜିଲାପାଳ ଅରିନ୍ଦ ଡାକୁଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଉଠ୍‌ବସ୍ କରିଥିବା ପାଟଣାଗଡ ବିଧାୟକ ମେହେରଙ୍କୁ ତୁରନ୍ତ ଗିରଫ କରିବା, ଚାପୁଡା ମାରିଥିବା କଣ୍ଟାବାଞ୍ଜି ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ କନିଷ୍ଠ ଯନ୍ତ୍ରୀ ଶବରଙ୍କ ପରିବାରକୁ ସୁରକ୍ଷା ଦେବାକୁ ଦାବି କରିଥିଲେ । ଘଟଣାଦିନ ଗମ୍ଭାରୀ ଗାଁରେ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ମିଶ୍ର ଓ କନିଷ୍ଠ ଯନ୍ତ୍ରୀ ଶବର ସେଠାରେ ଥିଲେ ମଧ ବିଧାୟକ କେବଳ ଶବରଙ୍କୁ କାନ୍ ଧରି ଉଠବସ୍ କରିଥିଲେ । ଏଥିରୁ ବିଧାୟକଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଉଛି ବୋଲି ଆଦିବାସୀ ସଂଘ ମହାସଚିବ ନିରଞ୍ଜନ ବିଶି କହିଥିଲେ। ତୁରନ୍ତ ବିଧାୟକ ମେହେରଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅଭିଯୁକ୍ତ ବିଧାୟକ ମେହେରଙ୍କ ପଦ ରଦ୍ଦ କରିବାକୁ ଜିଲା ଆଦିବାସୀ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ ଦାବି କରିଥିଲେ । ଜିଲାପାଳ ତାଙ୍କ ଅଫିସରଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ବୋଲି ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ କହିଥିଲେ । ବିଧାୟକଙ୍କୁ ଗିରଫ କରା ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଆଦିବାସୀ ସଂଘ ରାଜ୍ୟ ଉପସଭାପତି ପରମାନନ୍ଦ ମାଝି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ସମ୍ପାଦକ ବାଳକୃଷ୍ଣ ଶବର, ଉପସଭାପତି ଶ୍ୟାମସୁନ୍ଦର ଭୋଇ, ବ୍ଲକ୍ ସଭାପତି ବଳଦେବ ଭୋଇ ଉପସ୍ଥିତ ଥିଲେ ।



- ପୋଲିସ-ଆଦିବାସୀ ମୁହାଁମୁହିଁ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଲେ ଦାବିପତ୍ର
- କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କ ପରିବାରକୁ ସୁରକ୍ଷା ଦାବି
- ବିଧାୟକ ଗିରଫ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ

ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ବେଳେ ଆଦିବାସୀ–ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଅଣ୍ଡା ଓ ହୃଦ୍‌ରୋଗ

ଆମ ରକ୍ତରେ ଥିବା କୋଲେଷ୍ଟରୋଲ ହେଉଛି ଏକ ପ୍ରକାର ଚର୍ବି ପରି ଉପାଦାନ। ଏହା ଆମ ଶରୀର ଦ୍ୱାରା ଉତ୍ପନ୍ନ ହୁଏ (ଯକୃତ ଦ୍ୱାରା ୭୫%)। ଅବଶିଷ୍ଟ ଆସେ ଆମ ଖାଦ୍ୟରୁ। କୋଲେଷ୍ଟରୋଲ ଆମ ଶରୀରର ପ୍ରତ୍ୟେକ କୋଷରେ ଥାଏ ଏବଂ ଖାଦ୍ୟ ହଜମ କରିବାରେ, ଭିଟାମିନ୍ ଡି ସୃଷ୍ଟି କରିବାରେ, କୋଷ ପ୍ରାଚୀର ନିର୍ମାଣ କରିବାରେ ଏବଂ କେତେକ ହର୍ମୋନ ତିଆରି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହାର ଆବଶ୍ୟକତା ଥିଲେ ବି ଅଧିକ କୋଲେଷ୍ଟରୋଲ ଆମ ଧମନୀକୁ କ୍ଷତି ପହଞ୍ଚାଇଥାଏ ଏବଂ ହୃଦ୍‌ରୋଗ ସୃଷ୍ଟି କରେ।

ଆମ ରକ୍ତରେ ଥିବା କୋଲେଷ୍ଟରୋଲ ଆପେ ଆପେ ଗତି କରେ ନାହିଁ। ଏହା ପ୍ରୋଟିନ ସହ ବାନ୍ଧିହୋଇ ରକ୍ତସ୍ରୋତରେ ଗତି କରେ। ଲିପୋପ୍ରୋଟିନ୍ ମୁଖ୍ୟତଃ ଦୁଇପ୍ରକାର: ଉଚ୍ଚ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ୍ (ଏଚ୍‌ଡିଏଲ୍) ଓ ନିମ୍ନ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ୍ (ଏଲ୍‌ଡିଏଲ୍)। ଏଚ୍‌ଡିଏଲ୍ କୋଲେଷ୍ଟରୋଲକୁ ଆମ ଧମନୀରୁ ବାହାର କରି ପୁଣି ଯକୃତରେ ନେଇ ପହଞ୍ଚାଇଦିଏ। ଏଲ୍‌ଡିଏଲ୍ କୋଲେଷ୍ଟରୋଲକୁ ଖରାପ କୋଲେଷ୍ଟରୋଲ କୁହାଯାଏ କାରଣ ଏହା କୋଲେଷ୍ଟରୋଲକୁ ଆଣି ରକ୍ତବାହିନୀ ବା ଧମନୀରେ ଛାଡ଼ିଦିଏ। ଅତିରିକ୍ତ ଏଲ୍‌ଡିଏଲ୍ କୋଲେଷ୍ଟରୋଲ ରକ୍ତନାଳୀ କାନ୍ଥରେ ଜମା ହୋଇ ପ୍ଲାକ୍ ବା ଫଳକ ସୃଷ୍ଟି କରେ। ଏହି ପ୍ଲାକ୍ ଧମନୀର ବାଟ ବନ୍ଦ କରିଦେଇପାରେ। ଫଳରେ ତା' ଭିତରଦେଇ ଆଉ ସୁବିଧାରେ ରକ୍ତପ୍ରବାହ ହୋଇପାରେ ନାହିଁ, ଯାହାଦ୍ୱାରା ହୃଦ୍‌ଘାତ ଓ ବ୍ରେନ୍ ଷ୍ଟ୍ରୋକ୍ ହୋଇପାରେ। ଉଚ୍ଚମାତ୍ରାର କୋଲେଷ୍ଟରୋଲର କୌଣସି ବି ସାଧାରଣତଃ ତା'ର ଲକ୍ଷଣ ବାହାରକୁ ଜଣାପଡ଼େ ନାହିଁ। ଫଳରେ ହଠାତ୍ ହାର୍ଟ ଆଟାକ୍‌ର ବିପଦ ଦେଖାଦେଇପାରେ। ଏହାର ଗୋଟିଏ ଲକ୍ଷଣ ହେଉଛି ଆପଣଙ୍କ କର୍ଣ୍ଣିଆ (ଆଖିର ସ୍ୱଚ୍ଛପଟଳ)ରେ ଚର୍ବିର ଧୂସର-ଧଳା ରେଖା ଦେଖାଯାଏ। ଆପଣଙ୍କ ବୟସ ଯଦି ୪୦ରୁ କମ୍ ତେବେ ଏହା ବିପଜ୍ଜନକଭାବେ ଅତି ଉଚ୍ଚମାତ୍ରାର କୋଲେଷ୍ଟରୋଲର ସୂଚନା ଦିଏ।

ବଂଶାନୁକ୍ରମିକ ଗୁଣ ଭାବେ ଆପଣଙ୍କ ଧମନୀରେ ଅଧିକ କୋଲେଷ୍ଟରୋଲ ଜମା ହୋଇପାରେ। ଏପର୍ଯ୍ୟନ୍ତ ଆମ ପରିବାରରେ କେହି ହୃଦ୍‌ଘାତରେ ମରିନାହାନ୍ତି। କିନ୍ତୁ ମୋ ଆଖିରେ ଈଷତ୍ ହଳଦିଆ ମିଶା ଧଳା ପ୍ୟାଚ୍ ଦେଖିବାକୁ ମିଳୁଛି, ଯାହା ମୋର ଅତିରିକ୍ତ କୋଲେଷ୍ଟରୋଲର ସୂଚନା ଦିଏ। ଏହା ମୋର ୪୦ରୁ ୫୦ ବର୍ଷ ବୟସ ଭିତରେ ଜମା ହୋଇଛି। ପ୍ରୌଢ଼ ବୟସରେ ଏହା ହୁଏ ଏବଂ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ବେଶି ଦେଖାଯାଏ। ମୋ ମାଆ ଓ ଜେଜେମାଆଙ୍କ ଆଖିରେ ବି କୋଲେଷ୍ଟରୋଲର ଲକ୍ଷଣ ଦେଖାଯାଇଥିଲା। ମୁଁ କମ୍ ତେଲଯୁକ୍ତ ନିରାମିଷ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରୁଥିଲେ ମଧ୍ୟ ମୋ ଶରୀରରେ ଅଧିକ କୋଲେଷ୍ଟରୋଲ ସୃଷ୍ଟି ହୋଇଛି। ଏକ ପରିବର୍ତ୍ତିତ ଜିନ୍ ଯୋଗୁ ବଂଶଗତ ଭାବେ ଏହି ସମସ୍ୟା ଦେଖାଦେଇଥାଏ। ଏହା ୫୫ ବର୍ଷ ବୟସ ପୂର୍ବରୁ ହୃଦ୍‌ରୋଗ ସୃଷ୍ଟି କରେ। କିନ୍ତୁ ମୁଁ ସେ ବୟସ ଅତିକ୍ରମ କରିସାରିଲିଣି। ମାଆବାପାଙ୍କଠାରୁ ଜେନେଟିକ୍ ମ୍ୟୁଟେଶନର ଅଧିକାରୀ ହୋଇଥିଲେ ୧୨% ମହିଳାଙ୍କଠାରେ ୫୦ ବର୍ଷ ବୟସ ପୂର୍ବରୁ ହୃତ୍‌ପିଣ୍ଡରେ ରକ୍ତସଞ୍ଚାଳକ ଧମନୀରେ ରୋଗ ହୁଏ ଏବଂ ୭୪% ମହିଳାଙ୍କଠାରେ ଏହା ୭୪ ବର୍ଷ ପରେ ହୁଏ। ପ୍ରାୟ ୮୫% ପ୍ରଭାବିତ ପୁରୁଷଙ୍କ କ୍ଷେତ୍ରରେ ୬୦ ବର୍ଷ ବୟସ ପୂର୍ବରୁ ହୃଦ୍‌ଘାତ ହୁଏ। କିନ୍ତୁ ଉପଯୁକ୍ତ ଖାଦ୍ୟ ଓ ବ୍ୟାୟାମ ଦ୍ୱାରା ଏହାକୁ ରୋକାଯାଇପାରେ। ବୟସ୍କଙ୍କଠାରେ ପ୍ରତି ଡେସିଲିଟର ରକ୍ତ ପିଛା ୨୦୦ ମିଲିଗ୍ରାମ୍‌ରୁ କମ୍ କୋଲେଷ୍ଟରୋଲ ରହିବା ଉଚିତ। ୨୦୦ରୁ ୨୩୯ ମିଲିଗ୍ରାମ୍ ଭିତରେ ହେଲେ ବିପଦର ସୀମାରେ ପହଞ୍ଚିଲା ଏବଂ ୨୪୦ ମିଲିଗ୍ରାମ ବା ତା'ଠୁ ଅଧିକ ହେଲେ ବିପଜ୍ଜନକ ଭାବେ ତାହା ଅତି ଉଚ୍ଚମାତ୍ରା ବୋଲି ବୁଝିବାକୁ ହେବ। ଏଲ୍‌ଡିଏଲ୍ କୋଲେଷ୍ଟରୋଲ ୧୦୦ ମିଗ୍ରା/ଡେସିଲିରୁ କମ୍ ରହିବା ଉଚିତ। ୧୦୦ରୁ ୧୨୯ ଭିତରେ ରହିଲେ ସୁସ୍ଥସବଳ ଲୋକଙ୍କ ପାଇଁ ଗ୍ରହଣୀୟ। କିନ୍ତୁ ହୃଦ୍‌ରୋଗ ସମ୍ଭାବନା ଥିବା ଲୋକଙ୍କ ପାଇଁ ବିପଦ ସଙ୍କେତ। ୧୩୦ରୁ ୧୫୯ ଭିତରେ ରହିଲେ ବିପଦର ସୀମାକୁ ଆସିଗଲା ଏବଂ ୧୬୦ରୁ ୧୮୯ ମିଗ୍ରା/ଡେଲି ଭିତରେ ରହିଲେ ବିପଜ୍ଜନକଭାବେ ଉଚ୍ଚମାତ୍ରା ବୋଲି ବୁଝିବାକୁ ହେବ। ଏଚ୍‌ଡିଏଲ୍ କୋଲେଷ୍ଟରୋଲର ସ୍ତର ୬୦ ମିଲିଗ୍ରାମ୍‌ରୁ ଅଧିକ ହେବା ଉଚିତ। କିନ୍ତୁ ପ୍ରତି ଡେସିଲିଟରେ ରକ୍ତ ପିଛା ୪୦ ମିଲିଗ୍ରାମ୍‌ରୁ କମ୍ ରହିଲେ ତାହା ହୃଦ୍‌ରୋଗର କାରଣ ହୋଇପାରେ।

କୋଲେଷ୍ଟରୋଲ କେବଳ ପ୍ରାଣିଜ ଖାଦ୍ୟ ଯଥା ଅଣ୍ଡା, କ୍ଷୀର, ଲହୁଣି, ଛେନା, ମାଂସ, ମାଛ, କୁକୁଡ଼ାମାଂସ ଏବଂ ପାମୋଲିନ୍ ଓ ନଡ଼ିଆତେଲ ପ୍ରଭୃତି ହାଇଡ୍ରୋଜେନେଟେଡ୍ ତେଲରୁ ଆସେ। ଯେଉଁମାନେ ମାଛ, ମାଂସ, ଅଣ୍ଡା ପ୍ରଭୃତି ଖାନ୍ତି, ସେମାନଙ୍କଠାରେ କୋଲେଷ୍ଟରୋଲ ଅଧିକ ଥାଏ। ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇଲେ ଆମ ଯକୃତ କୋଲେଷ୍ଟରୋଲର ପରିମାଣ ବଢ଼ାଇଦିଏ। ଏଲ୍‌ଡିଏଲ୍ କୋଲେଷ୍ଟରୋଲର ପରିମାଣ ବୃଦ୍ଧି ପାଇଲେ ହୃଦ୍‌ରୋଗ ଓ ଡାଇବେଟିସ୍‌ର ଆଶଙ୍କା ଅଧିକ ରହେ।

ଖାଦ୍ୟ ସହ କୋଲେଷ୍ଟରୋଲର ପରିମାଣର କିପରି ସମ୍ପର୍କ ରହିଛି ତାହା ଉପରେ ହାର୍ଭାର୍ଡ ହେଲ୍‌ଥ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଯେଉଁସବୁ ଖାଦ୍ୟ ଖରାପ କୋଲେଷ୍ଟରୋଲର ମାତ୍ରା କମାଇବାରେ ସାହାଯ୍ୟ କରେ ସେଗୁଡ଼ିକ ମଧ୍ୟରେ ଅଛି: ଓଟ୍, ବାର୍ଲି, ଗୋଟା ଶସ୍ୟ, ବିନ୍, ବାଦାମ ପ୍ରଭୃତି ମଞ୍ଜି, ସୂର୍ଯ୍ୟମୁଖୀ ତେଲ, ଫଳ (ସେଓ, ଅଙ୍ଗୁର, ଷ୍ଟ୍ରବେରି, କମଳା ପ୍ରଭୃତି), ସୋୟାବିନ୍ ଓ ତନ୍ତୁବହୁଳ ଖାଦ୍ୟ (କୌଣସି ପ୍ରାଣିଜ ଖାଦ୍ୟରେ ତନ୍ତୁ ନ ଥାଏ)। ଚର୍ବିଜାତୀୟ ଖାଦ୍ୟ ଖାଇବା କମାଇଦେଲେ ଆମର କୋଲେଷ୍ଟରୋଲର ସ୍ତର ଠିକ୍ ରହେ। କିନ୍ତୁ ଯେଉଁସବୁ ଖାଦ୍ୟରେ ସାଚୁରେଟେଡ୍ ଫ୍ୟାଟ୍ (ମାଂସ, କ୍ଷୀରଜାତ ଖାଦ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ପ୍ରଭୃତି) ବା ଟ୍ରାନ୍ସ ଫ୍ୟାଟ୍ (କେତେକ ଭଜା ହୋଇଥିବା ଓ ପ୍ରକ୍ରିୟାକୃତ ଖାଦ୍ୟ) ଅଛି ତାହାକୁ ବର୍ଜନ କରନ୍ତୁ। ଅତିରିକ୍ତ ଓଜନ (ମେଦବହୁଳତା) ମଧ୍ୟ ଏଲ୍‌ଡିଏଲ୍ କୋଲେଷ୍ଟରୋଲର ସ୍ତର ବଢ଼ାଇବାରେ ସାହାଯ୍ୟ କରେ।

ଅନ୍ୟ ଯେଉଁସବୁ କାରଣ ପାଇଁ କୋଲେଷ୍ଟରୋଲର ମାତ୍ରା ବୃଦ୍ଧି ପାଇପାରେ ସେଗୁଡ଼ିକ ମଧ୍ୟରେ ଅଛି: ଡାଇବେଟିସ୍ (ଏହା ବି ଏକ ଜୀବନଶୈଳୀଜନିତ ରୋଗ), ଯକୃତ ଓ ବୃକ୍କ ରୋଗ, ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍ ଓ ଷ୍ଟେରଏଡ୍।

ଯଦି ଆପଣ ତନ୍ତୁବହୁଳ ଖାଦ୍ୟ ଏବଂ ତଟକା ଫଳ ଓ ପନିପରିବା ଖାଉଥାନ୍ତି, ତେବେ ଆପଣଙ୍କ ଦେହରେ କୋଲେଷ୍ଟରୋଲ ନିୟନ୍ତ୍ରିତ ମାତ୍ରାରେ ରହିବ। ଶାରୀରିକ କାର୍ଯ୍ୟକଳାପ ମଧ୍ୟ ଆପଣଙ୍କ ଓଜନ ଠିକ୍ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ଏକଘଣ୍ଟା ବ୍ୟାୟାମ କଲେ ଓଜନ କମିବା ସହ ହୃତ୍‌ପିଣ୍ଡ ଠିକ୍ ରହେ। ଏହା ଏଲ୍‌ଡିଏଲ୍ କୋଲେଷ୍ଟରୋଲର ପରିମାଣକୁ କମାଇବା ସହ ଭଲ କୋଲେଷ୍ଟରୋଲର ପରିମାଣକୁ ବଢ଼ାଇବାରେ ସାହାଯ୍ୟ କରେ।

ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ପ୍ରତିଷେଧୀ ଔଷଧ ବିଭାଗ ଏବଂ ଶିକାଗୋର ଫେନ୍‌ବର୍ଗ ସ୍କୁଲ୍ ଅଫ୍ ମେଡିସିନ୍‌ର ଗବେଷକମାନେ ୨୯,୦୦୦ ଲୋକଙ୍କ ଉପରେ ୧୭ ବର୍ଷରୁ ଅଧିକ କାଳ ଗବେଷଣା କରି ତାଙ୍କ ଗବେଷଣାର ଫଳାଫଳ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ ଅଣ୍ଡା ଖାଉଥିବା ଲୋକମାନଙ୍କଠାରେ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। କାରଣ ପ୍ରତ୍ୟେକ ଅଣ୍ଡାରେ ଥାଏ ୧୮୬ ମିଲିଗ୍ରାମ୍ କୋଲେଷ୍ଟରୋଲ। ଏହା ଆପଣ ଖାଦ୍ୟରେ ଦୈନିକ ଯେତିକି ଖାଇବା କଥା ତା'ଠୁ ୧୨୪% ଅଧିକ। ସପ୍ତାହକୁ ୩/୪ଟି ଅଣ୍ଡା ଖାଇଲେ ହୃଦ୍‌ରୋଗ ଆଶଙ୍କା ୩.୨% ଏବଂ ତଜ୍ଜନିତ ମୃତ୍ୟୁ ଆଶଙ୍କା ୪.୪% ବୃଦ୍ଧି ପାଏ। ଏହାଠାରୁ ଅଧା ଫଳରେ ଅଣ୍ଡା ଅଧିକ ଖାଇଲେ ହୃଦ୍‌ରୋଗ ଓ ତଜ୍ଜନିତ ମୃତ୍ୟୁ ଆଶଙ୍କା ୬ରୁ ୮% ବୃଦ୍ଧି ପାଏ। ତେବେ ସପ୍ତାହକୁ କେତୋଟି ଅଣ୍ଡା ଖାଇବା ନିରାପଦ? ଗୋଟିଏ ବି ଖାଇବା ନିରାପଦ ନୁହେଁ।

Email: gandhim@nic.in

# ସିସିଫସ୍ ନୁହେଁ, କୃଷ୍ଣଚୂଡ଼ା



ସୁଧୀରାଜ ରାଉତ

ଆଜି ରବିବାର ଅଫିସ ଛୁଟି, ଜାଗର ବୋଷ୍ଟ ନାହିଁ, ଅଫିସରଙ୍କ ଗାଳିଖିଆ ନାହିଁ, ନିଜ ଇଚ୍ଛାରେ ଆଜି ମୁଁ ରଜା...। ଏମିତି ଭାବି ଭାବି ବିଛଣାରୁ ଉଠି ନ ଥାଏ ମା' ଆଉ ସ୍ତ୍ରୀର କଥା ପିଙ୍ଗାପିଙ୍ଗି ଆରମ୍ଭ ହୋଇଗଲା ଏବଂ ଏହା କିଛି ସମୟ ମଧ୍ୟରେ ଭୟଙ୍କର ଘୂର୍ଣ୍ଣିର ରୂପ ନେଲା। ବର୍ତ୍ତମାନ ମୁଁ ବିଛଣାରୁ ନ ଉଠି, ଶବ୍ଦଟିଏ ନ କହି ମଧ୍ୟ ମା' ଆଉ ସ୍ତ୍ରୀ ମଧ୍ୟରେ ଝୁଲୁଥିବା ତ୍ରିଶଙ୍କୁ। ରାଜା ହେବାର ସ୍ୱପ୍ନ ଭଙ୍ଗ ହେବା ପରେ ମନେ ପଡ଼ୁଥିଲା ଗ୍ରୀକ୍ ପୁରାଣର ରାଜା ସିସିଫସ୍‌ଙ୍କ କଥା। ରାଜା ସିସିଫସ୍ ଜୀବନସାରା ଯେତିକି ପୁଣ୍ୟ କରିଥିଲେ ତା'ଠାରୁ ଅଧିକ ପାପ କରିଥିଲେ। ମୃତ୍ୟୁ ପରେ ଯମରାଜା ସିସିଫସ୍‌ଙ୍କୁ ପଚାରିଲେ, ତୁମେ ପ୍ରଥମେ ପୁଣ୍ୟ ଭୋଗ କରିବ ନା ପାପ? ସବୁ ବୁଦ୍ଧିସାରି ସିସିଫସ୍ କହିଲେ, ମୁଁ ଆଗ ପୁଣ୍ୟ ଭୋଗ କରିବାକୁ ଚାହେଁ। ଯମରାଜା କହିଲେ, କୁହ ତୁମେ କ'ଣ ଚାହଁ? ରାଜା କହିଲେ, ମୁଁ ଦେଖିବାକୁ ଚାହେଁ ମୋ ମୃତ୍ୟୁ ପରେ ମୋ ରାଜ୍ୟର ଅବସ୍ଥା। ଯମରାଜା କାନ୍ଥଆଡ଼େ କିଛି ସମୟ ଚାହିଁ ରହିଲେ। ପରଦା ଭଳି କାନ୍ଥରେ ଦୃଶ୍ୟମାନ ହେଲା ସିସିଫସ୍‌ଙ୍କ ରାଜ୍ୟର ବିଭିନ୍ନ ଦୃଶ୍ୟ। ପ୍ରଜାମାନେ କହୁଥାନ୍ତି, ଭଲହେଲା ପାପୀ ଦୁରାଚାରୀ ମରିଗଲା। ପୁତ୍ରମାନେ ପିତୃଅର୍ଜିତ ସମ୍ପଦକୁ ନେଇ କଳହ କରୁଥାନ୍ତି, ଆଉ ସ୍ତ୍ରୀ ଜଣେ ଅନ୍ୟବ୍ୟକ୍ତିଙ୍କ ପ୍ରେମରେ ମସଗୁଲ...। ଯମଲୋକରେ ଥାଇ ବି ରାଜାଙ୍କ କ୍ରୋଧର ପାରଦ ଶୀର୍ଷକୁ ଛୁଇଁଲା। ଯମଙ୍କୁ ଅନୁରୋଧ କଲେ, ମୋ ବଳକା ପୁଣ୍ୟବଳରେ ମୋତେ କିଛି ଦିନ ପାଇଁ ମର୍ତ୍ତ୍ୟକୁ ଫେରାଇ ଦିଅନ୍ତୁ, ଏମାନଙ୍କୁ ଉଚିତ ଶିକ୍ଷା ଦେଇଆସିବି। ଯମ ବହୁ କଷ୍ଟରେ ରାଜି ହେଲେ ଏବଂ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରି ଆସିବାକୁ ତାଗିଦ କଲେ। ଏଥର ଜର୍ଜିନ ଫିଟାଇ ରାଜା ସିସିଫସ୍ ପୁନଃ ଜିଇଉଠିଲେ। ରାଜାଙ୍କୁ ଦେଖି ପ୍ରଜାମାନେ ଜୟଗାନରେ ପ୍ରକମ୍ପିତ କଲେ ଚତୁର୍ଦ୍ଦିଗ, ପୁତ୍ରମାନେ ପିତାଙ୍କୁ ପାଇ ଖୁସିରେ ନାଚିବାକୁ ଲାଗିଲେ ଆଉ ସ୍ତ୍ରୀ କାନ୍ଦିଉଠି କହିଲେ- କେମିତି ବଞ୍ଚିଥାନ୍ତି କୁହ ତୁମ ବିନା? ରାଜା ଭୁଲିଗଲେ ଫେରିବାର ଅଭିପ୍ରାୟ ଏବଂ ଭୁଲିଗଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରିବାର ତାଗିଦ। ପୁନଶ୍ଚ ଯମ ଆସି ବାନ୍ଧିନେଲେ। ଏହାର ପ୍ରତିକାମ ସ୍ୱରୂପ ସିସିଫସ୍‌ଙ୍କୁ ଦଣ୍ଡବିଧାନ ହେଲା– ଏକ ବିଶାଳ ପଥରକୁ ଠେଲି ଠେଲି ପାହାଡ଼ର ଶୀର୍ଷକୁ ନେବାକୁ ହେବ, ଶିଖରରେ ପହଞ୍ଚିବା ମାତ୍ରେ ପଥର ସ୍ୱତଃ ଫେରିଆସିବ ପାଦଦେଶକୁ। ପୁନଶ୍ଚ ପଥରଟିକୁ ଠେଲି ପାହାଡ଼ର ଶୀର୍ଷକୁ ନେବାକୁ ହେବ... ଅନନ୍ତସମୟ ପର୍ଯ୍ୟନ୍ତ ରାଜା ସିସିଫସ୍ ଏହା କରିଚାଲିଛନ୍ତି।

ବିଛଣାରେ ପଡ଼ିରହି ନିଜକୁ ଲାଗୁଥାଏ ମୁଁ ବି ଜଣେ ଅସହାୟ ସିସିଫସ୍। ଜୀବନରୂପୀ ପଥରକୁ ଗଡ଼ାଇ ଚାଲିଛି ଦିନରୁ ରାତି, ଜନ୍ମରୁ ମୃତ୍ୟୁ, ମୃତ୍ୟୁରୁ ଜନ୍ମ...। ସ୍ତ୍ରୀ ପାଟିକଲା କ'ଣ ଏଠି ଗାଲୁଆଳ ଭଳି ପଡ଼ିଛ, କିଛି ଶୁଣୁନାହଁ ତୁମକୁ? କିଛି ନ କହି ନିତ୍ୟକର୍ମ ଶେଷ କରି ନିକଟ ଚା' ଦୋକାନ ଦିଗକୁ ଚାଲିଲି ଏଇ ଆଶାନେଇ ଯେ, କିଛି ସମୟ ବାହାରେ ରହି ଫେରିବା ପରେ ମା', ସ୍ତ୍ରୀ ସାଧାରଣ ଅବସ୍ଥାକୁ ଫେରିଆସିବେ। ଦୁଇ ଘଣ୍ଟା ପରେ ଫେରି ଦେଖିଲି– ଝଡ଼ କରାଳ ରୂପ ନେବାରେ ଲାଗିଛି। ସ୍ତ୍ରୀ ଟିଫିନ୍ ଯୋଗାଉଛି ଚାଲିଗଲା। ନିଜକୁ ପ୍ରଶ୍ନ କରୁଥିଲି– କିଛି ବି କାରଣ ନ ଥାଇ, ଅଭାବ ନ ଥାଇ, ସମସ୍ୟା ନ ଥାଇ କାହିଁକି ମଣିଷ ଜୀବନର ଶାନ୍ତ ଉପବନକୁ ଅଶାନ୍ତ ଘୂର୍ଣ୍ଣିରେ ବିନଷ୍ଟ କରେ? କାହିଁକିର ଅସହାୟତା ଉପରେ ଠିଆହୋଇ ଶୁଣୁଥାଏ ମା', ସ୍ତ୍ରୀର ଶବ୍ଦ ସମର। ଏଠି କିଛି କହିବା ଅର୍ଥ ଏପଟେ ବ୍ରହ୍ମହତ୍ୟା ସେପଟେ ଗୋହତ୍ୟା। ତେଣୁ ମୁଁ ଏବେ ନୀରବଦ୍ରଷ୍ଟା। ଭାବିଲି ଏ ଦୁର୍ଦ୍ଦେଇ ଲାଗିଥାନ୍ତୁ ମୁଁ ଯାଉଛି ଛାତ ଉପରେ ପାଟି କରୁ ନ ଥିବା, ଅଭିଯୋଗ କରୁ ନ ଥିବା, ଅଭିମାନ କରୁ ନ ଥିବା ଫୁଲଗଛଗୁଡ଼ିକ ସହ ସମୟ କାଟିବି। ଅନାବନା ଘାସ କାଢ଼ିଦେଇ ଗଛ ମୂଳକୁ ଖୁସେଇ ଦେଉଥାଏ। ମା' ଆସି ପାଟିକଲା– ତୋତେ ଦିଶୁନାହିଁ ଏମିତି ନୀରବ ଠାକୁର କାହିଁକି ହୋଇଛୁ, ସେ କ'ଣ କ'ଣ କହୁଛି ତୋତେ ଶୁଭୁନାହିଁ? କହିଲି– ମୋତେ ଶାନ୍ତିରେ ଗୋଟିଏ ଘଣ୍ଟା, ଗୋଟିଏ ଦିନ ବଞ୍ଚିବାକୁ ଦିଅ।

ସକାଳୁ ଖାଇନାହିଁ, ଖରାବେଳେ ନ ଖାଇ ଶୋଇପଡ଼ିଲି। ଚାରିଟା ବେଳକୁ ପ୍ରବଳ ପବନ ବହିବାକୁ ଲାଗିଲା। ଅଧଘଣ୍ଟାର କାଳବୈଶାଖୀ ସବୁକିଛି ଛିନ୍ନଛତ୍ର କରି ଚାଲିଗଲା। ମୁଁ ମୋ ସବୁଦିନିଆ ସାନ୍ଧ୍ୟଭ୍ରମଣରେ ବାହାରିପଡ଼ିଲି। ମୋ ଛୋଟ ସହରର ରାସ୍ତାଘାଟରେ ଡାଳପତ୍ର ଭାଙ୍ଗି ପଡ଼ିଛି, କାହାର ଘର ଟିଣ ଉଡ଼ିଯାଇଛି, କେଉଁଠି ଇଲେକ୍ଟ୍ରି ପୋଲ ବାଙ୍କିଯାଇଛି...। ସହର ଠାରୁ କିଲୋମିଟରରୁ ଅଧିକ ହେବ ସେଇ କୃଷ୍ଣଚୂଡ଼ା ଛକ ପାଖେ ପହଞ୍ଚିଲି। କାଳବୈଶାଖୀରେ ଭାଙ୍ଗିପଡ଼ିଛି କୃଷ୍ଣଚୂଡ଼ାର ଡାଳ, ଫୁଲଗୁଡ଼ିକ ଫୁଲ, ବହୁ ବିଛେଇ ହୋଇପଡ଼ିଛି ତଳେ, ଚାରିଆଡ଼େ। ଗଛକୁ ଚାହିଁଲି ଲାଗିଲା ଶହଶହ ନାଲିଓଠରେ କୃଷ୍ଣଚୂଡ଼ା ମୋତେ ଚାହିଁ ହସୁଥାଏ..., ସତେଅବା କିଛି ବି ଘଟିନି। ମୁଁ ଗଛରୁ ଚାହିଁଥାଏ ସୂର୍ଯ୍ୟ ଅସ୍ତଗାମୀ। ହଠାତ୍ ଅନୁଭବ କଲି ଏକ ପବିତ୍ର ଦୁଆରେ, ଆନନ୍ଦର ବହଳିଆ ସ୍ୱର୍ଗରେ ମୋ ଭିତରେ ବହୁଥିବା କାଳବୈଶାଖୀ ବନ୍ଦ ହୋଇଗଲା। ମୋ ହାତ ଦୁଇ ଶାନ୍ତି ପ୍ରଶାନ୍ତିରେ ଯୋଡ଼ିହୋଇଗଲା କୃଷ୍ଣଚୂଡ଼ା ଗଛକୁ ଚାହିଁ। ଅସ୍ତ ସୂର୍ଯ୍ୟ ଯେଭଳି କହୁଥାଏ, କାଳବୈଶାଖୀ ହେଉ, ତୁଫାନ ପ୍ରଚଣ୍ଡ ତାପ ହେଉ, ଡୋ ଡୋ ବର୍ଷା ହେଉ କୃଷ୍ଣଚୂଡ଼ା ପାଇଁ ସବୁ ଋତୁ ହସିବାର ଋତୁ, ଆନନ୍ଦର ଋତୁ। ଅସ୍ତସୂର୍ଯ୍ୟ ପୁଣି କହୁଥାଏ– ଜୀବନ ଏଠି ସିସିଫସ୍ ଭଳି ଅସହାୟ ନୁହେଁ ବନ୍ଧୁ! କୃଷ୍ଣଚୂଡ଼ା ଭଳି ଆନନ୍ଦ ଆଉ ହସର ପସରା।

ମୋ- ୯୪୩୭୬୪୧୪୧୩

## ଏଇ ଭାରତରେ

ଭାରତ ଏକ କୃଷିପ୍ରଧାନ ଦେଶ। ଦେଶର ଅଧିକାଂଶ ଅଞ୍ଚଳର ଚାଷଜମି ମୌସୁମୀବାୟୁ ଜନିତ ବର୍ଷାଜଳ ଉପରେ ନିର୍ଭର କରେ। ଏହାଦ୍ୱାରା ଭଲ ଫସଲ ହେବ ବୋଲି ଆଶା କରାଯାଏ। ତେବେ ବର୍ଷା ଆଗମନ ପାଇଁ ଭାରତର ବିଭିନ୍ନ ଅଞ୍ଚଳରେ ଭିନ ଭିନ ପରମ୍ପରା ପାଳିତ ହୋଇଥାଏ। କିନ୍ତୁ ଏଥିପାଇଁ ମହିଳାମାନେ ହଳ କରିବା କଥା ନିଆରା ନିଶ୍ଚୟ। ଇନ୍ଦ୍ରଦେବଙ୍କୁ ଖୁସି କରିବା ପାଇଁ ଉତ୍ତରପ୍ରଦେଶର ବେଲାପୁରରେ ରାତିରେ ମହିଳାମାନେ ହଳ କରନ୍ତି। ଏହି ପରମ୍ପରା ଏଠାରେ ପୁରାତନ କାଳରୁ ଚଳିଆସୁଛି। ବର୍ଷା ଅଭାବରେ ଏଭଳି କରାଯାଇଥାଏ ବୋଲି ଲୋକେ କୁହନ୍ତି। ଏହାଦ୍ୱାରା ଇନ୍ଦ୍ରଦେବ ସନ୍ତୁଷ୍ଟ ହୋଇ ବର୍ଷା କରାଇଥାନ୍ତି। ଏହି ଅଞ୍ଚଳରେ ଅଧିକାଂଶ ସମୟରେ ମରୁଡ଼ି ପଡ଼ିଥାଏ। ତେଣୁ ଲୋକେ ଏଭଳି ପରମ୍ପରା ପାଳନ କରିଆସୁଛନ୍ତି। ମହିଳାମାନେ ହଳ କରିବା ସମୟରେ ଭକ୍ତି ସଙ୍ଗୀତ ଗାନ କରନ୍ତି। ସେହିପରି ବୁନ୍ଦେଲଖଣ୍ଡ, ଗୁଜରାଟର କିମାର ଅଞ୍ଚଳରେ ଥିବା ଖରଗାଁରେ ମଧ୍ୟ ମହିଳାମାନେ ଏଭଳି କରିଥାନ୍ତି। ରାତିରେ ହଳ କରିବା ସମୟରେ ମହିଳା ତଥା ପ୍ରାପ୍ତବୟସ୍କା ଯୁବତୀ ମୁଣ୍ଡରେ ଓଢ଼ଣା ଦେଇ ନ ଥାନ୍ତି। ଏହାଦ୍ୱାରା ବର୍ଷା ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ!
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।

(ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | 7 | | | | | 1 | | | | | | C | |
| | E | D | | | 7 | | | | | 4 | C | 3 | 1 | 5 |
| C | 1 | | | | | | | | | | B | | 7 | 8 |
| B | | 6 | 2 | | | 0 | | | 7 | | | | | |
| | | | | | 4 | | | | 6 | | | B | | D |
| | | | | | | | | C | | | | | | 2 |
| 7 | | | | 4 | D | | | 5 | | A | 0 | | 9 | |
| | 5 | | 0 | 8 | | | | | | 2 | | | 3 | |
| 0 | A | | | | 2 | 8 | | | | | C | | | |
| | | | | | | | 6 | | | 1 | D | C | | |
| 9 | | | | | | | | | | | | 0 | A | |
| | | | | D | 3 | | | | | B | | | | 7 |
| | | C | | | | | 7 | | A | D | | | 2 | B |
| 6 | | | | | E | | A | | 2 | 3 | 5 | 9 | | |
| 8 | | | 7 | | B | | D | | E | C | | 1 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ପ୍ରଶ୍ନ ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂରାଜୀ ଲିପି ରହିବ।

[illegible]

ଗତକାଲିର ଉତ୍ତର



ଅଭୟ ସୂତାର

# ପାଖେଇ ଆସୁଛି ପ୍ରଳୟ

ଏବେ ବିଶ୍ୱ ପରିବେଶରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପରିବେଶ ପ୍ରଦୂଷଣ ଯୋଗୁ ପୃଥିବୀ ପୃଷ୍ଠରୁ ଅନେକ ଜାତିର ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଗଲେଣି। ଯେଉଁମାନେ ରହିଛନ୍ତି, ସେମାନେ ପ୍ରଚଣ୍ଡ ଉତ୍ତାପ, ଖାଦ୍ୟ ଓ ପାଣି ଅଭାବରେ ଅସହ୍ୟ କଷ୍ଟ ଭୋଗ କରୁଛନ୍ତି। ବିଗତ ୧୦ ବର୍ଷ ଧରି ଏ ସମ୍ପର୍କରେ ବହୁ ଅନୁଧ୍ୟାନ ଓ ଆଲୋଚନା ହେବା ପରେ ଏବେ ଜାତିସଂଘ ତରଫରୁ ପୃଥିବୀର ସବୁ ଦେଶକୁ ଏ ବାବଦରେ ସୂଚନା ଦିଆଯାଇଛି।

ସୂଚନାର ସାରମର୍ମ ହେଲା, ବିଗତ ୧୯୯୫ ମସିହାରୁ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଉଛି। ଏପରି କି ମେରୁ ଅଞ୍ଚଳରେ ଉତ୍ତାପ ବୃଦ୍ଧି ଯୋଗୁ ବରଫ ତରଳି ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଛି। ଏହି ପ୍ରକ୍ରିୟା ଯୋଗୁ ନିକଟ ଭବିଷ୍ୟତରେ ମାଳଦ୍ୱୀପ ଭଳି କେତେକ ଦ୍ୱୀପାଞ୍ଚଳ ରାଷ୍ଟ୍ର ବାଂଲାଦେଶ ଓ ଭାରତର ମୁମ୍ବାଇ ଆଦି ସହରରେ ସମୁଦ୍ର ଜଳ ପ୍ରବେଶ କରି ବିଶେଷ କ୍ଷତି ଘଟାଇବ। ଏଥିରେ ଅନେକ ଧନଜୀବନ କ୍ଷୟକ୍ଷତି ଓ ଜୀବଜନ୍ତୁଙ୍କ ପ୍ରାଣହାନି ଘଟିବା ସହିତ ପ୍ରାୟ ୫ ନିୟୁତ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଅନ୍ୟତ୍ର ଥଇଥାନ କରିବାକୁ ହେବ। ପୁଣି ସମୁଦ୍ର କୂଳେ କୂଳେ ଥିବା ବିସ୍ତୃତ ଅଞ୍ଚଳର କୃଷିଜମିରେ ଲୁଣିପାଣି ପଶି କୃଷିଯୋଗ୍ୟ ଜମି ନଷ୍ଟ ହେବ ଓ ସମୁଦ୍ର ପାଣିର ଉତ୍ତାପ ବୃଦ୍ଧି ଯୋଗୁ ଅନେକ ସାମୁଦ୍ରିକ ଜୀବଜନ୍ତୁ ପ୍ରାଣହାନି ଘଟିବ। ସାମୁଦ୍ରିକ ବାତ୍ୟା ପ୍ରଭାବରେ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ଅନେକ ଜୀବଜନ୍ତୁଙ୍କର ମୃତ୍ୟୁ ହେବ।

ଆଫ୍ରିକା ମହାଦେଶରେ ଏହି ପାରିବେଶିକ ବିପର୍ଯ୍ୟୟ ବିଶେଷ କ୍ଷୟକ୍ଷତି କରିବ। ପ୍ରିଟୋରିଆ ବିଶ୍ୱବିଦ୍ୟାଳୟର ଅନୁଧ୍ୟାନ ଅନୁସାରେ, ଉତ୍ତାପ ବୃଦ୍ଧି ଓ ବୃଷ୍ଟିପାତର ଅନିୟମିତତା ଯୋଗୁ ଏହି ମହାଦେଶରେ ଯଥାକ୍ରମେ ୨୫ ଓ ୪ ବିଲିୟନ ଡଲାର ମୂଲ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବ। ଏଥିସହିତ ପାଣିର ଘୋର ଅଭାବ ପଡ଼ିବ। ତେଣୁ ଅନେକ ବୃକ୍ଷଲତା ଓ ଜୀବଜନ୍ତୁ ବିଲୀନ ହେବେ। ପ୍ରାୟ ଛଅଲକ୍ଷ ବର୍ଗକିଲୋମିଟର ଅଞ୍ଚଳର ଚାଷଜମି ଫସଲ ଉତ୍ପାଦନ ପାଇଁ ଅକାମୀ ହୋଇଯିବ। ଉଗାଣ୍ଡା, ତାଞ୍ଜାନିଆ ଓ କେନିଆର ଅନେକ ପର୍ବତମାଳାର ବରଫ ତରଳି ଯିବ ଓ ସମୁଦ୍ରର ଜଳପତନ ବୃଦ୍ଧିପାଇବ। ଇଜିପ୍ଟ ଓ ଗିନିର ସମୁଦ୍ରକୂଳ ଅଞ୍ଚଳରେ ସମୁଦ୍ରର ଜଳପତନ ବୃଦ୍ଧି ଯୋଗୁ ବିଶେଷ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି ହେବ।

ଜାତିସଂଘର ବୈଜ୍ଞାନିକମାନେ କହନ୍ତି, ଆବହମାନ କାଳରୁ ହିମାଳୟ ପର୍ବତମାଳାରେ ଆଚ୍ଛାଦିତ ହୋଇ ରହିଥିବା ବରଫ ଏବେ ତରଳୁଛି ଓ ୨୦୩୫ ବେଳକୁ ସବୁ ବରଫ ତରଳିଯିବ। ଫଳରେ ହିମାଳୟରୁ ବାହାରିଥିବା ଗଙ୍ଗା ଓ ଯମୁନା ନଦୀରେ ଅଧିକ ଜଳ ପ୍ରବାହିତ ହୋଇ ବନ୍ୟା ବିପ୍ଳବ ଘଟିବ। ତା'ପରେ ଏହି ନଦୀ ଦୁଇଟି ଶୁଷ୍କ ହୋଇଯିବେ, କାରଣ ଏହି ନଦୀଗୁଡ଼ିକୁ ବର୍ଷା ଦିନ ପରେ ଆଉ ଜଳ ପ୍ରବେଶ କରିବ ନାହିଁ। ଏହାଫଳରେ ନଦୀ ଦୁଇଟିର ଅବବାହିକା ଅଞ୍ଚଳରେ ବାସ କରୁଥିବା ଲୋକମାନେ ଅଶେଷ ଜଳକଷ୍ଟ ଭୋଗ କରିବେ।

ହିମାଳୟରେ ବରଫ ତରଳିଯିବା ଯୋଗୁ ଉତ୍ତରଭାରତରେ ଶୀତଦିନିଆ ବୃଷ୍ଟିପାତ କମିଯିବ। ୨୦୨୦ ବେଳକୁ ଉତ୍ତର ଭାରତରେ ଆଉ ଶୀତଋତୁ ହେବ ନାହିଁ ଓ ସେ ସମୟରେ ଜାନୁୟାରୀ ମାସରେ ଉତ୍ତାପ ୪୦ ଡିଗ୍ରୀ ସେଲସିୟସରେ ପହଞ୍ଚିବ। ସେହିପରି ଜଳ ଓ ବର୍ଷାଭାବ ଯୋଗୁ ଗଙ୍ଗାନଦୀର ଉର୍ବର ଅବବାହିକା ଅଞ୍ଚଳ କାଳକ୍ରମେ ଅନୁର୍ବର ଅଞ୍ଚଳରେ ପରିଣତ ହେବ। ବିଶେଷଜ୍ଞଙ୍କ ହିସାବ ଅନୁସାରେ, ଆସନ୍ତା ୩୦ ବର୍ଷ ମଧ୍ୟରେ ସେହି ଅଞ୍ଚଳରେ କୃଷି ଉତ୍ପାଦନ ୩୦ ଭାଗ କମିଯିବ। ଗୋଚର ଜମିସବୁ ଶାଗଗ୍ରସ୍ତ ପଡ଼ିଆ ପାଲଟି ଯିବ ଓ ଖାଦ୍ୟାଭାବରୁ ୨୫ ପ୍ରତିଶତ ପ୍ରାଣୀସମ୍ପଦ ନଷ୍ଟହେବ।

ବୈଜ୍ଞାନିକଙ୍କ ମତରେ ଜଳାଭାବ, ଉତ୍ତାପ ବୃଦ୍ଧି ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁ ମଶାବଂଶ ବୃଦ୍ଧି ପାଇବ। ଏହାର ପ୍ରଭାବରେ ଡେଙ୍ଗୁ ଓ ମ୍ୟାଲେରିଆର ପ୍ରକୋପ ଅଧିକ ହେବ। ବନ୍ୟା ଓ ମରୁଡ଼ି ପ୍ରଭାବରେ କଲେରା ଓ ଝାଡ଼ା ରୋଗ ବ୍ୟାପକ ହେବ ଓ ଏଥିରେ ଅନେକ ଲୋକଙ୍କର ମୃତ୍ୟୁ ଘଟିବ। ବିଶ୍ୱର ଏହି ଉତ୍ତାପ ବୃଦ୍ଧି ଯୋଗୁ ଭାରତରେ ଏବେ ଅନେକ ପାରିବେଶିକ ବିପର୍ଯ୍ୟୟ ସୃଷ୍ଟି ହେଲାଣି। ବିଗତ ୧୦ ବର୍ଷ ମଧ୍ୟରେ ଉତ୍ତରପଶ୍ଚିମ ଅଞ୍ଚଳରେ କ୍ରମାଗତଭାବେ ମୁଷଳ ଧାରାରେ ବର୍ଷା ହେବା ଯୋଗୁ ଅନେକଥର ପ୍ରବଳ ବନ୍ୟାବିପ୍ଳବ ସୃଷ୍ଟି ହୋଇଛି। ସେହିପରି ପୂର୍ବାଞ୍ଚଳରେ ବର୍ଷାର ପ୍ରକୋପ ଅସାଧାରଣ ଭାବେ ବୃଦ୍ଧିପାଇଛି।

୨୦୦୫ ଜୁଲାଇ ୨୬ ଓ ୨୭ ତାରିଖରେ ମୁମ୍ବାଇ ସହରରେ ୯୪୪ ମିଲିମିଟର ବର୍ଷା ଯୋଗୁ ୧୦୦୦ ଲୋକଙ୍କର ପ୍ରାଣହାନି ଘଟିବା ସହିତ ପ୍ରାୟ ୧୭୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ପୂର୍ବ ବର୍ଷ ସୁରତ ଓ ଶ୍ରୀନଗର (ଯେଉଁଠାରେ ବନ୍ୟା ହେବା କଥା ନୁହେଁ)ରେ ପ୍ରବଳ ବନ୍ୟାହୋଇ ଅଶେଷ କ୍ଷୟକ୍ଷତି ଘଟିଛି। ବଙ୍ଗୋପସାଗର ଓ ଆରବ ସାଗରରେ ଅନେକଥର ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଛି। ଓଡ଼ିଶାରେ ୧୯୯୯ ମହାବାତ୍ୟା ଯୋଗୁ ନାହିଁ ନ ଥିବା କ୍ଷତି ଘଟିଥିଲା। ଓଡ଼ିଶାରେ ୨୦୦୦ରୁ ୨୦୧୫ ମଧ୍ୟରେ କ୍ରମାଗତ ଭାବେ ବୃଷ୍ଟିପାତର ହ୍ରାସ ଯୋଗୁ ମରୁଡ଼ି ହୋଇ ପ୍ରାୟ ୩୫ ନିୟୁତ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି।

ବିଶ୍ୱତାପନର ପ୍ରଧାନ କାରଣ ହେଲା ବାୟୁମଣ୍ଡଳକୁ ସବୁଜଗୃହ ବାଷ୍ପ (ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି)ର ନିର୍ଗମନ ଯାହା ଯୋଗୁ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହୋଇ ସୂର୍ଯ୍ୟଙ୍କର କିରଣ ସିଧାସଳଖ ପୃଥିବୀ ପୃଷ୍ଠକୁ ଆସି ଉତ୍ତାପ ବୃଦ୍ଧି କରୁଛି। ବ୍ୟାପକ ଶିଳ୍ପ ପ୍ରତିଷ୍ଠା, ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ, ଯାନବାହନର ବୃଦ୍ଧି ଯୋଗୁ ସବୁଜଗୃହ ବାଷ୍ପର ନିର୍ଗମନ ହେଉଛି। ୧୯୯୭ ମସିହାରେ ସବୁଜଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା ପାଇଁ ହୋଇଥିବା ଶିଖର ସମ୍ମିଳନୀରେ ଅନ୍ତତଃପକ୍ଷେ ୧୯୯୦ ମସିହା ସ୍ତରକୁ ଆଣିବା ପାଇଁ ବିକଶିତ ଦେଶଗୁଡ଼ିକୁ ଅନୁରୋଧ କରାଯାଇଥିଲା। ମାତ୍ର ଆମେରିକା, ଯେଉଁ କେବଳ ଏକ ତୃତୀୟାଂଶ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ଛାଡ଼ୁଛି, ସେଥିପ୍ରତି ଏ ଯାଏ ଗୁରୁତ୍ୱ ଦେଇନାହିଁ। ଅଷ୍ଟ୍ରେଲିଆ ମଧ୍ୟ ଦ୍ୱିତୀୟ ସର୍ବାଧିକ ବାଷ୍ପ ନିର୍ଗମନ ଦେଶ ହୋଇଛି।

ସେହି ଦେଶଗୁଡ଼ିକର ବେପରୁଆ ମନୋଭାବ ଯୋଗୁ ଏବେ ସମଗ୍ର ବିଶ୍ୱ ଏହାର କୁପରିଣାମ ଭୋଗ କରିବାକୁ ବାଧ୍ୟ ହେଉଛି। ତେଣୁ ସେଥିପ୍ରତି ଜନ ସଚେତନତା ସୃଷ୍ଟି ହେବା ସହିତ ଜାତିସଂଘ ପକ୍ଷରୁ ସେହି ଦେଶଗୁଡ଼ିକ ଉପରେ ଚାପ ପ୍ରୟୋଗ ପାଇଁ ଭାରତ ସରକାରଙ୍କର ଉଦ୍ୟମ କରିବା ଉଚିତ। ଦ୍ରୁତଗତିରେ ବିଗୁଡ଼ୁଛି ପରିବେଶ ଓ ପାଖେଇ ଆସୁଛି ପ୍ରଳୟ – ଏ କଥା ଯେତେଶୀଘ୍ର ଆମେ ବୁଝିବା ସେତେ ଭଲ।

ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭଦ୍ରକ,
ମୋ-୯୪୩୭୬୭୬୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ମା' ପରି ଗାଁ

ମହାଶୟ,

ପ୍ରକାଶବାବୁଙ୍କ ପ୍ରବନ୍ଧ 'ଫନୀ ଫେରାଇଛି ପୁରୁଣା ଦିନ' ପଢ଼ି ମନେ ପଡ଼ିଲା 'ଆମ ଗାଁ ରାସ୍ତା ତୁମ ସହରକୁ' ବୋଲି ଦେଖିଥିବା ନାଟକଟିଏ। ମା' ପରି ଗାଁ, ବାପା ପରି ସହର, କେହି ନୁହେଁ କାହାର। ଗାଁର ଲୋକଟିଏ ପରିଚୟ ଦେଲାବେଳେ ଅମୁକର ପୁଅ, ଅମୁକର ନାତି, କୋଠ ଘରପାଖ ଦାସ ଘରକୁ ୪ ଘର ଛାଡ଼ା। କିନ୍ତୁ ସହରର ପରିଚୟ ମାଟିକୁଣ୍ଡର ଗଛ, ପ୍ଲଟ ନମ୍ବର, ଅମୁକ ସାହି, ଅମୁକ ନଗର, ଗୋଟିଏ ସହରରେ ପ୍ରତ୍ୟେକ ସାହି ଗୋଟେ ଗୋଟେ ନଗର। ଧନ୍ୟରେ ସହରୀ ସଭ୍ୟତା କେହି ଜାଣନ୍ତିନି କାହାର ପରିଚୟ। ଗାଁରେ ରାତିରେ ବି କବାଟ ବନ୍ଦ କରି ଶୁଅନ୍ତି ନାହିଁ। ସହରରେ ଦିନ ହେଉ କି ରାତି ଦରଜା ସବୁବେଳେ ବନ୍ଦ। ଫନୀ ପରି ଦୁର୍ବିପାକ ଆମକୁ ଏକାଠି କରେ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା

### ଧଳାହାତୀଙ୍କ ଉପରେ ନଜର ରଖନ୍ତୁ

ଅନେକ ସମୟରେ ଓଡ଼ିଶା ଉପରେ ପ୍ରାକୃତିକ ବିପର୍ଯ୍ୟୟ ଘଟି ଅନେକ ଧନଜୀବନ ନଷ୍ଟ ହୋଇଛି। ଏହି ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ପାଇଁ ଅନ୍ୟ ରାଜ୍ୟ ତଥା କେନ୍ଦ୍ରରୁ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ ତା'ର କାର୍ଯ୍ୟଭାର ନେଇଥିବା ଅନେକ ଅସାଧୁ ଅଫିସର ଉକ୍ତ ଟଙ୍କା ବାଟମାରଣା କରି ସାଧାରଣ ଲୋକଙ୍କୁ ପ୍ରତାରଣା କରିଛନ୍ତି। ଏହାର ନଜିର ରହିଛି। ମହାବାତ୍ୟା, ହୁଦହୁଦ୍, ଫାଇଲିନ୍ ଆଦି ବିପର୍ଯ୍ୟୟ ସମୟରେ କିଛି ସରକାରୀ କର୍ମଚାରୀ ଚକ୍ରାନ୍ତ କରି ଟଙ୍କା ହଡ଼ପ କରି ଜେଲ ମଧ୍ୟ ଯାଇଛନ୍ତି। ଅନୁରୋଧ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ନିରୀହ ଲୋକଙ୍କୁ ସେମାନଙ୍କ ହକ୍ ମିଳୁ, ଏଥିପାଇଁ ସରକାର ଭଦ୍ରମୁଖା ପିନ୍ଧିଥିବା ଧଳାହାତୀଙ୍କ ଉପରେ ନଜର ରଖନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କ ପାଇଁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁନ୍ ୧୯୯୪

- ଅଷ୍ଟ୍ରିଆ ୟୁରୋପୀୟ ସଙ୍ଗଠନରେ ଯୋଗଦେବା ଉଚିତ କି ନୁହେଁ ସେ ବିଷୟ ନିର୍ଣ୍ଣୟ କରିବା ଲାଗି ଦେଶରେ ଗଣଭୋଟ ଆରମ୍ଭ।
- ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟକୁ ସଂରକ୍ଷିତ ଜୈବ ମଣ୍ଡଳ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।

# ପୋଷ୍ଟାଲ ବାଲଟ୍ ମତ: ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ପଛୁଆ

## ୭ କ୍ୟାବିନେଟ୍, ୫ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ମନ୍ତ୍ରୀ ପଛରେ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେଡି ଦୁଇ-ତୃତୀୟାଂଶରୁ ଅଧିକ ଆସନରେ ବିଜୟୀ ହୋଇଛି। ଏହା ସତ୍ତ୍ୱେ ଅଧିକାଂଶ ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ବାଲଟରୁ ସଂଗୃହୀତ ହୋଇଥିବା ଭୋଟରେ ବିଜେଡି ଭାଜପାଠାରୁ ପଛରେ ରହିଥିବା ଜଣାପଡିଛି । ଏମିତି କି ଦୁଇଟି ଆସନରୁ ନିର୍ବାଚନ ଲଢୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରେ ପୋଷ୍ଟାଲ ବାଲଟ୍‌ରେ ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କଠାରୁ ପଛୁଆ ରହିଥିଲେ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, କ୍ୟାବିନେଟ୍‌ର ବହୁ ସଦସ୍ୟ ନିର୍ବାଚନ ଜିତିଥିଲେ ବି ଡାକ ଯୋଗେ ଆସିଥିବା ଭୋଟରେ ପଛରେ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ କର୍ମଚାରୀ, ବିଶେଷ ଭାବେ ଶିକ୍ଷା ବିଭାଗର କର୍ମଚାରୀ ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେଇଥାନ୍ତି। ଅନ୍ୟ ବର୍ଗ ଅପେକ୍ଷା ଏହି ବର୍ଗକୁ ଅଧିକ ସଚେତନ ବୋଲି କୁହାଯାଇଥାଏ। ତେଣୁ ଚଳିତ ବିଧାନସଭାରେ ରାଜ୍ୟର ଅପେକ୍ଷାକୃତ ଶିକ୍ଷିତ ଓ ସଚେତନ ବର୍ଗ ବିଜେଡିକୁ ପସନ୍ଦ କରୁ ନ ଥିବା ପରିଲକ୍ଷିତ ହୋଇଛି।

ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ହିଞ୍ଜିଳିରୁ ନବୀନ ୧୫୬ଟି ପୋଷ୍ଟାଲ ଭୋଟ ପାଇଛନ୍ତି। ହେଲେ ଭାଜପା ପ୍ରାର୍ଥୀ ପୀତାମ୍ବର ସେହି ଆସନରୁ ୧୭୭ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ସେହିପରି ବିଜେପୁର ଆସନରୁ ନବୀନ ପୋଷ୍ଟାଲ ଭୋଟ୍‌ରେ ଆଗୁଆ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଆସନରୁ ୪୩୮ଟି ପୋଷ୍ଟାଲ ଭୋଟ ପାଇଛନ୍ତି। ସେହି ସିଟ୍‌ରୁ ଭାଜପା ପ୍ରାର୍ଥୀ ସନାତନ ଗଡତିଆ ୩୯୪ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ନବୀନଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଥିବା ଏକାଧିକ ପ୍ରଭାବଶାଳୀ ମନ୍ତ୍ରୀ ନିଜ ନିଜ ବିଧାନସଭା କ୍ଷେତ୍ରରେ ପୋଷ୍ଟାଲ ଭୋଟରେ ପଛୁଆ ରହିଛନ୍ତି। ସେମାନେ ହେଉଛନ୍ତି- ନିରଞ୍ଜନ ପୂଜାରୀ(ସୋନପୁର), ବିକ୍ରମ କେଶରୀ ଆରୁଖ(ଭଞ୍ଜନଗର), ପଦ୍ମନାଭ ବେହେରା (ବୀରମହାରାଜପୁର), ସୁଶାନ୍ତ ସିଂ(ଭଟଲି), ଅରୁଣ ସାହୁ(ନୟାଗଡ଼), ସୁଦାମ ମାରାଣ୍ଡି (ବାଙ୍ଗିରିପୋଷୀ), ପ୍ରଫୁଲ୍ଲ ମଲ୍ଲିକ (କାମାକ୍ଷାନଗର)। ହାତଗଣତି କ୍ୟାବିନେଟ୍ ମନ୍ତ୍ରୀ ପୋଷ୍ଟାଲ ବାଲଟ୍‌ରେ ଆଗୁଆ ରହିଛନ୍ତି। ସେମାନେ ହେଉଛନ୍ତି-ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ଆଠଗଡ), ପ୍ରତାପ ଜେନା (ମାହାଙ୍ଗା) ଏବଂ ନବ କିଶୋର ଦାସ (ଝାରସୁଗୁଡା)।

| ବିଧାନସଭା ନାମ | ବିଜେଡିର ପୋଷ୍ଟାଲ ଭୋଟ | ଭାଜପାର ପୋଷ୍ଟାଲ ଭୋଟ |
|---|---|---|
| ହିଞ୍ଜିଳି | ୧୫୬ | ୧୭୭ |
| ଭଟଲି | ୨୮୧ | ୩୭୯ |
| ବାଙ୍ଗିରିପୋଷୀ | ୧୫୪ | ୨୭୨ |
| ଭଞ୍ଜନଗର | ୧୨୧ | ୨୩୦ |
| ସୋନପୁର | ୨୧୩ | ୩୬୮ |
| ବୀରମହାରାଜପୁର | ୧୫୬ | ୨୨୫ |
| କାମାକ୍ଷାନଗର | ୪୦୪ | ୬୫୯ |
| ନୟାଗଡ଼ | ୪୪ | ୧୩୭ |
| ତେଲକୋଇ | ୯୨ | ୨୨୪ |
| ନିମାପଡ଼ା | ୧୦୬ | ୧୫୧ |
| ସିମୁଳିଆ | ୨୫୦ | ୨୭୧ |
| ଜୁନାଗଡ଼ | ୨୬୫ | ୪୫୪ |
| କୋଟପାଡ଼* | ୮୨ | ୧୭୪ |

*ଏହି ଆସନରେ ବିଜେଡି ପ୍ରାର୍ଥିନୀ କଂଗ୍ରେସ ପ୍ରାର୍ଥୀଙ୍କ ପୋଷ୍ଟାଲ ଭୋଟ (୧୫୮ଖଣ୍ଡ) ଠାରୁ ମଧ୍ୟ ପଛରେ ରହିଛନ୍ତି।

ସେହିଭଳି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପାଇଥିବା ପ୍ରେମାନନ୍ଦ ନାୟକ (ତେଲକୋଇ), ପଦ୍ମିନୀ ଦିଆନ୍ (କୋଟପାଡ), ଦିବ୍ୟଶଙ୍କର ମିଶ୍ର (ଜୁନାଗଡ), ଜ୍ୟୋତି ପାଣିଗ୍ରାହୀ (ସିମୁଳିଆ), ସମୀର ରଞ୍ଜନ ଦାଶ (ନିମାପଡା) ନିଜ ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିବା ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛନ୍ତି। ସେହିପରି ଜଗନ୍ନାଥ ସାରକା (ବିଷମକଟକ), ରଘୁନନ୍ଦନ ଦାସ (ବାଲିକୁଦା-ଏରସମା), ତୁଷାରକାନ୍ତି ବେହେରା (କାକଟପୁର) ଏବଂ ଅଶୋକ ପଣ୍ଡା (ଭୁବନେଶ୍ୱର-ଏକାମ୍ର) ପୋଷ୍ଟାଲ ବାଲଟ୍‌ରେ ଆଗୁଆ ରହିଛନ୍ତି। ମୋଟ ଉପରେ କହିବାକୁ ଗଲେ ମୁଖ୍ୟମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହିଞ୍ଜିଳି ଆସନକୁ ମିଶାଇ ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରତିନିଧିତ୍ୱ କରୁଥିବା ମୋଟ ୧୩ଟି ଆସନରେ ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛି। କେବଳ ଟିଟିଲାଗଡ ଆସନରେ ପୋଷ୍ଟାଲ ବାଲଟ୍ ସମ୍ପର୍କିତ ତଥ୍ୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ନାହିଁ। ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷ (ଯେଉଁମାନେ ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛନ୍ତି), ସେମାନଙ୍କ ନିର୍ବାଚନମଣ୍ଡଳୀର ତଥ୍ୟ ପାର୍ଶ୍ୱରେ ପ୍ରଦାନ କରାଗଲା।

# ନାଗୁଣୀ ସହ ୧୩ ଛୁଆ ଉଦ୍ଧାର

ଧାମନଗର, ୧୨।୬
(ଡି.ଏନ୍.ଏ.)



ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳରେ ପୁଣି ନାଗ ଆତଙ୍କ। ଗତବର୍ଷ ଠିକ୍ ଏହି ସମୟରେ ପ୍ରଥମେ ଧାମନଗରରୁ ଶତାଧିକ ନାଗ ଉଦ୍ଧାର ହୋଇଥିଲା। ପରେ ପରେ ଜିଲାର ଅନ୍ୟ ଅଞ୍ଚଳରୁ ମଧ୍ୟ ନାଗ ଉଦ୍ଧାର ହେବାରୁ ଲୋକେ ଭୟଭୀତ ହୋଇଯାଇଥିଲେ। ଚଳିତବର୍ଷ ବୁଧବାର ଏହି ବ୍ଲକର ଆନନ୍ଦପୁର ବାବୁସାହିରୁ ଗୋଟିଏ ନାଗୁଣୀ ସହ ୧୩ ନାଗ ଛୁଆ ଉଦ୍ଧାର କରାଯାଇଛି। ସେହିପରି ଦୋବଲ ପଞ୍ଚାୟତ ସୋଧ ଗ୍ରାମ ପତିସାହିରୁ ସାଢ଼େ ୪ ଫୁଟର ଏକ ଗୋଖର ସାପ ଉଦ୍ଧାର ହୋଇଛି।


## ପୂର୍ବ ତଟ ରେଳପଥ

ଲାଞ୍ଜିଗଡ଼ ରୋଡ୍ ଏବଂ ଭବାନୀପାଟଣା ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଗୁଡ଼ିକ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା

ନିମ୍ନଲିଖିତ ପ୍ରହରୀ ଥିବା 'C' ଶ୍ରେଣୀ ଲେଭେଲ୍ କ୍ରସିଙ୍ଗ୍ ଗୁଡ଼ିକ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ଏହି 'C' ଶ୍ରେଣୀ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଗୁଡ଼ିକ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ।
ତେଣୁ ତା.20.06.2019 ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀ ଥିବା ଲେଭେଲ କ୍ରସିଙ୍ଗ୍ ଗୁଡ଼ିକ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରି ଦିଆଯାଉଛି।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | LCର ରେଳ କି.ମି. |
|---|---|---|---|
| ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍ | ଲାଞ୍ଜିଗଡ଼ ରୋଡ୍-ଭବାନୀପାଟଣା | LJ-3 | 8/4-5 |
| | | LJ-4 | 8/7-8 |
| | | LJ-5 | 9/4-5 |
| | | LJ-7 | 13/2-3 |
| | | LJ-16 | 25/8-9 |

ସନ୍ଦର୍ଭ: କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, କଳାହାଣ୍ଡିଙ୍କ ପତ୍ର ସଂ.101/SPL (RLY), ତା.21.06.2017ରିଖ।

PR-148/K/19-20 ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପଶ୍ଚିମ)/ସମ୍ବଲପୁର


# ଇନ୍ଦ୍ରାବତୀରୁ ବିଦ୍ୟୁତ୍ ପାଇବେ କଳାହାଣ୍ଡିବାସୀ

## ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ

ଭବାନୀପାଟଣା,୧୨।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡା ଇନ୍ଦ୍ରାବତୀ ପାୱାର ଜେନେରେଶନ ପ୍ରକଳ୍ପ ୨୦ ବର୍ଷ ହେବ କାର୍ଯ୍ୟକାରୀ ହେଉଛୁ । ହେଲେ ସେଠାରେ ଉତ୍ପନ୍ନ ବିଦ୍ୟୁତ୍ ଜିଲାବାସୀ ପାଉ ନ ଥିଲେ । ଏନେଇ ବିଭିନ୍ନ ସମୟରେ ଜିଲାବାସୀଙ୍କ ପକ୍ଷରୁ ଦାବି କରାଯାଉଥିଲା। ଏହାକୁ ହୃଦୟଙ୍ଗମ କରି ଜୁନାଗଡ ବିଧାୟକ ତଥା ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । କଳାହାଣ୍ଡି ଜିଲାବାସୀ ଇନ୍ଦ୍ରାବତୀରୁ କିଭଳି ବିଦ୍ୟୁତ୍ ପାଇବେ ସେ ନେଇ ପଦକ୍ଷେପ ନେଇଛନ୍ତି।

ବୁଧବାର ଭବାନୀପାଟଣା ସର୍କିଟ ହାଉସଠାରେ ବିଦ୍ୟୁତ୍ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଶକ୍ତିମନ୍ତ୍ରୀ ମିଶ୍ର ଯୋଗଦେଇ ଇନ୍ଦ୍ରାବତୀରୁ ଉତ୍ପାଦନ ହେଉଥିବା ବିଦ୍ୟୁତ୍ କଳାହାଣ୍ଡି ଜିଲାବାସୀଙ୍କୁ କିପରି ଶୀଘ୍ର ମିଳିପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଥେରୋବାଲି ପରେ ବଲାଙ୍ଗୀର ଜିଲାରୁ ମଧ୍ୟ କଳାହାଣ୍ଡି ଜିଲାକୁ ବିଜୁଳି ଯୋଗାଣ କରାଯିବା ନେଇ ଆଲୋଚନା କରାଯାଇଛି । କଳାହାଣ୍ଡି ଜିଲାକୁ ଏକ ଉନ୍ନତ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଥେରୋବାଲି ସମେତ ବଲାଙ୍ଗୀର ଓ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଯୋଗାଣ କରାଯିବା ପାଇଁ ଶକ୍ତମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ୨୨୦ କେଭି ବିଦ୍ୟୁତ୍ ବଲାଙ୍ଗୀରରୁ କେସିଙ୍ଗାକୁ ପଠାଯିବ, ୧୩୩ କେଭି ଲାଇନ ମାଧ୍ୟମରେ କେସିଙ୍ଗାରୁ ଜୁନାଗଡକୁ ବିଦ୍ୟୁତ୍ ସେବା ଆରମ୍ଭ ହେବା ନୂତନ ଭାବେ ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଓ ମଦନପୁର ରାମପୁରଠାରେ ୧୩୩/୩୩ କେଭିର ଗ୍ରୀଡ ନିର୍ମାଣ, ଜୟପାଟଣା ବ୍ଲକ ବାନେରଠାରେ ୨୨୦/୧୩୨/୩୩ କେଭି ଗ୍ରୀଡ୍ କାମକୁ ତ୍ୱରାନ୍ୱିତ କରିବା, ଭବାନୀପାଟଣା ଭଙ୍ଗାବାରୀଠାରେ ୨୦ଏମଭିଏ ପାୱାର ଟ୍ରାନ୍ସଫର୍ମର ୧୩୨/୩୩ କେଭିର ଗ୍ରୀଡ୍ ନିର୍ମାଣ, ବେଦାନ୍ତ ଗ୍ରୀଡ୍‌ରୁ ବିଶ୍ୱନାଥପୁର, ଲାଞ୍ଜିଗଡ ଓ ବନ୍ଦପାରିକୁ ବିଦ୍ୟୁତ୍ ଯୋଗାଣ, ବାନେରରୁ ଜୁନାଗଡକୁ ୧୩୨ କେଭି ଲାଇନ ପାଇଁ ପ୍ରସ୍ତାବ, ଜୁନାଗଡରୁ ଗୋଲାମୁଣ୍ଡା ବ୍ଲକକୁ ବିଜୁଳି ଯୋଗାଣ କରିବା ପାଇଁ ତେଲନଦୀ ଦେଇ ଯିବା ପାଇଁ ୨ଟି ଷ୍ଟ୍ରକଚର ନିର୍ମାଣ ସମେତ ବିଭିନ୍ନ ବିଦ୍ୟୁତ୍ ଯୋଜନା ପାଇଁ ମନ୍ତ୍ରୀ ମିଶ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଇନ୍ଦ୍ରାବତୀ ପାୱାର ଜେନେରେଶନରୁ ବିଦ୍ୟୁତ୍ ଯୋଗାଣ ହେଲେ କଳାହାଣ୍ଡି ଜିଲାର ପ୍ରାୟ ଦେଢ ଲକ୍ଷରୁ ଅଧିକ ଉପଭୋକ୍ତା ଉପକୃତ ହେବେ ବୋଲି ଶକ୍ତି ମନ୍ତ୍ରୀ ମିଶ୍ର ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ସମ୍ବଲପୁର ଓପିଟିସିଏଲର ଏସଜିଏମ୍ ସ୍ୱରୂପ କୁମାର ହରିଚନ୍ଦନ, କଳାହାଣ୍ଡି ୱେସ୍କୋ ଏସଇ,ଇସି ଆଲୋକ କୁମାର ଶତପଥୀ, ଏନଟିପିସିର ଆଲୋକ ଅଗ୍ରୱାଲ, ୱେସ୍କୋର ଇଇ ଲୋକନାଥ ଦାଶ, ଆଲୋକ ରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କ ସହ ବିଦ୍ୟୁତ୍ ବିଭାଗର ଏସଡିଓ, ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସହ ଉପସ୍ଥିତ ବିଭାଗୀୟ ଅଧିକାରୀ ।


## ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ (ପାୱାର ୱିଙ୍ଗ୍)

BHAKRA BEAS NATION'S PRIDE

### ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି

ଏନ୍ଆଇଟି ନଂ.456/ପିଏଚ୍‌ଡି/ପିଓଏନ୍‌ଜି-337 ତାରିଖ: 06.06.2019
କାର୍ଯ୍ୟାଳୟର ନାମ: ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-1, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035
କାର୍ଯ୍ୟର ନାମ: ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଲ୍‌ଟି ପାୱାର ଓ କଣ୍ଟ୍ରୋଲ କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ୱେବ୍‌ସାଇଟ୍‌ରୁ ଟେଣ୍ଡର ବିନିର୍ଦ୍ଦିଷ୍ଟତା/ ଟେଣ୍ଡର କାଗଜପତ୍ର ଡାଉନ୍‌ଲୋଡିଂ | ଆରମ୍ଭ ତାରିଖ: 10.06.2019 10.00 ଘଟିକାରୁ<br>ଶେଷ ତାରିଖ: 23.07.2019 17.00 ଘଟିକା |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 24.07.2019, 11.00 ଘଟିକା ପର୍ଯ୍ୟନ୍ତ |
| http://bbmbeproc.abcprocure.com ରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-।) | 24.07.2019, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ଅମାନତ ଜମା ରାଶି ଏବଂ ବିସ୍ତୃତ ଏନ୍ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://bbmbeproc.abcprocure.com, www.bbmb.gov.in

340-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ


# ଅଂଶୁଘାତରେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ବେଗୁନିଆପଡା,୧୨।୬
(ଡି.ଏନ୍.ଏ.)

କ୍ଷେତ୍ର ପରିଦର୍ଶନ କରି ଫେରୁଥିବା ବେଳେ ବୁଧବାର ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ହୋତାଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏମ୍‌କେସିଜି ଫାଣ୍ଡି ପୋଲିସ ନଂ.୩୦୭/୧୯ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରେ କନିଷ୍ଠ ଯନ୍ତ୍ରୀ ହୋତା ଦାୟିତ୍ୱରେ ଥିବା କୁମ୍ଭାରଗାଁ ପଞ୍ଚାୟତକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ କାମ ସାରି ବାଇକ ଯୋଗେ ବ୍ଲକକୁ ଫେରୁଥିବାବେଳେ ଅଙ୍ଗାର ଗାଁ ନିକଟରେ ପଡି ଯାଇଥିଲେ ଓ ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୁମଣ୍ଡଳ ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ମେଡିକାଲରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। କନିଷ୍ଠ ଯନ୍ତ୍ରୀ ହୋତା ୨ ବର୍ଷ ହେବ ବେଗୁନିଆପଡା ବ୍ଲକରେ କାମ କରୁଥିଲେ। ତାଙ୍କ ଘର ବ୍ରହ୍ମପୁରରେ ହୋଇଥିବା ବେଳେ ଘରେ ସ୍ତ୍ରୀ ଓ ପୁଅ ଅଛନ୍ତି। ବୁଧବାର ବେଗୁନିଆପଡାରେ ତାପମାତ୍ରା ୩୯ ଡିଗ୍ରୀ ଥିବାବେଳେ ପ୍ରବଳ ଗରମ ଅନୁଭୂତ ହେଉଥିଲା। ତେଣୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତାଙ୍କ ମୃତ୍ୟୁରେ ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରା, ବିଡିଓ ଅରୁଣ କୁମାର ମଲ୍ଲିକଙ୍କ ସହ ସହକାରୀ ଯନ୍ତ୍ରୀ ଓ ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଶ୍ରୀମତୀ ସାହୁ, ସ୍ୱାମୀ: ଶ୍ରୀ ନୀଳକଣ୍ଠ ସାହୁ ଏବଂ ୨) ଶ୍ରୀ ନୀଳକଣ୍ଠ ସାହୁ, ପିତା: ଶ୍ରୀ ଦୁର୍ଯ୍ୟୋଧନ ସାହୁ, ଉଭୟଙ୍କ ଠିକଣା- ସା: କୁରୁମୁଡାଳି, ପୋ: କଜଳିଆପଲ୍ଲୀ, ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ, ଉଭୟଙ୍କ ବୈକଳ୍ପିକ ଠିକଣା- ସା/ପୋ: ଘଡୁଆଳ, ନୟାଗଡ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୯ | ସମ୍ପତ୍ତିର ମାଲିକ: ଶ୍ରୀମତୀ ଶ୍ରୀମତୀ ସାହୁ, ସ୍ୱାମୀ: ଶ୍ରୀ ନୀଳକଣ୍ଠ ସାହୁ | ଶ୍ରୀମତୀ ଶ୍ରୀମତୀ ସାହୁ, ସ୍ୱାମୀ: ଶ୍ରୀ ନୀଳକଣ୍ଠ ସାହୁଙ୍କ ନାମରେ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଘଡୁଆଳ, ଖାତା ନଂ.: ୩୧୨/୨୬୫, ପ୍ଲଟ୍ ନଂ.: ୬୪୦/୧୪୨୪, କ୍ଷେତ୍ର: ଏକର୦.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସୁଷମା ସାହୁ, ପଶ୍ଚିମ: ଲିଙ୍ଗରାଜ ଦାଶ, ଉତ୍ତର: ରାସ୍ତା, ଦକ୍ଷିଣ: ପାଣିନାଳ | ୦୨.୦୨.୨୦୧୯ | ୧୧.୦୬.୨୦୧୯ | ୦୧.୦୨.୨୦୧୯ ସୁଦ୍ଧା ଟ.୧୭,୮୬,୯୪୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୧.୦୬.୨୦୧୯
ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ତହସିଲ କାର୍ଯ୍ୟାଳୟ, ବାରଙ୍ଗ

ପତ୍ରସଂଖ୍ୟା.991 ତା: 10.06.2019

### ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଟକ ଜିଲା ଅନ୍ତର୍ଗତ ବାରଙ୍ଗ ତହସିଲ ଅଧୀନରେ ଥିବା ନିମ୍ନ ସୈରାତ ଉତ୍ସଗୁଡିକର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ 2016 ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ 2017 ଅନୁଯାୟୀ ଆଗାମୀ ପାଞ୍ଚବର୍ଷ ନିମନ୍ତେ 2019-20 ଠାରୁ 2023-24 ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍‌ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଟକ ଜିଲା ୱେବ୍‌ସାଇଟ୍ http://cuttack.nic.in ସୈରାତ ଅଧୀନରେ ଉପଲବ୍ଧ ହେବ। ବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ ବାରଙ୍ଗ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ।

ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ

### ସୈରାତ ଉତ୍ସଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (ଘନ ମିଟରରେ) | ଲଘୁ ଖଣିଜ ପଦାର୍ଥର ସରକାରୀ ଧାର୍ଯ୍ୟ ମୂଲ୍ୟ | ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|---|
| 1 | ସୈରାତ କେସ୍ ନଂ-02/2017-18 | ସିଡୁଆ ନଦୀ ବାଲିଘାଟ | ଦେଓକାଳି | 100 | 293 (ସ୍ମ) | 5.00 | 15,990 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |
| 2 | ସୈରାତ କେସ୍ ନଂ-03/2017-18 | ସିଡୁଆ ନଦୀ ବାଲିଘାଟ | କୋରକୋରା | 314 | 385 (ସ୍ମ) | 15.00 | 50,010 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |
| 3 | ସୈରାତ କେସ୍ ନଂ-01/2018 | କାଠଯୋଡି ନଦୀ ବାଲିଘାଟ | ବେଣ୍ଟକାରପଡା | 57 | 70 (ସ୍ମ) | 25.00 | 1,05,000 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |

ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ



## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

### ବିଜ୍ଞାପନ

**No.05-PP:-** ଚୌଦ୍ୱାରସ୍ଥିତ ବୟନ ବୈଷୟିକ ଅନୁଷ୍ଠାନରେ (Institute of Textile Technology) ବୟନ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ୨୦୧୯-୨୦ ଶିକ୍ଷା ବର୍ଷରେ ନାମ ଲେଖାଇ ପଢ଼ିବା ପାଇଁ ୫ (ପାଞ୍ଚ) ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯୋଗ୍ୟତା ଅନୁସାରେ ବଛାଯିବା ପାଇଁ ତା.୦୩।୦୭।୨୦୧୯ ରିଖ ସୁଦ୍ଧା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରାର୍ଥୀମାନଙ୍କର ବୟସ ୨୦୧୯ ଜୁଲାଇ ୧ ତାରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନଥିବ। ପ୍ରାର୍ଥୀ ଦଶମ ଷ୍ଟାଣ୍ଡାର୍ଡ/ ଏଚ୍.ଏସ୍.ସି. ପରୀକ୍ଷାରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। କମ୍ପାର୍ଟମେଣ୍ଟାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ଯୋଗ୍ୟ ବିବେଚିତ ହେବା ପାଇଁ, ସେମାନେ ପ୍ରଥମ ସୁଯୋଗ ପରୀକ୍ଷାରେ ରଖିଥିବା ସର୍ବନିମ୍ନ ଶତକଡ଼ା ନମ୍ବରକୁ ବିଚାରକୁ ନିଆଯିବ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦରଖାସ୍ତ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ନିମ୍ନଲିଖିତ ମୂଳ ପ୍ରମାଣପତ୍ର (ଅରିଜିନାଲ)ର ଅବିକଳ ନକଲ ଓ ନିଜର ଫଟୋ ସହ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା, ଭୁବନେଶ୍ୱର-୭୫୧୦୦୭ଙ୍କ ନିକଟରେ ତା ୦୩।୦୭।୨୦୧୯ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

୧. ଦଶମ ଷ୍ଟାଣ୍ଡାର୍ଡ/ ଏଚ୍.ଏସ୍.ସି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣପତ୍ର।
୨. ଉପରୋକ୍ତ ପରୀକ୍ଷାରେ ହାସଲ କରିଥିବା ନମ୍ବର ତାଲିକା (Mark Sheet) ।
୩. ବୁଣାକାର ସଂପ୍ରଦାୟଭୁକ୍ତ ହୋଇଥିବା ଉପଯୁକ୍ତ ପ୍ରମାଣପତ୍ର।
୪. ପ୍ରାର୍ଥୀମାନେ ଓଡ଼ିଶାର ବାସିନ୍ଦା ହୋଇଥିବାର ଆବଶ୍ୟକୀୟ ପ୍ରମାଣପତ୍ର (Residential Certificate) ଦେବା ଦରକାର।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା

**APPLICATION FORM FOR ADMISSION TO THREE YEARS DIPLOMA IN TEXTILE TECHNOLOGY FOR THE YEAR 2019-20**
**(FOR WEAVERS COMMUNITY ONLY)**

Affix Passport size Photograph

1. Name of the applicant with Aadhar No.: **Odia:** ____________
   (Both in Odia & English in Block Letters). **English:** ____________
2. Father's Name with Aadhar No. ____________
3. Mother's Name with Aadhar No. ____________
4. Address to which communication should be sent (with Pin Code) ____________
   Phone (Land Line) with STD Code/ Mobile No. ____________
   E-mail ID (if any) ____________
5. Permanent Address ____________
6. a. Date of Birth ____________
   b. Age as on 01.07.2019 ____________
7. Category- Weaver Community (Certificate to be attached). ____________
8. Weather the applicant passed the Qualifying examination in single Sitting or Compartmental pass in 1st Chance. ____________
9. Education Qualification (in chronological order)

| Exam./ Board | Year of passing | Name of the School/ Institute | Name of the Board/ University | Division & Percentae of Marks. | Subject studied |
|---|---|---|---|---|---|
| | | | | | |
| | | | | | |
| | | | | | |

**DECLARATION**

I hereby declare that the information furnished by me above are true and correct to the best of my knowledge and belief.

Place: ____________ Signature of applicant
Date: ____________ Signature of father (or) Guardian.

Note: **The Candidate shall submit self-attested photocopies of the following.**
a. Certificates in support of his/her educational qualification & Mark Sheet in 10th standard/ H.S.C. Examination.
b. Caste Certificate in support of Weaver Community.
c. Bonafide Resident Certificate.

All the above certificate in original including the Transfer Certificate from the Institution last attended will be produced at the time of verification / interview and admission.

**31003/11/0003/1920**

**ସଂକ୍ଷେପରେ**

## ଦୋକାନରୁ ରାତିରେ ୨୪.୭୦ଲକ୍ଷ ଲୁଟ୍

**ବାଲେଶ୍ୱର ଅଫିସ,୧୨।୬:** ବାଲେଶ୍ୱର ସହଦେବଖୁଣ୍ଟା ମଡେଲଥାନା ଅଧୀନ ପଡୁଆଁପଦା ଛକରେ ଥିବା ଏକ ମେଡିସିନ୍ ଡିଷ୍ଟ୍ରିବ୍ୟୁଟରଙ୍କ ଦୋକାନରୁ ମଙ୍ଗଳବାର ରାତି ୨ଟା ସମୟରେ ଦୁର୍ବୃତ୍ତମାନେ ଶର୍ଟର ଭାଙ୍ଗି ଟେବୁଲ ଡ୍ରରେ ଥିବା ୨୪ ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇଥିବା ମାଲିକ ଜ୍ୟୋତିରଞ୍ଜନ ଦାସ ବୁଧବାର ପୂର୍ବାହ୍ନରେ ସହଦେବଖୁଣ୍ଟା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମକଦ୍ଦମା ( ନଂ.୧୫୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ଦୋକାନରେ ଲାଗିଥିବା ସିସି ଟିଭି କ୍ୟାମେରା ଯାଞ୍ଚ କଲା ବେଳେ ସେଥିରେ ହାର୍ଡଡିସ୍କ ନ ଥିବାର ଦେଖିବାକୁ ମିଳିଛି। ଦୋକାନ ବୀମାଭୁକ୍ତ ହୋଇଥିବାରୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଥାନା ଇନ୍ସପେକ୍ଟର ବିରଞ୍ଚି ସାହୁ ଏବଂ ଆଇ.ଆଇ.ସି ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି।

# ବିଳମ୍ବ ମୌସୁମୀ, ଚିନ୍ତାରେ ଚାଷୀ

ସମ୍ବଲପୁର(ବ୍ୟୁରୋ)୧୨।୬

ଚଳିତ ବର୍ଷ ମୌସୁମୀ ଆସିବା ସମୟରେ ବାରମ୍ବାର ପରିବର୍ତ୍ତନ ହେଉଛି । ପ୍ରାୟତଃ ଜୁନ ଦ୍ୱିତୀୟ ସପ୍ତାହ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯାଇଥାଏ । ହେଲେ ଜୁନ ଦ୍ୱିତୀୟ ସପ୍ତାହ ଶେଷ ହେବାକୁ ବସିଥିଲେ ମଧ୍ୟ ବର୍ଷା ତ ଦୂରର କଥା ପ୍ରାକ୍ ମୌସୁମୀ ବର୍ଷା ମଧ୍ୟ ହୋଇନାହିଁ । ଏପରିକି ପାଣିପାଗ ବିଭାଗ ମଧ୍ୟ ଠିକ୍ ଆକଳନ କରି ନିର୍ଦ୍ଧାରିତ ସମୟ ଓ ଦିନର ସୂଚନା ଦେଇ ପାରୁନାହିଁ।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ୨୨ ପ୍ରତିଶତ କମ୍ ପରିମାଣ ବର୍ଷା ହୋଇପାରେ । ଏପଟେ ବିଳମ୍ବ ଓ ଅନ୍ୟ ପଟେ କମ୍ ପରିମାଣ ବର୍ଷା ହେଲେ ଜିଲାରେ ମରୁଡି ପରିସ୍ଥିତି ଦେଖା ହେବ ବୋଲି ଚାଷୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ଫନୀ ବାତ୍ୟାର ବର୍ଷା, ଅଦିନିଆ ବର୍ଷା କିମ୍ବା ପ୍ରାକ ମୌସୁମୀ ବର୍ଷା ସମ୍ବଲପୁର ଜିଲାରେ ଆଦୌ ହୋଇନାହିଁ । ଅଣ ଜଳସେଚିତ ଅଞ୍ଚଳରେ ସାମାନ୍ୟ ବର୍ଷା ହେଲେ ଚାଷୀ ଜମିରେ ସୁଖାଯୋତ କରି ଚାଷ ପାଇଁ ପ୍ରସ୍ତୁତି କରିଥାଏ । ଧାନ, ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ବୁଣି ଥାଏ । ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ପାରିନାହିଁ । ଚାଷୀ ଅକ୍ଷୟ ତୃତୀୟାକୁ ଲଗ୍ନ ହିସାବରେ ଧାର୍ଯ୍ୟ କରି କାମ ଆରମ୍ଭ କରେ । ପ୍ରାୟ ଦେଢ଼ ମାସ ହେଲା କେବଳ ବର୍ଷା ପାଇଁ ଚାଷୀ କୌଣସି ଫସଲ ଆରମ୍ଭ କରିପାରିନାହିଁ । ଅଣ ଜଳସେଚିତ ଜମିରେ ଠିକ୍ ସମୟରେ ବର୍ଷା ହେଲେ ଚାଷୀ ପରିବାର ଉତ୍ତମ କିସମର ଧାନ ଅମଳ କରନ୍ତି । ସେଥିରୁ ବର୍ଷକ ଖାଇବା ପାଇଁ ଚାଉଳ ତିଆରି କରନ୍ତି । ହେଲେ ବିଳମ୍ବ ହେବାରୁ ଏବେ ସେମାନେ ବାଧ ହୋଇ ଛୋଟ (କମ ସମୟରେ ହେଉଥିବା) ଧାନ ଚାଷ କରିବେ । ଜିଲାରେ ଥିବା ଜଳ ସେଚିତ ଜମିରେ ମଧ ଚାଷ କାମ ଆରମ୍ଭ ହୋଇନାହିଁ । ପ୍ରଚଣ୍ଡ ଖରା ଯୋଗୁ ପୋଖରୀ, ନାଳ, ଗାଡିଆ ଶୁଖିଲା ପଡିଛି । କେନାଲରେ ମଧ ପାଣି ଛଡା ଯାଇନାହିଁ । ପାଣି ଅଭାବରୁ ପହ୍ଲା କିଆରି ହୋଇପାରି ନାହିଁ । ତେଣୁ ଜଳସେଚିତ ଅଞ୍ଚଳରେ ମଧ ଚାଷ ବିଳମ୍ବ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଭଳି ପରିସ୍ଥିତି ରହିଲେ ଚଳିତ ବର୍ଷ ଧାନଧାର୍ଯ୍ୟ ଲକ୍ଷ୍ୟ ମଧ ପୂରଣ ହୋଇପାରିବ ନାହିଁ ବୋଲି

ଜିଲାରେ କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୧ଲକ୍ଷ ୯୩ ହଜାର ୭୩୫ ହେକ୍ଟର ଜମିରେ ଧାନ ସହିତ ଅନ୍ୟାନ୍ୟ ମକା ୪ ହଜାର, ଡାଲି ଜାତୀୟ ୩୫ ହଜାର, ପନିପରିବା ୨୬ ହଜାର ଭଳି ଚାଷ ହୋଇଥାଏ । ଧନକଉଡା ୧୪ ହଜାର ୪୫୦, ମାନେଶ୍ୱର ୧୫ହଜାର ୫୦, ଯୁଯୁମୁରା ୧୪ ହଜାର ୫୦୫, ରେଙ୍ଗାଲି ୧୨ ହଜାର ୦୫୫, ରେଢ଼ାଖୋଲ ୯ହଜାର ୫୬୦, ନାକଟିଦେଉଳ ୭ ହଜାର ୩୦, କୁଚିଣ୍ଡା ୧୨ ହଜାର ୦୫୦, ଜମନକିରା ୧୦ହଜାର ୫୫୦, ବାମରା ୧୨ ହଜାର ୦୫୦ ହେକ୍ଟର ମୋଟ ୧ଲକ୍ଷ ୭ହଜାର ୩ଶହ ହେକ୍ଟର ଜମିରେ ଧାନ ଚାଷ ଧାର୍ଯ୍ୟ କରାଯାଇଥାଏ । ହେଲେ ବର୍ଷା ଅଭାବରୁ ଏବେ ଜମି ପଡିଆ ପଡି ରହିଛି । ଏକ ସପ୍ତାହ ମଧ୍ୟରେ ପାଣ ପାଗ ପରିବର୍ତ୍ତନ ହୋଇ ବର୍ଷା ନ ହେଲେ ଚାଷ ଓ ଚାଷୀଙ୍କ ପାଇଁ ସଂକଟ ହେବ । ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହେବ । ଏ ସମ୍ପର୍କରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ପାଣି ପାଗ ପରିବର୍ତ୍ତନ ଚାଷୀ ପାଇଁ ଶୁଭଙ୍କର ନୁହେଁ । ଚାଷୀ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଇଛି । ଅଣ ଜଳସେଚିତ ଅଞ୍ଚଳରେ ଚାଷ କାମ ଆରମ୍ଭ କରି ପାରୁନାହିଁ କି ଜଳସେଚନ ଅଞ୍ଚଳରେ ପହ୍ଲା କିଆରି କରି ପାରୁ ନାହିଁ। ଗତ ବର୍ଷ ଭଳି ଏଥର ବି ମରୁଡି ପରସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ଦ୍ୱିତୀୟ ବିବାହ କରିବାକୁ ଆସିଥିବା ବର ଅଟକ

ନୂଆପଡା ଅଫିସ,୧୨।୬



ଥାନାରେ ହାଜର ହୋଇଥିବା ବରବେଶରେ ଥିବା ଗୌରାଙ୍ଗ ରଣା ।

ଜଣଙ୍କୁ ବୈଦିକ ରୀତିରେ ବିବାହ ହେବା ପରେ ତାଙ୍କୁ ଛାଡିଦେଇ ଅନ୍ୟ ଏକ ଝିଅ ସହ ବିବାହ କରିବାକୁ ଯୋଜନା କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡିଛି । ବେଦୀକୁ ଯିବା ପୂର୍ବରୁ ତାଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିଥିଲା । ଏଥିପାଇଁ ବର ପକ୍ଷରୁ ଆସିଥିବା ଶତାଧିକ ଲୋକେ ହୀନସ୍ତା ହୋଇ ଫେରିଛନ୍ତି। ଏଭଳି ଘଟଣା ଘଟିଛି ନୂଆପଡା ଜିଲା ଲଖନା ଥାନା ବଣକି ମହୁଲ ଗାଁରେ। ବରବେଶରେ ଆସିଥିବା ଯୁବକ ହେଲେ ଗୌରାଙ୍ଗ ରଣା (୨୬) । ଏହି ଖବର ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ମହୁଲମୁଣ୍ଡା ଗାଁର ଗୌରାଙ୍ଗ ରଣା ଆଜକୁ ସାଢେ ୩ ବର୍ଷ ତଳେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ସଦର ଗାଁର ଜଣେ ଯୁବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି କାରଣବଶତଃ ତାଙ୍କୁ ଛାଡି ଦେଇଥିଲେ। ନିୟମାନୁଯାୟୀ କୌଣସି ପ୍ରକାର ଛାଡପତ୍ର ହୋଇ ନ ଥିଲା । ପରବର୍ତ୍ତୀ ସମୟରେ ଅନ୍ୟ ଏକ ଯୁବତୀଙ୍କୁ ବିବାହ କରିବାକୁ ଯୋଜନା କରିଥିଲେ । ବଣକି ମହୁଲ ଗାଁରେ ବିବାହ ଠିକ୍ ହୋଇଥିଲା। ଏହି ଖବର ପାଇ ତାଙ୍କର ପ୍ରଥମ ସ୍ତ୍ରୀ ବଙ୍ଗୋମୁଣ୍ଡା ଥାନାର ଦ୍ୱାରସ୍ଥ ହେବା ସହ ବୁଧବାର ଲଖନା ଥାନାକୁ ମଧ୍ୟ ଆସିଥିଲେ । ବୁଧବାର ସକାଳେ ବରାତି ଆସି ପହଞ୍ଚିଥିଲା। ଯୋଜନା ମୁତାବକ ପୋଲିସ ଗାଁରେ ଚଢାଉ କରି ବର ବେଦୀକୁ ଯିବା ଆଗରୁ ଉଠାଇ ନେଇଥିଲା। ବିବାହ କାର୍ଯ୍ୟ ବନ୍ଦ ହୋଇଥିଲା। ଗୌରାଙ୍ଗଙ୍କୁ ଥାନାକୁ ନେବା ପରେ ମଧ୍ୟାହ୍ନରେ ତାଙ୍କ ପରିବାର ସଦସ୍ୟଙ୍କ ଜିମା ଦେଇଥିଲା। ଏହି ମାମଲା ବଙ୍ଗୋମୁଣ୍ଡା ଅଧୀନ ହୋଇଥିବାରୁ ସେଠିକାର ପୋଲିସ ଏହା ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନାଧିକାରୀ ତପନ କୁମାର ଦାସ କହିଛନ୍ତି। ଏହା ପରେ ତାଙ୍କୁ ନ୍ୟାୟ ମିଳିବ ବୋଲି ଆଶାବାଦୀ ହୋଇଛନ୍ତି ପ୍ରଥମ ସ୍ତ୍ରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାମିକା,**
**କାମ କରୁଛି ବଙ୍କା ଢଙ୍କା ।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି କାର୍ଯ୍ୟକୁ ସଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। କାର୍ଯ୍ୟ କରିବାରେ ସେମାନଙ୍କ ଆଗ୍ରହ ରହି ନ ଥିବା ହେତୁ ସମସ୍ତ କାର୍ଯ୍ୟ ବେଢଙ୍ଗିଆ ହୋଇଥାଏ। ଯେଉଁମାନଙ୍କର କାର୍ଯ୍ୟ କରିବାରେ ଅଭ୍ୟାସ ନ ଥାଏ ତଥା ଆଗ୍ରହ ନ ଥାଏ ସେମାନଙ୍କ ଦ୍ୱାରା କରାଯାଉଥିବା ସକଳ କାର୍ଯ୍ୟ କେବେ ବି ସନ୍ତୋଷଜନକ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଚାଷ, କୁଟୁମ୍ବ ପୋଷ;**
**ବହୁତ ଚାଷ ରଜାକୁ ପୋଷ ।**

ଚାଷ ଅଳ୍ପ କଲେ ଚାଷବାସ କଥା ବୁଝିବାକୁ ଅଧିକ ସମୟ ମିଳିଥାଏ। ଫଳସ୍ୱରୂପ ଚାଷରୁ ଭଲ ଆୟ ମିଳିଥାଏ, ଯାହାଫଳରେ ପରିବାର ପ୍ରତିପୋଷଣ କରିବାରେ କିଛି ଅସୁବିଧା ରହି ନ ଥାଏ। ପରନ୍ତୁ ଲୋଭବଶତଃ ଅଧିକ ଚାଷ କରିବସିଲେ ତା'ର ରକ୍ଷଣାବେକ୍ଷଣ କରିବା କଷ୍ଟସାଧ ହୋଇପଡ଼ିଥାଏ। ଫସଲରୁ ଭଲ ଆୟ ମିଳିପାରୁ ନ ଥିବା ସ୍ଥଳେ କେବଳ ବେଶି ଖଜଣା ଦେବା ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବାର୍ କାଉନ୍ସିଲ ଅଧ୍ୟକ୍ଷାଙ୍କୁ ହତ୍ୟା

ଆଗ୍ରା,୧୨।୬ (ପି.ଟି./ ଆଇଏଏନ୍ଏସ୍)

**କୋର୍ଟ ଭିତରେ କାଣ୍ଡ**
**ଘିଆଇବା ପରେ ନିଜକୁ ଗୁଳି କଲେ ସହକର୍ମୀ ଓକିଲ**

ଉତ୍ତରପ୍ରଦେଶର ତାଜନଗରୀ ଆଗ୍ରାରେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ରାଜ୍ୟ ବାର୍ କାଉନ୍ସିଲର ପ୍ରଥମ ମହିଳା ଅଧ୍ୟକ୍ଷ ଦରବେଶ ଯାଦବଙ୍କୁ ଏକ କୋର୍ଟ ପରିସରରେ ଜଣେ ଆଇନଜୀବୀ ଗୁଳିକରି ହତ୍ୟା କରିଛନ୍ତି। ଏହି କାଣ୍ଡ ଭିଆଇବା ପରେ ଅଭିଯୁକ୍ତ ମନୀଷ୍ ଶର୍ମା ନିଜେ ନିଜକୁ ଗୁଳିକରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଦରବେଶ ଯାଦବ

ଏଟା ନିବାସୀ ଦରବେଶ ଯାଦବ ଦୁଇଦିନ ତଳେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବାର୍ କାଉନ୍ସିଲ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ବୁଧବାର ତାଙ୍କୁ ଆଗ୍ରା ସିଭିଲ କୋର୍ଟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ବିଜୟ ଶୋଭାଯାତ୍ରା କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ସେ ବରିଷ୍ଠ ଓକିଲ ଅରବିନ୍ଦ କୁମାର ମିଶ୍ରଙ୍କ ଚାମ୍ବରକୁ ସମର୍ଥନ ପାଇଁ ଧନ୍ୟବାଦ ଦେବାକୁ ଯାଇଥିଲେ। ଦରବେଶଙ୍କ ଘନିଷ୍ଠ ସହଯୋଗୀ ମନୀଷ୍ ଶର୍ମା ମଧ ସେଠାକୁ ଯାଇଥିଲେ। କୌଣସି କଥାକୁ ନେଇ ଦରବେଶ ଓ ମନୀଷ୍ଙ୍କ ମଧ୍ୟରେ ବିବାଦ ହୋଇଥିଲା। ମନୀଷ ଏଥିରେ ଉତ୍ତ୍ୟକ୍ତ ହୋଇ ନିଜ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଖୁବ୍ ନିକଟରୁ ଲଗାତର ୩ଟି ଗୁଳି ଦରବେଶଙ୍କ ଉପରକୁ ଚଳାଇଥିଲେ। ପରେ କେହି କିଛି ଚିନ୍ତା କରିବା ପୂର୍ବରୁ ସେ ନିଜକୁ ଗୁଳିକରି ଦେଇଥିଲେ। ଗୁଳିବିଦ୍ଧ ଦରବେଶଙ୍କୁ ନିକଟସ୍ଥ ପୁଷ୍ପାଞ୍ଜଳି ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମନୀଷ୍ଙ୍କୁ ଲୋଟସ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ତାଙ୍କର ପିସ୍ତଲକୁ ଜବତ କରି ତଦନ୍ତ ଜାରି ରଖିଥିବା ଆଗ୍ରା ସିଟି ଅତିରିକ୍ତ ଏସ୍ପି ପ୍ରବୀଣ ବର୍ମା କହିଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବସନ୍ତ କୁମାର ତ୍ରିପାଠୀ**
ରସୁଲଗଡ଼, ନୂଆସାହି, ଭୁବନେଶ୍ୱର
ଆବିର୍ଭାବ: ୦୬।୧୨।୧୯୩୪
ତିରୋଧାନ: ୨୫।୦୫।୨୦୧୮
ବାପା ଚାହୁଁ ଚାହୁଁ ଆପଣଙ୍କ ଦେହାନ୍ତ ହେବାର ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ସମସ୍ତଙ୍କୁ ଭଲପାଇବା ଆମେ ଭୁଲିପାରୁ ନାହୁଁ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ:**
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୪୩

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାଞ୍ଛାନିଧି ମିଶ୍ର**
ଆବିର୍ଭାବ: ୨୯।୧୦।୧୯୨୯
ତିରୋଧାନ: ୦୪।୦୬।୨୦୧୯
ଧର୍ମପତ୍ନୀ ସ୍ୱର୍ଗତା ମନୋରମା ମିଶ୍ରଙ୍କୁ ଶଂଖା ସିନ୍ଦୂର ପିନ୍ଧାଇ ଆରପାରିକୁ ପଠାଇବାର ଠିକ୍ ତିନିଦିନ ପରେ ସଂସାରର ସମସ୍ତ କର୍ମବନ୍ଧନରୁ ଆପଣଙ୍କର ବିମୁକ୍ତି ଏକ ବିରଳ ଦୃଷ୍ଟାନ୍ତ। ପରିବାର ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ଆପଣଙ୍କର କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କ ଅମରାତ୍ମା ପରମାତ୍ମାଙ୍କ ସହ ଲୀନ ହେଉ, ଏହାହିଁ ଆମର କାମନା।
**ଶୋକସନ୍ତପ୍ତ:**
ପୁତ୍ର- ଶଶାଙ୍କ ଓ ହିମାଂଶୁ, ପୁତ୍ରବଧୂ- ସରସ୍ୱତୀ, କନ୍ୟା- ଇନ୍ଦିରା, ମୀନାକ୍ଷୀ ଓ ଚିନ୍ମୟୀ, ଜାମାତା- ଭକ୍ତବତ୍ସଳ, ପ୍ରଳୟ ଓ ମହେନ୍ଦ୍ର, ନାତି- ଶାଶ୍ୱତ ଓ ସାତ୍ତ୍ୱିକ, ନାତୁଣୀ- ପ୍ରଜ୍ଞା, ପ୍ରାଚୀ, ଶ୍ରୁତି ଓ ଇଶାନୀ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୬୪୦୬୯

**ତ୍ରୟୋଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ମନୋରମା ମିଶ୍ର**
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୦୧।୦୬।୨୦୧୯
ସ୍ୱାମୀ ସ୍ୱର୍ଗତ ବାଞ୍ଛାନିଧି ମିଶ୍ରଙ୍କର ମହାପ୍ରୟାଣର ଠିକ୍ ତିନିଦିନ ପୂର୍ବରୁ ଶଂଖା ସିନ୍ଦୂର ନେଇ ସମସ୍ତ ପ୍ରିୟଜନଙ୍କୁ ଶୋକସାଗରରେ ଭସାଇ ତୁମେ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ତୁମର ଅମରାତ୍ମା ବିଷ୍ଣୁଙ୍କ ପାଦପଦ୍ମରେ ଲୀନ ହେଉ, ଏହାହିଁ ଆମର କାମନା।
**ଶୋକସନ୍ତପ୍ତ:**
ପୁତ୍ର- ଶଶାଙ୍କ ଓ ହିମାଂଶୁ, ପୁତ୍ରବଧୂ- ସରସ୍ୱତୀ, କନ୍ୟା- ଇନ୍ଦିରା, ମୀନାକ୍ଷୀ ଓ ଚିନ୍ମୟୀ, ଜାମାତା- ଭକ୍ତବତ୍ସଳ, ପ୍ରଳୟ ଓ ମହେନ୍ଦ୍ର, ନାତି- ଶାଶ୍ୱତ ଓ ସାତ୍ତ୍ୱିକ, ନାତୁଣୀ- ପ୍ରଜ୍ଞା, ପ୍ରାଚୀ, ଶ୍ରୁତି ଓ ଇଶାନୀ, ସମସ୍ତ ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୬୪୦୬୮



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଆଡ୍ଭାନ୍ସ ନେଉନୁ, ଧୋକା ଦେଉନୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ — ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜୁ୍ୟକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
8809570276
9319560899
S/C Block B, Green Park, Extn. Delhi-16

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପଟପ୍
9450268843
9499322173
H. No. 412, Subhash Nagar Jind, Haryana.

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଲୁଆ-ଲଟେରି, ଶେୟାର୍ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇସ୍‌ଲାମାବାଦ ପାକିସ୍ତାନରେ ଆତଙ୍କବାଦର ମୂଳୋତ୍ପାଟନ ନ କରିବା ଯାଏ ଭାରତ ସହ ଉଚ୍ଚସ୍ତରୀୟ ବୈଠକର କିଛି ସୁଫଳ ମିଳିବ ନାହିଁ।

-ହୁସେନ୍ ହକ୍କାନି, ଆମେରିକାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରଦୂତ

## ସଂକ୍ଷେପରେ

### ସନ୍ ୱେଇଡୋଙ୍ଗ୍ ଚାଇନା ରାଷ୍ଟ୍ରଦୂତ



ବେଜିଂ,୧୨।୬(ପି.ଟି.): ବରିଷ୍ଠ କୂଟନୀତିଜ୍ଞ ସନ୍ ୱେଇଡୋଙ୍ଗଙ୍କୁ ଚାଇନା ଭାରତରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦେଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିବାବେଳେ ତାଙ୍କ ସହ ଦକ୍ଷିଣ ଏସିଆ ବ୍ୟାପାର ବିଶେଷଜ୍ଞ ୱେଇଡୋଙ୍ଗ୍ ଘନିଷ୍ଠ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ପାକିସ୍ତାନ ରାଷ୍ଟ୍ରଦୂତ ଥିବା ୱେଇଡୋଙ୍ଗ୍ ସମ୍ପ୍ରତି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ନୀତି ଓ ଯୋଜନା ବିଭାଗ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ବହିର୍ବ୍ୟାପାର ଉପମନ୍ତ୍ରୀ ଭାବେ ନିକଟରେ ନିଯୁକ୍ତି ପାଇଥିବା ଲୁଓ ଝାଓହୁଇଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବେ।

### ବନ୍ଧୁକ ଦେଖାଇ ଦୁଇ ନାବାଳିକା ଭଉଣୀଙ୍କୁ ଗଣଦୁଷ୍କର୍ମ

ମୁଜାଫରନଗର,୧୨।୬(ପି.ଟି.)-: ଉତ୍ତରପ୍ରଦେଶର କାସେରୱା ଗ୍ରାମରେ ଦୁଇଜଣ ନାବାଳିକା ଭଉଣୀଙ୍କୁ ବନ୍ଧୁକ ଦେଖାଇ ବଳାତ୍କାର କରାଯାଇଛି। ଜଣକର ବୟସ ୧୩ ଓ ଅନ୍ୟ ଜଣକ ୧୫ ବର୍ଷରୁ ଆଖୁଖେତ କରାଯାଇଥିବା ଏକ ଜମିକୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟେ ତାଙ୍କ ମା'ଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ୪ ଯୁବକ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଚିତ୍କାର କଲେ ଗୁଳି କରି ହତ୍ୟାକରିବା ପାଇଁ ଧମକ ଦେବା ପରେ ସେମାନେ ପୀଡ଼ିତଙ୍କୁ ଗଣଦୁଷ୍କର୍ମ କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଚଳାଇଛି।

### ଛାତ୍ରଙ୍କୁ ପିଟି ମାରିଦେଲେ ସହପାଠୀ: ୫ ଗିରଫ

ଦେଓରିଆ(ୟୁପି),୧୨।୬(ଆଇଏଏନ୍‌ଏସ୍): ଉତ୍ତରପ୍ରଦେଶର ଦେଓରିଆ ଜିଲାର ମାଲୋଉର ଗ୍ରାମରେ ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀମାନେ ନିର୍ଘୃଣ ପିଟିବା ସହ ବାଇକ ମଡାଇ ମାରିଦେଇଛନ୍ତି। ଏହି ଘଟଣାରେ ପୋଲିସ ୫ ଛାତ୍ରଙ୍କୁ ଗିରଫ କରିଛି। ମୃତ ଛାତ୍ର ରଞ୍ଜିତ ସିଂଙ୍କୁ ତା'ର ସହପାଠୀମାନେ ଉଲଗ୍ନ କରି ରକ୍ତରେ ଭିଜୁଥିବା ମୋବାଇଲ ଫୋନ ଫୁଟେଜ୍‌ରୁ ଦେଖିବାକୁ ମିଳିଛି। କୋଚିଂ କ୍ଲାସ୍‌ରେ ଆଗ ଧାଡ଼ିରେ ବସିବାକୁ ନେଇ ରଞ୍ଜିତ ସହ ସହପାଠୀମାନଙ୍କ ବଚସା ହୋଇଥିଲା। ସେମାନେ ରଞ୍ଜିତଙ୍କୁ ଉକ୍ତ ବିଲ୍ଡିଂରୁ ଠେଲିଦେବା ସହ ରଡ଼ ଓ ଲାଠିରେ ମାଡ ମାରିଥିଲେ। ସେ ସଂଜ୍ଞାହୀନ ହୋଇ ପଡ଼ିଯିବାରୁ ଆକ୍ରମଣକାରୀମାନେ ତାଙ୍କ ଉପରେ ବାଇକ ମଡାଇ ମାରିଦେଇଥିଲେ ବୋଲି ପୋଲିସ କହିଛି। ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ତିନି ତଲାକ୍ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୬(ଆଇଏଏନ୍‌ଏସ୍): ସଂସଦର ଆଗାମୀ ଅଧିବେଶନରେ ସରକାର ତିନି ତଲାକ୍ ବିଲ୍ ଆଣିବେ। ଏଥିରେ ଏକକାଳୀନ ତିନି ତଲାକ୍ ପାଇଁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନା ଦଣ୍ଡ ବ୍ୟବସ୍ଥା ରହିଛି। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍, ୨୦୧୯କୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି।

### ଇତିହାସର ଆଇନାରେ
### ଜୁନ୍ ୧୩ର ପ୍ରମୁଖ ଘଟଣା

୧୯୮୨ ଜୁନ୍ ୧୩ରେ ଫାହଦ୍ ବିନ୍ ଅବଦୁଲାଜିଜ୍ ଅଲ ସୁଦ୍ ସାଉଦି ଆରବର ରାଜା ହୋଇ ୨୦୦୫ ପର୍ଯ୍ୟନ୍ତ ଶାସନ କରିଥିଲେ। ସାଉଦିର ପ୍ରତିଷ୍ଠାତା ଇବନ୍ ସୁଦଙ୍କର ୪୫ ପୁଅ ମଧ୍ୟରୁ ଫାହଦ୍ ଅନ୍ୟତମ। ଭାଇ ଖାଲିଦଙ୍କ ମୃତ୍ୟୁ ପରେ ସେ ଦେଶର ଶାସନ ଭାର ଗ୍ରହଣ କରିଥିଲେ।

୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ଅଗ୍ନିକାଣ୍ଡ ଘଟି ୫୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଅପରାହ୍ଣ ୫ଟା ୧୦ରେ ଅଗ୍ନିକାଣ୍ଡ ଘଟିଥିଲା, ଯେତେବେଳେ ହଲ୍‌ରେ ଲୋକମାନେ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ଦେଖୁଥିଲେ।

# 'ବାୟୁ' ଉଠାଇବ ୧୦ ଫୁଟ ଜୁଆର

## ୫୦୦ ଗାଁରୁ ୩ ଲକ୍ଷ ଲୋକ ସ୍ଥାନାନ୍ତରିତ

ନୂଆଦିଲ୍ଲୀ, ୧୨।୬

ଆରବ ସାଗରରେ ବାତ୍ୟା 'ବାୟୁ' ଉଗ୍ରରୂପ ଧାରଣ କରିବା ସହ ଗୁଜରାଟ ଉପକୂଳ ଆଡ଼କୁ ମୁହାଁଇବାରେ ଲାଗିଛି। ଗୁରୁବାର ସକାଳେ ଏହା ଉପକୂଳ ଅଞ୍ଚଳରେ ମାଡ଼ହୋଇ ତାଣ୍ଡବ ରଚିବ ବୋଲି କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଘଣ୍ଟାକୁ ୧୫୫ରୁ ୧୭୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି। ଗୁଜରାଟ ଛଡ଼ା ଏହି ବାତ୍ୟା ମହାରାଷ୍ଟ୍ର ଓ କର୍ଣ୍ଣାଟକ ଉପକୂଳରେ ପ୍ରବଳ ବର୍ଷା ସହ କ୍ଷତି ପହଞ୍ଚାଇପାରେ ବୋଲି କୁହାଯାଇଛି। ଗୁଜରାଟର ପୋରବନ୍ଦର ଓ ଡିଉ ମଝିରେ ବାତ୍ୟା ମାଡ଼ିହେବାର ଆଶଙ୍କା ରହିଛି। ଏଠାରେ ହାଇଆଲର୍ଟ ଜାରି କରାଯାଇଛି। ସମ୍ଭାବ୍ୟ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି ୫୨ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଗୁଜରାଟରେ କେବଳ ୪୦ ଏନ୍‌ଡିଆର୍‌ଏଫ୍ ଟିମ୍ ରହିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବାୟୁ'କୁ ନେଇ ଟୁଇଟ୍ କରିବା ସହ ସମସ୍ତଙ୍କ ନିରାପତ୍ତା କାମନା କରିଛନ୍ତି। ଉପକୂଳ ଅଞ୍ଚଳ ସୌରାଷ୍ଟ୍ର, ମୋର୍ବି, ଭାବନଗର, ଜୁନାଗଡ଼, ଗିର୍ ସୋମନାଥ, ଜାମ୍‌ନଗର, ଦ୍ୱାରକା, କଚ୍ଛ, ପୋରବନ୍ଦର, ଗ୍ରାମକୋଟ ଓ ଆମ୍ରେଲି ଜିଲାର ୫୦୦ ଗ୍ରାମରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ପ୍ରକାଶ। ବାତ୍ୟା ସମୟରେ ସମୁଦ୍ର ଅଶାନ୍ତ ରହିବ ଓ ୧୦ ଫୁଟ ଉଚ୍ଚର ଜୁଆର ଉଠିବାର ଆଶଙ୍କା କରାଯାଉଛି। ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ୧୦ଟି ଜିଲାରେ ସତର୍କତା ଜାରି କରାଯାଇଥିବାବେଳେ ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପରେ ଦୁର୍ବଳ ହୋଇପଡ଼ିବ। ତଥାପି ଦୁଇଦିନ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଓ ସମୀକ୍ଷା ବୈଠକ କରାଯାଉଛି। ନୂଆଦିଲ୍ଲୀର ନର୍ଥ ବ୍ଲକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ କେନ୍ଦ୍ର ଗୃହ ସଚିବ ରାଜୀବ ଗୌବାଙ୍କ ନେତୃତ୍ୱରେ ବୁଧବାର ହୋଇଥିଲା। ବାତ୍ୟା ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା। ବାତ୍ୟା ଲାଗି ସେନା ସଜାଗ ଥିବା ଜଣାପଡ଼ିଛି। ହେଲିକପ୍ଟର, ମେଡିକାଲ ଟିମ୍ ସହ ରିଲିଫ ଓ ଉଦ୍ଧାର ଲାଗି ସମସ୍ତ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।



ଅହମଦାବାଦରେ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ପ୍ରସ୍ତୁତି ଚାଲିଛି।

- ରିଲିଫ୍ ଓ ଉଦ୍ଧାର ଲାଗି ଏନ୍‌ଡିଆର୍‌ଏଫ୍ ପ୍ରସ୍ତୁତ
- ୧୭୦ କିମି ବେଗରେ ପବନ ବହିବା ଆଶଙ୍କା
- ପୋର୍‌ବନ୍ଦର ଓ ଡିଉରେ ହାଇଆଲର୍ଟ

# ଜୁଲାଇ ୧୫ରେ ଚନ୍ଦ୍ରୟାନ-୨

ବେଙ୍ଗାଲୁରୁ,୧୨।୬(ପି.ଟି.)



ଖର୍ଚ୍ଚ ହେବ ୯୭୮ କୋଟି

ଜୁଲାଇ ୧୫ରେ ଭାରତ ତାହାର ଦ୍ୱିତୀୟ ଚନ୍ଦ୍ର ମିଶନ 'ଚନ୍ଦ୍ରୟାନ-୨' ଲଞ୍ଚ କରିବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ପେସ୍‌ପୋର୍ଟରୁ ଏହା ଉତ୍କ୍ଷେପଣ ହୋଇ ସେପ୍ଟେମ୍ବର ୬ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ବୁଧବାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ଜୁଲାଇ ୧୫ ରାତି ୨ଟା ୫୧ ମିନିଟରେ ଉତ୍କ୍ଷେପଣ ହେବାକୁ ଥିବା ୩,୮୯୦ କିଲୋଗ୍ରାମ ଓଜନ ବିଶିଷ୍ଟ ଚନ୍ଦ୍ରୟାନ-୨ରେ ଅର୍ବିଟର, ଲ୍ୟାଣ୍ଡର (ବିକ୍ରମ) ଏବଂ ରୋଭର(ପ୍ରଜ୍ଞାନ) ରହିଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ କହିଛନ୍ତି। ଏହି ଦ୍ୱିତୀୟ ଚନ୍ଦ୍ର ମିଶନରେ ଖର୍ଚ୍ଚ ହେବ ୯୭୮ କୋଟି ଟଙ୍କା। ସେଥିରୁ ୩୭୫ କୋଟି ଟଙ୍କା ହେଉି ରକେଟ ଜିଏସ୍‌ଏଲ୍‌ଭି-ମାର୍କ୍‌ଥ୍ରୀରେ ଖର୍ଚ୍ଚ ହେବ। ମିଶନରେ ମୋଟ ୧୪ଟି ପେଲୋଡ୍ ରହିଛି। ସେଥିରୁ ଅର୍ବିଟରରେ ୮ଟି,ଲ୍ୟାଣ୍ଡରରେ ୪ ଏବଂ ରୋଭରରେ ୨ଟି ପେଲୋଡ ରହିଛି। ଅର୍ବିଟର ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ ହେବାକୁ ଥିବାବେଳେ ଲ୍ୟାଣ୍ଡର(ବିକ୍ରମ) ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିବ।

## ସିଆର୍‌ପିଏଫ୍‌କୁ ଟାର୍ଗେଟ

# ୫ ଯବାନ ଶହୀଦ

ଶ୍ରୀନଗର,୧୨।୬

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଆତଙ୍କବାଦୀଙ୍କ ଗୁଳି ଓ ଗ୍ରେନେଡ୍ ମାଡ଼ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୫ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ୨ ଆହତ ହୋଇଛନ୍ତି। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନନ୍ତନାଗର କେ.ପି. ରୋଡ୍‌ରେ ସିଆର୍‌ପିଏଫ୍‌ର ଏକ ପାଟ୍ରୋଲିଂ ଟିମ୍ ଉପରେ ୨ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଅଟୋମେଟିକ୍ ରାଇଫଲରେ ଘନଘନ ଗୁଳିବର୍ଷା ସହ ସେମାନଙ୍କ ଉପରକୁ ଗ୍ରେନେଡ୍ ମାଡ଼ କରିଥିଲେ। ଏଥିରେ ୫ ଯବାନ ଶହୀଦ ହୋଇଛନ୍ତି। ଅନନ୍ତନାଗ ଥାନାର ଏସ୍‌ଏଚ୍‌ଓ ଅର୍ଶଦ ଅହମ୍ମଦଙ୍କ ସମେତ ଆଉ ଜଣେ ପୋଲିସ କର୍ମୀ ଆହତ ହୋଇଛନ୍ତି। ଜବାବୀ କାର୍ଯ୍ୟାନୁଷ୍ଠାନରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି।

## ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀ ଗଠିତ

# ଲୋକ ସଭାରେ ମୋଦି ନେତା, ରାଜନାଥ ଉପନେତା

ନୂଆଦିଲ୍ଲୀ,୧୨।୬(ପି.ଟି.)

ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀ କମିଟି ବୁଧବାର ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ଏହାର ନେତା ହୋଇଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ଉପନେତା ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ଥାୱର ଚାନ୍ଦ ଗେହଲଟଙ୍କୁ ନେତା ଏବଂ ପୀୟୁଷ ଗୋୟଲଙ୍କୁ ଉପନେତା ନିଯୁକ୍ତ କରାଯାଇଛି। ପୂର୍ବରୁ ରାଜ୍ୟ ସଭାରେ ନେତା ଥିବା ଅରୁଣ ଜେଟ୍‌ଲୀ ସ୍ୱାସ୍ଥ୍ୟଗତ କାରଣରୁ ଏଥିରୁ ଅବ୍ୟାହତି ନେବାକୁ ଅନୁରୋଧ କରିଥିଲେ। ଭାଜପା ସଂସଦୀୟ କାର୍ଯ୍ୟକାରିଣୀ କମିଟିରେ ୩ ଜଣ ଓଡ଼ିଆ ଏମ୍‌ପିଙ୍କୁ ନିଆଯାଇଛି। ସେମାନେ ହେଲେ ସୁରେଶ ପୂଜାରୀ, ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ। ବରଗଡ଼ ଏମ୍‌ପି ପୂଜାରୀଙ୍କୁ ଲୋକ ସଭାରେ ଓଡ଼ିଶା, ମଣିପୁର ଏବଂ ତେଲେଙ୍ଗାନା ପାଇଁ ହ୍ୱିପ୍ (ସଚେତକ) ନିଯୁକ୍ତ କରାଯାଇଛି। ସେହିପରି ଜୁଏଲ୍ ଲୋକ ସଭାରୁ ଏବଂ ଧର୍ମେନ୍ଦ୍ର ରାଜ୍ୟ ସଭାରୁ ସଂସଦୀୟ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଭାଜପା ସଂସଦୀୟ

### କମିଟିରେ ୩ ଓଡ଼ିଆ ଏମ୍‌ପି
### ସୁରେଶ ପୂଜାରୀଙ୍କୁ ସଚେତକ ଦାୟିତ୍ୱ

ଦଳ କାର୍ଯ୍ୟକାରିଣୀ କମିଟିରେ ସ୍ଥାନ ଦିଆଯାଇଛି। ସଞ୍ଜୟ ଜୟସ୍ୱାଲଙ୍କୁ ମୁଖ୍ୟ ହ୍ୱିପ୍ ନିଯୁକ୍ତ କରାଯିବା ସହ ପ୍ରଥମ ଥର ଲାଗି ୩ ମହିଳା ଏମ୍‌ପିଙ୍କୁ ହ୍ୱିପ୍ ନିଯୁକ୍ତ କରାଯାଇଛି। ଏହାବ୍ୟତୀତ ୧୫ ଜଣ ଲୋକ ସଭାରେ ଯୋଗ ହ୍ୱିପ୍ ନିଯୁକ୍ତ ହୋଇଛନ୍ତି। ଲୋକ ସଭାରୁ ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନୀତିନ ଗଡକରୀ, ରବିଶଙ୍କର ପ୍ରସାଦ, ଅର୍ଜୁନ ମୁଣ୍ଡା, ନରେନ୍ଦ୍ର ସିଂ ତୋମରଙ୍କୁ ନିଆଯାଇଥିବାବେଳେ ରାଜ୍ୟ ସଭାରୁ ଜେ.ପି. ନଡ୍ଡା, ଓମ୍‌ପ୍ରକାଶ ମାଥୁର, ନିର୍ମଳା ସୀତାରାମନ ଏବଂ ପ୍ରକାଶ ଜାଭଡେକରଙ୍କୁ ନିମନ୍ତ୍ରିତ ସଦସ୍ୟ ରଖାଯାଇଛି। ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କୁ ଦଳର ସଂସଦୀୟ କାର୍ଯ୍ୟାଳୟ ପ୍ରଭାରୀ ଏବଂ ବାଲସୁବ୍ରମଣ୍ୟମ୍ କୁମାରସ୍ୱାମୀଙ୍କୁ ସଚିବ ଭାବେ ପୁନଃ ନିର୍ବାଚିତ କରାଯାଇଛି। ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଳୀ ମନୋହର ଯୋଶୀ ଏମ୍‌ପି ନ ଥିବାରୁ ପ୍ରଥମ ଥର ଲାଗି ସେମାନଙ୍କୁ କମିଟିରେ ସ୍ଥାନ ମିଳିନାହିଁ। ସେହିପରି ଅରୁଣ ଜେଟ୍‌ଲୀ ଏବଂ ସୁଷମା ସ୍ୱରାଜଙ୍କ ମଧ୍ୟ କମିଟିରେ ନାହାନ୍ତି। ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ୧୬ ତାରିଖରେ ଭାଜପା ସଂସଦୀୟ କାର୍ଯ୍ୟକାରିଣୀ କମିଟିର ପ୍ରଥମ ବୈଠକ ବସିବ। ଏହା ବ୍ୟତୀତ ସେହିଦିନ ସରକାର ଏକ ସର୍ବଦଳୀୟ ବୈଠକ ମଧ୍ୟ ଡାକିଛନ୍ତି।

### ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ୬ ମାସ ବଢ଼ିଲା

ନୂଆଦିଲ୍ଲୀ,୧୨।୬

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଆଉ ୬ ମାସ ବଢ଼ାଇବା ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଏହା ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ୨୦୧୮ ଜୁନ୍ ୨୦ରୁ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଓ ଡିସେମ୍ବରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆସି ନ ଥିବାରୁ ଏହାକୁ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଅନୁମୋଦନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ୱୀକୃତି ପରେ ଏହା କାର୍ଯ୍ୟକାରୀ ହେବ।

### ଭାଜପାରେ ମିଶିବେ ଗୋଆର ୧୦ କଂଗ୍ରେସ ବିଧାୟକ

ପଣଜୀ, ୧୨।୬(ପି.ଟି.)

ଗୋଆ କଂଗ୍ରେସର ୧୦ ଜଣ ବିଧାୟକ ଭାଜପା ସହ ମିଶିବାକୁ ଆଗ୍ରହୀ ଥିବା ପ୍ରଦେଶ ଭାଜପା ମୁଖ୍ୟ ବିନୟ ତେଣ୍ଡୁଲ୍‌କର ପ୍ରକାଶ କରିଛନ୍ତି। ସେ ବିଧାନସଭାରେ ଭାଜପା ସଂଖ୍ୟାଗରିଷ୍ଠ ଥିବାରୁ ସେମାନଙ୍କୁ ଗ୍ରହଣ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଆମେ ଆମ ସହଯୋଗୀଙ୍କୁ ନେଇ ପୂରା ଗାର୍ଯ୍ୟକାଳ ଶେଷ କରିବାକୁ ସକ୍ଷମ। ତେଣୁ କଂଗ୍ରେସ ବିଧାୟକଙ୍କୁ ଆମେ ଦଳରେ ନେଉନାହିଁ ବୋଲି ତେଣ୍ଡୁଲ୍‌କର କହିଛନ୍ତି।

# କଂଗ୍ରେସ କୋର୍ କମିଟି ଭାଙ୍ଗିଲା

ନୂଆଦିଲ୍ଲୀ,୧୨।୬(ଆଇଏଏନ୍‌ଏସ୍)



### ରାହୁଲ ଦଳ ଅଧ୍ୟକ୍ଷ ରହିବେ

ରାହୁଲ ଗାନ୍ଧୀ କଂଗ୍ରେସ ଦଳର ଅଧ୍ୟକ୍ଷ ରହିବେ ବୋଲି ଦଳ ପକ୍ଷରୁ ବୁଧବାର କୁହାଯାଇଛି। ଲୋକ ସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳର କୋର୍ କମିଟିକୁ ଭାଙ୍ଗିଦିଆଯାଇଛି। ବୁଧବାର କୋର୍ କମିଟି ସଦସ୍ୟମାନଙ୍କ ବୈଠକରେ ଝାଡ଼ଖଣ୍ଡ, ମହାରାଷ୍ଟ୍ର, ହରିୟାଣା ଏବଂ ଜମ୍ମୁ-କଶ୍ମୀରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ରାହୁଲ ଦଳର ଅଧ୍ୟକ୍ଷ ଥିଲେ, ଅଛନ୍ତି ଓ ରହିବେ ବୋଲି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନରେ ଦଳର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡ଼ିବା ପାଇଁ ରାହୁଲ ଇଚ୍ଛା ପ୍ରକାଶ କରିଥିଲେ। କୋର୍ କମିଟି ବୈଠକରେ ମଧ୍ୟ ସେ ଯୋଗ ଦେଇନାହାନ୍ତି। ଏଡ଼ିକି ତାଙ୍କ ମାଆ ତଥା ଉପ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ନିଜ ନିର୍ବାଚନ ମଣ୍ଡଳୀ ରାଏବରେଲି ଗସ୍ତରେ ଯାଇଥିବାରୁ ସେ ମଧ୍ୟ କୋର୍ କମିଟି ବୈଠକରେ ଯୋଗଦେଇ ନ ଥିଲେ। ବୁଧବାରର ବୈଠକରେ ବରିଷ୍ଠ ନେତା ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଏ.କେ. ଆଣ୍ଟୋନି ଅଧ୍ୟକ୍ଷତା କରିଥିଲେ। ଲୋକ ସଭା ନିର୍ବାଚନରେ ଦଳର ପରାଜୟ ଲାଗି ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ଚାହିଁଥିଲେ ହେଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ନିର୍ବାଚନ ପୂର୍ବରୁ ଗଠନ ହୋଇଥିବା ସମସ୍ତ କମିଟିର କାର୍ଯ୍ୟକାଳ ଫଳାଫଳ ବାହାରିବା ସହ ଶେଷ ହୋଇଯାଇଛି। ଏବେ ଦଳରେ କୌଣସି କୋର୍ ଗ୍ରୁପ୍ ନାହିଁ ବୋଲି ସୁର୍ଜେୱାଲା କହିଛନ୍ତି। ପୂର୍ବ କୋର୍ ଗ୍ରୁପ୍‌ର ସଦସ୍ୟମାନେ ବୁଧବାର ଅଣଆନୁଷ୍ଠାନିକ ବୈଠକ କରି ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି।

# ମୁକୁଳିଲେ ପ୍ରଶାନ୍ତ କନୋଜିଆ



ଲକ୍ଷ୍ନୌ,୧୨।୬: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଦିନକ ପରେ ଲକ୍ଷ୍ନୌ ଜେଲରୁ ମୁକୁଳିଛନ୍ତି ଖବରଦାତା ପ୍ରଶାନ୍ତ କନୋଜିଆ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ କରି ଜେଲ ଯାଇଥିବା ପ୍ରଶାନ୍ତଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଯୋଗୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜେଲରେ ୪ ରାତି ବିତାଇଥିବା ପ୍ରଶାନ୍ତ ବୁଧବାର ୨୦ ହଜାର ଟଙ୍କାର ଦୁଇ ଜାମିନଦାର ଓ ସମ ପରିମାଣର ବ୍ୟକ୍ତିଗତ ବଣ୍ଡରେ ମୁକୁଳିଛନ୍ତି। ଲକ୍ଷ୍ନୌସ୍ଥିତ ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ ପ୍ରଶାନ୍ତଙ୍କୁ ଜାମିନ ପ୍ରଦାନ କରି ଜେଲକୁ ରିଲିଜ୍ ଅର୍ଡର ପଠାଇଦେଇଥିଲେ।

# ପାକିସ୍ତାନ ଉପରେ ଉଡ଼ିବନି ପ୍ରଧାନମନ୍ତ୍ରୀଙ୍କ ବିମାନ

ନୂଆଦିଲ୍ଲୀ,୧୨।୬(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗଦେବା ଲାଗି ଗୁରୁବାର କିର୍ଗିଜସ୍ତାନ ରାଜଧାନୀ ବିଶ୍‌କେକ୍ ଯିବାକୁ ଥିବାବେଳେ ତାଙ୍କ ବିମାନ ପାକିସ୍ତାନ ଉପରେ ଉଡ଼ିପାରିବନି। ସେ ଓମାନ, ଇରାନ ଏବଂ ସେଣ୍ଟ୍ରାଲ ଏସିଆ ଦେଶ ଅତିକ୍ରମ କରି ବିଶ୍‌କେକ୍‌ରେ ପହଞ୍ଚିବେ। ମୋଦିଙ୍କ ବିମାନକୁ ପାକିସ୍ତାନ ଆକାଶରେ ଉଡାଣ ପାଇଁ ଅନୁମତି ଦେବାକୁ ଭାରତ ଇସ୍‌ଲାମାବାଦକୁ ଅନୁରୋଧ କରିଥିଲା। ତେବେ ପାକ୍ କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇନାହାନ୍ତି।



ପୋଲାଣ୍ଡର ଡାଗନରେ ନାଟୋ ପକ୍ଷରୁ ସମରାଭ୍ୟାସ ଚାଲିଥିବାବେଳେ ଲିଓପାର୍ଡ ଯୁଦ୍ଧ ଟ୍ୟାଙ୍କରେ କୌଶଳ ପ୍ରଦର୍ଶନ କରୁଛନ୍ତି ଜର୍ମାନୀ ସଶସ୍ତ୍ର ବଳ।

## କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରାବେଳେ ହିଂସା

# ପୋଲିସ-ଭାଜପା କର୍ମୀ ଖଣ୍ଡଯୁଦ୍ଧ

କୋଲକାତା,୧୨।୬

କୋଲକାତାରେ ବୁଧବାର ଭାଜପାର ବିକ୍ଷୋଭ ଶୋଭାଯାତ୍ରା ହିଂସାତ୍ମକ ରୂପ ନେଇଛି। ଭଜପା କର୍ମୀମାନେ ରାଜ୍ୟ ପୋଲିସ ମୁଖ୍ୟାଳୟ ଲାଲ୍‌ବଜାର ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ବିକ୍ଷୋଭକାରୀଙ୍କୁ ଅଟକିବାକୁ ବାରମ୍ବାର ଅନୁରୋଧ କରି ବିଫଳ ହେବା ପରେ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ଏବଂ ପାଣି ମାଡ଼ କରିଥିଲା। ଭାଜପା କର୍ମୀମାନେ ପୋଲିସ ଉପରକୁ ଢେଲା ଓ ପାଣି ବୋତଲ ମାଡ଼ କରିଥିଲେ। କେତେଜଣ ଭାଜପା କର୍ମୀ ସେଠାରେ ଧାରଣାରେ ବସି ରହିବା ଦେଖାଯାଇଥିଲା। ନିର୍ବାଚନ ପରେ କୋଲକାତାର ବିଭିନ୍ନ ସ୍ଥାନରେ ଉତ୍ତେଜନା ବୃଦ୍ଧିପାଉଥିବାରୁ ପରିସ୍ଥିତିକୁ ଶାନ୍ତ କରିବା ଲାଗି ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀ ଗୁରୁବାର ରାଜ୍ୟର ୪ ପ୍ରମୁଖ ଦଳର ନେତୃତ୍ୱଙ୍କ ବୈଠକ ଡାକିଛନ୍ତି। ଶାସକ ତୃଣମୂଳ କଂଗ୍ରେସ, ଭାଜପା, ସିପିଏମ୍ ଏବଂ କଂଗ୍ରେସ ଦଳର ପ୍ରତିନିଧିମାନେ ଉକ୍ତ ବୈଠକରେ ଯୋଗଦେବେ। ଶନିବାର ବସିରହାଟ ଅଞ୍ଚଳରେ ଦୁଇଜଣ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଗତ କିଛି ସପ୍ତାହ ହେଲା ଲାଗିରହିଥିବା ସଂଘର୍ଷରେ ଅନେକ କର୍ମୀଙ୍କ ମୃତ୍ୟୁ ହୋଇଛି। ଏହାର ପ୍ରତିବାଦରେ ଭାଜପା ଆଜି ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଏଥିରେ ଭାଜପାର ସମସ୍ତ ୧୮ ଜଣ ନବନିର୍ବାଚିତ ଏମ୍‌ପି, ଦଳର ରାଜ୍ୟ ସଭାପତି ଦିଲ୍ଲୀପ ଘୋଷ ଏବଂ



ଭାଜପାର ଶୋଭାଯାତ୍ରାକୁ ପୋଲିସ ବାଧା ଦେବାରୁ କର୍ମୀମାନେ ଧାରଣାରେ ବସିଛନ୍ତି।

### ସର୍ବଦଳୀୟ ବୈଠକ ଡାକିଲେ ରାଜ୍ୟପାଳ

ରାଜ୍ୟ ପ୍ରଭାରୀ କୈଳାସ ବିଜୟବର୍ଗୀୟ, ମୁକୁଲ ରାୟ ପ୍ରମୁଖ ଯୋଗ ଦେଇଥିଲେ। କର୍ମୀମାନେ ବାରିକେଡ୍ ଭାଙ୍ଗିବା ସମ୍ଭାବନା ଥିବାରୁ ଏହାର ମୁକାବିଲା ପାଇଁ ସକାଳୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାଜ୍ୟର ସ୍ଥିତିକୁ ନେଇ କେନ୍ଦ୍ର ସରକାର ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଡଭାଇଜରୀ ଜାରି କରିଥିଲା। ତା ପରଦିନ ରାଜ୍ୟପାଳ ତ୍ରିପାଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟି ରାଜ୍ୟ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ତା ପରେ କେନ୍ଦ୍ର ସରକାର ଦଙ୍ଗା ସୃଷ୍ଟିକରିବା ସହ ତାଙ୍କ ସରକାରକୁ ଭାଙ୍ଗିଦେବା ଲାଗି ଉଦ୍ୟମ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଆର୍‌ଏସ୍‌ପି ଆନୁକୂଲ୍ୟରେ ବାଳିକା ଚେସ୍ ଚମ୍ପିୟନଶିପ୍

**ରାଉରକେଲା ଅଫିସ,୧୨।୬**

ଆର୍‌ଏସ୍‌ପି ଆନୁକୂଲ୍ୟରେ ରାଜ୍ୟ ଚେସ୍ ଆସୋସିଏଶନ ସହଭାଗିତାରେ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୧୫ ବର୍ଷରୁ କମ୍ ଓପନ ଓ ବାଳିକା ଚେସ୍ ଚମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ଯୋଗଦେବେ। ୨୦୦୪ ଜାନୁୟାରୀ ୧ କିମ୍ବା ଏହା ପରେ ଜନ୍ମଗ୍ରହଣ କରିଥିବା ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସହ ୨୦୧୯- ୨୦ ବର୍ଷ ନିମନ୍ତେ ପଞ୍ଜୀକୃତ ହୋଇଥିବା ସମସ୍ତ ଖେଳାଳି ଏଥିରେ ଭାଗ ନେଇପାରିବେ ବୋଲି କୁହାଯାଇଛି। ଏହି ପ୍ରତିଯୋଗିତା ଅନ୍ତର୍ଗତ ୭ ବର୍ଷରୁ କମ୍, ୯ ବର୍ଷରୁ କମ୍ ଓ ୧୩ ବର୍ଷରୁ କମ୍ ବୟସ ବର୍ଗରେ ଓପନ ଓ ବାଳିକା ଗ୍ରୁପରେ ମ୍ୟାଚ୍ ଖେଳାଯିବ। ପ୍ରବେଶିକା ଶୁଳ୍କ ୩ଶହ ଟଙ୍କା ରଖାଯାଇଛି। ଏ ନେଇ ଅଧିକ ଜାଣିବା ପାଇଁ ଆୟୋଜକଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# କେନ୍ଦ୍ରୀୟ ଡିଏଭି ସ୍କୁଲ ଫି’ ବୃଦ୍ଧିକୁ ବିରୋଧ

**ବ୍ରଜରାଜନଗର,୧୨।୬(ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳରେ ଥିବା ୨ଟି କେନ୍ଦ୍ରୀୟ ଡିଏଭି ସ୍କୁଲର ମନଇଚ୍ଛା ଫି’ ବୃଦ୍ଧି ଓ କମ୍ପାନୀ କର୍ମଚାରୀ ଓ ଅଣକର୍ମଚାରୀ ପିଲାଙ୍କ ମଧ୍ୟରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଭେଦଭାବ ନୀତି ବିରୋଧରେ ଆନ୍ଦୋଳନ ଚେତବାନୀ ଦେଇଛନ୍ତି ଅଭିଭାବକ। ଏମ୍‌ସିଏଲ୍ କର୍ମଚାରୀଙ୍କ ପିଲା ନର୍ସରି ପଢ଼ିବା ପାଇଁ ଆଡ୍‌ମିଶନ ଫି’ ବାବଦ ମାତ୍ର ୮୯୦ ଟଙ୍କା ଦେଉଥିବା ବେଳେ ଜଣେ ଅଣକର୍ମଚାରୀଙ୍କ ପିଲା ପାଇଁ ଉକ୍ତ ଫି’ ୮୮୨୦ ଟଙ୍କା ନିଆଯାଉଛି। ସେହିପରି ଏମ୍‌ସିଏଲ୍ କର୍ମଚାରୀଙ୍କ ପିଲା ମାସିକ ଟିଉଶନ ଫି’ ବାବଦ ୩ଶହ ଟଙ୍କା ଦେଉଥିବା ବେଳେ ଅନ୍ୟମାନେ ୧୨୩୦ ଟଙ୍କା ଦେଇଥାନ୍ତି। ସେହି ଅନୁପାତରେ ପ୍ରତ୍ୟେକ ଶ୍ରେଣୀର ପିଲାମାନଙ୍କଠାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଟଙ୍କା ନେଇଥାନ୍ତି। ଏମ୍‌ସିଏଲ୍ କର୍ମଚାରୀଙ୍କ ପିଲା ହେଉ କିମ୍ବା ଅଣ କର୍ମଚାରୀଙ୍କ ପିଲା ଉଭୟ ଏ ଅଞ୍ଚଳରେ ବସବାସ କରୁଛନ୍ତି। ପ୍ରଦୂଷଣର ଶିକାର ମଧ୍ୟ ହେଉଛନ୍ତି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଖଣିରୁ ଉତ୍ପାଦିତ ହେଉଥିବା କୋଇଲା ପ୍ରଦୂଷିତ ଜଳବାୟୁ ବ୍ୟବହାର କରି ଅଣନିଃଶ୍ୱାସୀ ହୋଇପଡୁଥିବା ଅଞ୍ଚଳବାସୀ, ବାସଚ୍ୟୁତ, ଜମିହରା ଲୋକଙ୍କ ତ୍ୟାଗ ଯୋଗୁ ସମ୍ଭବ ହୋଇଛି। ମହାନଦୀ କୋଇଲା ଖଣି ଭାରତ ସରକାରଙ୍କ ଏକ ବୃହତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ମିନିରତ୍ନ କମ୍ପାନୀ ବୋଲାଉଥିବା ବେଳେ ଏଠାକାର ବିସ୍ଥାପିତଙ୍କୁ ଥଇଥାନ ନ କରି ଜନ ସାଧାରଣଙ୍କ ଜମି ନେଇ କୋଇଲା ଉତ୍ତୋଳନ କରୁଛି। ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ଏହି ଡିଏଭି ସ୍କୁଲ ଦ୍ୱୟ ପାତରଅନ୍ତର କରି ପ୍ରତ୍ୟେକ ବର୍ଷ ସ୍କୁଲ ଫି’ ବୃଦ୍ଧି କରିବାରେ ଲାଗିଛନ୍ତି। ଅଞ୍ଚଳବାସୀ ବିସ୍ଥାପିତ ହୋଇ ପ୍ରଦୂଷିତ ପାଣି ପବନରେ କାଳାତିପାତ କରୁଥିବା

**ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ**

ବେଳେ ଲାଭଖୋର ବିଦ୍ୟାଳୟ ଦ୍ୱୟ ପିଲାମାନଙ୍କୁ ପାତରଅନ୍ତର କରିବା ଏକ ଘୃଣ୍ୟ ମାନସିକତାର ପରିଚୟ ବୋଲି ଅଭିଯୋଗ ହୋଇଛି। ଶିକ୍ଷା ଭଳି ଏକ ମୌଳିକ ଅଧିକାରରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରିବା ଓ ଶିକ୍ଷା ନାମରେ ବ୍ୟବସାୟକରଣ କରିବା ଏକ ଘୃଣ୍ୟ କାର୍ଯ୍ୟ। ଏହି ବିଦ୍ୟାଳୟରେ ବ୍ୟବହୃତ ଘରଠାରୁ ଆରମ୍ଭ କରି ଶ୍ରେଣୀର ସମସ୍ତ ଆସବାବପତ୍ର, ସରଞ୍ଜାମ ସହିତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦରମା ଏମ୍‌ସିଏଲ୍ ଦ୍ୱାରା ଦିଆଯାଇଥାଏ। ତେବେ କେଉଁ ଉଦ୍ଦେଶ୍ୟରେ ବାହାର ଛାତ୍ରୀଛାତ୍ରଙ୍କଠାରୁ ଏତେ ପରିମାଣର ଅର୍ଥ ଆଦାୟ କରାଯାଇଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏପରି କି ଆଦାୟ କରାଯାଉଥିବା ଏହି ଟଙ୍କା କେଉଁଆଡ଼େ ଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏମ୍‌ସିଏଲ୍ ଦ୍ୱାରା ପ୍ରଦାନ କରାଯାଉଥିବା ସିଏସ୍‌ଆର୍ ଫଣ୍ଡ ଟଙ୍କା କେଉଁଆଡ଼େ ଖର୍ଚ୍ଚ କରାଯାଉଛି। ଦୀପ ତଳ ଅନ୍ଧାର ଭଳି ଏଠାକାର ସ୍ଥାୟୀ ବାସିନ୍ଦା ଏମ୍‌ସିଏଲ୍ ଦ୍ୱାରା ପ୍ରଦୂଷଣର ଶିକାର ହୋଇ ନାନା ରୋଗରେ ପଡ଼ି ଜୀବନ ସହ ସଂଗ୍ରାମ କରୁଥିବା ବେଳେ ଶିକ୍ଷା କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଏପରି ଘୃଣ୍ୟ ମାନସିକତାର ତୁରନ୍ତ ନିରାକରଣ କରାଯାଉ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ଡିପି ମୁଖ୍ୟାଳୟ, ଡିଆଇ ଝାରସୁଗୁଡ଼ା, ଜିଲାପାଳ, ବିଧାୟକ, ଏସ୍‌ପି ଓ ଗଣମାଧ୍ୟମକୁ ସେମାନେ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ବିରୋଧ କରି ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ଇବ୍ କ୍ଷେତ୍ର ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା।

# ଚିକିତ୍ସା ଅବହେଳାରୁ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

**ରାଉରକେଲା ଅଫିସ,୧୨।୬**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅନ୍ତର୍ଗତ ସିପିପି-୧ ବିଭାଗ କର୍ମଚାରୀ ପ୍ରମୋଦ ଦାସ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମଙ୍ଗଳବାର ଅପରାହ୍ନ ୫ଟାରେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ନିଆଯାଇଥିଲା। ଗ୍ୟାସ୍ ଯୋଗୁ ଯନ୍ତ୍ରଣା ହେଉଛି କହି ଡାକ୍ତର ତାଙ୍କୁ ଔଷଧ ଦେଇ ଘରକୁ ପଠାଇ ଦେଇଥିଲେ। ଘରେ ପହଞ୍ଚିବାର ଘଣ୍ଟାକ ମଧ୍ୟରେ ପୁନର୍ବାର ଦାସ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଆଇଜିଏଚ୍ ଅଣାଯାଇ ଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କେଉଁ କାରଣରୁ ଦାସ ଯନ୍ତ୍ରଣା ଅନୁଭବ କରୁଛନ୍ତି ସେ ନେଇ ସମ୍ପୃକ୍ତ ଡାକ୍ତର ପରୀକ୍ଷା କଲେ ନାହିଁ। ସାଧାରଣ ଭାବେ ରକ୍ତଚାପ ମାପ, ଇସିଜି ମଧ୍ୟ କରିବାକୁ ଆଗ୍ରହ ପ୍ରକାଶ କଲେନାହିଁ ବୋଲି ଅଭିଯୋଗ ହୋଇଛି। ଏ ନେଇ ବୁଧବାର ସକାଳ ସାଢ଼େ ୮ଟାରେ ଆର୍‌ଏସ୍‌ପି କର୍ମଚାରୀ ସଂଘ ନେତା ହିମାଂଶୁ ବଳଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଆଇଜିଏଚ୍‌ରେ ପହଞ୍ଚି ନିର୍ଦ୍ଦେଶକ ଏସ୍.ଏସ୍. ପତିଙ୍କୁ ଘେରାଉ କରିବା ସହ ଚିକିତ୍ସାରେ ଅବହେଳା ଯୋଗୁ ଦାସଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ନିର୍ଦ୍ଦେଶକ ପତି ଏକ ଟିମ୍ ଗଠନ କରିବା ସହ ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୃତ ଦାସଙ୍କ ସ୍ତ୍ରୀ ମଞ୍ଜୁଲତା ଆର୍‌ଏସ୍‌ପି ସିଇଓଙ୍କୁ ଏ ନେଇ ଅଭିଯୋଗପତ୍ର ପ୍ରଦାନ କରିବା ସହ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଛନ୍ତି।

## ଫଟୋରେ ଖବର




ରାଉରକେଲା ଭଞ୍ଜଭବନଠାରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ବାଲି ଚୋରା ଚାଲାଣ: ହାଇୱା, ଟ୍ରାକ୍ଟର ଜବତ

**ବ୍ରଜରାଜନଗର,୧୨।୬(ଡି.ଏନ୍.ଏ.)**

ରାଜପୁର ପଞ୍ଚାୟତ ବସୁନ୍ଧରା ନଦୀରୁ ବାଲି ଚୋରା ଚାଲାଣ ବେଳେ ରାଜସ୍ୱ ବିଭାଗ ୨ଟି ହାଇୱା ଓ ଗୋଟିଏ ଟ୍ରାକ୍ଟର ଜବତ କରିଛି। ଦୁଇ ହାଇୱାରୁ ଏକ ଲକ୍ଷ ଟଙ୍କା ଓ ଟ୍ରାକ୍ଟରରୁ ୨୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ଗୋଲକ ମଙ୍ଗରାଜ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ବ୍ରଜରାଜନଗର ଅଞ୍ଚଳରେ ପ୍ରବାହିତ ଇବ୍ ଓ ବସୁନ୍ଧରା ନଦୀରୁ ପ୍ରଶାସନ ସହାୟତାରେ ବାଲି ମାଫିଆମାନେ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଛି। କାଁ ଭାଁ ଚଢ଼ାଉ କରି ପ୍ରଶାସନ ବାହାବା ନେଉଛି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। ଏଥିପ୍ରତି ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଯୋଗ ସାଧନା, ଆଧ୍ୟାତ୍ମିକ ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ,୧୨।୬**

ଷ୍ଟିଲ ଟାଉନଶିପ ଅନ୍ତର୍ଗତ ସେକ୍ଟର-୨ ଗାୟତ୍ରୀ ଯୋଗ ମନ୍ଦିର ପରିଚାଳିତ ଉତ୍କଳ ଯୋଗ ଏବଂ ଆୟୁର୍ବେଦ ପ୍ରାକୃତିକ, ପଞ୍ଚକର୍ମ ଚିକିତ୍ସାଳୟ ପକ୍ଷରୁ ବୁଧବାର ଏକ ଯୋଗ ସାଧାନା ଓ ଆଧ୍ୟାତ୍ମିକ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରକୁ ଅବସରପ୍ରାପ୍ତ ଭାରତୀୟ ଇସ୍ପାତ ପ୍ରାଧିକରଣ ମହାପ୍ରବନ୍ଧକ ନାରାୟଣ ପତି ଉଦ୍‌ଘାଟନ କରିଥିଲେ। ଏହି ଶିବିର ଜୁନ ୨୬ ଯାଏ ଚାଲିବ। ପ୍ରତ୍ୟେକ ସକାଳ ୬ଟାରୁ ସାଢ଼େ ୭ଟା ଓ ସନ୍ଧ୍ୟା ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଶିବିର ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଯୋଗଗୁରୁ ଅମୂଲ୍ୟ ପାତ୍ର, କୈଳାସ ସୁବୁଦ୍ଧି, ଖଗେଶ୍ୱର ଓଝା, ବଟକୃଷ୍ଣ ସାହୁ ଓ ସମୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିରାମୟ ଜୀବନ ପାଇଁ ଯୋଗ, ପ୍ରାଣାୟାମର ଉପକାରିତା ଉପରେ ଶ୍ରଦ୍ଧାଳୁଙ୍କୁ ବୁଝାଯାଇଥିଲା।



ଉତ୍କଳ ଯୋଗ ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ପକ୍ଷରୁ ଆୟୋଜିତ ଶିବିର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଯୋଗବିତ୍ ଇଂ ଗୋବିନ୍ଦରାମ ଅଗ୍ରୱାଲଙ୍କ ମାର୍ଗଦର୍ଶନରେ ଯୋଗ ଶିକ୍ଷକମାନେ ଶିବିର ପରିଚାଳନା କରୁଛନ୍ତି। ଅନୁଷ୍ଠାନର ବ୍ୟବସ୍ଥାପକ ନିରଞ୍ଜନ ଗୋସ୍ୱାମୀ ତଥା ଅନ୍ୟ ସେବାରେ ନିୟୋଜିତ କର୍ମଚାରୀ ସହଯୋଗ କରୁଛନ୍ତି। ମୁଖ୍ୟଅତିଥି ନାରାୟଣ ପତି ପାରମ୍ପରିକ ଯୋଗ, ଆଧ୍ୟାତ୍ମିକ ସାଧନାର ଉପଯୁକ୍ତ ମାର୍ଗ ଓ ଏହାର ସୁଫଳ ନେଇ ଅଧିକ ଆଲୋଚନା କରିଥିଲେ। ସଜ୍ଜଳ ଚାନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

■ ୧୦ କୋଚିଂ ସେଣ୍ଟରରେ ଅଗ୍ନିଶମ ବିଭାଗ ଯାଞ୍ଚ

# ନିର୍ବାପନ ବ୍ୟବସ୍ଥାକୁ ନେଇ କର୍ତ୍ତୃପକ୍ଷଙ୍କୁ ତାଗିଦ

**ଝାରସୁଗୁଡ଼ା ଅଫିସ/ ଲଖନପୁର,୧୨।୬(ଡି.ଏନ୍.ଏ.)**

ଗୁଜରାଟ ସୁରଟ ସହରର ଏକ କୋଚିଂ ସେଣ୍ଟରରେ ଗତ ମାସରେ ଅଗ୍ନିକାଣ୍ଡ ଘଟି ବହୁ ଛାତ୍ରୀଛାତ୍ର ମୃତ୍ୟୁବରଣ କରିଥିଲେ। ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ହୋଇଥିଲା। କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ଥିବା କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପନ ବ୍ୟବସ୍ଥାକୁ ନେଇ ଓଡ଼ିଶା ଅଗ୍ନିଶମ ସଂସ୍ଥା ପକ୍ଷରୁ ଯାଞ୍ଚ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଅଗ୍ନିଶମ ବିଭାଗର ଏକ ଟିମ୍ ବୁଧବାର ସହରର ୧୦ କୋଚିଂ ସେଣ୍ଟରରେ ଯାଞ୍ଚ କରିଛି। କୋଚିଂ ସେଣ୍ଟରରେ ଆବଶ୍ୟକତା ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଏ ନେଇ ଅଗ୍ନିଶମ ଅଧିକାରୀମାନେ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି। ଖାଲି ତାଗିଦ୍ ନୁହେଁ, ଅଗ୍ନି ନିର୍ବାପନ ସମ୍ପର୍କରେ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କୁ ସଚେତନ ମଧ୍ୟ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ କୋଚିଂ ସେଣ୍ଟରଗୁଡ଼ିକୁ ନୋଟିସ୍ କରାଯିବ। ତୁରନ୍ତ ଅଗ୍ନି ନିର୍ବାପନ ସମ୍ପର୍କରେ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଇଛି।

# ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ପଣା ବଣ୍ଟନ

**ରାଉରକେଲା ଅଫିସ,୧୨।୬**

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଉରକେଲା ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ବୁଧବାର ସହରର ମୁଖ୍ୟ ମାର୍ଗ ମଙ୍ଗଳଭବନଠାରେ ସରବତ ବଣ୍ଟନ କରାଯାଇଥିଲା। ସକାଳ ୧୦ଟାରୁ ଅପରାହ୍ନ ୨ଟା ଯାଏ ପଥଚାରୀଙ୍କୁ ସରବତ ଓ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା। ସଂଗଠନ ଅଧ୍ୟକ୍ଷ ପ୍ରତୀକ କାୟଲଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଏହି ସେବା ପ୍ରଦାନ କରିଥିଲେ। ଏହି ଅବସରରେ ୫ ହଜାର ୨ଶହ ଗ୍ଲାସ ସରବତ ସାଙ୍ଗକୁ ୨ ହଜାର ଥଣ୍ଡା ପାଣି ପାଉଚ ବଣ୍ଟନ କରାଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଏଥିରେ ସଂଗଠନ ପକ୍ଷରୁ ରବିକାନ୍ତ ଶର୍ମା, ଅନୁପ ମୋଦି, ରୋହିତ କାବ୍ରା, ମୋହିତ ଗୁପ୍ତା, ଅଙ୍କିତ ଅଗ୍ରୱାଲ, ସୁମିତ ଗୋୟଲ, ଯୋଗେଶ ଅଗ୍ରୱାଲ, ବିନୀତ ଗୋୟଲ, ପ୍ରତୀକ ଅଗ୍ରୱାଲ, ମୁକେଶ କେଡିଆ, ରବି ଅଗ୍ରୱାଲ, ସୋନୁ ଅଗ୍ରୱାଲ, ଉମଙ୍ଗ ଅଗ୍ରୱାଲ ଓ ସୁଶାନ୍ତ ପରିଡ଼ା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।




ମାରୱାଡି ଯୁବ ମଞ୍ଚ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଉଛି।

# ୩୬ ବର୍ଷ ପରେ ଏକାଠି ହେଲେ ଇସ୍ପାତ ବିଦ୍ୟାପୀଠ ଛାତ୍ରୀଛାତ୍ର

**ରାଉରକେଲା ଅଫିସ,୧୨।୬**

ଷ୍ଟିଲ ଟାଉନଶିପର ପ୍ରମୁଖ ଶିକ୍ଷାନୁଷ୍ଠାନ ଇସ୍ପାତ ବିଦ୍ୟାପୀଠ ଛାତ୍ରୀଛାତ୍ର ଦୀର୍ଘ ୩୬ ବର୍ଷ ପରେ ଏକାଠି ହୋଇଛନ୍ତି। ଦେଶବିଦେଶରେ ରହୁଥିବା ଏହି ପୁରାତନ ଛାତ୍ରୀଛାତ୍ରମାନେ ଦୀର୍ଘ ବ୍ୟବଧାନ ପରେ ପରସ୍ପରକୁ ନିକଟରେ ପାଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଆଜିର ଯୁବପିଢ଼ି ସୋସିଆଲ ମିଡିଆର ଦୁରୁପଯୋଗ କରି ପଥଭ୍ରଷ୍ଟ ହେଉଥିବାବେଳେ ଏହି ମିଡିଆ ଉପଯୋଗ କରି ପରସ୍ପରଠାରୁ ବହୁ ଦୂରରେ ରହି ମଧ୍ୟ ନିଜକୁ ଯୋଡ଼ିବାକୁ ସକ୍ଷମ ହୋଇଥିବାରୁ ଏଥିରେ ଆନନ୍ଦ ପ୍ରକାଶ ପାଇଥିଲା। ଯେଉଁମାନଙ୍କ ଅକ୍ଲାନ୍ତ ଉଦ୍ୟମ ଯୋଗୁ ଦୀର୍ଘ ୩୬ ବର୍ଷ ପରେ ଏଭଳି ଏକ ନିଆରା ଭେଟଘାଟ ସମ୍ଭବ ହେଲା ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ବନ୍ଧୁଙ୍କ ଆମନ୍ତ୍ରଣ ରକ୍ଷା କରିଥିବାରୁ ଇସ୍ପାତ ସହରରେ ବସବାସ କରୁଥିବା ଛାତ୍ରମାନେ ଆତ୍ମହରା ହୋଇ ଉଠିଥିଲେ। ଆଗାମୀ ଦିନରେ ପୁଣି ଏହି ଅନୁଭୂତିକୁ ତାଜା କରିବାକୁ ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି ଐର ମହାନ୍ତି। ଏହି ସମାବେଶରେ ପ୍ରଦୀପ ମହାନ୍ତି, ମନ୍ମଥ ଖଣ୍ଡୁଆଳ, ନରେନ ମାଝି, ପ୍ରମୋଦ ବେହେରା, ସର୍ବାନନ୍ଦ ଶତପଥୀ, ସବ୍ୟସାଚୀ ମିଶ୍ର, ପ୍ରଦୀପ ପଣ୍ଡା, କ୍ରିଷ୍ଣା ମହାନ୍ତି, ଯଜ୍ଞିନ ଦାଣ୍ଡିଆ, ପ୍ରଫୁଲ୍ଲ ଭୋଇ, ଦେବକାନ୍ତ ତ୍ରିପାଠୀ, ତ୍ରିଲୋଚନ ପଣ୍ଡା, ପ୍ରଭାସ ଦାସ, ଅଶ୍ୱିନୀ ପ୍ରଧାନ, ଦେବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ବେଲପାହାଡ଼,୧୨।୬(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ବୁଧବାର ସକାଳେ ମୁଚବାହାଲ ଛକ ନିକଟରୁ ଜଣେ ଟ୍ରକ୍ ଚାଳକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ହେଲେ ବିହାର ନାୱାଦା ଜିଲା ଆକବରପୁର ଥାନା ଅନ୍ତର୍ଗତ ଦାର୍ଶୋଲି ଗାଁର ଅଶୋକ ସିଂ (୪୧)। ମଙ୍ଗଳବାର ସନ୍ଧ୍ୟାରେ ଏକ ଗଛ ତଳେ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଶୋକଙ୍କ ମୁହଁ ଓ ନାକରୁ ରକ୍ତ ବାହାରୁଥିବା ବେଳେ କପାଳରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଏପରି କି ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଅଶୋକ ଓ ଜଣେ ଟ୍ରକ ମାଲିକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିବା ପୋଲିସ ଜାଣିବାକୁ ପାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ପୋଲିସ ଅଶୋକଙ୍କ ମୃତ୍ୟୁ ଅଂଶୁଘାତ କିମ୍ବା ହୃତଘାତରେ ଘଟିଥିବା ସନ୍ଦେହ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦୧୯) ରୁଜୁ କରି ସମ୍ପୃକ୍ତ ଟ୍ରକ୍ ମାଲିକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଟକ ଟ୍ରକ ମାଲିକଙ୍କ କହିବା ଅନୁଯାୟୀ, ଅଶୋକ ୨ ବର୍ଷ ତଳେ ତାଙ୍କ ଟ୍ରକ୍ ଚଳାଉଥିଲେ। ହେଲେ ସେ ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ଏ ନେଇ ସେ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ପରେ ଅଶୋକ ଅନ୍ୟ ଜଣେ ଗାଡ଼ି ମାଲିକଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଆଶୋକ ଚଳାଉଥିବା ଟ୍ରକ ଆଣି ମୁଚବାହାଲ ଛକସ୍ଥିତ ଏକ ଢାବା ନିକଟରେ ରଖିଥିଲେ। ହେଲେ ସେଠାରେ ପୂର୍ବ ଗାଡ଼ି ମାଲିକଙ୍କ ସହିତ ଅଶୋକଙ୍କ ସାକ୍ଷାତ ହେବା ପରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା ବୋଲି ପୋଲିସ ପ୍ରକାଶ କରିଛି। ଅଶୋକ ନିଶାସକ୍ତ ଅବସ୍ଥାରେ ଥିବାରୁ କାହିଁକି ମଦ ପିଉଛ ବୋଲି ଟ୍ରକ୍ ମାଲିକ ପଚାରିଥିଲେ। ପରେ ମୋବାଇଲ ଫୋନରେ ଅଶୋକ ତାଙ୍କ ସ୍ତ୍ରୀଙ୍କ ସହ କଥା ହୋଇଥିଲେ। ପରେ ଅଶୋକ ଭାରସାମ୍ୟ ହରାଇ ତାଙ୍କ ଦେହରେ ପଡ଼ିଯିବାରୁ ସେ ତାଙ୍କୁ ସାମାନ୍ୟ ଠେଲି ଦେଇ ଘରକୁ ଚାଲିଆସିଥିବା ଟ୍ରକ୍ ମାଲିକ ଜଣକ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏହି ସବୁ ଘଟଣା ମଙ୍ଗଳବାର ମଧ୍ୟାହ୍ନରେ ମୁଚବାହାଲ ଛକ ସ୍ଥିତ ଏକ ଢାବା ନିକଟରେ ଘଟିଥିଲା। ହେଲେ ସନ୍ଧ୍ୟାରେ ଅଶୋକଙ୍କ ମୃତଦେହ ଢାବା ନିକଟ ଏକ ପେଟ୍ରୋଲ ପମ୍ପ ନିକଟରେ ପଡ଼ିଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# କ୍ରୀଡ଼ା ତାଲିମ ଶିବିର ଉଦ୍‌ଯାପିତ

**ରାଉରକେଲା ଅଫିସ,୧୨।୬**

କଳିଙ୍ଗ ସ୍ପୋର୍ଟର୍ସ ଫେଡେରେଶନ ଆନୁକୂଲ୍ୟରେ ଆୟୋଜିତ ୪ର୍ଥ ଗ୍ରୀଷ୍ମକାଳୀନ କ୍ରୀଡ଼ା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଉରକେଲ ବିଧାୟକ ସାରଦା ନାୟକ, ସମ୍ମାନିତ ଅତିଥି ରୂପେ ଅଜୟ ଦଳବେହେରା, ଗୁରୁବାରୀ ହେମ୍ବରମ ଯୋଗଦେଇଥିଲେ। ଗତ ୪୫ ଦିନ ଧରି ବିର୍ସା ଷ୍ଟାଡିୟମରେ ଏହି ଶିବିର ଜାରି ରହିଥିଲା। କ୍ୟାମ୍ପରେ ଷ୍ଟିଲ ସିଟି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ କୁଆଁରମୁଣ୍ଡା, ମନୋହରପୁର, ନୂଆଗାଁ, ଜରେଇକେଲା. ବିଶ୍ରା, ବନ୍ଧମୁଣ୍ଡା ଓ ରାଜଗାଙ୍ଗପୁର ଖେଳାଳି ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଫୁଟବଲ, କବାଡ଼ି, ଭଲିବଲ ଭଳି ଏକାଧିକ ଖେଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେମାନଙ୍କୁ ଶାରୀରିକ ସକ୍ଷମତା, ମାନସିକ ସୁସ୍ଥତା ଓ ଖେଳ ସମ୍ବନ୍ଧୀୟ କଳାକୌଶଳ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏଠାରେ ତାଲିମ ଗ୍ରହଣ କରିଥିବା ଖେଳାଳି ଅତୀତରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଖେଳି ସହର ପାଇଁ ସୁନାମ ଆଣିଥିବାରୁ ସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଅନେକେ ପ୍ରମୁଖ କ୍ଲବରେ ଯୋଗଦେଇ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ଶିବିରର ମୂଳ ଉଦ୍ଦେଶ୍ୟ ହେଲା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା। ସେମାନଙ୍କ ଦକ୍ଷତାକୁ ଉପଯୋଗ କରିବା। ଏହି ଶିବିର କଳିଙ୍ଗ ସ୍ପୋର୍ଟ୍ସ ଫେଡେରେଶନ କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ବାବୁଟାଙ୍କ ତତ୍ତ୍ୱାବଧାରରେ ପରିଚାଳିତ ହୋଇଥିଲା। ଏଥିରେ ବିଭିନ୍ନ ଖେଳର ୩୫ଜଣ କୋଚ ଯୋଗଦେଇ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବିଧାୟକ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଗତ ୪ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି। ରାଉରକେଲାରେ ମହିଳା ଫୁଟବଲକୁ ଲୋକଲୋଚନକୁ ଆଣିବା ଓ ଜିଲା ତଥା ରାଜ୍ୟରେ ପ୍ରତିଷ୍ଠିତ କରିବାରେ ନାୟକଙ୍କ ପ୍ରମୁଖ ଭୂମିକା ରହିଛି। ୨୦ ବର୍ଷ ପୂର୍ବେ ମହିଳା ଫୁଟବଲ ରାଉରକେଲାରେ ଆରମ୍ଭ କରିବାରେ ନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏଥିର କୁହାଯାଇଥିଲା।



ବିର୍ସା ଷ୍ଟାଡିୟମରେ କଳିଙ୍ଗ ସ୍ପୋର୍ଟ୍ସ ଫେଡେରେଶନ ପକ୍ଷରୁ ଆୟୋଜିତ କ୍ରୀଡ଼ା ଶିବିର ଉଦ୍‌ଯାପନୀ ଅବସରରେ ଉପସ୍ଥିତ ଖେଳାଳି ଓ କୋଚ୍।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

**ବଡଗାଁ,୧୨।୬ (ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ତୁଡାଲଗା ଗ୍ରାମ ମଙ୍ଗଳା ମନ୍ଦିର ସମ୍ମୁଖ ରାଜପଥରେ ଜଣେ ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡରମା ଗ୍ରାମର ସୁଧୀର ଚୁରା(୨୮)। ମିଳିଥିବା ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଟ୍ରେଲର(ନଂ.ଓଡି୨୩ଡି-୪୦୦୬) ମଙ୍ଗଳା ମନ୍ଦିର ସମ୍ମୁଖରେ ଅଟକିଥିଲା। ସେତିକିବେଳେ ଡ୍ରାଇଭର ଓହ୍ଲାଉଥିବା ବେଳେ ପଡିଯାଇ ଚେତାଶୂନ୍ୟ ହୋଇପଡିଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବଡ଼ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହେଲେ ଡ୍ରାଇଭରଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଯୋଗ ଦିବସ ପାଳନ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)-** ଜୁନ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସୁନ୍ଦରଗଡ଼ କ୍ଲବ ପକ୍ଷରୁ ବୁଧବାର ସ୍ଥାନୀୟ ଭବାନୀ ଭବନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଭୂଧେନ୍ଦ୍ର ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦିବସ ପାଳନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସୁନ୍ଦରଗଡ଼ କ୍ଲବ ଓ ପତଞ୍ଜଳି ଯୋଗସମିତି ଓ ସୁନ୍ଦରଗଡ଼ ଯୋଗ ସମିତିର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ସହରର ୬ଟି ସ୍ଥାନରେ ଯୋଗଦିବସ ପାଳନ କରିବାକୁ ସ୍ଥିର ହୋଇଛି। ଆସନ୍ତା ୧୮ତାରିଖରୁ ୩ଦିନ ପର୍ଯ୍ୟନ୍ତ ଭବାନୀ ଭବନ ପଡିଆରେ ଏକ ଯୋଗ ପ୍ରଶିକ୍ଷଣ ଶିବିରର ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଯୋଗ ଦିବସକୁ କିପରି ଆଡମ୍ବର ସହକାରେ ପାଳନ କରାଯିବ ସେ ନେଇ ପତଞ୍ଜଳି ଯୋଗ ସମିତିର ଜୟପ୍ରକାଶ ସାହୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ଅସହ୍ୟ ଗୁଳୁଗୁଳି, ବିଜୁଳି ବିଭ୍ରାଟ

**ବଡ଼ଗାଁ, ୧୨।୬ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ କିଛିଦିନ ହେଲା ଭୀଷଣ ଗରମ ସାଙ୍ଗକୁ ଗୁଳୁଗୁଳି ଓ ବିଜୁଳି ବିଭ୍ରାଟ ଲୋକଙ୍କୁ ନୟାନ୍ତ କଲାଣି। ଗରମରେ ଦିନ ୧୧ଟା ବାଜିଲେ ରାସ୍ତାରେ ଯିବା କଷ୍ଟକର ହୋଇପଡୁଛି। ମଧ୍ୟାହ୍ନରେ ରାସ୍ତା ଘାଟ ଏକପ୍ରକାର ଶୁନଶାନ ହୋଇଯାଉଛି। ସୂର୍ଯ୍ୟାସ୍ତ ପରେ ଉତ୍ତାପ ସାମାନ୍ୟ ହ୍ରାସ ପାଉଥିଲେ ମଧ ରାତି ଗୋଟିଏ ପର୍ଯ୍ୟନ୍ତ ଗୁଳୁଗୁଳିର ପ୍ରକୋଶ ଥମୁନାହିଁ । ଏଭଳି ପରିସ୍ଥିତିରେ ବିଜୁଳି କାଟ କଷ୍ଟ ବଳି ପଡୁଛି । ଚଳିତ ବର୍ଷ ମୌସୁମୀ ବିଳମ୍ବ ହେବ ବୋଲି କୁହାଯାଉଛି । ଏ ଯାଏଁ ପ୍ରାକ୍ ମୌସୁମୀ ବର୍ଷା ହୋଇନାହିଁ । ତେଣୁ ରୋଦ୍ରତାପର ପ୍ରକୋପ ଆଉ ସପ୍ତାହେ ସହ୍ୟ କରିବାକୁ ପଡିବ ବୋଲି ଆଶା କରାଯାଉଛି ।

### ବରଯାତ୍ରୀ ଶୋଭାଯାତ୍ରାରେ ମାରପିଟ

**ସମ୍ବଲପୁର,୧୨।୬(ବ୍ୟୁରୋ)-** ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରନରେ ବରଯାତ୍ରୀ ଶୋଭାଯାତ୍ରା ବେଳେ ମାଡପିଟି ହୋଇଥିବା ଅଭିଯୋଗ ହୋଇଛି । ନୁରଜାହାଁ ବେଗମଙ୍କ ଅଭିଯୋଗ କ୍ରମେ ଶୋଭାଯାତ୍ରା ଚାଲିଥିବା ସମୟରେ ସୁନାପାଲି ଅଞ୍ଚଳର ୪/୫ ଜଣ ଯୁବକ ଆସି ମାଡପିଟ କରିଥିଲେ । ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଶୂନରୁ ୫୦% କମ୍ ମାଟ୍ରିକ ପରୀକ୍ଷା ପାସ ହାର

# ୧୨୬ ହାଇସ୍କୁଲକୁ କାରଣ ଦର୍ଶାଅ ନୋଟିସ

**୭ଦିନ ମଧ୍ୟରେ ଜବାବ ଦାଖଲ ନିର୍ଦ୍ଦେଶ**

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ମାଟ୍ରିକ ପରୀକ୍ଷାରେ ସୁନ୍ଦରଗଡ଼ ଜିଲାରେ ଫଳ ଶୂନ ହୋଇଥିବା ଏବଂ ୫୦ପ୍ରତିଶତରୁ କମ୍ ପାସ ହାର ଥିବା ହାଇସ୍କୁଲକୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜିଲାର ଏକମାତ୍ର ସବ୍‌ଡେଗା ବ୍ଲକ ଅଧୀନ ଦେଓବାହାଲ ନୋଡାଲ ହାଇସ୍କୁଲର ପରୀକ୍ଷା ଫଳ ଶୂନ ହୋଇଛି। ବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି। ଏହା ଜିଲା ତଥା ସମ୍ପୃକ୍ତ ବିଦ୍ୟାଳୟର ଗୌରବକୁ କ୍ଷୁର୍ଣ୍ଣ କରିଛି । କେଉଁ ପରିସ୍ଥିତିରେ ବିଦ୍ୟାଳୟର ଛାତ୍ରୀଛାତ୍ର ପାସ କଲେ ନାହିଁ ଏହାର କାରଣ ଦର୍ଶାଇବା ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ କର୍ତ୍ତବ୍ୟରେ ଅବହେଳା କରିଥିବା ବିବେଚନା କରି ଜିଲା ଶିକ୍ଷା ଅଧିକାରୀ ଏହି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହିପରି ଜିଲାର ୧୨୬ଟି ହାଇସ୍କୁଲର ପରୀକ୍ଷା ଫଳ ୫୦ ପ୍ରତିଶତରୁ କମ୍ ଥିବାରୁ ସେହି ବିଦ୍ୟାଳୟଗୁଡିକୁ ମଧ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ୫୦ ପ୍ରତିଶତରୁ କମ୍ ପାସ ହାର ଥିବା ହାଇସ୍କୁଲଗୁଡିକ ମଧ୍ୟରେ ହେମଗିର ହାଇସ୍କୁଲ ୪୯.୦୨, ଝିରପାଣି ସରକାରୀ ହାଇସ୍କୁଲ ୪୮.୮୬, ହାତୀବନ୍ଧା କଲୋନୀ ହାଇସ୍କୁଲ ୪୮.୮୪, ସରକାରୀ ୟୁଜି ହାଇସ୍କୁଲ ଉଜ୍ଜୁଗୁ ୪୮.୧୫, ରାଉରକେଲା ସେକ୍ଟର ୬-ଏନ୍ଏସି (ଏସ୍‌ଟି) ନୋଡାଲ ହାଇସ୍କୁଲ ୪୭.୭୧, ଛତାବର ସରକାରୀ ୟୁଜି ହାଇସ୍କୁଲ ୪୭.୬୨, ବି ଖୁଣ୍ଟଗାଁ ନୋଡାଲ ହାଇସ୍କୁଲ ୪୭.୬୨, ବିରତୋଲା ପୁରକାପାଲି ପଞ୍ଚାୟତ ହାଇସ୍କୁଲ ୪୭.୩୭, ବୀର୍ସାମୁଣ୍ଡା ନୋଡଲ ବିଦ୍ୟାପୀଠ କ୍ୱାରୀ ସାଇଡିଂ ୪୭.୨୨, ଅଣ୍ଡାଳି ଜାମବାହାଲ ହାଇସ୍କୁଲ ୪୭.୨୨, ଦାର୍ଜିଂ ବନବିଦ୍ୟାଳୟ ୪୭.୦୬, ପାନପୋଷ ମ୍ୟୁନିସିପାଲ ନୋଡାଲ ହାଇସ୍କୁଲ ୪୬.୯୧, ବିହାବନ୍ଧ ଲାଞ୍ଜିବେର୍ଣ୍ଣା ଶ୍ରମିକ ନୋଡାଲ ହାଇସ୍କୁଲ ୪୬.୮୮, ଭାଲୁପାନି ସରକାରୀ ୟୁଜି ହାଇସ୍କୁଲ ୪୬.୬୭, ବି.କରୁଆ ବାହାଲଅରଣ୍ୟା ହାଇସ୍କୁଲ ୪୬.୬୭, ପଦ୍ମପୁର ସରକାରୀ ୟୁଜି ହାଇସ୍କୁଲ ୪୬.୧୫, ଡୁରୁବଗା ସରକାରୀ ୟୁଜି ହାଇସ୍କୁଲ ୪୫.୪୫, ହାସନପୁର ଉର୍ଦ୍ଧ୍ବ ହାଇସ୍କୁଲ ୪୫, ଗାଇକନ ପାଲି ପ୍ରସ୍ତାବିତ ବାଳିକା ଉଚ୍ଚ ବିଦ୍ୟାଳୟ ୪୫, ବୀରମିତ୍ରପୁର ସରକାରୀ ହାଇସ୍କୁଲ ୪୪, କପଣ୍ଡା ପଞ୍ଚାୟତ ହାଇସ୍କୁଲର ୪୪. ୪୪ ପ୍ରତିଶତ ଥିବା ପାସ ହାର ଥିବା ବେଳେ ମୋଟ ୧୨୬ଟି ହାଇସ୍କୁଲର ପାସ ହାର ୫୦ ପ୍ରତିଶତରୁ କମ୍ ରହିଛି। ସେହିପରି ଜରଡା ସରକାରୀ ନୋଡାଲ ହାଇସ୍କୁଲର ସର୍ବନିମ୍ନ ୨୫ ପ୍ରତିଶତ ପାସ ହାର ରହିଛି। ଏହି ସମସ୍ତ ହାଇସ୍କୁଲକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୭ଦିନ ମଧ୍ୟରେ ଏହାର ଜବାବ ଦାଖଲ କରିବା ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।



ପୋଖରୀରେ ଓଲଟି ପଡିଥିବା ଟ୍ରକ।

## ପୋଖରୀକୁ ଓଲଟିଲା ଟ୍ରକ୍, ଚାଳକ ମୃତ

**ଲହୁଣୀପଡ଼ା,୧୨।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ରାଜାମୁଣ୍ଡା ପଞ୍ଚାୟତ ଡୁମକଲା ଗ୍ରାମରେ ବୁଧବାର ପୂର୍ବାହ୍ନରେ ଏକ ଟ୍ରକ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶି ଓଲଟି ପଡିଥିଲା। ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଅନୁଗୋଳରୁ ଏକ ଟ୍ରକ୍ (ନଂ. ଆର୍‌ଜେ ୦୨ଜିପି-୫୯୭୨) ଲୁହାପ୍ଲେଟ ବୋଝେଇ କରି ଉତ୍ତରପ୍ରଦେଶ ଯାଉଥିଲା। ହେଲେ ଟ୍ରକଟି ରାସ୍ତା ଭୁଲି ରାଜାମୁଣ୍ଡାରୁ ଡୁମକଲା ଗ୍ରାମକୁ ଚାଲିଆସିଥିଲା। ହେଲେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଖରୀ ଭିତରକୁ ପଶିଯାଇ ଓଲଟି ପଡିଥିଲା। ଫଳରେ ଚାଳକ ପାଣି ଭିତରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ଚାଳକ ଜଣକ ରାଜସ୍ଥାନର ଅଲୱାର ଅଞ୍ଚଳର ମୁକେଶ କୁମାର(୪୫) ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ବଡ଼ଗାଁ ପୋଷ୍ଟ ଅଫିସରେ ଜମାକାରୀ ହଇରାଣ

**ବଡଗାଁ,୧୨।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ପୋଷ୍ଟ ଅଫିସରେ ଗ୍ରାହକଙ୍କୁ ଠିକ୍ ଭାବେ ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ପୋଷ୍ଟ ଅଫିସର ନେଟ୍ ଫେଲ୍ ରହୁଥିବା ବେଳେ ବିଜୁଳି ବିଭ୍ରାଟ ଯୋଗୁ ଗ୍ରାହକମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ନିରାଶ ହେବାକୁ ପଡୁଛି। ଗତ ୩ମାସ ହେଲା ପୋଷ୍ଟ ଅଫିସରରେ ପୋଷ୍ଟମାଷ୍ଟର ନିଯୁକ୍ତି କରାଯାଇଥିଲେ ମଧ ସେ କାର୍ଯ୍ୟରେ ଯୋଗ ଦେଇ ନ ଥିବା ଜଣାପଡିଛି। ଫଳରେ ଜଣେ କର୍ମଚାରୀ ପୋଷ୍ଟ ମାଷ୍ଟର ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷେ ସ୍ଥାୟୀ ପୋଷ୍ଟ ମାଷ୍ଟରଙ୍କ ବଦଳି ପରେ ଅଢ଼େଇ ମାସ ହେଲା କର୍ମଚାରୀମାନେ ଠିକ୍ ସମୟରେ ଅଫିସକୁ ଆସୁଥିବା ଜଣାପଡିଛି। ସେହିପରି ବିଭିନ୍ନ ଅବ୍ୟବସ୍ଥାରେ ଡାକ ଘର ଚାଲିଥିବା ବେଳେ ରେଭେନ୍ୟୁ ଟିକେଟ, ପୋଷ୍ଟାଲ ଅର୍ଡର ମିଳୁ ନ ଥିବାରୁ ଲୋକେ ଆକାଉଣ୍ଟ ଖୋଲିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କେତେଜଣ କର୍ମଚାରୀମାନେ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରୁ ନ ଥିବା ଜଣାପଡିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ସୌର୍ଯ୍ୟ ପ୍ରଶିକ୍ଷଣବର୍ଗ ଉଦ୍‌ଯାପିତ

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରଠାରେ ଗତ ୪ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ବଜରଙ୍ଗ ଦଳ ପଶ୍ଚିମ ଓଡ଼ିଶା ସୌର୍ଯ୍ୟ ପ୍ରଶିକ୍ଷଣବର୍ଗ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସଂଗଠନ ସମ୍ପାଦକ ଶରତ ଧଳ ଯୋଗଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀରରଞ୍ଜନ ବହିଦାର, ଅଶ୍ୱିନୀ ମେହେର, ରାଜୁ ସିଂ, କିଶୋର ପଟେଲ, ସନାତନ ପଟେଲ ପ୍ରମୁଖ ଯୋଗଦେଇଥିଲେ। ସତ୍ୟ ଥନାପତି ସଭା ସଞ୍ଚାଳନ କରିଥିଲେ । ସକାଳ ୯ଟାରେ ଦୀକ୍ଷା ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ କନିଷ୍ଠାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏକ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ଜୀବନ ମୁକ୍ତାନନ୍ଦ ମହାରାଜ ଦୀକ୍ଷା ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଦିବସର ଅବ୍ୟବହିତ ପୂର୍ବରୁ ଏକ ଚିତ୍ତାକର୍ଷକ ଶୋଭାଯାତ୍ରା ସହର ପରିକ୍ରମା ସହ ପଞ୍ଚମୁଖୀ ହନୁମାନଙ୍କ ଏକ ଆଳତି ଅନୁଷ୍ଠିତ ହୋଇଥିଲା । ସହର ପରିକ୍ରମା ଶୋଭାଯାତ୍ରା ବେଳେ ବଜରଙ୍ଗଦଳ ସଦସ୍ୟମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଶାରୀରିକ କଳା କୌଶଳ ପ୍ରଦର୍ଶିତ ହୋଇଥିଲା। ସଂଗ୍ରାମ କେଶରୀ ପରିଡା, କିଶୋର ଶର୍ମା, ଗଣେଶ ନାହାକ ପ୍ରମୁଖ ଏହାର ପରିଚାଳନା କରିଥିଲେ।



ବଜରଙ୍ଗଦଳ ସଦସ୍ୟମାନେ ଶାରୀରିକ କଳା କୌଶଳ ପ୍ରଦର୍ଶନ କରୁଛନ୍ତି।

## ବେଦାନ୍ତ ସମିତି ପକ୍ଷରୁ ରକ୍ତଦାନ ଶିବିର

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ବେଦାନ୍ତ ସମିତି ସୁନ୍ଦରଗଡ଼ ଶାଖା ଆନୁକୂଲ୍ୟରେ ବିଜୟା ଟକିଜ ରୋଡସ୍ଥିତ ଭୂୟାଁ ସମାଜ ବିକାଶ ଭବନଠାରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବେଦାନ୍ତ କେଶରୀସ୍ୱାମୀ ନିରଞ୍ଜନଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବେଦାନ୍ତ ସମିତିର ୧୫ଜଣରୁ ଉର୍ଦ୍ଧ୍ୱ ସଦସ୍ୟ ରକ୍ତଦାନ କରିଥିଲେ। ବେଦାନ୍ତ ସମିତି ସୁନ୍ଦରଗଡ଼ ଶାଖାର ସଭାପତି ଲୀଳାଧର କାଲୋ, ସମ୍ପାଦକ ସନାତନ କର, ସୁଦାମ ଚନ୍ଦ୍ର ପଟେଲ, ଜିଲା ରେଡକ୍ରସ ସଂସ୍ଥା ରକ୍ତଭଣ୍ଡାରର ଅଧିକାରୀ ଡା. ଶରତ ଚନ୍ଦ୍ର ନାଏକ, ରତ୍ନପ୍ରଭା ନାୟକଙ୍କ ସହ ସମିତିର ସଭ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ରକ୍ତଦାନ ଭଳି ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ସମିତି ପକ୍ଷରୁ ହାତକୁ ନିଆଯିବ ବୋଲି ସଭାପତି କାଲୋ ପ୍ରକାଶ କରିଛନ୍ତି




ରକ୍ତଦାନ ଶିବିରରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

## ବାଇକ୍‌କୁ ପିଟିଲା ଟ୍ରେଲର, ଯୁବତୀ ମୃତ

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ ସୁନ୍ଦରଗଡ଼-ଝାରସୁଗୁଡା ମଧ୍ୟରେ ଥିବା ଭଷ୍ମା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରଲର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ବସିଥିବା ଜଣେ ଯୁବତୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବତୀ ଜଣକ ସୁନ୍ଦରଗଡ଼ ସଦର ଥାନା ଅଧୀନ ଜପଙ୍ଗା ଗ୍ରାମର ଶିବାନୀ କିଷାନ(୧୮)। ଆହତ ଯୁବକ ଜଣକ ସମ୍ବଲପୁର ଜିଲା ବାମରା ଥାନା ଅନ୍ତର୍ଗତ ଲୋଲୋବିରା ଗ୍ରାମର ସରୋଜ କିଷାନ (୨୭) ବୋଲି ଜଣାଯାଇଛି। ସରୋଜ ଏକ ବାଇକ୍ ଯୋଗେ ସମ୍ପର୍କୀୟ ଭଉଣୀ ଶିବାନୀଙ୍କୁ ଧରି ଆସୁଥିବା ବେଳେ ଏକ ଟ୍ରେଲର ବାଇକକୁ ଧକ୍କା ଦେଇଥିଲା। ଫଳରେ ଶିବାନୀଙ୍କ ମୃତ୍ୟୁ ଘଟିଥିଲା। ସରୋଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଭଷ୍ମା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ମାମଲା ରୁଜୁ କରି ଚାଳକଙ୍କୁ ଗିରଫ କରିଛି।

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଖବରଦାତା

**ଦେବଗଡ଼,୧୨।୬ (ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ପଳସମା ଗ୍ରାମ ହାଡ଼ସଂହାର ଗ୍ରାମର ବାବାଜୀ ମଠ ସାହି ଓ ବାଘବର ସୀମାରେ ଜଣେ ବ୍ୟକ୍ତି ଦେଶୀ ମଦଭାଟି ନିର୍ମାଣ କରୁଛନ୍ତି। ମଙ୍ଗଳବାର ଏହାକୁ ବିରୋଧ କରିବାକୁ ଯାଇଥିବା ୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫ଶହରୁ ଅଧିକ ସଦସ୍ୟାଙ୍କୁ ମଦଭାଟି ମାଲିକଙ୍କ ସମର୍ଥକମାନେ ଗୋଡେଇ ଗୋଡେଇ ଆକ୍ରମଣ କରିଥିଲେ। ଅନ୍ୟପକ୍ଷେ ସେଠାକୁ ଖବର ସଂଗ୍ରହ କରିବା ନାଇ ଯାଇଥିବା ଖବରଦାତାମାନେ ମଧ ବର୍ତ୍ତି ନ ଥିଲେ। ବୁଧବାର ଜିଲାପାଳ ସୁଧାଂଶୁ ମୋହନ ସାମଲ ଏବଂ ଏସ୍‌ପି ରାହୁଲ ଜୈନଙ୍କୁ ଖବରଦାତାମାନେ ସାକ୍ଷାତ କରି ମଦ ଭାଟି ମାଲିକଙ୍କ ଦାଦାଗିରି ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏଥିସହ ଏହି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ଯେଉଁମାନେ ଏସ୍‌ଏଚ୍‌ଜିର ସଦସ୍ୟା ଓ ଖବରତାତାମାନଙ୍କୁ ଆକ୍ରମଣ କରିଛନ୍ତି ତୁରନ୍ତ ସେମାନଙ୍କୁ ଗିରଫ କରି କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି।



ଏସ୍‌ପି ରାହୁଲ ଜୈନଙ୍କୁ ଖବରଦାତାମାନେ ଦାବିପତ୍ର ଦେଉଛନ୍ତି।

## ବିଧବାଙ୍କୁ ବଳାତ୍କାର ଅଭିଯୋଗ

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦରଥାନା ଅଧୀନ ନବରଙ୍ଗପୁର ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଏକ ଅଭିଯୋଗ ହୋଇଛି । ମହିଳା ଜଣଙ୍କ ଏକୁଟିଆ ଥିବା ବେଳେ ବ୍ୟକ୍ତି ଜଣକ ଘରେ ପଶି ମହିଳାଙ୍କୁ ବଳାତ୍କାର କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି। ହେଲେ ଅଭିଯୁକ୍ତ ଜଣକ ଫେରାର ଥିବା ପୋଲିସ କହିଛି।

## ମହିଳାଙ୍କୁ ଆକ୍ରମଣ, ଥାନାରେ ମାମଲା

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅଧୀନ ଚକ୍ରାମାଲ ଗ୍ରାମରେ ରବିବାର ଜଣେ ଦଳିତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମହିଳା ଜଣକ ଗୁରୁତର ଆହତ ହୋଇ ସୁନ୍ଦରଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ମହିଳାଙ୍କ ପୁଅ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାଲାମ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।

## ଗାୟତ୍ରୀ ଜୟନ୍ତୀରେ ଶୋଭାଯାତ୍ରା

**କୁଆଁରମୁଣ୍ଡା,୧୨।୬ (ଡି.ଏନ୍.ଏ.)**

ବୁଧବାର ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦଶମୀ ତିଥି। ଏହି ତିଥିରେ ମା' ଗାୟତ୍ରୀ ଓ ଗଙ୍ଗାଙ୍କ ଧରାପୃଷ୍ଠରେ ଅବତରଣ ହୋଇଥିଲା। ଏହି ପବିତ୍ର ଦିବସରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ସଂସ୍ଥାପକ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ମହାପ୍ରୟାଣ ହୋଇଥିଲା। ଏହି ସ୍ମରଣୀୟ ଦିବସ ଉପଲକ୍ଷେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗାୟତ୍ରୀ ଶକ୍ତି ପୀଠ ପକ୍ଷରୁ ଗାୟତ୍ରୀ ପ୍ରଜ୍ଞାମଣ୍ଡଳ ପରିବାର ସଦସ୍ୟମାନଙ୍କ ଦ୍ୱାରା ଭୋର୍ ୫ଟାରୁ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ସରବେରଣୀସ୍ଥିତ ଗାୟତ୍ରୀ ଶକ୍ତିପୀଠରୁ ଏକ ଶୋଭାଯାତ୍ରା ବାହାରି ଶିଶୁ ମନ୍ଦିର ରୋଡ, ଚେକ୍‌ଗେଟ ଦେଇ ୧୪୩ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲା। ସେଠାରୁ ତହସିଲ ରୋଡ ହୋଇ ଶକ୍ତିପୀଠରେ ଶୋଭାଯାତ୍ରା ପହଞ୍ଚିଥିଲା। ପରେ ଶକ୍ତିପୀଠରେ ମା' ଗାୟତ୍ରୀ ଓ ଗଙ୍ଗାଙ୍କ ଧରାବତରଣ ସଂକ୍ରାନ୍ତରେ ପଣ୍ଡିତମାନେ ଆଲୋଚନା କରିଥିଲେ । ସେହିପରି ସନ୍ଧ୍ୟାରେ ଦୀପଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ଶକ୍ତିପୀଠ ପକ୍ଷରୁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। କୁଆଁରମୁଣ୍ଡାସ୍ଥିତ ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟ ଗୁରୁଚରଣ ସାହୁଙ୍କ ସମେତ ସୁରେନ୍ଦ୍ର ନାଥ ସାହୁ, ମହେଶ୍ୱର ମିଶ୍ର, ବିଜୟ ଜେନା, ପ୍ରମିଳା ନାୟକ, ସତ୍ୟଭାମା ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।




କୁଆଁରମୁଣ୍ଡା ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ଜିଲାସ୍ତରୀୟ ଶିକ୍ଷକ ସମାବେଶ ପ୍ରସ୍ତୁତି

## ଜିଲା ଶିକ୍ଷା ଅଧିକାରୀଙ୍କ ସହ ଶିକ୍ଷକ ସଂଘର ଆଲୋଚନା

**ସୁନ୍ଦରଗଡ଼,୧୨।୬ (ଡି.ଏନ୍.ଏ.)**

ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେବାକୁ ଚିନ୍ତା କରୁଥିବା ବେଳେ ସୁନ୍ଦରଗଡ଼ ଜିଲାରେ ଜିଲାସ୍ତରୀୟ ଶିକ୍ଷକ ସମାବେଶର ଆୟୋଜନ ଲାଗି ଜିଲା ପ୍ରାଥମିକ ଶିକ୍ଷକ ସଂଘ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କୁ ସାକ୍ଷାତ କରି ଜିଲାସ୍ତରୀୟ ଶିକ୍ଷକ ସମାବେଶ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଜିଲାର ୩୦୦ରୁ ଉର୍ଦ୍ଧ୍ୱ ଘରୋଇ ବିଦ୍ୟାଳୟ ଗଢି ଉଠିଥିବା ବେଳେ ସେଥିରୁ ଶତକଡ଼ା ୬୦ଭାଗ ବିଦ୍ୟାଳୟର ଅନୁମତି ନ ଥିଲେ ମଧ ଅଭିଭାବକମାନେ ପିଲାଙ୍କ ନାମ ଲେଖାଇ ଚାଲିଥିବା କାରଣରୁ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକରେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ।

ଚଳିତ ବର୍ଷ ବନ୍ଦ ହେବାକୁ ଥିବା ଜିଲାର ୩୭ଟି ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସୁନିଶ୍ଚିତ ଶିକ୍ଷାଦାନର ବ୍ୟବସ୍ଥା କରିବା ସହ ସମ୍ପୃକ୍ତ ବିଦ୍ୟାଳୟର ଜମି ଓ କୋଠାକୁ ସରକାରଙ୍କ ପକ୍ଷରୁ ଆୟତ୍ତରେ ରଖା ନ ଯାଏ ତାହାହେଲେ ସେଗୁଡିକରେ ଅସାମାଜିକ ବ୍ୟକ୍ତିଙ୍କ ଚରାଭୂଇଁ ପାଲଟିବ ବୋଲି ସଂଘର ପ୍ରତିନିଧି ଦଳ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ଶିକ୍ଷାର ମାନବୃଦ୍ଧି ପାଇଁ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଆବଶ୍ୟକ ସହଯୋଗ କରିବାକୁ ଜିଲା ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ୨୦୧୮ ମାର୍ଚ୍ଚ ଓ ଏପ୍ରିଲ ମାସରେ ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦରମା ବନ୍ଦ ହୋଇଥିଲା। ଏହି ଅବସରରେ ୩୬ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ପତ୍ରାଙ୍କ (ନଂ.୫୯୬ ତା.୧୦/୬/୨୦୧୯) ନୂଆଁଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା ରିଲିଜ କରିଥିବାରୁ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ସୁଆର ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ନୂଆଁଗାଁ ବ୍ଲକ ଶିକ୍ଷା ଅଧିକାରୀ ବେହେରାଙ୍କୁ ସାଧୁବାଦ ଜଣାଇଥିଲେ। ଏପରି କି ଶିକ୍ଷକମାନଙ୍କ ବନ୍ଦ ଥିବା ଇନ୍‌କ୍ରିମେଣ୍ଟ ମଞ୍ଜୁର କରି ଏରିୟର ଦେବା ଏବଂ ଯୋଗ୍ୟ ଶିକ୍ଷକମାନଙ୍କ ତାଲିକା ପ୍ରସ୍ତୁତ କରି ଆସନ୍ତା ଜୁଲାଇ ମାସରେ ହେବାକୁ ଥିବା ଏମ୍‌ଏସିପି ମଞ୍ଜୁର ପାଇଁ ପ୍ରସ୍ତାବ ଦେବାରେ କୌଣସି ବାଧକ ନାହିଁ ବୋଲି ଜିଲା ଶିକ୍ଷା ଅଧିକାରୀ କହିଥିବା ଜିଲା ସାଧାରଣ ସମ୍ପାଦକ ସୁଆର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜିଏମ୍‌ୟୁରେ ସହାୟତା କେନ୍ଦ୍ର

**ସମ୍ବଲପୁର,୧୨।୬(ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ସଂପ୍ରତି ୨୭ଟି ବିଭାଗରେ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ହେଉଛି । ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଛାତ୍ରୀଛାତ୍ର ଆସୁଛନ୍ତି । ଏବେ ସମ୍ବଲପୁର ସହରରେ ପ୍ରଚଣ୍ଡ ରୌଦ୍ରତାପ ପ୍ରବାହିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ଜିଏମୟୁରେ ଏବିଭିପି ପକ୍ଷରୁ ସହାୟତା କେନ୍ଦ୍ର ଖୋଲା ଯାଇଛି । ଏବିଭିପି କର୍ମକର୍ତ୍ତା ପରୀକ୍ଷାର୍ଥୀ ଓ ଅଭିଭାବକମାନଙ୍କୁ ପରୀକ୍ଷା ବିଷୟରେ ସୂଚନା ଦେବା ସହ ଥଣ୍ଡା ପାନୀୟ ଜଳ ପ୍ରଦାନ କରୁଛନ୍ତି।

### ବ୍ରିଜ୍‌ରୁ ପଡି ଜୀବନ ଗଲା

**ବାମରା, ୧୨।୬ (ସ୍ୱ.ପ୍ର.):** ସୁନ୍ଦରଗଡ ଜିଲା ଧାରୁଆଡିହି ଅନ୍ତର୍ଗତ ଫିଲିଙ୍ଗିବାହାଲ ଗାଁର ଜଣେ ବ୍ୟକ୍ତିଙ୍କ ବାମରା ନିକଟରେ ଏକ ବ୍ରିଜରୁ ପଡି ଜୀବନ ଯାଇଛି। ସେ ହେଲେ ଜନ୍ମେଜୟ ବାଘ (୪୩)। ଏହି ବ୍ୟକ୍ତି ଜଣକ ଅନ୍ୟ ଦୁଇ ଜଣଙ୍କ ସହ ବ୍ରିଜ ଉପରେ ବସି କଥାବାର୍ତ୍ତା କରୁଥିଲେ । ହେଲେ ହଠାତ ବ୍ରିଜ ତଳକୁ ଖସି ପଡିଥିଲେ। ପଥର ଉପରେ ପଡିବାରୁ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ବାମରା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ମୃତ୍ୟୁ ଘଟିଥିଲା । ଏ ନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଜିମାରେ ଦିଆଯାଇଛି।

### ରସୁଣ ବୋଝେଇ ଟ୍ରକ୍ ଓଲଟି ଡ୍ରାଇଭର ମୃତ

**ସମ୍ବଲପୁର,୧୩।୬(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଭୀମଖୋଜ ନିକଟରେ ଏକ ରସୁଣ ବୋଝେଇ ଟ୍ରକ୍ ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ମଧ୍ୟପ୍ରଦେଶର ଇନ୍ଦଜେନର ଦିନେଶ ଜି (୪୦) । ପୋଲିସ ମୃତଦେହ ଉଦ୍ଧରେ କରି ବ୍ୟବଚ୍ଛେଦ କରାଇଛି । ପରିବାର ବର୍ଗଙ୍କୁ ଗୁରୁବାର ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ ଯେ, ମଧ ପ୍ରଦେଶରୁ ଟ୍ରକ୍ (ଏମପି-୧୩ ଏଚ ୦୩୭୭୫)ଟି ରସୁଣ ନେଇ ବାରିପଦା ଯାଉଥିଲା। ଭୋର ୪ଟାରେ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା।

### ରେଙ୍ଗାଲି ଡାକ୍ତରଖାନା ପରିଦର୍ଶନ କଲେ ବିଧାୟକ ନାଉରି ନାୟକ

**ରେଙ୍ଗାଲି,୧୨।୬ (ଡି.ଏନ.ଏ.)** ସମ୍ବଲପୁର ଜିଲା ରେଙ୍ଗାଲି ବିଧାୟକ ନାଉରୀ ନାଏକ ବୁଧବାର ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ହେଲେ ଡାକ୍ତରଖାନାର ଅବ୍ୟବସ୍ଥା ଦେଖି ସେ କ୍ଷୋଭ ପ୍ରକାଶ କରିଥିଲେ । ତେବେ ଗୁରୁବାର ବିଧାୟକ ନାୟକ ସିଡିଏମଓଙ୍କୁ ସାକ୍ଷାତ କରି ଏ ସବୁ ସମ୍ପର୍କରେ ବିଷୟରେ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି। ଜିଲା ପରିଷଦ ଚେୟାରମ୍ୟାନ ରାଧେଶ୍ୟାମ ବାରିକ, ଯୁଗଳ କିଶୋର ଅଗ୍ରୱାଲ, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ବିଶିକେଶନ ପଣ୍ଡା, ଡ. ଅର୍ଜୁନ ନାଏକ, ଜୟନାରାୟଣ ନାଏକ, ସୁଧୀର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

### ମାଉସୀମା' ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବ୍ରଜରାଜନଗର,୧୨।୬(ଡି.ଏନ୍.ଏ.)** ସ୍ଥାନୀୟ ଗାନ୍ଧୀଛକ ଦୁର୍ଗା ମଣ୍ଡପ ନିକଟରେ ନିର୍ମିତ ମାଉସୀମା' ମନ୍ଦିର ପ୍ରତିଷ୍ଠା କରାଯାଇଛି। ପୂର୍ବତନ ଗୌନ୍ତିଆ ମଣିରାମ ସିଂ ଓ ତାଙ୍କ ସ୍ତ୍ରୀ ଏଥିରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କମିଟି ପକ୍ଷରୁ ଭଜନ କୀର୍ତ୍ତନ ସାଙ୍ଗକୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ଆରଏମ୍‌ସିରୁ ବିଭିନ୍ନ ଜିନିଷ ଚୋରି

**ପଡିଆବାହାଲ, ୧୨।୬ (ଡିଏନ.ଏ.):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ପଡିଆବାହାଲ ନିକଟ ଖଲିଆପାଲି ବଜାର ପ୍ରାଙ୍ଗଣ ଆରଏମସି ଗୃହରୁ ବିଭିନ୍ନ ଜିନିଷ ଚୋରି ହୋଇଛି। ଦୁର୍ବୃତ୍ତ ଶଟର ତାଡି ବୈଦ୍ୟୁତିକ ଓଜନ ମେସିନ, ଚୌକି ଏବଂ ତାରପୋଲିନ ପ୍ରଭୃତି ଚୋରି କରି ନେଇଛନ୍ତି। ଏ ନେଇ ଆରଏମସି ଇନଚାର୍ଜ ରଜତ ସାହୁ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

# ବରବେଶରେ ନଗର ପରିକ୍ରମା କଲେ ଶ୍ରୀକୃଷ୍ଣ

**ସମ୍ବଲପୁର, ୧୨।୬ (ବ୍ୟୁରୋ)**

ବରବେଶରେ ଭଗବାନ ଶ୍ରୀକୃଷ୍ଣ ବୁଧବାର ରାତିରେ ନଗର ପରିକ୍ରମା କରିଛନ୍ତି । ରୀତିନୀତି ଓ ପରମ୍ପରାରେ ମୁଦିପଡା ଭଗବତୀ ମନ୍ଦିରଠାରେ ପଣ୍ଡିତ ଘନଶ୍ୟାମ ଦାଶ ପୂଜାର୍ଚ୍ଚନା କରିଥିଲେ । ଘଣ୍ଟ, ଶଙ୍ଖ, ଦୁଲଦୁଲି ତାଳରେ ମହିଳାମାନେ ଭଗବାନଙ୍କୁ ବନ୍ଦାଣ କରିଥିଲେ । ହରିବୋଲ ହୁଳହୁଳିରେ ଉଛୁଳି ପଡିଥିଲା ଭଗବତ ମନ୍ଦିର ପରିସର । ଏହାପରେ ଶ୍ରୀକୃଷ୍ଣଙ୍କୁ ଭକ୍ତମାନେ ସୁସଜ୍ଜିତ ବିମାନରେ ବସାଇ ନଗର ପରିକ୍ରମାରେ ବାହାରିଥିଲେ। ମୁଦିପଡା ଛକ, କୁଞ୍ଜେଲପଡା, ବାଲିବନ୍ଧା ଛକ, ସମଲେଶ୍ୱରୀ ଛକ ପରିକ୍ରମା କରି ବଡବଜାର ସମଲେଶ୍ୱରୀ ରେସିଡେନ୍ସିରେ ଏହା ପହଞ୍ଚି ଥିଲା । ସେଠାରେ ବର ମାତା ମିନାକ୍ଷୀ ଓ ବରପିତା ରାଜେଶ ଚନ୍ଦ୍ର ପତିଙ୍କୁ କନ୍ୟାମାତା ପଙ୍କି ଜୈନ ଓ କନ୍ୟାପିତା ରାଜେନ୍ଦ୍ର ଜୈନ ଘରକୁ ପାଛୋଟି ନେଇଥିଲେ । ଏହାପରେ ମହିଳାମାନେ ଶ୍ରୀକୃଷ୍ଣଙ୍କୁ ବନ୍ଦାଣ କରି ବିବାହ ମଣ୍ଡପକୁ ନେଇଥିଲେ। ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ବିବାହ ସଂପନ୍ନ ହୋଇଥିଲା। ନଳିନୀ ପ୍ରଧାନ, ପୁଷ୍ପାରାଣୀ ପ୍ରଧାନ, ଶ୍ରୀବତ୍ସ ଜେନା, ସରସ୍ୱତୀ କର, ତପସ୍ୱିନୀ କର, ବ୍ୟୋମକେଶ ପଣ୍ଡା, ନୀଳମଣୀ ପ୍ରଧାନ, ମହେନ୍ଦ୍ର ମେହେର, ପ୍ରଶାନ୍ତ ପାତ୍ର, ପ୍ରେମସାଗର ବେହେରା, ରେଣୁକା ଦାଶ ଯାତ୍ରା ପରିଚାଳନା କରିଥିଲେ ।



ବୁଧବାର ସମ୍ବଲପୁର ମୁଦିପଡାରୁ ଭଗବାନ ଶ୍ରୀକୃଷ୍ଣ ବର ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମାରେ ବାହାରିଛନ୍ତି ।



ଶ୍ରୀକୃଷ୍ଣଙ୍କ ବରଯାତ୍ରୀ ଶୋଭାଯାତ୍ରା ଦଳରେ ହନୁମାନ ସାମିଲ ହୋଇଛନ୍ତି।



ବୁଧବାର ସମ୍ବଲପୁରରେ ଶ୍ରୀକୃଷ୍ଣଙ୍କ ବରାତିରେ ଜଣେ କଳାକାର ଜଳତରଙ୍ଗ ବାଦ୍ୟ ବଜାଉଛନ୍ତି ।



ବୁଧବାର ସମ୍ବଲପୁରରେ ଶ୍ରୀକୃଷ୍ଣଙ୍କ ବରାତିରେ କଳଙ୍ଗି ନାଚ ।



ବୁଧବାର ସମ୍ବଲପୁରରେ ଶ୍ରୀକୃଷ୍ଣଙ୍କ ବରାତିରେ ମହିଳାମାନେ ସାମିଲ ହୋଇଛନ୍ତି ।

## ଭିତରେ ବୈଠକ, ବାହାରେ ଗଣ୍ଡଗୋଳ

**ସମ୍ବଲପୁର,୧୨।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ପଞ୍ଚାୟତ ସମିତିର ବୈଠକ ବୁଧବାର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସରାଜ ବିଶ୍ୱାଳଙ୍କ ଅଧକ୍ଷତାରେ ଏହି ବୈଠକ ବସିଥିଲା। ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ବ୍ଲକ ଅଧକ୍ଷା ସନ୍ତୋଷିନୀ ଛୁରିଆ, ଉପାଧକ୍ଷ ନିରଞ୍ଜନ ପଣ୍ଡା, ରୋହିତ ଗଙ୍ଗଦେବଙ୍କ ସମେତ ବ୍ଲକ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ଯୁଯୁମୁରା ବ୍ଲକରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାମ ବିଳମ୍ବ କରାଯାଉଛି । ଚଳିତ ଶିକ୍ଷା ବର୍ଷରୁ ଏଠାରେ ପାଠ ପଢା ଆରମ୍ଭ ହେବାକୁ ଥିବାରୁ ସମସ୍ୟା ହେବ ବୋଲି ଆଲୋଚନା ହୋଇଥିଲା। ସେହିଭଳି ଅଞ୍ଚଳରେ ପିଇବା ପାଣି ସମସ୍ୟା ରହୁଛି । ନଳକୂଅ ଗୁଡିକ ଖରାପ ହୋଇଯାଇଛି । ଜଳ ଯୋଗାଣ ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଉ ନାହିଁ। ଭତ୍ତା, ଆବାସ ଯୋଜନା, ରାସ୍ତାଘାଟ ଭଳି ସମସ୍ୟା ଉପରେ ମଧ ଆଲୋଚନା ହୋଇଥିଲା। ତେବେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ପରିସରରେ ସଭା କାର୍ଯ୍ୟ ହେଉଥିବା ବେଳେ ବାହାରେ ୨ ଜଣ କର୍ମୀ ଗାଳିଗୁଲଜ କରୁଥିଲେ। ଖବର ପାଇ ଯୁଯୁମୁରା ପୋଲିସ ପହଞ୍ଚିଥିଲା। ଏହାପରେ ଯାଇ ପରିସ୍ଥିତି ଶାନ୍ତ ପଡିଥିଲା। ୨ ଯୁବକ ସେଠାରୁ ଚାଲି ଯାଇଥିଲେ। ଏହି ଘଟଣା ସମ୍ପର୍କରେ ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡାଙ୍କୁ ପଚାରିବାରୁ ଦୁଇ ଜଣ କର୍ମୀ ନିଜ ନିଜ ଭିତରେ କଥା କଟା କଟି ହେଉଥିଲେ। ପରେ କିନ୍ତୁ ସେମାନେ ଚାଲି ଯାଇଥିଲେ ବୋଲି କହିଛନ୍ତି। ସେହିପରି ଯୁଯୁମୁରା ଥାନା ଅଧିକାରୀ ରୀନା ବେହେରା କହିଛନ୍ତି ଯେ, ପୋଲିସ ପହଞ୍ଚିଲାବେଳକୁ ସେଭଳି କିଛି ପରିସ୍ଥିତି ନ ଥିଲା।

## 'ଦେବଗଡ ଉଦ୍ୟୋଗୀ ମିଶନ' ପାଇଁ ସହଯୋଗ ଲୋଡା

**ଦେବଗଡ଼,୧୨।୬(ଡି.ଏନ.ଏ.)**

ଶିଳ୍ପ ବିହିନ ଦେବଗଡ ଜିଲାରେ ଅଣୁ ଉଦ୍ୟୋଗ ପ୍ରତିଷ୍ଠା ଜରିଆରେ ଜିଲାର ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ 'ଦେବଗଡ ଉଦ୍ୟୋଗୀ ମିଶନ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବାରକୋଟ, ରିଆମାଳ ଏବଂ ତିଲେଇବଣି ବ୍ଲକରେ ବ୍ୟାଙ୍କର୍ସମାନଙ୍କୁ ନେଇ ୩ଟି ପୃଥକ ପୃଥକ ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାମଲ ଜିଲାରେ ଆଗ୍ରହୀ ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ଅଣୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିବା ଏହି ମିଶନରେ ବ୍ୟାଙ୍କର୍ସମାନେ ଆର୍ଥିକ ସହାୟତା ଯୋଗାଇବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଆଗ୍ରହୀ ବ୍ୟକ୍ତିବିଶେଷଙ୍କଠାରୁ ଏହି ସମ୍ବନ୍ଧୀୟ ଆବେଦନ ପତ୍ର ଉଭୟ କୃଷି ଓ ଅଣକୃଷି କ୍ଷେତ୍ରରେ ଅଣୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସଂଗ୍ରହ କରାଯାଉଛି । ଋଣ ସହାୟତା ପାଇଁ ସେଗୁଡିକୁ ବ୍ୟାଙ୍କର୍ସମାନଙ୍କୁ ପଠାଯାଉଛି । ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ୯୨୦ଟି ଆବେଦନ ପତ୍ର ବିଚାର ପାଇଁ ବ୍ୟାଙ୍କର୍ସମାନଙ୍କ ପାଖକୁ ପଠାଯାଇଛି । ଏହି ଅବସରରେ ଜିଲାପାଳ ସାମଲ ଋଣ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଆବଶ୍ୟକୀୟ ପଦକ୍ଷେପ ପାଇଁ ପରାମର୍ଶ ଦେଇଛନ୍ତି। ଏଭଳି ଅଣୁ ଉଦ୍ୟୋଗ ପ୍ରତିଷ୍ଠା ହେଲେ ଜିଲାରେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହ ସାମାଜିକ ଓ ଅର୍ଥନୈତିକସ୍ତରରେ ବିକାଶ ହୋଇପାରିବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ (ଡିଆରଡିଏ) ଭିନସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପରମାନନ୍ଦ ନାୟକଙ୍କ ସମେତ ବିଭିନ୍ନ ସରକାରୀ ପଦାଧିକାରୀ, ବ୍ୟାଙ୍କ ଶାଖା ପରିଚାଳକମାନେ ଯୋଗ ଦେଇଥିଲେ।

# ଜଙ୍ଗଲରୁ ଗଛ କଟାକୁ ନେଇ ୨ଗାଁ ମଧ୍ୟରେ ବିବାଦ

**ରେଢାଖୋଲ,୧୨।୬ (ଡି.ଏନ.ଏ.)**

- ବେତଝରଣ ଗାଁ ଲୋକଙ୍କୁ ବଳମ ଲୋକଙ୍କ ଧମକ
- ପଞ୍ଚାୟତ ଅଫିସକୁ ଯାଇ ପାରୁ ନାହାନ୍ତି
- ରେଢାଖୋଲ ଉପ ଜିଲାପାଳଙ୍କ କାନରେ କଥା ପଡିଲା
- ସୁରକ୍ଷା ମାଗିଲେ ବେତଝରଣ ଗ୍ରାମବାସୀ

ରେଢାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ବଳମ ଓ ବେତଝରଣ ଗ୍ରାମବାସୀଙ୍କ ମଧ୍ୟରେ ଜଙ୍ଗଲ କାଟିବାକୁ କେନ୍ଦ୍ର କରି ବିବାଦ ଦେଖା ଦେଇଛି। ବେତଝରଣ ଗ୍ରାମବାସୀଙ୍କୁ ବଳମ ଗ୍ରାମବାସୀ ଧମକ ଦେଉଛନ୍ତି। ଏଣୁ ବେତଝରଣ ଗ୍ରାମବାସୀ ପିଡିଏସ ସାମଗ୍ରୀ ଆଣିବାକୁ ଯିବାକୁ ମଧ ଭୟ କରୁଛନ୍ତି। ବୁଧବାର ଏ ନେଇ ବେତଝରଣ ଗ୍ରାମବାସୀ ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସୁରକ୍ଷା ସହିତ ପିଡିଏସ ସାମଗ୍ରୀ ଯୋଗାଇ ଦେବାକୁ ବେତଝରଣ ଗାଁ ଲୋକେ ଉପ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବେତଝରଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗତ କିଛି ମାସ ତଳେ ବଳମ ଗ୍ରାମର କେତେକ ଗ୍ରାମବାସୀ ବେତଝରଣ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗଛ କାଟି ଶଗଡରେ ନେଉଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରି ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏଥିଯୋଗୁ ରେଞ୍ଜ ଅଧିକାରୀ ବଳମ ଗ୍ରାମବାସୀଙ୍କୁ ତାଗିଦ କରିବା ସହିତ ବେତଝରଣ ଜଙ୍ଗଲରୁ ଗଛ ନ କାଟିବାକୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ପଞ୍ଚାୟତ ଅଫିସକୁ ପିଡିଏସ ସାମଗ୍ରୀ ନେବାକୁ ଆସିଲେ ବଳମ ଲୋକେ ମାଡ ମାରିବାକୁ ଧମକ ଦେଉଥିବା ବେତଝରଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ବେତଝରଣ ଗ୍ରାମବାସୀ ଗତ କିଛି ମାସ ହେବ ପିଡିଏସ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ବେତଝରଣ ଗ୍ରାମବାସୀମାନଙ୍କୁ ତାଙ୍କ ଗ୍ରାମରେ ପିଡିଏସ ସାମଗ୍ରୀ ଯୋଗାଇ ଦେବାକୁ ଗ୍ରାମବାସୀ ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ନରେନ୍ଦ୍ର ସାହୁ, ଅରୁଣ ବିଶ୍ୱାଳ, ଯୁଧିଷ୍ଠିର ସାହୁ, ମାନଗୋବିନ୍ଦ ରାଉଳ, ରସାନନ୍ଦ ସାହୁ, ଗୋପିନାଥ ସାହୁ, ଶୋଭାଗିନୀ ସାହୁ, ଟଙ୍କଧର ସାହୁ, ବ୍ରହ୍ମା ସାହୁ, ଧବଳ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ନିରୋଧ ସଚେତନତା ଶୋଭାଯାତ୍ରା

**ରେଢାଖୋଲ,୧୨।୬(ଡି.ଏନ.ଏ)**

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତିପକ୍ଷରୁ ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ରାଲି ସିଭିଲ କୋର୍ଟ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ଶିଶୁମାନେ ହିଁ ଦେଶର ଭବିଷ୍ୟତ । ତେଣୁ ସେମାନଙ୍କୁ ସୁରକ୍ଷା ସହ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯାଇ ଉତ୍ତମ ନାଗରିକ ଭାବେ ଗଢି ତୋଳିବା ସମସ୍ତଙ୍କ କର୍ତ୍ତବ୍ୟ ହେଉ। ଏହି ବାର୍ତ୍ତା ନେଇ ତାଲୁକ ଆଇନ ସେବା ପ୍ରାଧିକରଣ ସମିତିର ଅଧକ୍ଷା ତଥା ସବଜଜ ଅପୂର୍ବା ଚୌଧୁରୀ, ଉପଜିଲାପାଳ ବିଶିକେସନ ଦେହୁରୀ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ତହସିଲଦାର ରୁବି ବେହେରା, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ହାରୁନ ଖାନ, ଜନ୍ମେଜୟ ସାହୁ ପ୍ରମୁଖ ସଚେତନତା ରାଲିରେ ସାମିଲ ହୋଇଥିଲେ। ରାଲିରେ କୋର୍ଟ କର୍ମଚାରୀ, ରେଢାଖୋଲ ଥାନାର ପୋଲିସ କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ଆଶା ଚାଇଲ୍ଡ ଲାଇନ ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହଠାରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। ସଞ୍ଜୟ ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଡିଓ ପରିକ୍ଷିତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଏବିଡିଓ ସହଦେବ ନନ୍ଦ, ସିଡିପିଓ ନାମଲେନ ଗୁଡିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଶିଶୁ ନିଖୋଜ, ଶିଶୁ ଯତ୍ନ ଓ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଚାଇଲ୍ଡ ଲାଇନ କର୍ମୀ ତ୍ରିଲୋକ ବିନୟ ସଭା ପରିଚାଳନା କରିଥିବା ବେଳେ ସାଗର ନନ୍ଦିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ରେଢାଖୋଲରେ ଶିଶୁ ଶ୍ରମିକ ନିରୋଧ ସଚେତନତା ଶୋଭାଯାତ୍ରା ବାହାରିଛି।

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଓ ଆଇନ ସଚେତନତା ଶିବିର ଧନକଉଡା ବାଳିକା ଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଶିଶୁ ବିକାଶ ସମିତି ଅଧକ୍ଷ ଗଜେନ୍ଦ୍ର କୁମାର ପଣ୍ଡା, ସଭ୍ୟା ପୁଷ୍ପାରାଣୀ ମହାପାତ୍ର, ସହାୟକ ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଲି ଏବଂ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଭ୍ୟ ପ୍ରଶାନ୍ତ ପାଢ଼ୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ପ୍ରାଧିକରଣର କର୍ମଚାରୀ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଜିଲାସ୍ତରୀୟ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ
## ସଚେତନ କରିବା, ଶିଶୁଶ୍ରମିକ ପ୍ରଥା ରୋକିବା

**ଝାରସୁଗୁଡ଼ା ଅଫିସ/ଲଖନପୁର, ୧୨।୬(ଡି.ଏନ୍.ଏ.)**

ଝାରସୁଗୁଡ଼ା ସଂସ୍କୃତି ଭବନରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଏସ୍‌ଡିଜେଏମ୍ ସୁଦୀପା ପାତ୍ରଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ ପାଳନ କରାଯାଇଛି। ଏଥିରେ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଦସ୍ୟା ମମତା ତ୍ରିପାଠୀ, ଶ୍ରମ ନିରୀକ୍ଷକ ବିମଳ କୁମାର ଦାସ, ଚାଇଲ୍ଡ ଲାଇନ୍ କେନ୍ଦ୍ର ସଂଯୋଜକ ଆଶିଷ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ବରିଷ୍ଠ ସହାୟକ ଦୁଃଶାସନ ମୁଦୁଲି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମାଜିଷ୍ଟ୍ରେଟ୍ ପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ଜଣେ ଶିଶୁକୁ ଶ୍ରମିକ ଭାବେ ନିୟୋଜିତ କଲେ ଏହା ଆଇନ ବିରୋଧୀ। ଏଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ସମସ୍ତେ ସଚେତନ ହେଲେ ଶିଶୁ ଶ୍ରମିକ ପ୍ରଥାକୁ ରୋକାଯାଇ ପାରିବ ବୋଲି ପାତ୍ର କହିଥିଲେ। ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଚାଇଲ୍ଡ ଲାଇନ୍ ପକ୍ଷରୁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ କିଭଳି ଥଇଥାନ କରାଯିବ ସେ ସମ୍ପର୍କରେ ସଂଯୋଜକ ପଣ୍ଡା କହିଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ସଦସ୍ୟା, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ କର୍ମଚାରୀ ଦେବେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ। ଦୁଃଶାସନ ମୁଦୁଲି ଅନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ସମ୍ବଲପୁର ମହାନଗର ନିଗମର ସଫେଇ କର୍ମଚାରୀମାନେ 'ଫନୀ' ପ୍ରଭାବିତ ପୁରୀ ସହର ସଫେଇ ପାଇଁ ବାହାରିଛନ୍ତି।



ସୁରଟରୁ ପୁରୀ ଅଭିମୁଖେ ବାହାରିଥିବା ବାଇକ୍ ଶୋଭାଯାତ୍ରୀ ଦଳ ସମ୍ବଲପୁର ସମଲେଇ ମନ୍ଦିରରେ ମା' ସମଲେଇଙ୍କୁ ଦର୍ଶନ କରିବା ଅବସରରେ।

# ‘୮୩’ରେ ଦୀପିକା ପାଦୁକୋନ



କେନ୍ଦୁଝର/ଢେଙ୍କାନାଳ/କଟକ/ଆଠଗଡ଼/କେନ୍ଦୁଝର (ବନ୍ୟ ପ୍ରାଣୀ) ଡିଭିଜନ ଓ ଅନୁଗୋଳର DFOମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଜଙ୍ଗଲ ଜମି/ବନ୍ୟ ପ୍ରାଣୀ କ୍ଷେତ୍ରରେ ଦିଆଯାଇଥିବା ଅନୁମୋଦନର ସର୍ତ୍ତ ପାଳନ ଉପରେ ନଜର ରଖିବେ ଏବଂ ଯଦି କୌଣସି ତ୍ରୁଟି ବିଚ୍ୟୁତି ଘଟେ, ତାହା ଜଙ୍ଗଲ ଓ ପରିବେଶ ବିଭାଗ ଓ ମୁଖ୍ୟ PCCF କାର୍ଯ୍ୟାଳୟର ନୋଡାଲ ଅଫିସରଙ୍କୁ ଜଣାଇବେ।

ଏହି ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟ, ଆବଶ୍ୟକ ଆଇନ/ନିୟମ ଅନୁଯାୟୀ, ଆବଶ୍ୟକୀୟ ପାଣ୍ଠି ଜମା ଓ ବିଚାରାଳୟ, ଯଦି କୌଣସି ଆଦେଶ ଥାଏ, ତାର ପାଳନ ଉପରେ ନିର୍ଭରଶୀଳ।

ରାଜ୍ୟପାଳଙ୍କ ଆଦେଶ ଅନୁସାରେ
ସ୍ୱାକ୍ଷର/-25.05.2019
(ଦେବଦତ୍ତ ବିଶ୍ୱାଳ)
ସରକାରଙ୍କ ସ୍ୱତନ୍ତ୍ର ସଚିବ

ଅନୁବନ୍ଧ-୧

ଭାରତ ସରକାର
ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ
ପର୍ଯ୍ୟାବରଣ ଭବନ, C.G.O. କମ୍ପ୍ଲେକ୍ସ, ଲୋଧୀ ରୋଡ, ନୂଆଦିଲ୍ଲୀ – 110 003

**ସାର୍ବଜନିକ ସୂଚନା**

F.No.8-53/1996-FC ତାରିଖ- 21.11.1996

ପ୍ରେରକ
ଶ୍ରୀ ଡି.ସି.ଖଣ୍ଡୁରୀ
ସିନିୟର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ ଫରେଷ୍ଟସ

ପ୍ରାପକ
ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ସଚିବ, ଭୁବନେଶ୍ୱର

ବିଷୟ- ଓଡ଼ିଶାର ଅନୁଗୋଳ, କଟକ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ ପାଇଁ 2159.43 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ।

ମହାଶୟ,

ଆପଣ ଉପରୋକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଠାରୁ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ସେକ୍ସନ-2 ଅନୁଯାୟୀ, ପୂର୍ବାନୁମୋଦନ ପାଇଁ ଲେଖିଥିବା ପତ୍ର ସଂଖ୍ୟା 10F (CONS) 55-9492/F&E ତା.26.04.1996 କୁ ଉଲ୍ଲେଖ କରିବା ପାଇଁ ଆଦେଶ ପାଇଅଛି।

2) ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଯତ୍ନଶୀଳ ଭାବରେ ବିଚାର ପୂର୍ବକ, କେନ୍ଦ୍ର ସରକାର 2107 ହେକ୍ଟର ଜଙ୍ଗଲ ଜମି (ତଫସିଲ ପ୍ରଦାନ) ପରିବର୍ତ୍ତନକୁ, ଅନୁଗୋଳ, କଟକ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆଡିକଟ ଓ କେନାଲ ପ୍ରଣାଳୀ) ନିର୍ମାଣ ପାଇଁ, ନିମ୍ନଲିଖିତ ସର୍ତ୍ତରେ ନୀତିଗତ ଭାବେ ଅନୁମୋଦନ କରୁଅଛନ୍ତି।

(କ) ସମପରିମାଣର ଜଙ୍ଗଲ ଜମିକୁ ରାଜ୍ୟ ଜଙ୍ଗଲ ବିଭାଗଙ୍କ ସପକ୍ଷରେ ତୁରନ୍ତ ହସ୍ତାନ୍ତର ଓ ମ୍ୟୁଟେସନ କରାଯିବ।

(ଖ) ବ୍ୟବହାରକାରୀ ସଂସ୍ଥା କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ (ପ୍ରଚଳିତ ମଜୁରି ଅନୁଯାୟୀ ଉକ୍ତ ତାରିଖରେ ପରିବର୍ତ୍ତନ କରାଯାଇଥିବା) ଉପଯୁକ୍ତ ମୂଲ୍ୟ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବେ।

(ଗ) କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ଜମି ପରିବର୍ତ୍ତନ କରିବାରେ ନିମନ୍ତେ ପ୍ରସ୍ତାବିତ ହେଉଥିବା ଜଙ୍ଗଲ ଜମିର ସମାନ ଅତିରିକ୍ତ ଜାଗା ପାଇଁ ପାଣ୍ଠି ଯୋଗାଇବେ। ଏହି ଜାଗାରେ ଜଳ ସେଚିତ ବୃକ୍ଷ ରୋପଣ ପାଇଁ ମାଗଣା ପାଣି ଯୋଗାଇବେ। ବର୍ତ୍ତମାନ ପାଇଁ ରାଜ୍ୟରେ ଏଭଳି କିଛି କାର୍ଯ୍ୟକ୍ରମ ନାହିଁ। ପାର୍ଯ୍ୟାଟନ ପର୍ଯ୍ୟଟନ ପାଇଁ କେତେକ ଅଞ୍ଚଳ ଚିହ୍ନଟ ପୂର୍ବକ ବିକାଶ କରାଯିବ।

(ଘ) ଉପଦେଷ୍ଟା କମିଟି (2159.43 ହେକ୍ଟର-52.03 ହେକ୍ଟର = 2107 ହେକ୍ଟର) ଜଙ୍ଗଲ ଜମି ପରିବର୍ତ୍ତନ ଅନୁମୋଦନ ପାଇଁ ସୁପାରିଶ କରିଛନ୍ତି।

(ଙ) ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହିତ ପରାମର୍ଶ କରି ପ୍ରକଳ୍ପ ଆବଶ୍ୟକ ସ୍ଥାନମାନଙ୍କରେ ହାତୀମାନଙ୍କ ଗମନାଗମନ ପାଇଁ ସ୍ଥାନ (Crossing Point) ଯୋଗାଇ ଦେବେ।

**ତଫସିଲ**

ଆଇନଗତ ଭାବେ ଅଣ ଜଙ୍ଗଲ ଜମି ପାଇଁ ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମି।

| S.No. | Name of Forest Division | RF | PF | Khesra Forests | Village Forest | Total |
|---|---|---|---|---|---|---|
| 1. | ଅନୁଗୋଳ | -- | 0.287 | 14.475 | 87.822 | 102.584 |
| 2. | ଢେଙ୍କାନାଳ | 242.54 | 29.33 | 249.76 | 256.18 | 777.81 |
| 3. | ଆଠଗଡ଼ | 177.62 | 5.64 | -- | 260.61 | 443.87 |
| 4. | କେନ୍ଦୁଝର | 51.77 | 0.51 | -- | 730.86 | 783.14 |
| | | 471.93 | 35.767 | 264.235 | 1335.472 | 2107.36 or 2107 ha. (say) |

3) ରାଜ୍ୟ ସରକାରଙ୍କ ଠାରୁ ଉପରୋକ୍ତ ସର୍ତ୍ତାବଳୀର ଅନୁପାଳନ ବିବରଣୀ ପ୍ରାପ୍ତି ପରେ, ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ସେକ୍ସନ-2 ଅନୁଯାୟୀ ଏହି କ୍ଷେତ୍ରରେ ଆନୁଷ୍ଠାନିକ ଅନୁମୋଦନ ଦିଆଯିବ। କେନ୍ଦ୍ର ସରକାର ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ଆନୁଷ୍ଠାନିକ ଆଦେଶ ଦେଉନଥିବାଯାଏ, ବ୍ୟବହାରକାରୀ ସଂସ୍ଥାକୁ ଜଙ୍ଗଲ ଜମି ହସ୍ତାନ୍ତର କରାଯିବ ନାହିଁ।

ଆପଣଙ୍କର ବିଶ୍ୱସ୍ତ
ସ୍ୱାକ୍ଷର/-21.11.1996
(ଡି.ସି.ଖଣ୍ଡୁରୀ)
ସିନିୟର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ ଫରେଷ୍ଟସ

ଅନୁବନ୍ଧ-୨

**ସାର୍ବଜନିକ ସୂଚନା**

F.No.853-1996-FC ତାରିଖ- 17.05.2019

ପ୍ରାପକ
ପ୍ରମୁଖ ସଚିବ (ଜଙ୍ଗଲ),
ଓଡ଼ିଶା ସରକାର, ଭୁବନେଶ୍ୱର।

ବିଷୟ- ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆଡିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ସୋପାନ-୧ରେ 2107 ହେକ୍ଟର ଜଙ୍ଗଲ ଜମିରୁ, ପୂର୍ବରୁ ଅନୁମୋଦିତ 812 ହେକ୍ଟର ଜମି ସହ, ବର୍ତ୍ତମାନ ପାଇଁ ବକେୟା ଥିବା ଜମିରୁ, 874.5957 ହେକ୍ଟର ଜଙ୍ଗଲ ଜମି, ଅଣ ଜଙ୍ଗଲ କିସମକୁ ପରିବର୍ତ୍ତନ ପାଇଁ ମଞ୍ଜୁରୀ।

ମହାଶୟ,

ମୁଁ ସେକ୍ସନ-2 ଅଧୀନରେ ଅବା ଉପରୋକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଠାରୁ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା 10F (CONS) 55/96-94-92/F&E ତା.26.04.1996 କୁ ଉଲ୍ଲେଖ କରି ନିର୍ଦ୍ଦେଶିତ ହୋଇଅଛି ଯେ, ଓଡ଼ିଶା ରାଜ୍ୟର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆଡିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ 2159.43 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଆବେଦନକୁ, କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଜଙ୍ଗଲ ପରାମର୍ଶଦାତା କମିଟି ଉପରୋକ୍ତ ଆଇନର ସେକ୍ସନ-3 ଅନୁଯାୟୀ ପରୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରସ୍ତାବ ଓ ଜଙ୍ଗଲ ପରାମର୍ଶଦାତା କମିଟିଙ୍କ ସୁପାରିଶ ଉପରେ ଆଧାର କରି, ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆଡିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ଜଙ୍ଗଲ (ସଂରକ୍ଷଣ) ଆଇନ 1980 ସେକ୍ସନ-2 (ii) ଅନୁଯାୟୀ 2107 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ପ୍ରଥମ ସୋପାନ ଅନୁମତି/ନୀତିଗତ ଅନୁମୋଦନ ଦିଆଯାଇଥିଲା।

2) କେତେକ ଆର୍ଥିକ ବାଧ୍ୟତା ହେତୁ ଓଡ଼ିଶା ସରକାର 2002 ମସିହାରେ, ଉକ୍ତ ପ୍ରକଳ୍ପକୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରିବା ପାଇଁ ସୋପାନ-୧ ଜଙ୍ଗଲ ଅନୁମୋଦନ ମଧ୍ୟରୁ 812 ହେକ୍ଟର ପାଇଁ ସୋପାନ-୨ ଅନୁମୋଦନ ଲାଗି ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚାର କରି ଏହି ମନ୍ତ୍ରଣାଳୟ, ସମ ପତ୍ର ସଂଖ୍ୟା ତାରିଖ 14.05.2003 ରେ କେତେକ ସର୍ତ୍ତ ଅନୁପାଳନ ସହିତ 812 ହେକ୍ଟର (ନୀତିଗତ ଭାବେ ଦିଆଯାଇଥିବା 2107 ହେକ୍ଟର ଜଙ୍ଗଲ ଜମିରୁ 812 ହେକ୍ଟର ସୋପାନ-୨ ଜଙ୍ଗଲ ଅନୁମୋଦନ ଦେଇଥିଲେ।

3) ବର୍ତ୍ତମାନ, ଓଡ଼ିଶା ସରକାର ତାଙ୍କ ପତ୍ର ସଂଖ୍ୟା 10F (CONS) 212/2016 (Pt.) 20941/F&E ତାରିଖ 11.11.2016 ରେ 874.5957 ହେକ୍ଟର ଜଙ୍ଗଲ ଜମି ସୋପାନ-୨ର ବାକି ଥିବା 1295 ହେକ୍ଟର ଜଙ୍ଗଲ ଜମି ପାଇଁ ମିଳିଥିବା ଅନୁମୋଦନ ମଧ୍ୟରୁ, ଜଙ୍ଗଲ ସଂରକ୍ଷଣ ଆଇନ 1980 ସୋପାନ-2 ଅଧୀନରେ ପରିବର୍ତ୍ତନ ପାଇଁ ସୋପାନ-୨ ଅନୁମୋଦନ ପାଇଁ ଅନୁରୋଧ କରିଥିଲେ; ଏବଂ ପରବର୍ତ୍ତୀ ପତ୍ର ସଂଖ୍ୟା 2425/SF(Irrg.-2015/2004 ତାରିଖ 05.02.2018, 10F(Cons)-11/ 2018(Pt)/ 5885/F&E ତାରିଖ 14.03.2018, 10F(Cons)-11/2018(Pt)/ 16220/F&E) ତାରିଖ 25.07.2018 ଏବଂ ପତ୍ର ସଂଖ୍ୟା 3239/SF (Irrg.) 353/2018 ତାରିଖ 20.02.2019 ଉପରୋକ୍ତ ପ୍ରସ୍ତାବ ଉପରେ ଅନୁପାଳନ ବିବରଣୀ/ ଅତିରିକ୍ତ ସୂଚନା ଦାଖଲ କରିଥିଲେ।

4) ଜଙ୍ଗଲ ଉପଦେଷ୍ଟା କମିଟିର ସୁପାରିଶ ଆଧାରରେ ଏବଂ ଯୋଗ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଳମ୍ବ ନେଇ ତାହାର ଗ୍ରହଣ କରାଯିବା ଅନୁସାରେ, ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆଡିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ମୋଟ 2107 ହେକ୍ଟର ସୋପାନ-୧ ଅନୁମୋଦିତ ଜଙ୍ଗଲ ଜମିରୁ 874.5957 ହେକ୍ଟର ଅବଶିଷ୍ଟ ଜଙ୍ଗଲ ଜମି ପାଇଁ, ପୂର୍ବରୁ ଅନୁମୋଦିତ 812 ହେକ୍ଟର ଜଙ୍ଗଲ ଜମି ସହ ଏବଂ 312.8467 ହେକ୍ଟର ଜମିର ଆଲାଇନମେଣ୍ଟରେ ପରିବର୍ତ୍ତନ (1996 ରେ ସୋପାନ-୧ରେ ଅନୁମୋଦିତ ହୋଇ ନଥିବା), ନିମ୍ନଲିଖିତ ସର୍ତ୍ତାବଳୀ ପାଳନ ସାପେକ୍ଷରେ ପୂର୍ବାନୁମୋଦନ ଦିଆଗଲା। ନିମ୍ନଲିଖିତ ସର୍ତ୍ତାବଳୀ ପାଳନ କରିବା ବିଧେୟ:

i) ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ।

ii) ବ୍ୟବହାରକାରୀ କରୁଥିବା ଦର୍ଶୁଥିବାକୁ, ଆବଶ୍ୟକ ପରିମାଣର ଅଣ-ଜଙ୍ଗଲ ଜମି ପ୍ରକଳ୍ପ ପାଇଁ ହସ୍ତାନ୍ତର ହେଲାପରେ, ଜଙ୍ଗଲ ଜମି ହସ୍ତାନ୍ତର କରାଯିବ।

iii) **ରାଜ୍ୟ ସରକାର 874.5957 ହେକ୍ଟର ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ, ବ୍ୟବହାରକାରୀ ସଂସ୍ଥା ଦ୍ୱାରା ବର୍ତ୍ତମାନ ମଜୁରୀ ହାର ଅନୁଯାୟୀ ଅବଶିଷ୍ଟ କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ଓ କେନାଲ କଡ଼ରେ ବୃକ୍ଷ ରୋପଣ ପାଇଁ ଆବଶ୍ୟକ ପ୍ରଭେଦୀୟ ରାଶି CAMPA ପାଣ୍ଠିରେ ଜମା ହେବା ସୁନିଶ୍ଚିତ କରିବେ।**

iv) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ, ବ୍ୟବହାରକାରୀ ସଂସ୍ଥା ଠାରୁ ସମସ୍ତ କ୍ଷତିପୂରଣ ଲେଭି ସହିତ NPV/CA ପାଇଁ ଆବଶ୍ୟକ ପାଣ୍ଠି ପ୍ରାପ୍ତି ପରେ ଚୂଡ଼ାନ୍ତ ଆଦେଶ ଜାରି କରାଯିବ।

v) ଯଦି ପୂର୍ବରୁ ହୋଇ ନାହିଁ, ତେବେ କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରହଣୀୟ ଅଣ ଜଙ୍ଗଲ ଜମି, ରାଜ୍ୟ ଜଙ୍ଗଲ ବିଭାଗ ସପକ୍ଷରେ ହସ୍ତାନ୍ତର ଓ ମ୍ୟୁଟେସନ କରାଯିବ ଏବଂ ଭାରତୀୟ ଜଙ୍ଗଲ ଆଇନ 1927ର ସେକ୍ସନ-4 ଅଧୀନରେ ସଂରକ୍ଷିତ ଜଙ୍ଗଲ ଅବା ସେକ୍ସନ-29 ଅଧୀନରେ ସୁରକ୍ଷିତ ଜଙ୍ଗଲ ଅବା ରାଜ୍ୟ ଜଙ୍ଗଲ ଆଇନର ସମ୍ପୃକ୍ତ ଧାରା ଅଧୀନରେ ଘୋଷଣା କରାଯିବ।

vi) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ, ବ୍ୟବହାରକାରୀ ସଂସ୍ଥା ଠାରୁ ଆଦାୟ ହୋଇ ରାଜ୍ୟ ଜଙ୍ଗଲ ବିଭାଗରେ ଜମା ହୋଇଥିବା କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ଟ. 6,21,71,710/- ଓ ଜଳସେଚିତ ବୃକ୍ଷ ରୋପଣ ପାଇଁ ଟ. 6,44,75,510/- ଅନୁମୋଦିତ ଯୋଜନାରେ ବ୍ୟବହାର କରାଯାଇଛି ଅବା ଉପଯୋଗ ହେଉଅଛି। ଉକ୍ତ ରାଶିର ଉପଯୋଗର ପ୍ରାମାଣିକ ଦଲିଲ ଏହି ମନ୍ତ୍ରଣାଳୟ ଏବଂ ଏହାର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟକୁ ଦାଖଲ କରିବେ।

vii) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ, ଅନୁମୋଦିତ ହାତୀମାନଙ୍କ ଗମନାଗମନ ସ୍ଥାନ ପ୍ରକଳ୍ପ ଖର୍ଚ୍ଚରେ ରାଜ୍ୟ ଜଙ୍ଗଲ ବିଭାଗ ସହିତ ପରାମର୍ଶ କ୍ରମେ ନିର୍ମାଣ କରାଯିବ।

viii) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ ରାଜ୍ୟ ଜଙ୍ଗଲ ବିଭାଗ ସହିତ ପରାମର୍ଶ କରି ପ୍ରକଳ୍ପ ଖର୍ଚ୍ଚରେ କେନାଲ କଡ଼ରେ ବୃକ୍ଷ ରୋପଣ ସୁନିଶ୍ଚିତ କରିବେ।

ix) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ, ଅନୁମୋଦିତ କ୍ୟାଚମେଣ୍ଟ ଏରିଆ ଟ୍ରିଟମେଣ୍ଟ ପ୍ଲାନ CAMPA ପାଣ୍ଠିରେ ଜମା ହୋଇଥିବା ଅର୍ଥରେ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ।

x) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ, ବ୍ୟବହାରକାରୀ ସଂସ୍ଥା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଭାରତ ସରକାରଙ୍କ ଜାତୀୟ R&R ନୀତି ସହ ସଙ୍ଗତି ରଖି, ରାଜ୍ୟ ସରକାରଙ୍କ R&R ନୀତି ଅନୁଯାୟୀ R&R ଯୋଜନା କାର୍ଯ୍ୟକାରୀ କରିବେ। ଉକ୍ତ R&R ଯୋଜନା ରାଜ୍ୟ ସରକାର/MoEF&CCର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ତଦାରଖ ଏବଂ ଆଶାନୁରୂପ ପରିଲକ୍ଷିତ ମାଇଲଷ୍ଟୋନ ଅନୁଯାୟୀ ତଦାରଖ କରାଯିବ।

xi) ସୃଷ୍ଟି କରାଯାଇଥିବା ଜଳଭଣ୍ଡାରକୁ, ଭାରତୀୟ ଜଙ୍ଗଲ ଆଇନ 1927 ଅନୁଯାୟୀ ମାଛଧରା ଅଧିକାର ସହିତ "ସଂରକ୍ଷିତ ଜଙ୍ଗଲ" ଭାବେ ଘୋଷଣା କରିବେ।

xii) ସମ୍ପୃକ୍ତ ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଧାରିତ ପ୍ରମାଣପତ୍ର ଦ୍ୱାରା FRA, 2006 ର ସମ୍ପୂର୍ଣ୍ଣ ପ୍ରତିପାଳନ ସୁନିଶ୍ଚିତ କରାଯିବ।

xiii) FRL-4 ମିଟର ମଧ୍ୟରେ ଗଛକାଟିବା ସୀମିତ ହେବ ଏବଂ କେବଳ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଗଛ କଟାଯିବ। ପ୍ରକଳ୍ପ କାର୍ଯ୍ୟାନୁଷ୍ଠାନ ସମୟରେ ଠିକ୍ ଅତ୍ୟଳ୍ପ ସଂଖ୍ୟକ ଗଛ କଟାଯିବ।

xiv) ଆବଶ୍ୟକତା ଅନୁଯାୟୀ ବ୍ୟବହାରକାରୀ ସଂସ୍ଥା ପରିବେଶ ସୁରକ୍ଷା ଆଇନ 1986 ଅନୁଯାୟୀ ପରିବେଶ ଅନୁମୋଦନ ହାସଲ କରିବେ।

xv) ବ୍ୟବହାରକାରୀ ସଂସ୍ଥା ଜଳାଶୟର ପ୍ରାନ୍ତ ଅଞ୍ଚଳରେ ବନୀକରଣ କରିବେ।

xvi) ପ୍ରସ୍ତାବର ଲେଆଉଟ୍ ପ୍ଲାନ କେନ୍ଦ୍ର ସରକାରଙ୍କ ପୂର୍ବାନୁମୋଦନ ବିନା ପରିବର୍ତ୍ତନ କରାଯିବ ନାହିଁ।

xvii) ଜଙ୍ଗଲ ଜମିରେ ଶ୍ରମିକ କ୍ୟାମ୍ପ ସ୍ଥାପନ କରାଯିବ ନାହିଁ।

xviii) ବ୍ୟବହାରକାରୀ ସଂସ୍ଥା, ରାଜ୍ୟ ଜଙ୍ଗଲ ବିଭାଗ ଠାରୁ କିମ୍ବା ଜଙ୍ଗଲ ଉନ୍ନୟନ କର୍ପୋରେସନ କିମ୍ବା କୌଣସି ଅନ୍ୟ ଆଇନ ସଂଗତ ଉତ୍ସରୁ ଜାଳେଣି କାଠ ଅବା ବିକଳ୍ପ ଇନ୍ଧନ କିଣି ଶ୍ରମିକମାନଙ୍କୁ ଯୋଗାଇଦେବେ।

xix) ସମ୍ପୃକ୍ତ DFOଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିବର୍ତ୍ତିତ ଜଙ୍ଗଲ ଜମିର ସୀମାକୁ ପ୍ରକଳ୍ପ ଖର୍ଚ୍ଚରେ ଭୂମି ଉପରେ ଚିହ୍ନିତ କରିବେ।

xx) ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ନିର୍ମାଣ ସାମଗ୍ରୀ ପରିବହନ ନିମନ୍ତେ ଜଙ୍ଗଲ ଅଞ୍ଚଳରେ ଅତିରିକ୍ତ ଅବା ନୂଆ ରାସ୍ତା ନିର୍ମାଣ କରାଯିବ ନାହିଁ।

xxi) ଏହି ଅନୁମୋଦନ ଅଧୀନରେ ପରିବର୍ତ୍ତନ ପାଇଁ ଅବଧି ବ୍ୟବହାରକାରୀ ସଂସ୍ଥା ସପକ୍ଷରେ ମଞ୍ଜୁର ହେବାକୁ ଥିବା ଲିଜ ଅବଧି ଅବା ପ୍ରକଳ୍ପ ଜୀବନକାଳ ମଧ୍ୟରୁ ଯାହା କମ୍ ସହ ସମାପ୍ତ ହେବ।

xxii) ପ୍ରକଳ୍ପ ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟ ବ୍ୟତୀତ, ଅନ୍ୟ କୌଣସି କାର୍ଯ୍ୟ ପାଇଁ ଜଙ୍ଗଲ ଜମି ବ୍ୟବହାର କରାଯିବ ନାହିଁ।

xxiii) ପ୍ରସ୍ତାବିତ ଜଙ୍ଗଲ ଜମି ଭାରତ ସରକାରଙ୍କ ପୂର୍ବାନୁମୋଦନ ବିନା କୌଣସି ପରିସ୍ଥିତିରେ କୌଣସି ସଂସ୍ଥା, ବିଭାଗ କିମ୍ବା ବ୍ୟକ୍ତି ବିଶେଷଙ୍କୁ ହସ୍ତାନ୍ତର କରାଯିବ ନାହିଁ।

xxiv) ବ୍ୟବହାରକାରୀ ସଂସ୍ଥା ଏବଂ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ସମସ୍ତ ଅଦାଲତ ଆଦେଶ, ନିୟମାବଳୀ, ବ୍ୟବସ୍ଥା ଏବଂ ନିର୍ଦ୍ଦେଶାବଳୀ ପାଳନ ନିଶ୍ଚିତ କରିବେ।

xxv) ଏହି ସର୍ତ୍ତଗୁଡ଼ିକର କୌଣସି ଉଲ୍ଲଂଘନ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ଉଲ୍ଲଂଘନ ହେବ ଏବଂ ଏହି ମନ୍ତ୍ରଣାଳୟର ପତ୍ର ସଂଖ୍ୟା 5-2/2017-FC ତାରିଖ 28.03.2019 ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 1.21 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

xxvi) ବନ ଓ ବନ୍ୟ ପ୍ରାଣୀଙ୍କ ସଂରକ୍ଷଣ, ସୁରକ୍ଷା ଏବଂ ବିକାଶ ସ୍ୱାର୍ଥରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଭିନ୍ନ ସମୟରେ ନିର୍ଦ୍ଧାରଣ କରୁଥିବା ଅନ୍ୟାନ୍ୟ ସର୍ତ୍ତାବଳୀ।

ଆପଣଙ୍କର ବିଶ୍ୱସ୍ତ
ସ୍ୱାକ୍ଷର/-17.05.2019
(ସନ୍ଦୀପ ଶର୍ମା)
ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ ଫରେଷ୍ଟ(FC)

32343/11/0001/1920

# ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No.: 04-PP: ୨୦୧୯-୨୦ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। **ବାତ୍ୟା ''ଫନୀ''କୁ ଦୃଷ୍ଟିରେ ରଖି ଆବେଦନ କରିବାର ଅନ୍ତିମ ତାରିଖ ତା୨୯।୦୬।୨୦୧୯ରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଅଛି।**

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ୍ (G.S.P.) | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାର ପ୍ରାପ୍ତ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ରାଜ୍ୟ ନମୁନା ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ଦକ୍ଷତା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ବର୍ଷ କାମ କରିବାର ଅଭିଜ୍ଞତା ଥିବ। ଗୁରୁଙ୍କ ମାସିକ ପାରିତୋଷିକ ଟ.୨୦,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩,୦୦୦/-। ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ - ୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୪ ମାସ। |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCM Training) | ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empanelled MCM)ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁଭାବେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ। ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ। ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୧,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ। |
| | (ଗ) ଶିଳ୍ପୀଗ୍ରାମ ଯୋଜନା (Craft Village Programme) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ, ଯନ୍ତ୍ରପାତି ଯୋଗାଣ ଓ ବ୍ୟାଙ୍କ ଋଣ ପାଇଁ ସହାୟତା। ପ୍ରତି କାର୍ଯ୍ୟକ୍ରମ ପାଇଁ ୨ଟି ବା ତତୋଽଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ଜଣ କାରିଗରଙ୍କୁ ବିଚାରକୁ ନିଆଯିବ। କାରିଗରମାନଙ୍କ ବୟସ ସୀମା ୧୮ରୁ ୫୦ବର୍ଷ। ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଓ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତିର ପରିମାଣ ଟ.୧,୦୦୦/-। ତାଲିମ୍ ଅବଧି ; ଗ୍ରୁପ୍ A ହସ୍ତଶିଳ୍ପ - ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ। |
| ୨ | ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMJJBY and PMSBY) | ହସ୍ତଶିଳ୍ପ କାରିଗର ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟରତ ଥିବେ। ସେମାନଙ୍କ ବୟସ ତା୦୧।୦୬।୨୦୧୯ ସୁଦ୍ଧା ୧୮ ବର୍ଷରୁ ୫୦ ବର୍ଷ ମଧ୍ୟରେ ହୋଇଥିବ। ଏହି ଯୋଜନାରେ କାରିଗରଙ୍କୁ କୌଣସି ବାର୍ଷିକ ପ୍ରିମିୟମ ଦେବାକୁ ପଡ଼ିବ ନାହିଁ। ଏହି ଯୋଜନାରେ ଆବେଦନ କରିବାକୁ ଚାହୁଁଥିବା ହସ୍ତଶିଳ୍ପ କାରିଗରମାନେ ଆଧାର ନମ୍ବର, ମୋବାଇଲ ନମ୍ବର ଓ ବ୍ୟାଙ୍କ ପାସ୍ ବହିର ବିବରଣୀ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ। |
| ୩ | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା (Workshed-cum-Housing) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୭୦ ବର୍ଗ ଫୁଟର କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା/ଉପଯୁକ୍ତ ଦାରିଦ୍ର୍ୟ ସୀମାରେଖା ଉର୍ଦ୍ଧ୍ୱରେ ଥିବା କାରିଗର ଦରଖାସ୍ତ କରିପାରିବେ। ଆଦିବାସୀ/ହରିଜନ/ମହିଳା/ଭିନ୍ନକ୍ଷମ କାରିଗରମାନଙ୍କୁ ଅଗ୍ରାଧିକାରୀ ପ୍ରଦାନ। ପ୍ରାର୍ଥୀ ହସ୍ତଶିଳ୍ପ କ୍ଷେତ୍ରରେ ଅତିକମ୍‌ରେ ବିଗତ ୫ବର୍ଷ ଧରି କାର୍ଯ୍ୟରତ ଥିବେ। ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ନ ଥିବା କ୍ଷେତ୍ରରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ/ଜିଲ୍ଲା କୁଟୀର ଶିଳ୍ପ ଅଧିକାରୀ ଏ ବିଷୟରେ ପ୍ରମାଣପତ୍ର ପ୍ରଦାନ କରିବେ। |
| ୪ | ଶିଳ୍ପୀ ଉନ୍ନତି ଯୋଜନା (S.U.Y.) | ୧୮ରୁ ୬୦ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ୍ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/-ଙ୍କାର ଋଣ ପ୍ରଦାନ। କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢ଼ୋକ୍ରା କାମପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ। ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା। |

**ବି.ଦ୍ର.:** ଗ୍ରୁପ୍ A ହସ୍ତଶିଳ୍ପ - ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟଚିତ୍ର, ରୁପା ତାରକସି କାମ, ଢୋକରା କାମ ଏବଂ କଂସା ଓ ପିତ୍ତଳ କାମ।

ଗ୍ରୁପ୍ B ହସ୍ତଶଳ୍ପ - ଅନୁମୋଦିତ ଅନ୍ୟ ୪୪ଗୋଟି ହସ୍ତଶିଳ୍ପ।

ଉପରୋକ୍ତ ସମସ୍ତ ଯୋଜନା ନିମନ୍ତେ ଦରଖାସ୍ତର ନମୁନା ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ର/ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀଙ୍କଠାରୁ ଉପଲବ୍ଧ ହୋଇପାରିବ। ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାରେ ସହାୟତାପାଇଁ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ କାଗଜ ପତ୍ର ସହିତ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର/ଆଞ୍ଚଳିକ ଶିଳ୍ପ କେନ୍ଦ୍ରରେ ତା୨୯।୦୬।୨୦୧୯ରିଖ ସୁଦ୍ଧା ଆବେଦନ କରନ୍ତୁ। ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

43002/11/0003/1920 **ସ୍ୱା./- ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

---

## OFFICE OF THE PRINCIPAL, SRI RAM HIGHER SECONDARY SCHOOL, KASHINAGAR

**DISTRICT, GAJAPATI, ODISHA, PIN-761206**
**E-Mail ID.srckngr@gmail.com**

**No.01** **Date: 29.05.2019**

No.05-N **QUOTATION CALL NOTICE**

The Principal, Sri Ram Higher Secondary School, Kashinagar, invites sealed Quotations from the registered suppliers/ authorized Dealers / manufacturers who are technically and financially sound and having valid GSTN, PAN, for supply of the Hardware infrastructure for Smart Class and IT Facilitation Lab (SCAIFL) at Sri Ram Higher Secondary School, Kashinagar. Bid documents consisting of required items, specifications, the schedule of quantities, term and conditions of contract and other necessary documents can be obtained from the office the undersigned during office hours except on Sundays and Public holidays and also can be downloaded from website **www.tendersorissa.gov.in //website www.gajapati.nic.in** from 10.00 A.M of 7.06.2019 and closed at 1.00 P.M of 20.06.2019. The bid documents will be received up to 5.00 P.M of Dt.20.06.2019 and opened on 21.06.2019 at 11.00 A.M. by the undersigned. Interested bidders may obtain any further information from the office of the undersigned. Requirement of Hardware Infrastructure are as detailed below.

| Sl. No. | Name of the Item | Quantity |
|---|---|---|
| 01 | Computer System | 50 |
| 02 | Projector | 01 |
| 03 | Printer | 01 |
| 04 | Internet Hardware | 02 |

Further details of the hardware Infrastructure Requirement with Specification can be seen in the bidding documents.

**Sd./- Principal**
11039/11/0001/1920 **Sri Ram Higher Secondary School, Kashinagar**

---

## GOVERNMENT OF ODISHA
## "e"- PROCUREMENT NOTICE
## OFFICE OF THE SUPERINTENDING ENGINEER, KHORDHA

**(R&B) CIRCLE, KHORDHA WORKS DEPARTMENT**

**Tender Call Notice**

**E-mail: rbcirclekhurda@gmail.com**

**Bid Identification No. SE-Khordha (R&B)**
No.14-B **Circle-01/2019-20 Memo No - Dt.**

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 1 No.
3. Tender Cost : Rs.10000.00 (On-Line)
4. Class of Contractor : 'B ' Class & 'A ' Class
5. Available of Bid document inthe Website : From Dt. 13.06.2019 10.00 AM to Dt. 24.06.2019, 05.00 PM 6.
Date of opening of Bid : Dt. 25.06.2019 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

34127/11/0001/1920 **Sd./- Superintending Engineer**

---

## GOVT. OF ODISHA

No.84-O

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BHAWANIPATNA**
**Bid identification No. BPT/Online-04/2019-20**
**Date10.06.2019**
**NOTICE INVITING TENDERS FOR BRIDGE WORK IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Patelpada to Sandibahali Road under UPANTA for the year 2018 19 in the District of Nuapada.
2. No of Works : 1No.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/-
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 17.06.2019 11.00 A.M. | 08.07.2019 5.00 P.M. | 06.07.2019 | 09.07.2019 |

Further details can be seen from the website **"www.tendersorissa.gov.in"**

**Sd./- Superintending Engineer**
**Rural Works Circle, Bhawanipatna**
25102/11/0004/1920

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS CIRCLE, Bhawanipatna

**NOTICE**

**FOR PRADHAN MANTRI GRAM SADAK YOJANA (PMGSY BATCH-I)**

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. BPT/Online-01/2019-20**

**No. 81-O:-** The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Kalahandi & Nuapada for 04 Packages (Four) number of packages with estimated cost totalling to Rs.9.01 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd.17.06.2019.

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 08.07.2019 up to 5.00 P.M

For further details and corrigendum/addendum (if any) please log on to www.pmgsytenders.gov.in.

***Sd./- Superintending Engineer***
***R.W. Circle, Bhawanipatna***
25102/11/0001/1920

---

## DIRECTORATE OF FISHERIES, ODISHA, CUTTACK

**Phone no: 0671-2414061, Fax: 0671-2410521,**
**email:director.odifish@gmail.com**
Departmental web site:-www.odishafisheries.com

**DTCN No. 6824 /RD-XVII-DDIF-61/19**
**Dated, Cuttack, 11th June, 2019**

No.10-M: Tender Notice for award of contract for providing of services of 8 Nos of Data Entry Operator, 43 nos of Peon, 32 Nos. of Choukidar and 1 no of Sweeper for a period of one year from the date of agreement.

Sealed tenders are invited from reputed manpower agencies/service provider to provide the services of Data Entry Operators, Peons, Choukidars and Sweeper for a period of one year through a suitable placement agency on contract basis for day to day official work.

The detailed information for outsourcing the services of aforesaid posts has been given in the tender document which shall be downloaded from the Odisha Government portal Tender section link(http://www.odisha.gov.in/tender) from 13/06/2019 to 28/06/2019 till 5p.m. The last date for submission of tender document in complete shape through registered / speed post/Courier only to Director of Fisheries, Odisha, Cuttack in his official postal address is 28/06/2019 by 5 p.m.

06015/11/0003/1920 **Sd./-Director of Fisheries**

---

## Government of Odisha
## "e" Procurement Notice

**WORKS DEPARTMENT**

**Bid Identification No. S.E.K.C., Keonjhar**
No.12-B **No. 01 / 2019-20**

**e-mail : sekcpwd_keonjhar@yahoo.com**
**Letter No. 1613 dt. 03.06.2019**

| | | | |
|---|---|---|---|
| 1. | Name of the work: | :- | Construction of One Block E Type Quarters (One Block-6 Nos) at Vigilance unit office Rourkela for the year 2018-19 |
| 2. | Estimated cost | :- | Rs. 134.69 Lakhs |
| 3. | Period of completion | :- | 06 (Six) Calendar Months |
| 4. | Date and Time of availability of Bid document in the portal | :- | From 11.00 Hours of 13.06.2019 to 16.00 Hours of 28.06.2019 |
| 5. | Last date / Time for receipt of bids in the portal | :- | 16.00 Hours of 28.06.2019 |
| 6. | Date of opening of Bid from Portal | :- | 12.00 Hours on 29.06.2019 |
| 7. | Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal **"http://tendersodisha.gov.in"**

**Sd./- Superintending Engineer**
34033/11/0002/1920 **Keonjhar (R&B) Circle, Keonjhar**

---

## Government of Odisha

No.13-B

## "e" Procurement Notice

**WORKS DEPARTMENT**

**Bid Identification No. S.E.K.C., Keonjhar No. 02 / 2019-20**

**e-mail : sekcpwd_keonjhar@yahoo.com**

**Letter No.1624** **Dt. 03.06.2019**

| | | | |
|---|---|---|---|
| 1. | Name of the work: | :- | Improvement of St.Johns Church Chhak to Koel Bridge Road such as Widening & Strengthening from 0/000 to 1/336 Km with Saucer Drain for the year 2018-19 |
| 2. | Estimated cost | :- | Rs. 174.00 Lakhs |
| 3. | Period of completion | :- | 06 (Six) Calendar Months |
| 4. | Date and Time of availability of Bid document in the portal | :- | From 11.00 hours of 13.06.2019 to 16.00 Hours of 28.06.2019 |
| 5. | Last date / Time for receipt of bids in the portal | :- | 16.00 hours of 28.06.2019 |
| 6. | Date of opening of Bid from Portal | :- | 12.00 hours on 29.06.2019 |
| 7. | Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal **"http://tendersodisha.gov.in"**

**Sd./- Superintending Engineer**
34033/11/0003/1920 **Keonjhar (R&B) Circle, Keonjhar**

---

## OFFICE OF THE EXECUTIVE ENGINEER

**Rayagada (R&B) Division No-I, Rayagada, Pin – 765001 .**
**Phone/Fax:(06856)222149, e-Mail: eepwd765001@gmail.com**

**Quotation Call Notice No. RC(R&B) RGD :**
No.16-B:- **01/2019-20 Dated 07.06.2019**

**No.3129** **Dated: 07.06.2019**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/ Tour Operators or private individuals having valid GSTIN and PAN in the name of the firm for providing 1(One) No. AC / Non-AC Bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the office of the Assistant Executive Engineer, Kashipur (R&B) Sub-Division, Kashipur on monthly rent basis.
2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt 22.06.2019 to 16.30 hours of dt. 06.07.2019.
3. The quotation completed in all respect should be delivered in the tender box having quotation No. RC(R&B)RGD-01/2019-20.
4. The quotation received shall be opened at 11.00 AM of 08.07.2019 in the office of the Executive Engineer, Rayagada (R&B) Division No-I at Rayagada.
5. A sum of Rs 5000/- (Rupees five thousand ) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the quotation as security deposit. After completion of tender process, the amount will be refunded to unsuccessful bidders.
6. The other details can be seen in the Detailed Quotation call notice.
7. The authority reserves the right to accept or cancel the above quotation without assigning any reason thereof.

**Sd./- (P.M.Mishra), Executive Engineer**
34040/11/0001/1920 **Rayagada (R&B) Division No-I**

---

See Career Appointment on every Wednesday & Saturday

# ପୁଣି ବାଜିବ ଆଶୁତୋଷଙ୍କ ସାହାନାଇ

ଥରେ ମନେ ପକାନ୍ତୁ ନା ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'ବାଜିବ ଲୋ ସାହାନାଇ'କୁ। ସେହି ସମୟରେ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟି ଯାତ୍ରାପ୍ରେମୀଙ୍କୁ ଫୁଲ୍ ଏଣ୍ଟରଟେନମେଣ୍ଟ କରିଥିଲା। ହେଲେ ଏବେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ହେଲେ ଏଥର ଯାତ୍ରା ମଞ୍ଚରେ ନୁହେଁ ବଡ ପରଦାରେ। ଅର୍ଥାତ୍, ଏହି କାହାଣୀକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେବାକୁ ଯାଉଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ଏହାର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ'। ତା'ସହ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଆଶୁତୋଷ। ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ମିତ, ଅମ୍ଳାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ।


ଆଶୁତୋଷ


ଝିଲିକ୍


ଅମ୍ଳାନ


ସମ୍ମିତ


କ୍ରିତି ସାନନ୍

## ବଲିଉଡ୍ ହାଲ୍‌ଚାଲ୍

❖ରିଲିଜ ଅପେକ୍ଷାରେ ଥିବା 'ଅର୍ଜୁନ ପାଟିଆଲା', 'ହାଉସଫୁଲ-୪' ଏବଂ 'ପାନିପଥ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କ୍ରିତି ସାନନ୍।

❖ତୁଷାର ହୀରାନନ୍ଦିନୀଙ୍କ ନିର୍ଦ୍ଦେଶିତ 'ସାନ୍ଦ କି ଆଁଖ୍' ଚଳିତବର୍ଷ ଅକ୍ଟୋବର ୨୫ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାପସୀ ପାନ୍ନୁ ଜଣେ ବୟସ୍କା ମହିଳା ଭୂମିକାରେ ଅଭିନୟ କରିଛନ୍ତି।

❖ପାରିଶ୍ରମିକ ପାଇଁ ସାରା ଅଲ୍ଲୀ ଖାଁ ଏକ ଭଲ ଅଫରକୁ ହାତଛଡା କରି ଅନୁତାପ କରୁଛନ୍ତି।

❖ଅକ୍ଷୟ କୁମାର ଏବେ ଥାଇଲାଣ୍ଡରେ ଡେରା ପକାଇଛନ୍ତି। କାରଣ ସେ ଅଭିନୟ କରୁଥିବା ରୋହିତ ସେଟ୍ଟିଙ୍କ 'ସୂର୍ଯ୍ୟବଂଶୀ'ର ଶୁଟିଂ ସେଠାରେ ଚାଲିଛି।

❖କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ସିନେମା '୮୩'ରେ ଦୀପିକା ପାଦୁକୋନ ଅଭିନୟ କରିବେ। ଏଥିରେ ସେ କପିଳଙ୍କ ପତ୍ନୀ ରୋମି ଭୂମିକାରେ ଅବତୀର୍ଣ୍ଣ ହେବେ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ କବୀର ଖାଁ। ଏଥିରେ କପିଳ ଚରିତ୍ରରେ ଦେଖାଦେବେ ରଣବୀର ସିଂ।

# ସ୍ମୃତିରେ ରଜ

**ଓଡ଼ିଆ ପର୍ବପର୍ବାଣି ମଧ୍ୟରେ ରଜ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ। ତିନି ଦିନର ମାହୋଲର ପ୍ରତିଟି ମୁହୂର୍ତ୍ତରେ କେବଳ ମଜା ହିଁ ଭରି ରହିଥାଏ। ଦୋଳି, ତାସ ଖେଳକୁ ବାଦ୍ ଦେଲେ ପିଠାପଣାର ଆସର ଏହି ପର୍ବକୁ ଆହୁରି ରଙ୍ଗିନ କରିଦିଏ। ଏହି ସମୟରେ ପ୍ରାୟ ଅନେକେ ପ୍ରେକ୍ଷାଳୟ ଭିତରେ ଓଡ଼ିଆ ସିନେମାର ମଜା ନେଇ ଥାଆନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତ ସହ ଜଡିତ ବ୍ୟକ୍ତିବିଶେଷଙ୍କ ପାଇଁ ଏହି ପର୍ବ କେତେ ସ୍ମରଣୀୟ ହୋଇଥାଏ ସେ ସମ୍ପର୍କରେ କେତେ ଜଣ ଯାହା କହନ୍ତି...**



**ଅଶୋକ ପତି (ନିର୍ଦ୍ଦେଶକ) :** ରଜରେ ମଉଜମସ୍ତି କରିବାକୁ ଓଡ଼ିଶାବାସୀ ବେଶ୍ ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଥାଆନ୍ତି। କାରଣ ଏହା ହେଉଛି ଏଣ୍ଟରଟେନମେଣ୍ଟର ଏକ ବଡ ଉତ୍ସବ। ରଜ ତିନି ଦିନ ଛୁଟି ଥାଏ। ଏହି ପର୍ବର ମଜା କିପରି ନେବେ ସେଥିପାଇଁ ଅନେକ ପୂର୍ବରୁ ଯୋଜନା କରିସାରିଥାଆନ୍ତି। ପିଠାପଣା, ଦୋଳିଖେଳକୁ ବାଦ୍ ଦେଇ ଅନେକ ଓଡ଼ିଆ ସିନେମାଟିଏ ଦେଖିବାକୁ ଯାଇଥାଆନ୍ତି। ସେହି ସମୟରେ ସ୍କୁଲ କଲେଜ ଛୁଟି ଥାଏ। ତେଣୁ ଯୁବପିଢ଼ିଙ୍କ ମନରେ ଓଡ଼ିଆ ସିନେମାକୁ ନେଇ ଏକ ସ୍ୱତନ୍ତ୍ର ଭାବନାଥାଏ। ଅନେକ ସପରିବାର ସିନେମା ଦେଖିବାକୁ ଯାଆନ୍ତି, କାରଣ ଏକାଠି ଏହି ପର୍ବର ମଜା ଉଠାଇବାର ଅନୁଭୂତି ନିଆରା। ମୋ ମତରେ ଓଡ଼ିଆ ସିନେମାଟିଏ ରିଲିଜ କରି କିଛି ବିଜ୍‌ନେସ କରିବାର ବେଷ୍ଟ ସମୟ ହେଉଛି ରଜ। ତେଣୁ ରଜ ସମୟରେ ଓଡ଼ିଆ ଫିଲ୍ମ ଯେତେବେଳେ ବଡ ପରଦା ଉପରକୁ ଆସେ ସେତେବେଳେ ତାହାର ସଫଳତାକୁ ନେଇ କେବଳ ସେଥିରେ ଅଭିନୟ କରୁଥିବା କଳାକାର ନୁହନ୍ତି, ପ୍ରଯୋଜକ, ନିର୍ଦ୍ଦେଶକ ଅନେକ ଆଶା ବାନ୍ଧିଥାଆନ୍ତି। ମୋ ନିର୍ଦ୍ଦେଶିତ 'ମୁଁ ତତେ ଲଭ୍ କରୁଛି' ରଜରେ ରିଲିଜ ହୋଇ ହିଟ୍ ହୋଇଥିଲା। ଏହାବ୍ୟତୀତ ମୋ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ସଞ୍ଜୁ ଆଉ ସଞ୍ଜନା', 'ସୁପର ମିଛୁଆ', 'ଲଭ୍ ଷ୍ଟେଶନ', 'ସିଷ୍ଟର ଶ୍ରୀଦେବୀ', 'ସୁନ୍ଦରଗଡର ସଲମାନ ଖାଁ' ରଜରେ ରିଲିଜ ହୋଇ ଭଲ ବିଜ୍‌ନେସ କରିଥିଲା। ଏହି ଫିଲ୍ମଗୁଡ଼ିକ ପାଇଁ ଯେଉଁ ପରିଶ୍ରମ ହୋଇଥିଲା ତାହାର ଉପଯୁକ୍ତ ମୂଲ୍ୟ ମିଳିଥିଲା ଏବଂ ତାହା ସବୁ ମୋ ମନରେ ଏବେ ବି ସ୍ମୃତି ହୋଇ ରହିଛି।



**ପ୍ରଶାନ୍ତ ପାଢ଼ୀ (ସ୍ୱର ସଂଯୋଜକ) :** ରଜ ସମୟରେ ଓଡ଼ିଆ ସିନେପ୍ରେମୀଙ୍କର ଏକ ପାର୍ବଣ ମୁଡ୍ ଥାଏ। ତେଣୁ ତାହାକୁ ଆଖି ଆଗରେ ରଖି ସିନେମା ନିର୍ମାଣ କରାଯାଏ। ମୋ ସ୍ୱର ସଂଯୋଜନାରେ ରଜରେ ରିଲିଜ ହୋଇଥିଲା 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'। ଫିଲ୍ମଦ୍ୱୟର ଗୀତଗୁଡିକ ସେ ସମୟରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା, ଯାହା ମୋ ପାଇଁ ସ୍ମୃତି ହୋଇ ରହିଥିବ।



**ସଞ୍ଜୟ ନାୟକ (ଟୁଟୁ, ପ୍ରଯୋଜକ) :** ମୋ ମତରେ ସବୁ ପର୍ବ ଭିତରେ ରଜ ବେଷ୍ଟ। ଆମ ପରମ୍ପରାରେ ଏହି ପର୍ବର ମଜା ନିଆରା। ବିଶେଷଭାବରେ ଝିଅମାନେ ଏହି ସମୟରେ ନୂଆ ଡ୍ରେସ ପିନ୍ଧି ବୁଲାବୁଲି କରି ଏହାର ମଜା ଉଠାନ୍ତି। ରଜରେ ପରିବାର ସଦସ୍ୟଙ୍କ ସହ ଓଡ଼ିଆ ସିନେମାଟିଏ ଦେଖିବାକୁ କିଏ ବା ପସନ୍ଦ ନ କରେ କହିଲେ ? ତେଣୁ ଏହି ସମୟରେ ଅଧିକାଂଶ ପ୍ରଯୋଜକ ଓଡ଼ିଆ ଫିଲ୍ମଟିଏ ରିଲିଜ କରି ଭଲ ବିଜ୍‌ନେସ ଟାର୍ଗେଟରେ ଥାଆନ୍ତି। ମୋର ମନେ ଅଛି ଆମ ବ୍ୟାନର-ବ୍ରଜରାଜ ମୁଭିଜରେ ନିର୍ମିତ 'ପକା କମ୍ବଳ ପୋତ ଛତା' ରଜରେ ରିଲିଜ ହୋଇଥିଲା। ସେ ସମୟରେ ମୁଁ ଦେଖିଛି ଓଡ଼ିଆ ସିନେମା ଦେଖିବାକୁ ଲୋକମାନେ କିପରି ପାଗଳ ପରି ହେଉଥିଲେ। ଯଦି ଗୋଟିଏ ଶୋ' ପାଇଁ ଟିକେଟ ନ ମିଳିଲା ପରବର୍ତ୍ତୀ ଶୋ ଦେଖିବାକୁ ସେମାନେ ଅପେକ୍ଷା କରୁଥିଲେ। କାରଣ ସେତେବେଳେ ଭଲ ଓଡ଼ିଆ ଫିଲ୍ମ ପ୍ରସ୍ତୁତ ହେଉଥିଲା ଏବଂ ଦର୍ଶକ ସେଗୁଡିକୁ ବାରମ୍ବାର ଦେଖୁଥିଲେ। ଏବେ ସେ ମାହୋଲ ଆଉ ନାହିଁ। ଆମ ବ୍ୟାନରରେ 'ମୋ କୋଳ ତୋ ଝୁଲଣା', 'ପ୍ରେମୀ ନମ୍ବର ୱାନ' ପରି ସିନେମା ରଜରେ ରିଲିଜ ହୋଇ ଦର୍ଶକାଦୃତ ହୋଇଛି, ଯାହା ମୋ ପାଇଁ ସବୁବେଳେ ସ୍ମୃତି ହୋଇ ରହିବ।



**ଡ. ରଜନୀ ରଞ୍ଜନ (ସଂଳାପକାର) :** ରଜରେ ସିନେମାଟି ରିଲିଜ ହେବା ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବା ସବୁଠାରୁ ବଡ଼ କଥା। କାରଣ ଏଥିପାଇଁ କେବଳ କାହାଣୀ କିମ୍ବା ଦୃଶ୍ୟାୟନ ନୁହେଁ, ଚଳଚ୍ଚିତ୍ରର ସଂଳାପ, ଚିତ୍ରନାଟ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ମୋର ମନେ ପଡୁଛି ଲୁଟୁ ମହାନ୍ତିଙ୍କ ପ୍ରଯୋଜିତ ତଥା ବାବୁସାନ୍ ଅଭିନୀତ 'ସଞ୍ଜୁ ଆଉ ସଞ୍ଜନା' ରଜରେ ରିଲିଜ ହୋଇଥିଲା। ଏହାର ପ୍ରିମିୟମ ପରେ କେତେକ ଦର୍ଶକ ଏହି ସିନେମାର ପ୍ରତିଟି ବିଭାଗକୁ ବେଶ୍ ପ୍ରଶଂସା କରିଥିଲେ। ଏହା ତ ମୋ ପାଇଁ ଏକ ସ୍ମୃତି, ତା' ବ୍ୟତୀତ 'ମୁଁ ପ୍ରେମୀ ମୁଁ ପାଗଳ' ମଧ୍ୟ ରଜରେ ପରଦା ଉପରକୁ ଆସିଥିଲା। ଏହି ଫିଲ୍ମର ସଂଳାପ ମଧ୍ୟ ମୋ ଓଡ଼ିଆ ସିନେମା କ୍ୟାରିୟରରେ ସ୍ମରଣୀୟ ହୋଇ ରହିଛି। ବାକି ରହିଲା ରଜ କଥା। ରଜର ମାହୋଲ ଯେମିତି ନିଆରା ଠିକ୍ ସେମିତି ଏହି ସମୟରେ ରିଲିଜ ହେଉଥିବା ସିନେମାରୁ ଭରପୂର ମନୋରଞ୍ଜନ ପାଇବାକୁ ଦର୍ଶକ ଚାହିଁ ବସିଥାଆନ୍ତି। ମୋର ଏହି ଫିଲ୍ମଦ୍ୱୟ ସେ ସମୟରେ ଦର୍ଶକଙ୍କୁ ଯେମିତି ପ୍ରଭାବିତ କରିଥିଲା ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।


'ତୁ ମୋ ଲଭ୍ ଷ୍ଟୋରି-୨' ଚଳଚ୍ଚିତ୍ରରେ ସ୍ୱରାଜ-ଭୂମିକା

# ଏଥର ରଜରେ..

ଚଳିତବର୍ଷ ରଜରେ ଦୁଇଟି ସିନେମା- 'ତୁ ମୋ ଲଭ୍ ଷ୍ଟୋରି-୨' ଏବଂ 'ଗୋଲମାଲ୍ ଲଭ୍' ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା ଏହି ଫିଲ୍ମଦ୍ୱୟ ଗୋଟିଏ ବ୍ୟାନର (ତରଙ୍ଗ ସିନେ ପ୍ରଡକ୍ସନ)ରେ ନିର୍ମିତ ହୋଇଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ଲଭ୍ ଷ୍ଟୋରି'ରେ ସ୍ୱରାଜ-ଭୂମିକା ଯୋଡିକୁ ରିପିଟ୍ କରାଯାଇଛି। ଲଭ୍,ଇମୋଶନକୁ ନେଇ ପ୍ରସ୍ତୁତ ଏହି ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏହି ଯୋଡି ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ଏହି ବ୍ୟାନରରେ ତଥା ତାପସଙ୍କ ନିର୍ଦ୍ଦେଶନାରେ ପୂର୍ବରୁ ନିର୍ମିତ ହୋଇଥିଲା ଟିନ୍ ଏଜ ପ୍ରେମ କାହାଣୀକୁ ଆଧାର କରି ସିନେମା 'ତୁ ମୋ ଲଭ୍ ଷ୍ଟୋରି'। ଏଥିରେ ପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ସ୍ୱରାଜ ବାରିକ ଏବଂ ଭୂମିକା ଦାଶଙ୍କୁ ନାୟକ-ନାୟିକା ଭାବରେ ବ୍ରେକ୍ ମିଳିଥିଲା।

ଅନ୍ୟପକ୍ଷରେ ରଜ ମଇଦାନରେ ପୁଣି ଥରେ ଅବତୀର୍ଣ୍ଣ ହେଉଛନ୍ତି ଓଲିଉଡ୍‌ର ଫେଭରାଇଟ୍ ଯୋଡି 'ଅଶୋକ ପତି ଏବଂ ବାବୁସାନ୍'। ଫିଲ୍ମଟି ହେଲା 'ଗୋଲମାଲ ଲଭ୍'। କମେଡିର ଫୁଲ୍ ତଡକା ଏଥିରେ ଦର୍ଶକ ପାଇବେ ବୋଲି କହନ୍ତି ନିର୍ଦ୍ଦେଶକ। ଏହି ଫିଲ୍ମରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ତମନ୍ନା। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ଇଲୁ ବାନାର୍ଜୀ, ଶ୍ରୀତମ ଦାସ, ଜୀବନ ପଣ୍ଡା ଏବଂ ନିକଟରେ ପରଲୋକଗତ ହାସ୍ୟ ଅଭିନେତା ସଲିଲ ମିତ୍ର ମଧ୍ୟ ଅଭିନୟ କରିଛନ୍ତି। ସ୍ୱର ସଂଯୋଜକ ଅଭିଜିତ ମଜୁମଦାର ମଧ୍ୟ ନିଜ ଗୀତଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

ଏହି ଫିଲ୍ମ ଦ୍ୱୟ ବ୍ୟତୀତ ଅକ୍ଷୟ କୁମାର ପରିଡାଙ୍କ ପ୍ରଯୋଜିତ ଏବଂ ପପୁ ପମପମଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଚିରକୁଟ୍' ରିଲିଜ ହେବାର ଯୋଜନା ରହିଛି। ଏଥିରେ ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ନବାଗତ ଯୋଡି 'ଅରୋଜିତ-ଅନନ୍ୟା'।


'ଗୋଲମାଲ୍ ଲଭ୍' ଚଳଚ୍ଚିତ୍ରରେ ବାବୁସାନ୍-ତମନ୍ନା

“ଆଞ୍ଜେଲ ଇନ୍‌ଭେଷ୍ଟର ଓ ଲାଇଟସ୍ପିଡ୍ ଭେଞ୍ଚର ପାର୍ଟନରଙ୍କ ଠାରୁ ୟେଲୋ ମେସେଞ୍ଜର ୪ ମିଲିୟନ ଡଲାର ପାଣ୍ଠି ସଂଗ୍ରହ କରିପାରିଛି। ଏହି ଅର୍ଥକୁ କଟିଂଏଜ୍ ଟେକ୍ନୋଲୋଜି ଡେଭଲପ୍ କରିବାରେ ବ୍ୟବହାର କରାଯିବ।

– ରଘୁ ରବିନୁତାଲା, ସିଇଓ, ୟେଲୋ ମେସେଞ୍ଜର



“ରେଡବସ୍ ପକ୍ଷରୁ ବେଙ୍ଗାଲୁରୁରେ ଆର୍‌ପୁଲ୍ ସେବା ଆରମ୍ଭ କରାଯାଇଛି। ଅଫିସ୍‌ଯାତ୍ରୀମାନେ ଏହାର ସୁବିଧା ନେଇପାରିବେ। ଏହାଦ୍ୱାରା ଭିଡ଼କୁ କମାଯାଇପାରିବ।

– ପ୍ରକାଶ ସଙ୍ଗମ, ସିଇଓ, ରେଡବସ୍



## ଲଣ୍ଡନ ହାଇକୋର୍ଟରେ ଆବେଦନ ଖାରଜ

# ଜାମିନ ପାଇବାରେ ନୀରବ ୪ର୍ଥ ଥର ବିଫଳ

**ଲଣ୍ଡନ,୧୨-୬**

ପିଏନ୍‌ବି ମହାଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ବୁଧବାର ଲଣ୍ଡନ ହାଇକୋର୍ଟରୁ ଜୋରଦାର ଝଟକା ଲାଗିଛି। ବିଚାରପତି ଇନଗ୍ରିଡ ସିମଲର ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ରାୟ ପ୍ରକାଶ କଲାବେଳେ ନୀରବଙ୍କ ବିରୋଧରେ କଡ଼ା ଟିପ୍ପଣୀ କରିଥିଲେ। ତାଙ୍କୁ ଜାମିନ ଦିଆଗଲେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ପୁନର୍ବାର ଆତ୍ମସମର୍ପଣ କରି ନ ପାରନ୍ତି ବୋଲି ବିଚାରପତି ତାଙ୍କ ରାୟରେ ମନ୍ତବ୍ୟ ଦେଇଛନ୍ତି। ହାଇକୋର୍ଟ ପୂର୍ବରୁ ୱେଷ୍ଟମିନ୍‌ଷ୍ଟର କୋର୍ଟ ମଧ୍ୟ ସମାନ ଆଶଙ୍କାବ୍ୟକ୍ତ କରି ନୀରବଙ୍କ ଜାମିନ ଆବେଦନକୁ ୩ଥର ଖାରଜ କରିଦେଇଥିଲେ।

ସୂଚନାଥାଉ କି, ତୃତୀୟଥର ଜାମିନ ଆବେଦନ ଖାରଜ ହୋଇଯିବା ପରେ ନୀରବ ମେ’ ୩୧ରେ ହାଇକୋର୍ଟରେ ଆବେଦନ କରିଥିଲେ। ତାଙ୍କ ଆବେଦନ ଉପରେ ମଙ୍ଗଳବାର ଶୁଣାଣି ହୋଇଥିଲା। ତେବେ ରାୟ ପ୍ରକାଶ ଲାଗି ସମୟ ଆବଶ୍ୟକ ଦର୍ଶାଇ ଅଦାଲତ ବୁଧବାର ପର୍ଯ୍ୟନ୍ତ ଏହାକୁ ଟାଳିଦେଇଥିଲେ। ଦୀର୍ଘ ୮୬ ଦିନ ଧରି ମୋଦି ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି। ତାଙ୍କୁ ମାର୍ଚ୍ଚ ୧୯ରେ ଗିରଫ କରାଯାଇଥିଲା। ୱେଷ୍ଟମିନ୍‌ଷ୍ଟର କୋର୍ଟ ଭଳି ହାଇକୋର୍ଟରେ ମଧ୍ୟ ନୀରବଙ୍କ ଓକିଲ କ୍ଲେୟର୍ ମଣ୍ଟେଗୋମରୀ ମଙ୍ଗଳବାର ଜାମିନ ପାଇବା ଲାଗି ସମାନ ପ୍ରସ୍ତାବ ଦେଇଥିଲେ। ଜାମିନ ପାଇବା ପରେ ମୋଦିଙ୍କ ଶରୀରରେ ଇଲେକ୍ଟ୍ରୋନିକ ଡିଭାଇସ୍ ଲଗାଯାଇ ତାଙ୍କ ଉପରେ ନଜର ରଖାଯାଇପାରିବ। ଏହାଛଡା ତାଙ୍କର ଫୋନକୁ ମଧ୍ୟ ଟ୍ରାକ୍ କରାଯାଇପାରିବ। ମୋଦି ଏଠାରେ ଅର୍ଥ ରୋଜଗାର କରିବାକୁ ଆସିଛନ୍ତି। ସେ ପଳାଇ ପାରନ୍ତି ବୋଲି କୌଣସି ତଥ୍ୟ ଅଦ୍ୟାବଧି ସାମ୍ନାକୁ ଆସିନାହିଁ। ଏହାବ୍ୟତୀତ ତାଙ୍କର ଝିଅ ଓ ପୁଅ ମଧ୍ୟ ଏଠାରେ ପାଠପଢ଼ିବାକୁ ଆସିବେ ବୋଲି ମଣ୍ଟେଗୋମରୀ ଯୁକ୍ତି ଦର୍ଶାଇଥିଲେ। ତେବେ ଶୁଣାଣି ବେଳେ ବିଚାରପତି କହିଥିଲେ ଯେ, ଜାମିନ ମିଳିବା ପରେ ଅଭିଯୁକ୍ତ ସାକ୍ଷ୍ୟପ୍ରମାଣ ନଷ୍ଟ କରିଦେବାକୁ ଉଦ୍ୟମ କରିବେ ନାହିଁ ଏହା ବିଶ୍ୱାସ କରିହେବ ନାହିଁ। ଭବିଷ୍ୟତରେ କ’ଣ ହେବ, ଏହା କେହି କହିପାରିବେ ନାହିଁ। ବିଚାରପତି ଏହା ମଧ୍ୟ କହିଥିଲେ ଯେ, ଆବେଦନକାରୀଙ୍କ ବିରୋଧରେ ଏକାଧିକ ଦେଶରେ ଠକେଇ ଓ ଜାଲିଆତି ମାମଲା ଦାଏର ହୋଇଛି। ଏଭଳି ସ୍ଥିତିରେ ଜାମିନ ଦେବା ଉଚିତ୍ ହେବ ନାହିଁ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ଶୁଣାଣିରେ ସାମିଲ ହୋଇଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ(ସିପିଏସ୍) ପକ୍ଷରୁ କୁହାଯାଇଥିଲା ଯେ, ନୀରବଙ୍କ ବିରୋଧରେ ଆପରାଧିକ ଏବଂ ଜାଲିଆତି ଅଭିଯୋଗ ରହିଛି।

## ଔଦ୍ୟୋଗିକ ଉତ୍ପାଦନ, ମୁଦ୍ରାସ୍ଫୀତି ବୃଦ୍ଧି

**ନୂଆଦିଲ୍ଲୀ,୧୨-୬:** ଖଣି ଓ ବିଜୁଳି ଉତ୍ପାଦନରେ ସୁଧାର ହେବା କାରଣରୁ ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ବିକାଶ ହାର ୩.୪% କୁ ବୃଦ୍ଧି ପାଇଛି, ଯାହା କି, ୬ ମାସର ସର୍ବୋଚ୍ଚ ସ୍ତର କୁହାଯାଉଛି। ଅନ୍ୟପକ୍ଷରେ ମେ’ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୦୫%କୁ ବୃଦ୍ଧିପାଇଛି, ଯାହା କି, ୭ ମାସର ସର୍ବୋଚ୍ଚ ସ୍ତର ରହିଛି। ସିଏସ୍‌ଓ ପକ୍ଷରୁ ବୁଧବାର ଜାରି ପରିସଂଖ୍ୟାନ ଅନୁଯାୟୀ, ୨୦୧୮ ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ୪.୫% ରହିଥିଲା। ଖଣି ଖନନ କ୍ଷେତ୍ରର ଉତ୍ପାଦନ ୫.୧% ବୃଦ୍ଧିପାଇଛି। ପୂର୍ବ ବର୍ଷର ସମାନ ଅବଧିରେ ଏହା ୩.୮% ରହିଥିଲା। ଆଲୋଚ୍ୟ ଅବଧିରେ ବିଜୁଳି ଉତ୍ପାଦନ ୬% ବଢ଼ିଛି। ଗତବର୍ଷ ଏହା ୨.୧% ଥିଲା। ତେବେ ମାନୁଫାକ୍ଚରିଂ କ୍ଷେତ୍ର ଧିମା ପଡ଼ିଯାଇଛି। ଏଥିପୂର୍ବରୁ ଗତବର୍ଷ ଅକ୍ଟୋବରରେ ଔଦ୍ୟୋଗିକ ଉତ୍ପାଦନ ସର୍ବୋଚ୍ଚ ସ୍ତର ୮.୪% ଥିଲା। ସେହିପରି ଖାଦ୍ୟପଦାର୍ଥ ମୂଲ୍ୟ ବୃଦ୍ଧି କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ମେ’ରେ ବୃଦ୍ଧି ପାଇଛି।

# ହୋଣ୍ଡା ଆଣିଲା ନୂଆ ଆକ୍ଟିଭା




**ନୂଆଦିଲ୍ଲୀ,୧୨-୬**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ପ୍ରିମିୟମ ଆକ୍ଟିଭା ୧୨୫ ମଡେଲର ବଜାର ପ୍ରବେଶ କରାଯାଇଛି। ଏହା ବିଏସ୍-୬ ଅନୁପାଳନ କରୁଥିବା ଇଞ୍ଜିନ ସହ ଆସିଛି। ସରକାର ଧାର୍ଯ୍ୟ କରିଥିବା ୨୦୨୦ ସୀମା ପୂର୍ବରୁ କମ୍ପାନୀ ଅତ୍ୟାଧୁନିକ ଇଞ୍ଜିନ କ୍ଷମତା ସହ ଏହି ମଡେଲକୁ ବଜାରରେ ଉପଲବ୍ଧ କରାଇଛି। ଏହା କମ୍ପାନୀର ପ୍ରଥମ ବିଏସ୍-୬ ମାନକଯୁକ୍ତ ମଡେଲ। ଏକ ସବୁଜ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଇଣ୍ଡଷ୍ଟ୍ରିର ପ୍ରମୁଖ ଫିଚର ସହ ଏଥିରେ ଗ୍ରାହକମାନେ ଉନ୍ନତ ଭାଲ୍ୟୁ ଲାଭ କରିପାରିବେ। ସ୍ୱତନ୍ତ୍ର ମୋବିଲିଟି ସଲ୍ୟୁଶନ ଦ୍ୱାରା ସାରା ବିଶ୍ୱରେ ଗ୍ରାହକଙ୍କୁ ଗୁଣଯୁକ୍ତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ହୋଣ୍ଡା କାର୍ଯ୍ୟ କରୁଥିବା ହୋଣ୍ଡା ମୋଟର କର୍ପୋରେଶନ ଇଣ୍ଡିଆର ମୋଟର ସାଇକେଲ ଅପରେଶନ୍ସ ମ୍ୟାନେଜିଂ ଅଫିସର ନୋରିଆକି ଆବେ ସୂଚନା ଦେଇଛନ୍ତି। ଟେକ୍ନୋଲୋଜି ଏବଂ ଉଦ୍ଭାବନକୁ ସର୍ବଦା ପ୍ରାଥମିକତା ଦେଉଥିବା ବେଳେ ଶକ୍ତିଶାଳୀ ଟେକ୍ନୋଲୋଜି ସହ ଏହି ମଡେଲର ବଜାର ପ୍ରବେଶ କରାଯାଇଥିବା କମ୍ପାନୀର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ନୂଆ ମଡେଲକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସେଲ୍‌ସ ଏବଂ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦ୍‌ବିନ୍ଦର ସିଂ ଗୁଲେରିୟା କହିଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଏହି ମଡେଲଟି ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ସୂଚନା ଦେଇଛି।

### ପିଜିଏଲ୍ ହୋଣ୍ଡାରେ ଲାଇଭଷ୍ଟ୍ରିମିଂ ଯୋଗେ ଉନ୍ମୋଚନ

ଏହି ମଡେଲଟିକୁ ସ୍ଥାନୀୟ ପିଜିଏଲ୍ ହୋଣ୍ଡାଠାରେ ଲାଇଭ ଷ୍ଟ୍ରିମିଂ ଯୋଗେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ହୋଣ୍ଡାର ଗ୍ରାହକଙ୍କୁ ଆମନ୍ତ୍ରଣ କରାଯିବା ସହ ମଡେଲ ସମ୍ପର୍କରେ ବିଭିନ୍ନ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶୋ’ରୁମ ପକ୍ଷରୁ ଜିଏମ୍ କୃଷ୍ଣଚନ୍ଦ୍ର ମଲ୍ଲିକ, ବିଜ୍‌ନେସ ହେଡ ରାଜେଶ କେଡିଆ, ଆଡ୍‌ମିନ ହେଡ ସୁଜାତା ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସେଣ୍ଟ୍ରାଲରେ ରଜ ଉତ୍ସବ





**ଭୁବନେଶ୍ୱର,୧୨-୬(ବ୍ୟୁରୋ)**

ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି। ଗତ ୪ ବର୍ଷ ଧରି ଏହା ଗ୍ରାହକଙ୍କ ସହ ମିଳିତ ହୋଇ ରାଜ୍ୟର ଏହି ପ୍ରମୁଖ ଲୋକପ୍ରିୟ ଗଣପର୍ବକୁ ପାଳନ କରୁଛି। ଏହି ଅବସରରେ ପ୍ରତିବର୍ଷ ଭଳି ସ୍ୱତନ୍ତ୍ର ଅଫର ଗ୍ରାହକଙ୍କ ଲାଗି ଘୋଷଣା କରାଯାଇଛି। ରଜକୁ ସ୍ୱତନ୍ତ୍ର କରିବା ଲାଗି ଅଫରକୁ ଆହୁରି ଉନ୍ନତ ଏବଂ ବୃହତ୍ କରାଯାଇଛି। ଗ୍ରାହକମାନେ ରଜ ମଧ୍ୟରେ ସେଣ୍ଟ୍ରାଲ ଷ୍ଟୋରରୁ ୫୦୦୦ ଟଙ୍କାର କ୍ରୟ ଉପରେ ୨୦୦୦ ଟଙ୍କାର ଭାଉଚର ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି ଅଫରକୁ ଭଲ ରେସପନ୍ସ ମିଳିଛି। ଲୋକମାନଙ୍କ ଦ୍ୱାରା ଏହା ବେଶ୍ ପସନ୍ଦ ହେଉଥିବା ଗ୍ରାହକଙ୍କ ମତାମତରୁ ଜଣାପଡିଛି ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ଅଫର ଲାଭ ଗ୍ରାହକମାନେ ଶେଷ ରଜ ଯାଏ ନେଇ ପାରିବେ।

ଏହାବାଦ୍ ଷ୍ଟୋର ବାହାରେ ଏକ ରଜ ଦୋଳି ବ୍ୟବସ୍ଥା କରାଯାଇଛି। ଏଠାରେ ଗ୍ରାହକମାନେ ସେମାନଙ୍କ ପରିବାର ସହ ଆସି ଦୋଳି ଖେଳିବାର ମଜା ନେଇ ପାରିବେ। ସେହିଭଳି ଷ୍ଟୋର ପକ୍ଷରୁ ମେହେନ୍ଦି ଏବଂ ପାନ କାଉଣ୍ଟର ସୁବିଧା ମଧ୍ୟ କରାଯାଇଛି। ସେଣ୍ଟ୍ରାଲ ପକ୍ଷରୁ ବିସ୍ତୃତ ବର୍ଗରେ ବିଭିନ୍ନ କଲେକ୍ସନ ରଜ ଉପଲକ୍ଷେ ସାମିଲ କରାଯାଇଛି। ଲେଡିଜ ୱେଷ୍ଟର୍ନ, ଲେଡିଜ ଏଥ୍‌ନିକ୍ ସହ ପୁରୁଷ ଏବଂ ଶିଶୁଙ୍କ ବର୍ଗରେ ପୋଷାକପତ୍ର ସାମିଲ ରହିଛି। ଭୁବନେଶ୍ୱର ସେଣ୍ଟ୍ରାଲ ଏହି ଅବସରରେ ଗ୍ରାହକଙ୍କୁ ରଜର ଶୁଭେଚ୍ଛା ଜଣାଇଛି।






# ଏମ୍‌ଜି ମୋଟର୍ସର ନୂଆ ‘ହେକ୍ଟର’



**ଭୁବନେଶ୍ୱର,୧୨-୬**

ଏମ୍‌ଜି (ମୋରିସ୍ ଗ୍ୟାରେଜେସ୍) ମୋଟର ପକ୍ଷରୁ ଏହାର କନେକ୍ଟେଡ୍ ଏସ୍‌ୟୁଭି ‘ହେକ୍ଟର’ର ବଜାର ପ୍ରବେଶ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଏହି ମଡେଲଟିକୁ ମୋରିସ୍ ଗ୍ୟାରେଜ୍‌ର ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ନୂପୁର ଜୈନ, ଏମ୍ପ୍ରିଓ ହ୍ୱିଲ୍ସ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ଗଙ୍ଗାଧର ସାମଲ, ଏମ୍‌ଡି ଅଭିନାଶ ସାମଲ, କୁମାର ଗୌରବ ସାମଲ ଏବଂ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ବଜାର ପ୍ରବେଶ କରାଇଥିଲେ। ନୂଆ ଯାନଟିରେ ୫୦ରୁ ଅଧିକ କନେକଟେଡ ଫିଚର ଏବଂ ୧୯ ଏକ୍ସକ୍ଲୁସିଭ୍ ଫିଚର ସାମିଲ ରହିଛି। ପରବର୍ତ୍ତୀ ପିଢିର ଆଇସ୍ମାର୍ଟ ଟେକ୍ନୋଲୋଜି ସହ ସ୍ୱତନ୍ତ୍ର ଏଚ୍‌ଡି ସ୍କ୍ରିନ, ୪୮ ଭି ଟେକ୍ନୋଲୋଜି ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି।

## ଅର୍ଥର ଅର୍ଥ

# ଜୀବନ ବୀମା ସୁରକ୍ଷାର ସମୀକ୍ଷା ଜରୁରୀ




Rupkumar Pradhan

CERTIFIED FINANCIAL PLANNER[CM], CHARTERED WEALTH MANAGER

“Director, SmartFin Wealth Management Pvt. Ltd.”


‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**➔ମୁଁ ପ୍ରତ୍ୟେକ ବର୍ଷ ଆୟକର ଛାଡ ପାଇବା ପାଇଁ ଏଲଆଇସି ପ୍ରିମିୟମ ଓ ଅନ୍ୟ ସବୁ ସ୍କିମରେ ନିବେଶ କରୁଛି, ଯାହାକି ଧାର ୮୦ ସିର ଅନ୍ତର୍ଭୁକ୍ତ। ମ୍ୟୁଚୁଆଲ ଫଣ୍ଡ ଇଏଲ୍‌ଏସ୍‌ଏସ୍ ସ୍କିମରେ ମଧ୍ୟ କିଛି ନିବେଶ କରୁଛି । ଏନ୍‌ପିଏସ୍ ସ୍କିମ୍‌ରେ ନିବେଶ କରିବା ଉଚିତ ହେବ କି? ଏଥିରେ ନିବେଶ କରି ଅଧିକ ଆୟକର ଛାଡ ସୁବିଧା ପାଇପାରିବି କି ?**

**– ସରୋଜିନୀ ସାହୁ, ଭୁବନେଶ୍ୱର**

☆ଆପଣଙ୍କର ଆୟକର ସଞ୍ଚୟ କାର୍ଯ୍ୟସବୁ ଆପଣଙ୍କ ଆର୍ଥିକ ଯୋଜନାରେ ଏକ ଅଂଶ ହେବା ନିହାତି ଜରୁରୀ । କେବେ ବି କେବଳ ଆୟକର ଛାଡ ସୁବିଧା ପାଇବା ପାଇଁ ସ୍କିମ୍ ସବୁ କିଣନ୍ତୁ ନାହିଁ । ଏହା ଆପଣଙ୍କ ଜୀବନର ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବାରେ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ ଓ କରିବା ଉଚିତ ମଧ୍ୟ । ଚୟନ କରିଥିବା ସ୍କିମ୍‌ର ଅବଧି ଆପଣଙ୍କ ନିବେଶ ସମୟସୀମା ସହିତ ସମାନ ଓ ଖାପଖୁଆଇବା ଉଚିତ ।

ଏନ୍‌ପିଏସ୍ (ନ୍ୟାଶନାଲ ପେନସନ ସିଷ୍ଟମ୍) ନିବେଶ କରିବା ଉଚିତ୍ ହେବ। ଏଥିରେ ନିବେଶ କରି ଆପଣ ଅତିରିକ୍ତ ୫୦,୦୦୦ ଟଙ୍କା ଧାରା ୮୦ସିସିଡି(୧ବି) ଅନୁଯାୟୀ ଅଧିକ ଆୟକର ଛାଡ ସୁବିଧା ପାଇପାରିବେ। ଏହା ଆପଣଙ୍କ ଧାରା ୮୦ ସି ଅନୁଯାୟୀ ବାର୍ଷିକ ୧.୫ ଲକ୍ଷ ଟଙ୍କା ନିବେଶ ରାଶିଠାରୁ ଅଲଗା । ଅର୍ଥାତ୍ ଆପଣ ସମୁଦାୟ ୨ ଲକ୍ଷ ଟଙ୍କା ଆୟକର ଛାଡ ପାଇଁ ଦାବି କରିପାରିବେୟ। ଯଦି ଆପଣ ସରକାରୀ ସ୍କିମରୁ ପେନସନ ଆଶା କରୁଛନ୍ତି, ତେବେ ଏନପିଏସ୍ ସ୍କିମ୍‌ରେ ନିବେଶ କରିବା ଉଚିତ ହେବ। ଆପଣଙ୍କୁ ୬୦ ବର୍ଷ ପର୍ଯ୍ୟନ୍ତ ନିବେଶ କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ । ମନେରଖିବାକୁ ହେବ ଯେ, ୬୦ ବର୍ଷ ବୟସ ବେଳକୁ ଆପଣଙ୍କ ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଣ କରିବା କ୍ଷେତ୍ରରେ କିଛି କଟକଣା ଅଛି।

✪୬୦ ବର୍ଷ ବୟସ ହୋଇଯାଇଛି, ତେବେ ଅବସରକାଳୀନ ପାଣ୍ଠିର ୪୦% ଅର୍ଥକୁ ପେନ୍‌ସନ ପାଇବା ପାଇଁ ନିବେଶ କରିବାକୁ ପଡିବ ଏବଂ ବଳକା ଅର୍ଥକୁ (ଅର୍ଥାତ୍ ୬୦% ପାଣ୍ଠି ଆପଣ ଏକକାଳୀନ ଉଠାଣ କରିପାରିବେ ।

✪୬୦ ବର୍ଷ ବୟସ ପୂର୍ବରୁ ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଣ କରିବାକୁ ଚାହୁଁଥିଲେ ଅବସରକାଳୀନ ପାଣ୍ଠିର ୮୦% ଅର୍ଥକୁ ଆପଣ ମାସିକ ପେନ୍‌ସନ ପାଇଁ ନିବେଶ କରିବାକୁ ପଡିବ। ଅର୍ଥାତ୍ ପେନ୍‌ସନ ପଲିସି କିଣିବା କ୍ଷେତ୍ରରେ ନିବେଶ କରାଯିବ ଏବଂ ବଳକା ଅର୍ଥକୁ (ଅର୍ଥାତ୍ ୨୦% ପାଣ୍ଠି)କୁ ଆପଣ ଏକକାଳୀନ ଉଠାଣ କରିପାରିବେ।

**ଏନପିଏସ୍ ନିବେଶ କରି ଆୟକର ଛାଡ ସୁବିଧା ସବୁ**

| କ’ଣ ସବୁ ଆୟକର ଛାଡ ପାଇଁ କରାଯାଏ | ସର୍ବାଧିକ ନିବେଶ | ଆୟକର ନିୟମ ଅନୁଯାୟୀ |
|---|---|---|
| ଅବସରକାଳୀନ ସଞ୍ଚୟ କରିବା ପାଇଁ ଦରମାରୁ ଆଦେଶ ସୂଚକ ଅର୍ଥ କଟାଯାଇ ଏନପିଏସ ସ୍କିମରେ ନିବେଶ କରାଯାଏ | ୧.୫ ଲକ୍ଷ ଟଙ୍କା | 80CCD (1) |
| ନିଯୁକ୍ତିଦାତାଙ୍କ ଦ୍ୱାରା ଦରମାରୁ ସ୍ୱେଚ୍ଛାକୃତ ଅର୍ଥ ଏନପିଏସ୍ ସ୍କିମରେ ନିବେଶ କରାଯାଏ | ୧୦% ମୂଳ ଦରମାର | 80CCD (2) |
| ସ୍ୱେଚ୍ଛାକୃତ ଭାବେ ଜଣେ ବ୍ୟକ୍ତି ଏନପିଏସ୍ ସ୍କିମରେ ନିବେଶ କରିବ | ୫୦୦୦୦/- | 80CCD (1B) |

ଆମର ପରାମର୍ଶ କୌଣସି ସ୍କିମ୍‌ରେ ନିବେଶ ପୂର୍ବରୁ ଏ ବିଷୟରେ ଭଲ ଭାବରେ ବୁଝିବା ନିହାତି ଜରୁରୀ। ଦୀର୍ଘକାଳୀନ, ମଧ୍ୟବର୍ତ୍ତିକାଳୀନ ଓ ସ୍ୱଳ୍ପକାଳୀନ ଆର୍ଥିକ ଲକ୍ଷ୍ୟସବୁ କ୍ଷେତ୍ରରେ ଆପଣ ଚୟନ କରିଥିବା ସ୍କିମ୍‌ର ପ୍ରଭାବ କ’ଣ ରହିବ ଏହାକୁ ମଧ୍ୟ ଦୃଷ୍ଟି ଦେବା ଜରୁରୀ।

**➔ମୁଁ ପିପିଏଫ୍ ସ୍କିମ୍‌ରେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ଚାହୁଁଛି। ୧୫ ବର୍ଷ ପରେ କେତେ ଟଙ୍କାର ପାଣ୍ଠି ଗଠନ ହୋଇପାରିବ?**

**–ମାୟାଧର ସ୍ୱାଇଁ, କେନ୍ଦ୍ରାପଡ଼ା**

☆ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍) ବାର୍ଷିକ ୮% ସୁଧହାର ବର୍ତ୍ତମାନ ଅଛି। ସ୍ୱଳ୍ପ ସଞ୍ଚୟ ସବୁର ସୁଧହାର ପ୍ରତି ତ୍ରୈମାସିକ ସମୀକ୍ଷା ଅନୁଯାୟୀ ସ୍ଥିର କରାଯାଏ। ସର୍ବନିମ୍ନ ୫୦୦ ଟଙ୍କା ଏବଂ ସର୍ବୋଚ୍ଚ ସୀମା ବାର୍ଷିକ ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ନିବେଶ କରିପାରିବେ। ଯଦି ବାର୍ଷିକ ୮% ସୁଧହାର ଧରିନେବା ଆପଣ ବାର୍ଷିକ ୧.୫ ଲକ୍ଷ ଟଙ୍କା ନିବେଶ କରି ୧୫ ବର୍ଷ ପରେ ୪୩.୯୮ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଏହି ପରିପକ୍ୱ ରାଶି ସମ୍ପୂର୍ଣ୍ଣ ଆୟକରକୁ ଆପଣଙ୍କ ନିକଟସ୍ଥ ଡାକଘର ଶାଖା କିମ୍ବା ବ୍ୟାଙ୍କରେ ପିପିଏଫ୍ ଆକାଉଣ୍ଟ ଖୋଲିପାରିବେ।

**➔ମୋର ବୟସ ୩୭ ବର୍ଷ ଓ ବିବାହିତ। ପୁଅ ୧ ବର୍ଷ ଓ ଝିଅ ୪ ବର୍ଷ ଅଛନ୍ତି। ୪ ବର୍ଷ ପୂର୍ବରୁ ୩୦ ଲକ୍ଷ ଟଙ୍କାର ଏକ ଟର୍ମ ପ୍ଲାନ କିଣିଥିଲି। ଗତ ୨ ବର୍ଷ ହେବ ମୋର ଦରମା ପାଖାପାଖି ୪୫% ବଢ଼ିଯାଇଛି। ପରିବାରର ଆର୍ଥିକ ସୁରକ୍ଷା ପାଇଁ ଅଧିକ ଜୀବନବୀମା ସୁରକ୍ଷା ଆବଶ୍ୟକତା ଅଛି କି?**

**– ମାନସ ବେହେରା, ବାଲୁଗାଁ**

☆ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନବୀମା ପଲିସି ଏକାନ୍ତ ଆବଶ୍ୟକ। କେତେ ଟଙ୍କାର ଜୀବନବୀମା ସୁରକ୍ଷା ଆବଶ୍ୟକ ଏହାକୁ ହିସାବ କରି ଦେଖିବାକୁ ପଡ଼ିବ। କିନ୍ତୁ ୩/୪ ବର୍ଷ ବ୍ୟବଧାନରେ ଜୀବନବୀମା ସୁରକ୍ଷା ରାଶିର ଆବଶ୍ୟକତା ପାଇଁ ସମୀକ୍ଷା ନିହାତି ଜରୁରୀ। କେତେବେଳେ ଏହି ସମୀକ୍ଷା ଆପଣଙ୍କୁ କରିବାକୁ ପଡ଼ିବ? ନିମ୍ନଲିଖିତ ଦିଗକୁ ଦୃଷ୍ଟି ଦିଅନ୍ତୁ।

✪ପଲିସିର ନବୀକରଣ ସମୟରେ

✪ଘରର କିଛି ପରିବର୍ତ୍ତନ କରୁଛନ୍ତି କିମ୍ବା ଗୁରୁତ୍ୱପୂର୍ଣ୍ଣ ବଡ଼ କିଛି କିଣାକିଣି କରୁଛନ୍ତି

✪ଜୀବନର ମୁଖ୍ୟ ଜୀବନଶୈଳୀର ପରିବର୍ତ୍ତନ ସମୟ

✪ପରିବାରକୁ ନୂଆ ସଦସ୍ୟଙ୍କ ଆଗମନ

✪ବାହାଘର କିମ୍ବା ଛାଡ଼ପତ୍ର ସମୟରେ

✪ଆପଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କ୍ଷେତ୍ରରେ

✪ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ଦାୟିତ୍ୱ ଗ୍ରହଣ

✪ଘରଟିଏ କିଣିବା ସମୟରେ

✪ନିଜର ଅତିପ୍ରିୟ ବ୍ୟକ୍ତିଙ୍କର ଦୀର୍ଘକାଳୀନ ଦାୟିତ୍ୱ ନେବା କ୍ଷେତ୍ରରେ

ନିୟମିତ ବ୍ୟବଧାନରେ ଜୀବନବୀମା ସୁରକ୍ଷାର ସମୀକ୍ଷା ନିହାତି ଜରୁରୀ। ନିୟମିତ ସମୀକ୍ଷା କରିବା ସହିତ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଜଣେ ଚାର୍ଟାର୍ଡ ୱେଲଥ୍ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ୍ ପ୍ଲାନରଙ୍କ ସହ ପରାମର୍ଶ ଓ ସମୀକ୍ଷା କରି ପଦକ୍ଷେପ ନେବା ଉଚିତ୍ ହେବ।

**ଆମ ଠିକଣା**

ବିଜ୍‌ନେସ ଧରିତ୍ରୀ

ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦


DSPL - 26



**ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଏହାଦ୍ୱାରା ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିପାରିବା ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା ଓ ଅନ୍ୟକୁ ବଞ୍ଚାଇ ନିଜେ ହସିବା । ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10080/13/0002/1920



DSPL - 26



**ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି । ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଜୀବନ ବଂଚାଇବାରେ ସହଯୋଗର ହାତ ବଢ଼ାଇ ଜୀବନ ସାର୍ଥକ କରିବା ନିମନ୍ତେ ଆମ୍ଭେମାନେ ବ୍ରତୀ ହେବା ବାଞ୍ଛନୀୟ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଂଚାଇ ନିଜେ ହସିବା । ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭକାମନା ।

(ନବକିଶୋର ଦାସ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

10080/13/0002/1920



ଶିଖର ଧାୱନଙ୍କ ଅନୁପସ୍ଥିତିରେ ଯଦି ଲୋକେଶ ରାହୁଲ ଓପନିଂ ବ୍ୟାଟିଂ କରନ୍ତି ତେବେ ଦଳର ବାଲାନ୍ସ ସଜାଡ଼ିବାରେ ସହାୟକ ହେବ।
–ସଞ୍ଜୟ ବାଙ୍ଗର, ଭାରତୀୟ କ୍ରିକେଟ୍ ଦଳର ସହାୟକ କୋଚ୍



ବର୍ତ୍ତମାନ ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ବ୍ୟାଟିଂ ଅଲ୍‌ରାଉଣ୍ଡର। ଆଶା କରୁଛି ଆଗକୁ ସେ ବୋଲିଂରେ ମଧ ଉନ୍ନତି ଆଣିବେ।
–କପିଳ ଦେବ, ପ୍ରାକ୍ତନ ଭାରତୀୟ ଅଧିନାୟକ

## କଳିଙ୍ଗ କର୍ଣ୍ଣର

### ନର୍ଥ ଷ୍ଟାଣ୍ଡରେ ଭାରତୀୟ ଖେଳାଳି

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଜାପାନ-ପୋଲାଣ୍ଡ ମ୍ୟାଚ ଅବସରରେ ଦର୍ଶକ ମରୁଡ଼ି ପରିଲକ୍ଷିତ ହୋଇଥିଲା। ତେବେ ନର୍ଥ ଷ୍ଟାଣ୍ଡରେ ଭାରତୀୟ ହକି ଦଳର ଖେଳାଳିମାନେ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। ଭାରତୀୟ ଖେଳାଳିମାନେ ଉପସ୍ଥିତ ରହିବାର କାରଣ ମଧ ରହିଥିଲା। କାରଣ ଜାପାନ-ପୋଲାଣ୍ଡ ମ୍ୟାଚର ବିଜେତା ସେମିଫାଇନାଲରେ ଭାରତକୁ ଭେଟିବା ସ୍ଥିର ହୋଇ ସାରିଥିଲା। ତେଣୁ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ଦଳର ଖେଳ ଷ୍ଟାଇଲ୍ ଏବଂ ରଣନୀତି ସହିତ ପରିଚିତ ହେବାପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମ୍ୟାଚ ଶେଷରେ ଜାପାନ ୬-୨ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ଭାରତକୁ ଭେଟିବା ପଥ ପରିଷ୍କାର କରିଥିଲା। ମ୍ୟାଚ ଶେଷ ହେବାପରେ ଭାରତୀୟ ଖେଳାଳିମାନେ ନର୍ଥଷ୍ଟାଣ୍ଡ ଛାଡ଼ି ଚାଲିଯାଇଥିବା ପରିଲକ୍ଷିତ ହୋଇଥିଲା।



ଜାପାନ-ପୋଲାଣ୍ଡ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିବା ଦେବାଶିଷ ମହାନ୍ତି।

# ଭାରତ-ଜାପାନ ସେମିଫାଇନାଲ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)



ଜାପାନ-ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ସେମିଫାଇନାଲରେ ଏସୀୟ ଚାମ୍ପିୟନ ଜାପାନକୁ ଭେଟିବ। ବୁଧବାର ଅନୁଷ୍ଠିତ ପ୍ରଥମ କ୍ରସ୍ ଓଭର ମ୍ୟାଚ୍ ପରେ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାଚରେ ଜାପାନ ୬-୨ ଗୋଲରେ ପୋଲାଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଗାମୀ ୧୪ରେ ସେମିଫାଇନାଲ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ପୋଲାଣ୍ଡ ସେହିଦିନ ୫ମ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ। ପୂର୍ବରୁ ଭାରତ ଗ୍ରୁପ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ ଜିତି ୯ ପଏଣ୍ଟ ସହ ପୁଲ୍‌'ଏ'ରୁ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲା।

ଏଠାରେ ଜାପାନ ବିପକ୍ଷରେ ପୋଲାଣ୍ଡ ଭଲ ଆରମ୍ଭ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଦଳ ୭ମ ମିନିଟରେ ଏକ ଗୋଲ ଦେଇ ପ୍ରତିପକ୍ଷ ଜାପାନ ଉପରେ ଚାପ ପ୍ରୟୋଗ କରିଥିଲା। ମିକୋଲାଜ୍ ଗୁମ୍ନି ଏହି ଫିଲ୍ଡ ଗୋଲଟି ଦେଇଥିଲେ। ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ରହିବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ ପୋଲାଣ୍ଡର ପ୍ରଭାବୀ ପ୍ରଦର୍ଶନ ଜାରି ରହିଥିଲା। ମାତ୍ର ଗୋଲ ପରିଶୋଧ ଚକ୍କରରେ ଥିବା ଜାପାନ ସୁଯୋଗ ଅପେକ୍ଷାରେ ଥିଲା। ୨୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଜାପାନର ଶୋତା ୟାମାଦା ଗୋଲରେ ପରିଣତ କରିବାରୁ ମ୍ୟାଚ ୧-୧ ସମାନ ସ୍ତରକୁ ଚାଲି ଆସିଥିଲା। ୨ ମିନିଟ ଅନ୍ତରରେ ଜାପାନ ଲଗାତର ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ହିରୋତକା ଜେଣ୍ଡାନା ଏହାକୁ ଗୋଲରେ ପରିଣତ କରିବାରୁ ଜାପାନ ୨-୧ରେ ଅଗ୍ରଣୀ ନେଇ ଯାଇଥିଲା। ମାତ୍ର ୨୬ତମ ମିନିଟରେ ପୋଲାଣ୍ଡର ମାଟେଉଜ୍ ହୁଲବୋଜ ଫିଲ୍ଡ ଗୋଲ ସ୍କୋର କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ସ୍ଥିତିକୁ ଚାଲିଆସିଥିଲା।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ଜାପାନ। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ କେନ୍ତା ତନକା ଏବଂ ୩୬ତମ ମିନିଟରେ କୋଜି ୟାମାସାକି ଗୋଲ ଦେବାରୁ ଜାପାନ ୪-୨ରେ ଅଗ୍ରଣୀ ଲାଭ କରିଥିଲା। ଏହି ୨ ଗୋଲ ବରଣ ପରେ ଚାପକୁ ଚାଲି ଆସିଥିଲା ପୋଲାଣ୍ଡ। ଫଳରେ ଖେଳର ଅବଶିଷ୍ଟ ସମୟରେ ଦଳ ସ୍ୱାଭାବିକ ପ୍ରଦର୍ଶନ କରିପାରି ନ ଥିଲା। ଏହାର ସୁଯୋଗ ନେଇ ୪ର୍ଥ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୭ତମ ମିନିଟରେ କେନ୍‌ଜି କିତାଜାତୋ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ପୋଲାଣ୍ଡର ଦୁର୍ଦ୍ଦଶା ଏତିକିରେ ସରି ନ ଥିଲା। ମ୍ୟାଚ ସରିବାର ଅଳ୍ପକିଛି କ୍ଷଣ ପୂର୍ବରୁ ୬୦ତମ ମିନିଟରେ କୋଜି ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ୬ଷ୍ଠ ଗୋଲଟି ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ କ୍ରିକେଟର ଦେବାଶିଷ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜାପାନର କାଜୁମା ମୁରାତା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



**ଖୁସି ଓ ଦୁଃଖର ସମାହାର:** କଳିଙ୍ଗ ଷ୍ଟାଡିୟମରେ ବୁଧବାର ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଦ୍ୱିତୀୟ କ୍ରସ୍ ଓଭର ମ୍ୟାଚ ପରେ ବିଜୟୀ ଦକ୍ଷିଣ ଆଫ୍ରିକା ଓ ପରାଜିତ ରୁଷିଆ ଖେଳାଳିମାନେ ପଡ଼ିଆରେ ଶୋଇରହି ନିଜ ନିଜର ଭାବ ପ୍ରକାଶ କରୁଛନ୍ତି।

### ଅତ୍ୟଧିକ ଗରମ ଯୋଗୁ ସମୟରେ ପରିବର୍ତ୍ତନ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ସମୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅତ୍ୟଧିକ ଗରମ ଯୋଗୁ ଶୁକ୍ରବାର ୫ମ ସ୍ଥାନ ପାଇଁ ହେବାକୁଥିବା ପ୍ଲେସିଂ ମ୍ୟାଚକୁ ସକାଳ ୮ଟାରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ସକାଳ ମ୍ୟାଚ ଗୁଡ଼ିକ ୮ଟା ୪୫ରେ ଆରମ୍ଭ ହେଉଥିଲା। ଏହା ଏକ ଏଫ୍‌ଆଇଏଚ୍(ଅନ୍ତର୍ଜାତୀୟ ହକି ଫେଡେରେଶନ) ମ୍ୟାଚ ହୋଇଥିବାରୁ ଏଥିରେ ଖେଳାଳି, ଦର୍ଶକ, ଭଲ୍ୟୁଣ୍ଟର ଏବଂ ଅଫିସିଆଲମାନେ ସାମିଲ ଥିବାରୁ ବ୍ରଡ୍‌କାଷ୍ଟ ଏବଂ କମର୍ସିଆଲ ପାର୍ଟନରଙ୍କ ସହ ଆଲୋଚନା ପରେ ହକି ଇଣ୍ଡିଆ ଏପରି ନିଷ୍ପତ୍ତି ନେଇଛି।

| ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ |
| --- |
| **ଜୁନ୍ ୧୪ର କାର୍ଯ୍ୟସୂଚୀ** |
| ■ ପୋଲାଣ୍ଡ ବନାମ ରୁଷିଆ (୫-୬ ପ୍ଲେସିଂ ମ୍ୟାଚ) ସକାଳ ୮ଟା ୪୫ |
| ■ ଭାରତ ବନାମ ଜାପାନ (ପ୍ରଥମ ସେମିଫାଇନାଲ) ସମୟ: ଅପରାହ୍ନ ୫ଟା |
| ■ ଆମେରିକା ବନାମ ଦକ୍ଷିଣ ଆଫ୍ରିକା (ଦ୍ୱିତୀୟ ସେମିଫାଇନାଲ) ସମୟ: ରାତି ୭ଟା ୧୫ |
| ସ୍ଥାନ: କଳିଙ୍ଗ ଷ୍ଟାଡିୟମ |

## ବିଜୟ ସହ ମେକ୍ସିକୋ ୭ମ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଶେଷ କରିଛି ମେକ୍ସିକୋ। ଯୁବ ମେକ୍ସିକୋ ଦଳ ବୁଧବାର ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୪-୩ ଗୋଲରେ ହରାଇ ୭ମ ସ୍ଥାନ ଅଧିକାର କରିଛି। ଗ୍ରୁପ ପର୍ଯ୍ୟାୟରେ ୩ଟି ଯାକ ମ୍ୟାଚରେ ପରାଜିତ ହୋଇଥିବା ମେକ୍ସିକୋ ଶେଷରେ ସମ୍ମାନର ସହ ସ୍ୱଦେଶ ଫେରିଛି। ଅନ୍ୟପକ୍ଷରେ ସମସ୍ତ ୪ ମ୍ୟାଚ୍ ପରାଜୟ ସହ ଉଜ୍‌ବେକିସ୍ତାନ ଏହାର ଅଭିଯାନ ଶେଷ କରିଛି।

ମେକ୍ସିକୋ-ଉଜ୍‌ବେକିସ୍ତାନ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ କଡ଼ା ଟକ୍କର ହୋଇଥିଲା। ତେବେ ଏହାର ଶେଷଭାଗରେ ଅର୍ଥାତ୍ ୨ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ମେକ୍ସିକୋ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୨୯ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ମାକ୍ସିମିଲିଆନୋ ମେଣ୍ଡେଜ ଗୋଲରେ ପରିଣତ କରିଥିବାବେଳେ ୩୦ତମ ମିନିଟରେ ଆଲେକଜାଣ୍ଡର ପାଲ୍ମା ଫିଲ୍ଡ ଗୋଲ ଦେଇ ଉଜ୍‌ବେକିସ୍ତାନ ଉପରେ ଚାପ ପ୍ରୟୋଗ କରିଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଗୋଲ ପରିଶୋଧ ଚକ୍କରରେ ରହିଥିଲା ଉଜ୍‌ବେକିସ୍ତାନ। ତୃତୀୟ କ୍ୱାର୍ଟର ଶେଷଭାଗରେ ୩ ମିନିଟ ମଧ୍ୟରେ ୩ ଗୋଲ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଏହି ଦଳ। ଉଜ୍‌ବେକିସ୍ତାନ ପକ୍ଷରୁ ୪୧ତମ ମିନିଟରେ ଗୟବୁଲୋ ଖ୍ୟାତବୋୟେଭ ଓ ୪୨ତମ ମିନିଟରେ ଓଖୁନଜନ ମିର୍ଜାକରିମୋଭ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୪୪ତମ ମିନିଟରେ ମେକ୍ସିକୋ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଉଜ୍‌ବେକିସ୍ତାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ରୁସଲାନ ସାର୍କିକୋଭ ଏହାକୁ ଗୋଲରେ ପରିଣତ କରିବାରୁ ୩ୟ କ୍ୱାର୍ଟର ଶେଷସୁଦ୍ଧା ଉଜ୍‌ବେକିସ୍ତାନ ୩-୨ରେ ଅଗ୍ରଣୀ ହୋଇଥିଲା। ଅନ୍ତିମ କ୍ୱାର୍ଟରରେ କଡ଼ା ସଂଘର୍ଷ ହୋଇଥିବାବେଳେ ଭାଗ୍ୟ ମେକ୍ସିକୋ ସପକ୍ଷରେ ରହିଥିଲା। ୫୪ତମ ମିନିଟରେ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରି ୟାମିଲ ମେଣ୍ଡେଜ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଶେଷ ହେବାର ୧ ମିନିଟ ପୂର୍ବରୁ ମେକ୍ସିକୋ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏହି ସୁବର୍ଣ୍ଣ ସୁଯୋଗର ଭରପୂର ସଦ୍‌ବ୍ୟବହାର କରି ଅଧିନାୟକ ରୋବେର୍ଟୋ ଗାର୍ସିଆ ଗୋଲ ଦେବାରୁ ମେକ୍ସିକୋ ବିଜୟ ପଥ ପରିଷ୍କାର ହୋଇଥିଲା। ମେକ୍ସିକୋ ଏକ ଯୁବ ଦଳ। ତେଣୁ ପ୍ରତିଯୋଗିତାରୁ ଅଭିଜ୍ଞତା ହାସଲ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଟୁର୍ନାମେଣ୍ଟ ପୂର୍ବରୁ ପ୍ରକାଶ କରିଥିଲେ ଦଳର ମୁଖ୍ୟ କୋଚ୍ ହେକ୍ଟର ତାଭିରା। ଶେଷରେ ଦଳ ବିଜୟୀ ହେବାସହ ନିଜ ଲକ୍ଷ୍ୟରେ ସଫଳ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।



## ରୁଷିଆ ବିଦା, ଦକ୍ଷିଣ ଆଫ୍ରିକା ସେମିରେ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଆମେରିକା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୧୪ ତାରିଖରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ରସ୍ ଓଭର ମ୍ୟାଚ ପରେ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ୨-୧ ଗୋଲରେ ରୁଷିଆକୁ ପରାସ୍ତ କରିଛି। ପୁଲ୍ ପର୍ଯ୍ୟାୟରେ ଖରାପ ଖେଳିଥିଲେ ହେଁ ଗୋଟିଏ ବିଜୟ ସହ କ୍ରସ୍ ଓଭରକୁ ଆସିଥିବା ଦକ୍ଷିଣ ଆଫ୍ରିକା ଭାଗ୍ୟ ସାଥି ବଳରେ ପ୍ରତିଯୋଗିତାର ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଅନ୍ୟପକ୍ଷରେ ରୁଷିଆର ଅଭିଯାନ କ୍ରସ୍ ଓଭରରୁ ଶେଷ ହୋଇଛି। ଏହି ଦଳ ୧୪ରେ ପୋଲାଣ୍ଡ ସହ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ।

ରୁଷିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗ୍ରୁପ ପର୍ଯ୍ୟାୟରେ ଅପେକ୍ଷାକୃତ ଭଲ ଖେଳି ରୁଷିଆ କ୍ରସ୍ ଓଭରକୁ ଆସିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଦକ୍ଷିଣ ଆଫ୍ରିକା। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଦ୍ୟମ ଜୋରଦାର ହୋଇଥିଲା। ୪୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଦକ୍ଷିଣ ଆଫ୍ରିକାର ଏନକୋବିଲ ଏନଟୁଲି ମ୍ୟାଚରେ ଉଷ୍ମତା ଭରିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ମାତ୍ର ୪ର୍ଥ କ୍ୱାର୍ଟର ଆରମ୍ଭର ଅଳ୍ପକିଛି ସମୟ ପରେ ଅର୍ଥାତ୍ ୪୭ତମ ମିନିଟରେ ରୁଷିଆକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲକରି ରୁଷିଆର ଜର୍ଜ ଆରୁସିଆ ମ୍ୟାଚକୁ ୧-୧ ସମାନ ସ୍ତରକୁ ନେଇ ଆସିଥିଲେ। ମାତ୍ର ଦକ୍ଷିଣ ଆଫ୍ରିକା ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ୫୩ତମ ମିନିଟରେ ର୍‌ୟାନ ଜୁଲିଅସଙ୍କ ଫିଲ୍ଡ ଗୋଲ ବଳରେ ଦଳ ପୁଣି ଅଗ୍ରଣୀ ହାସଲ କରିଥିଲା। ଶେଷ ମିନିଟରେ ଗୋଲ ପରିଶୋଧ ପାଇଁ ରୁଷିଆ ସୁବର୍ଣ୍ଣ ସୁଯୋଗ ପାଇଥିଲା। ମାତ୍ର ପେନାଲ୍ଟି କର୍ଣ୍ଣର ମିସ୍ କରି ଦଳ ଏହାକୁ ହାତଛଡ଼ା କରିଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଦକ୍ଷିଣ ଆଫ୍ରିକାର ଅଷ୍ଟିନ ସ୍ମିଥ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୁଲ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ୦-୨ରେ ଆମେରିକାଠାରୁ ଏବଂ ୦-୨ରେ ଜାପାନଠାରୁ ହାରିଥିବାବେଳେ ମେକ୍ସିକୋକୁ ୬-୦ ଗୋଲରେ ହରାଇ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଅନ୍ୟପକ୍ଷରେ ପୁଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଉଜ୍‌ବେକିସ୍ତାନକୁ ୧୨-୧ ଓ ପୋଲାଣ୍ଡକୁ ୩-୨ ଗୋଲରେ ହରାଇଥିବା ରୁଷିଆ ଏଠାରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ନ ପାରି ପରାଜିତ ହୋଇଛି। ପୁଲ୍ 'ଏ'ରୁ କେବଳ ଭାରତ ଏବଂ ପୁଲ୍ 'ବି'ରୁ ୩ ଦଳ ଜାପାନ, ଆମେରିକା ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଛି।

## ଅନ୍ତର୍ଜାତୀୟ ରେଫରି ମାନ୍ୟତା ଲକ୍ଷ୍ୟ

### କବାଡ଼ି ପ୍ରତିଭା ମନସ୍ୱିନୀଙ୍କ ପାଇଁ ଅର୍ଥ ସାଜିଛି ବାଧକ

ରସୁଲପୁର, ୧୨।୬(ଡିଏନଏ)

ଗାଉଁଲି ଝିଅ ବି କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛି। ମାତ୍ର ଏଥିପାଇଁ ତାଙ୍କୁ ବହୁ କଷ୍ଟ ଓ କଣ୍ଟକିତ ରାସ୍ତା ଦେଇ ଗତି କରିବାକୁ ହୋଇଛି। ଅନେକ ସଂଘର୍ଷପୂର୍ଣ୍ଣ ଯାତ୍ରା ପରେ ସେ ସଫଳତା ପାଇଛନ୍ତି। ନାନା ସାମାଜିକ ସମସ୍ୟାରେ ଛନ୍ଦି ହୋଇ ସଫଳତା ପାଇବା ପୂର୍ବରୁ ଅଧା ବାଟରେ ଅଟକି ଯିବାର ସମ୍ଭାବନା ମଧ ଦେଖାଦେଇଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ତାଙ୍କ ପାଇଁ ସ୍ୱପ୍ନରେ ପରିଣତ ହୋଇଯିବ। ଏଭଳି ଏକ ବାସ୍ତବ ଓ ସତ୍ୟ ଘଟଣା ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତ ଅଧିନସ୍ଥ ପାଳସାହି ଗ୍ରାମର କବାଡ଼ି ପ୍ରତିଭା ମନସ୍ୱିନୀ ସାହୁଙ୍କ କ୍ଷେତ୍ରରେ ଦେଖାଯାଇଛି। କବାଡ଼ି ଖେଳ ଓ ପରିଚାଳନାକୁ ନେଇ ତାଙ୍କର ସଂଘର୍ଷପୂର୍ଣ୍ଣ ଅଭିଯାନ ଉପରେ ରସୁଲପୁର ବ୍ଲକ ଧରିତ୍ରୀ ପ୍ରତିନିଧି ରଞ୍ଜିତ ରାଉତଙ୍କ ବିଶେଷ ଉପସ୍ଥାପନା।

ମୂଳରୁ ମନସ୍ୱିନୀଙ୍କ ପରିବାରର ଆର୍ଥିକସ୍ଥିତି ଅତ୍ୟନ୍ତ ଦୁର୍ବଳ। ପିତା ପେସାରେ କାଠ ବ୍ୟବସାୟୀ, ଆଉ ମାତା ଜଣେ ଗୃହିଣୀ ଥିଲେ। ବ୍ୟବସାୟ ବନ୍ଦ ହୋଇଗଲା ପରେ ପରିବାରର ଆର୍ଥିକ ସ୍ଥିତି ଦୋହଲିଗଲା । ପରିବାରର ତିନୋଟି ସନ୍ତାନ ମଧ୍ୟରୁ ମନସ୍ୱିନୀ ମଧ୍ୟମ କନ୍ୟା ଅଟନ୍ତି। ସମସ୍ତଙ୍କୁ ପାଠପଢ଼ାଇ ଉଚ୍ଚ ଶିକ୍ଷିତ କରିବା ଅଭିଭାବକଙ୍କ ଲକ୍ଷ୍ୟ ଅଧାରେ ଅଟକି ଯାଇଛି। ହେଲେ ମନସ୍ୱିନୀଙ୍କ ଖେଳକୁଦ ପ୍ରତି ବିଶେଷ ଆଗ୍ରହରୁ ତାଙ୍କୁ କେତେକ ସଫଳତା ମିଳିପାରିଛି। ସେ ବିଦ୍ୟାଳୟ କ୍ରୀଡ଼ାରୁ ତାଙ୍କର ପ୍ରତିଭା ଓ ପରାକାଷ୍ଠା ଦେଖାଇ ପାରିଥିଲେ। ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ସେ କବାଡ଼ି ଖେଳିବାକୁ ମନ ବଳାଇଲେ। ୨୦୦୯ରୁ ଏହି ବ୍ଲକର ଖଣ୍ଡିତର ସ୍ଥିତ ଯାଜପୁର କବାଡ଼ି ଆସୋସିଏଶନ ତାଙ୍କୁ ଖେଳିବାକୁ ସୁଯୋଗ ଦେଇ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ପରିପ୍ରକାଶ କରିବାରେ ସହାୟକ ହୋଇଥିଲା। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତାଙ୍କ ସଫଳତାର ଲମ୍ବା ତାଲିକାକୁ ଅବଲୋକନ କଲେ ଜଣାଯାଏ ସେ ୨୦୧୦ରେ ଓଡ଼ିଶା ସବ୍‌ଜୁନିଅର କବାଡ଼ି ଦଳର ସଦସ୍ୟ ହୋଇ ବିହାର ଖେଳିବାକୁ ଯାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ କରି ୨୦୧୧ରେ ରାଜ୍ୟ ଜୁନିଅର କବାଡ଼ି ଦଳରେ ସ୍ଥାନ ପକ୍କା ପାଇବା ସହ ଛତିଶଗଡର ଭିଲାଇ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ପରବର୍ଷ ୨୦୧୨ରେ ରାଜ୍ୟ ସିନିଅର ଦଳ ପାଇଁ ପ୍ରତିନିଧିତ୍ୱ କରିବା ସହ ୨୦୧୪ ଓ ୨୦୧୬ ମସିହାରେ ମଧ ସ୍ଥାନ ଜମାଇ ରଖିବାକୁ ସକ୍ଷମ ହୋଇପାରିଥିଲେ। ଏହା ଭିତରେ ସେ ୨୦୧୩ରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ସୁପର ନ୍ୟାଶନାଲ ଓ ମହିଳା କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ ପାଇଁ ରାଜ୍ୟ ପକ୍ଷରୁ ମନୋନୀତ ହୋଇଥିଲେ। ସମଗ୍ର ରାଜ୍ୟରେ କବାଡ଼ି କ୍ଷେତ୍ରରେ ଅଗ୍ରଣୀ ଲାଭ କରିଥିବା ଯାଜପୁର ମହିଳା ଦଳର ନେତୃତ୍ୱ ୫ବର୍ଷ (୨୦୧୩-୨୦୧୭) ପାଇଁ ତୁଲାଇଥିଲେ। ଏହାଛଡା ସେ ବହୁ ସର୍ବଭାରତୀୟ ଓପନ କବାଡ଼ି ଟୁର୍ନାମେଣ୍ଟ ଖେଳିଛନ୍ତି। ଇତି ମଧ୍ୟରେ ସେ ଖେଳରୁ ଖେଳ ପରିଚାଳିକା ହେବାକୁ ମନ ବଳାଇଥିଲେ। ସେ ଦିଗରେ ସେ ପ୍ରୟାସ ଆରମ୍ଭ କରିବା ସହ ୨୦୧୨ ମସିହାରେ ଓଡିଶା କବାଡ଼ି ଆସୋସିଏସନ୍(ଓକେଏ) ପରୀକ୍ଷା ଦେଇଥିଲେ। ୨୦୧୫ରେ ଆର୍ମେଚର କବାଡ଼ି ଫେଡେରେଶନ୍ ଅଫ ଇଣ୍ଡିଆ(ଏକେଏଫଆଇ) ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ୨୦୧୬ରୁ ସେ ଅଫିସିଆଲ ଭାବରେ କାର୍ଯ୍ୟ କରିଆସୁଛନ୍ତି। ୨୦୧୬-୧୭ରେ କଟକଠାରେ ଅନୁଷ୍ଠିତ ଜୁନିଅର ଜାତୀୟ କବାଡ଼ି ପ୍ରତିଯୋଗିତା, ମୁମ୍ବାଇ, ପୁନେ ଓ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ସିନିଅର ପ୍ରତିଯୋଗିତା, ସୁପର ନ୍ୟାଶନାଲ ପ୍ରତିଯୋଗିତା, ସର୍ବଭାରତୀୟ ପ୍ରତିଯୋଗିତା ଆଦି ପରିଚାଳନା କରିବାକୁ ସୁଯୋଗ ମଧ ପାଇଥିଲେ। ଖେଳ ପରିଚାଳନାର ଦକ୍ଷତା ଆର୍ମେଚର କବାଡ଼ି ଫେଡରଶନର କର୍ମକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା। ୨୦୧୮ରୁ ସେ ଜାତୀୟସ୍ତରର ରେଫରୀଙ୍କ ତାଲିକାରେ ସାମିଲ ହୋଇଛନ୍ତି। ପ୍ରୋ-କବାଡ଼ିର ପ୍ରାୟୋଜକ ଷ୍ଟାର ସ୍ପୋର୍ଟ୍ସପକ୍ଷରୁ କଟକଠାରେ ଅନୁଷ୍ଠିତ ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ସେ ୫ ଅକ୍ଟୋବରରୁ ୫ ଜାନୁଆରୀ ୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରୋ-କବାଡି ଖେଳ ପରିଚାଳନା କରିବା, ଚଳିତ ବର୍ଷ ଜାନୁଆରୀ ୧୨ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ରାଜ୍ୟ ଓ ଜିଲା ପାଇଁ ଗର୍ବ ଆଣିବା ସହ ତାଙ୍କର ସଫଳତା ବଜାୟ ରଖିଛନ୍ତି। ଚଳିତ ବର୍ଷ ଜୁଲାଇରୁ ଅନୁଷ୍ଠିତ ହେବାକୁ ଥିବା ପ୍ରୋ-କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ତାଲିମ ଶିବିରକୁ ଡାକରା ଆସିଛି। ତାଙ୍କୁ କ୍ରୀଡା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଥିସହ ସେ ଏବେ ମଧୁବନ ନୋଡାଲ ହାଇସ୍କୁଲରେ କ୍ରୀଡା ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଅଛନ୍ତି। ଏ ବାବଦରେ ତାଙ୍କୁ ମିଳୁଛି ମାତ୍ର ମାସକୁ ୬ ହଜାର ଟଙ୍କା। ତାଙ୍କ ବଡ ଭଉଣୀ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ତାଙ୍କର ସ୍ୱଳ୍ପ ଦରମା ସାଙ୍ଗକୁ ସମସ୍ୱନୀଙ୍କ ମାସ ଦରମାରେ ଘର ଚଳିବା କଷ୍ଟ ହେଉଛି। ସେଭଳି ସ୍ଥଳେ ମା'ଙ୍କ ହୃଦୟ ସଂକ୍ରମଣ ରୋଗ ତାଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସାଜିଛି। ତାଙ୍କ ସଫଳତା ପଛରେ ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମାନେଜର ଅଭୟ କୁମାର ମହାନ୍ତିଙ୍କ ଆର୍ଥିକ ସହାୟତା ଏକ ମହୌଷଧି ଭଳି କାମ କରିଛି। ଏହାଛଡା ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସମ୍ପାଦକ ଅଜୟ କୁମାର ବେହେରା, ଓଡିଶା ରେଫରି ବୋର୍ଡର ଅଧକ୍ଷ ପଦ୍ମଚରଣ ପ୍ରଧାନ, ସୂର୍ଯ୍ୟକାନ୍ତ ମହାନ୍ତି, ଯାଜପୁର କବାଡ଼ି ଆସୋସିଏଶନ୍‌ର ଉପସଭାପତି କୃଷ୍ଣକାନ୍ତ ପଣ୍ଡା ପ୍ରମୁଖଙ୍କ ସାହାଯ୍ୟ ସହଯୋଗ ତାଙ୍କ ସଫଳତାର ଏକ ବଡ଼ ମାପକାଠି। ଏ ସବୁ ସତ୍ତ୍ୱେ ସେ ଅନ୍ତର୍ଜାତୀୟସ୍ତରରେ ରେଫରି ହେବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ତାଙ୍କର ଦୁର୍ବଳ ଆର୍ଥିକ ପରିସ୍ଥିତି ତାଙ୍କ ଲକ୍ଷ୍ୟ ପଥରେ ବାଧକ ସାଜିଛି। ଏହାଛଡା ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସେ ଆର୍ଥିକ ଅଭାବ ଅନାଟନ ଦେଇ ଗତି କରୁଛନ୍ତି। ଯାହା କିଛି ଉପାର୍ଜନ ହେଉଛି ସେଥିରେ ମା'ଙ୍କ ଚିକିତ୍ସା ଓ ପରିବାର ଚଳିବା କଷ୍ଟ ହେଉଛି। ଅନ୍ତର୍ଜାତୀୟ ରେଫରି ଲକ୍ଷ୍ୟ ହାସଲ ଦିଗରେ ନିଜକୁ ପ୍ରସ୍ତୁତି କରିବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ। କେତେଦିନ ଆଉ ପରହାତ ଟେକାକୁ ଅନାଇ ବାଟ ଚାଲିବେ। ଯଦି ରାଜ୍ୟ ସରକାର ଏ ଦିଗରେ ସହାୟତାର ହାତ ବଢାନ୍ତେ ତେବେ ସେ ଆହୁରି ଆଗକୁ ବଢ଼ିବା ସହ ଲକ୍ଷ୍ୟପୂରଣ ଦିଗରେ ସହାୟକ ହୋଇପାରନ୍ତା। ଏହଛଡା ଜିଲା ପ୍ରଶାସନ ମା'ଙ୍କ ଚିକିତ୍ସା ଭାର ହାତକୁ ନେଲେ, ତାଙ୍କର ଆର୍ଥିକ ବୋଝ ହାଲୁକା ହୋଇପାରିବ ବୋଲି ମନସ୍ୱିନୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଟିମ୍ ଇଣ୍ଡିଆର ମିଶନ ନ୍ୟୁଜିଲାଣ୍ଡ

ନଟିଂହାମ,୧୨।୬(ପି.ଟି.)

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବିଭିନ୍ନ ଦୃଷ୍ଟିକୋଣରୁ ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତ ପାଇଁ ଗୁରୁତ୍ୱ ବହନ କରୁଛି। ତାରକା ଓପନର ଶିଖର ଧାୱନ ଆହତ ହେବା ପରେ ଭାରତ ପାଇଁ ଏକ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହୋଇଛି। ପୁଣି ଖରାପ ପାଗ ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ସମ୍ଭାବନା ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡର ବୋଲିଂ ବିଶ୍ୱସ୍ତରୀୟ ହୋଇଥିବାରୁ ଭାରତୀୟ ବ୍ୟାଟିଂ ଲାଇନ୍ ପରୀକ୍ଷାର ସମ୍ମୁଖୀନ ହେବ। ଆହତ ଧାୱନଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଇନ୍‌ଫର୍ମ ଓପନର ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିବେ। ତେଣୁ ନ୍ୟୁଜିଲାଣ୍ଡର କ୍ୱାଲିଟି ବୋଲିଂ ଆଗରେ ଏହି ଦୁଇ ଓପନର କଡ଼ା ପରୀକ୍ଷାର ସମ୍ମୁଖୀନ ହେବେ।

ଧାୱନ ଏବେ ଅତିକମ୍‌ରେ ୩ଟି ମ୍ୟାଚ୍ ଖେଳିପାରିବେ ନାହିଁ। ବଲ୍ ବାଜିବା କାରଣରୁ ବାମ ବୁଢ଼ା ଆଙ୍ଗୁଳି ଭାଙ୍ଗିଯାଇଥିବାରୁ ତାଙ୍କୁ ୩ ସପ୍ତାହ ବିଶ୍ରାମ ନେବାକୁ କୁହାଯାଇଛି। ଆଇସିସି ଇଭେଣ୍ଟରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ରେକର୍ଡ ବେଶ୍ ଭଲ ରହିଛି। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ତେଣୁ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚତୁର୍ଥ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଭାରତ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ପରେ ଅଷ୍ଟ୍ରେଲିଆକୁ ହରାଇଥିଲେ ମଧ୍ୟ ଧାୱନଙ୍କ ଅନୁପସ୍ଥିତି ଅଧିନାୟକ କୋହଲି ଓ କୋଚ୍ ରବି ଶାସ୍ତ୍ରୀଙ୍କୁ ଚିନ୍ତିତ କରିଛି ଓ ଭିନ୍ନ ରଣନୀତି ଆପଣେଇବାକୁ ବାଧ୍ୟ କରିଛି। ଧାୱନ ଓ ରୋହିତ ମିଳିତ ଭାବେ ଓପନିଂ ଯୋଡିରେ ୪୬୮୧ ରନ ସଂଗ୍ରହ କରିଛନ୍ତି। ତେଣୁ ପ୍ରତିଷ୍ଠା ପାଇଥିବା ଏହି ଓପନିଂ ଯୋଡିର ବିକଳ୍ପ ଖୋଜିବା ନିହାତି କଷ୍ଟକର। ତେବେ ଏହା ଭାରତ ପାଇଁ ପ୍ଲାନ୍ ବି'ର ପରୀକ୍ଷା ନେଇ ସୁଯୋଗ ସୃଷ୍ଟି କରିଛି। ଲୋକେଶ ରାହୁଲ ଇନିଂସ ଓପନ କଲେ ବ୍ୟାଟିଂ କ୍ରମର ୪ ନମ୍ବରରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକଙ୍କୁ ସୁଯୋଗ ମିଳିପାରେ। କାର୍ତ୍ତିକଙ୍କ ନିକଟରେ ଅଭିଜ୍ଞତା ରହିଥିବା ବେଳେ ଶଙ୍କରଙ୍କ ପାଖରେ ଅଲରାଉଣ୍ଡ ପ୍ରଦର୍ଶନ କରିବାର କଳା ରହିଛି। ତେଣୁ ଏହି ଦୁହିଁଙ୍କ ମଧ୍ୟରୁ କିଏ ୪ ନମ୍ବରରେ ବ୍ୟାଟିଂ କରିବ ତାହା ମ୍ୟାଚ୍ ଆରମ୍ଭ ହେବା ପରେ ଜଣା ପଡିବ।



ଅଭ୍ୟାସ ସେସନ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ।

ମେଘୁଆ ପାଗ ହେଲେ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ। ତେବେ ଏଥିପାଇଁ ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ବେଞ୍ଚ୍‌ରେ ବସିବାକୁ ପଡିବ। ପୁଣି ଯଦି ଉଭୟ ଶଙ୍କର ଓ କାର୍ତ୍ତିକଙ୍କୁ ଅନ୍ତିମ ଏକାଦଶରେ ସୁଯୋଗ ମିଳେ ତାହେଲେ କେଦାର ଯାଦବଙ୍କୁ ବାହାରେ ବସିବାକୁ ପଡିବ। ତେବେ ପରିସ୍ଥିତି ଅନୁଯାୟୀ କୋହଲି କୋଚ୍ ଶାସ୍ତ୍ରୀଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନେବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଠିକ୍ ନିଷ୍ପତ୍ତି ନେବାରେ ଶାସ୍ତ୍ରୀ ସିଦ୍ଧହସ୍ତ। ବିଶ୍ୱକପ୍ ଏବେ ଦ୍ୱିତୀୟ ସପ୍ତାହରେ ପହଞ୍ଚିଛି। ଗୁରୁବାର ଟ୍ରେଣ୍ଟ ବ୍ରିଜ୍‌ରେ ବଲ୍ ଭଲ ବାଉନ୍ସ ହେଲେ ମଧ୍ୟ ବ୍ୟାଟିଂ ଉପଯୋଗୀ ହେବ ବୋଲି ଆଶା କରାଯାଉଛି।

ତେବେ ଏଭଳି ପରିସ୍ଥିତିରେ ରାହୁଲଙ୍କ ପାଇଁ ଇନିଂସ ଓପନ କରିବା ସେତେଟା ସୁବିଧାଜନକ ହେବ ନାହିଁ। ପ୍ରତିଭାସମ୍ପନ୍ନ ରାହୁଲ କିଭଳି ସୁଯୋଗ ସଦ୍‌ବ୍ୟବହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଯଦି ରାହୁଲ ଟ୍ରେଣ୍ଟ ବୋଲ୍ଟ ଓ ତାଙ୍କ ସାଥୀ ବୋଲରଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରି ବଡ଼ ସ୍କୋର ହାସଲ କରନ୍ତି ତାହେଲେ ଅନ୍ୟ ମ୍ୟାଚ୍‌ଗୁଡିକରେ ଭଲ ଖେଳିବା ପାଇଁ ଆତ୍ମବିଶ୍ୱାସ ହାସଲ କରିବେ। ଏହା ହେଲେ ରୋହିତ ଶର୍ମାଙ୍କ ସହ ତାଙ୍କ ଯୋଡି ଜମିବ। ରୋହିତ ପରିସ୍ଥିତି ଅନୁସାରେ ଉପଯୋଗୀ ବ୍ୟାଟିଂ କରି ଭାରତ ପ୍ରଥମ ଦୁଇଟି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଓ ଏହା ପ୍ରଶଂସନୀୟ। ରୋହିତଙ୍କ ଭଳି ଷ୍ଟ୍ରୋକ୍ ପ୍ଲେୟାର ପାୱାର ପ୍ଲେ'ରେ ଅପେକ୍ଷାକୃତ କମ୍ ରିସ୍କ ନେବା ଉଚିତ ହେବ। ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶତକ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ରୋହିତ ଓ ରାହୁଲ ଟ୍ରେଣ୍ଟ ବୋଲ୍ଟ ବୋଲିଂରେ ଅସଲି ପରୀକ୍ଷାର ସମ୍ମୁଖୀନ ହେବେ। ଖାସ୍ କରି ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ବୋଲ୍ଟ ସମସ୍ୟାରେ ପକାଇଥାନ୍ତି।

## ଭାରତକୁ ପାଗ, ଧାୱନଙ୍କ ଇଞ୍ଜୁରି ଚିନ୍ତା

ଭାରତ ତା'ର ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ବୋଲ୍ଟ ଭାରତୀୟ ବ୍ୟାଟିଂ ଲାଇନ୍‌ର ବିପର୍ଯ୍ୟୟ ଘଟାଇଥିଲେ। ଇତିମଧ୍ୟରେ ଅଢେଇ ସପ୍ତାହ ବିତିଛି। ବୋଲ୍ଟ ମଧ୍ୟ ସେତେଟା ବଲ୍ ସୁଇଂ କରିପାରିନାହାନ୍ତି। ଯଦିଓ ପ୍ରତିକୂଳ ପରିସ୍ଥିତି ତାଙ୍କ ବୋଲିଂ ଶୈଳୀ ପ୍ରଭାବିତ କରିପାରି ନ ଥାଏ। ତେବେ ମେଘୁଆ ପାଗରୁ ବୋଲ୍ଟ ନିଶ୍ଚିତ ଭାବେ ସହାୟତା ପାଇବେ। ଘଣ୍ଟା ପ୍ରତି ୧୫୦ କି.ମି. ବେଗରେ ବୋଲିଂ କରୁଥିବା ନ୍ୟୁଜିଲାଣ୍ଡର ଅନ୍ୟତମ ଦ୍ରୁତ ବୋଲର ଲୋକି ଫର୍ଗୁସନ ମଧ୍ୟ ଭାରତ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଏହି ପିଚ୍‌ରେ ୱେଷ୍ଟଇଣ୍ଡିଜ ବୋଲରମାନେ ଉଭୟ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେଣୁ ନ୍ୟୁଜିଲାଣ୍ଡ ବୋଲରମାନେ ମଧ୍ୟ ଟ୍ରେଣ୍ଟ ବ୍ରିଜ୍‌ର ଏହି ବାଉନ୍ସି ପିଚ୍‌ରୁ ଫାଇଦା ଉଠାଇବେ ବୋଲି ଆଶା କରାଯାଉଛି। ଟ୍ରେଣ୍ଟ ବ୍ରିଜ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ଉପସ୍ଥିତ ରହି ଟିମ୍ ଇଣ୍ଡିଆକୁ ଉତ୍ସାହିତ କରିବେ। ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କେଦାର ଯାଦବ, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ଓ ଶିଖର ଧାୱନ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ମ୍ୟାଟ ହେନେରୀ, ଟମ୍ ଲାଥମ, କଲିନ ମୁନରୋ, ଜିମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧୀ, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ଟିମ୍ ସାଉଦି, ରସ୍ ଟେଲର ଓ ଟମ୍ ବ୍ଲଣ୍ଡେଲ।






## ପନ୍ତଙ୍କୁ ଡାକରା



ନୂଆଦିଲ୍ଲୀ, ୧୨।୬: ଦିଲ୍ଲୀ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ବୁଧବାର ଇଂଲଣ୍ଡରେ ପହଞ୍ଚିଛନ୍ତି। ତାଙ୍କୁ ବ୍ୟାକ୍‌ଅପ ଖେଳାଳି ଭାବେ ଭାରତୀୟ ଦଳରେ ଯୋଗଦେବା ପାଇଁ ଡାକରା ଦିଆଯାଇଛି ବୋଲି ସୂତ୍ରରୁ ଜଣାପଡ଼ିଛି। ଆହତ ସମସ୍ୟା ଦେଇ ଗତି କରୁଥିବା ଶିଖର ଧାୱନ ଭାରତୀୟ ଦଳରୁ ବାଦ୍ ପଡ଼ିବେ ନାହିଁ। ସେ ଫିଟ୍ ହେବା ପର୍ଯ୍ୟନ୍ତ ଦଳୀୟ ମ୍ୟାନେଜମେଣ୍ଟ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ରିଷଭଙ୍କୁ ଅତିରିକ୍ତ ଷ୍ଟାଣ୍ଡବାଇ ଖେଳାଳି ଭାବେ ଡାକରା ଦିଆଯାଇଛି। ପରବର୍ତ୍ତୀ ଭାଗରେ ଯଦି ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ନ୍ତି ତେବେ ପନ୍ତ ସେଠାରେ ଅଭ୍ୟସ୍ତ ହୋଇସାରିଥିବେ। ଏବେ ଖେଳାଳି ବଦଳ ପାଇଁ ଆଇସିସି ଅନୁମତି ଦରକାର ଏବଂ ପନ୍ତ ଶୀଘ୍ର ଭାରତୀୟ ଦଳରେ ଯୋଗଦେବେ ବୋଲି ସୂଚନା ମିଳିଛି। ବାମହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ନଟିଂହାମଠାରେ ଜାତୀୟ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି। ଯେଉଁଠାରେ ଭାରତୀୟ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ି ନ ଥିବାରୁ ପନ୍ତ ଭାରତୀୟ ଦଳର ଅଂଶ ହୋଇପାରିବେ ନାହିଁ। ଏଣୁ ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଧାୱନଙ୍କ ସ୍ଥାନରେ ଲୋକେଶ ରାହୁଲ ରୋହିତ ଶର୍ମାଙ୍କ ସହ ଓପନିଂ ଭାର ସମ୍ଭାଳିବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୪ ନଂ କ୍ରମରେ ବ୍ୟାଟିଂ କରିବେ, ଯାହା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ କରିଥିଲେ। ଦୀନେଶ କାର୍ତ୍ତିକ ନିମ୍ନ କ୍ରମରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ୍



ଭାରତ ବନାମ ନ୍ୟୁଜିଲାଣ୍ଡ

ସ୍ଥାନ: ନଟିଂହାମ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆମୀରଙ୍କୁ ମାଡ଼ ମାରିଥିଲେ ଆଫ୍ରିଦୀ

କରାଚୀ,୧୨।୬(ପିଟି)

ପାକିସ୍ତାନ ଦଳର ପୂର୍ବତନ ଦିନିକିଆ ଅଧିନାୟକ ଶାହିଦ ଆଫ୍ରିଦୀ ମାଡ଼ ମାରିବା ପରେ ମହମ୍ମଦ ଆମୀର ସ୍ପଟ୍ ଫିକ୍ସିଂ ମାମଲାରେ ଜଡ଼ିତ ଥିବା ଦୋଷ ସ୍ୱୀକାର କରିଥିଲେ ବୋଲି ପୂର୍ବତନ ଅଲରାଉଣ୍ଡର ଅବଦୁଲ ରଜାକ କହିଛନ୍ତି। ଆଫ୍ରିଦୀ ମୋତେ ତାଙ୍କ ରୁମରୁ ବାହାରକୁ ଯିବାକୁ କହିଥିଲେ। ରୁମ ବାହାରେ ଚାପୁଡା ମାରିବା ଶବ୍ଦ ଶୁଣାଯାଇଥିଲା। ଏହାପରେ ଅମିର ସବୁକିଛି ମୋତେ କହିଥିଲେ ବୋଲି ଏକ ନ୍ୟୁଜ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ପୂର୍ବତନ କ୍ରିକେଟର ରଜାକ କହିଛନ୍ତି।

# ୱାର୍ନରଙ୍କ ଶତକ: ପାକିସ୍ତାନକୁ ହରାଇଲା ଅଷ୍ଟ୍ରେଲିଆ

ଟଣ୍ଟନ,୧୨।୬(ଏଏଫ୍‌ପି)

ଚଳିତ ବିଶ୍ୱକପ୍‌ର ୧୭ତମ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ୪୧ ରନରେ ପାକିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ କୁପର ଆସୋସିଏଟ କାଉଣ୍ଟି ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ପାକିସ୍ତାନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ତାରକା ଓପନର ଡେଭିଡ ୱାର୍ନରଙ୍କ ଶତକ ସହ ୪୯ ଓଭରରେ ୩୦୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୪୫.୪ ଓଭରରେ ୨୬୬ ରନ କରି ଅଲଆଉଟ ହୋଇଛି। ଏଥିସହିତ ଅଷ୍ଟ୍ରେଲିଆ ୪ ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୬ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ନ୍ୟୁଜିଲାଣ୍ଡ ସମାନ ୬ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ରନ୍ ରେଟ ଭିତ୍ତିରେ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପଟେ ପାକିସ୍ତାନ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ୧୦୭ ରନ(୧୧୧ ବଲ, ୧୧ ଚୌକା, ୧ ଛକା)ର ଶତକୀୟ ପାଳି ଖେଳିଥିବା ୱାର୍ନର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୦୮ ରନ ଟାର୍ଗେଟର ପିଛା କରି ପାକିସ୍ତାନ ଲଢେଇ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳ ତରଫରୁ ଓପନର ଇମାମ ଉଲ-ହକ୍ ସର୍ବାଧିକ ୫୩, ମହମ୍ମଦ ହାଫିଜ ୪୬, ୱାହାବ ରିୟାଜ ୪୫, ଅଧିନାୟକ ସର୍ଫରାଜ ଅହମ୍ମଦ ୪୦, ହାସନ ଅଲି ୩୨ ଓ ବାବର ଆଜମ ୩୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ତାରକା ଓପନର ଫାକର ଜମାନ, ଅଭିଜ୍ଞ ସୋଏବ ମଲିକ ଓ ମହମ୍ମଦ ଆମୀର ଖାତା ଖୋଲିପାରି ନ ଥିଲେ। ଅଷ୍ଟମ ଉଇକେଟରେ ରିୟାଜ ଓ ସର୍ଫରାଜ ୬୩ ବଲରୁ ୬୪ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ରିୟାଜ ଆଉଟ ହେବା ପରେ ଶେଷ ଦୁଇଟି ଉଇକେଟର ପତନ ହୋଇଥିଲା। ତୃତୀୟ ଉଇକେଟରେ ହାଫିଜ ଓ ଇମାମ ୮୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କୁମିନ୍ସ ୩, ମିଚେଲ ଷ୍ଟାର୍କ ଓ କେନ ରିଚାର୍ଡସନ ଦୁଇଟି ଲେଖାଏ, ନାଥନ କୁଲ୍ଟର- ନାଇଲ ଓ ଫିଞ୍ଚ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଜବରଦସ୍ତ ଆରମ୍ଭ କରିଥିଲା। ମିଡଲ ଅର୍ଡର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ବିଫଳ ହେବା ଫଳରେ ଅଷ୍ଟ୍ରେଲିଆ ୩୦୭ ରନରେ ସୀମିତ ରହିଥିଲା। ଏକଦା ଅଷ୍ଟ୍ରେଲିଆ ୩୫୦ରୁ ଊର୍ଦ୍ଧ୍ୱ ରନ କରିବ ବୋଲି ଆଶା କରାଯାଉଥିଲା। ତେବେ ମହମ୍ମଦ ଆମୀର ଜବରଦସ୍ତ ପ୍ରଦର୍ଶନ କରି ଅଷ୍ଟ୍ରେଲିଆକୁ ଏହି ସୁଯୋଗ ଦେଇ ନ ଥିଲେ। ପ୍ରଥମ ଉଇକେଟ ଯୋଡିରେ ଦୁଇ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍ ୧୪୬ ରନ ସଂଗ୍ରହ କରିଥିଲେ। ଦଳ ପ୍ରଥମ ୧୦ ଓଭରରେ ୫୦ ରନ କରି ଦେଖିଚାହିଁ ଆରମ୍ଭ କରିଥିଲା। ତେବେ ୮୪ ବଲରୁ ୬ ଚୌକା ଓ ୪ ଛକା ସହ ଫିଞ୍ଚ୍ ୮୨ ରନ କରି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଆମୀରଙ୍କ ବଲ୍‌ରେ ହାଫିଜଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆମୀର ଏହି ବ୍ରେକ ଥ୍ରୁ ଦେବାପରେ ଅଷ୍ଟ୍ରେଲିଆ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। ସେହିପରି ୱାର୍ନର ୧୧୧ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହ ୧୦୭ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଶାହିନ ଆଫ୍ରିଦିଙ୍କ ବଲ୍‌ରେ ଇମାମ ଉଲ ହକ୍‌ଙ୍କୁ ଡିପ୍ ପଏଣ୍ଟରେ କ୍ୟାଚ୍ ଦେଇ ସେ ପ୍ୟାଭିଲିୟନ ଫେରିଥିଲେ। ଶତକ ହାସଲ କରିବା ସହ ୱାର୍ନର ତାଙ୍କ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ବାକି ସମସ୍ତେ ବିଫଳ ହୋଇଥିଲେ। ଏହି କ୍ରମରେ ଷ୍ଟିଭେନ ସ୍ମିଥ୍ ୧୦, ଗ୍ଲେନ ମ୍ୟାକ୍ସୱେଲ ୧୦ ବଲରୁ ୨୦, ଶନ ମାର୍ଶ ୨୩, ଉସ୍‌ମାନ ଖ୍ୱାଜା ୧୮ ଓ ଉଇକେଟକିପର ଆଲେକ୍ସ କାରୀ ୨୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିମ୍ନକ୍ରମର ୪ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ନାଥନ କୁଲ୍ଟର- ନାଇଲ ୨, ପ୍ୟାଟ କୁମିନ୍ସ ୨, ମିଚେଲ ଷ୍ଟାର୍କ ୩ ରନ କରି ଆଉଟ ହୋଇଥିବା ବେଳେ କେନ୍ ରିଚାର୍ଡସନ ୧ ରନ କରି ଅପରାଜିତ ରହିଥିଲେ। ଆମୀର ଜବରଦସ୍ତ ବୋଲିଂ କରି ଅଷ୍ଟ୍ରେଲିଆର ବିପର୍ଯ୍ୟୟ ଘଟାଇଥିଲେ। ତେବେ ଏହା ସତ୍ତ୍ୱେ ଅଷ୍ଟ୍ରେଲିଆକୁ ୩୦୦ ରନ ପାର କରିବାରେ ରୋକି ପାରି ନ ଥିଲେ। ଆମୀର ୧୦ ଓଭର ବୋଲିଂ କରି ୨ ମେଡେନ ନେବା ସହ ମାତ୍ର ୩୦ ରନ ବ୍ୟୟ କରି ୫ ଉଇକେଟ ହାସଲ କରିଥିଲେ।



ଶତକ ଅର୍ଜନ ପରେ ଡେଭିଡ ୱାର୍ନରଙ୍କ ସେଲିବ୍ରେଶନ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୪୯ ଓଭରରେ ୩୦୭ ଅଲଆଉଟ୍ (ୱାର୍ନର- ୧୦୭, ଫିଞ୍ଚ୍- ୮୨, ଆମୀର- ୫/୩୦, ଆଫ୍ରିଦି- ୨/୭୦)।

ପାକିସ୍ତାନ ୪୫.୪ ଓଭରରେ ୨୬୬ ଅଲଆଉଟ (ଇମାମ- ୫୩, ହାଫିଜ- ୪୬, ରିୟାଜ- ୪୫, ସର୍ଫରାଜ- ୪୦, କୁମିନ୍ସ- ୩/୩୩, ଷ୍ଟାର୍କ- ୨/୪୩, ରିଚାର୍ଡସନ- ୨/୬୨)।

## 'ମୋତେ ପ୍ରସ୍ତୁତ ରହିବାକୁ କହିଛନ୍ତି ଶାସ୍ତ୍ରୀ'

ନୂଆଦିଲ୍ଲୀ,୧୨।୬

ନେଟ୍ସ ବୋଲର ଦାୟିତ୍ୱ ଶେଷ କରିଥିବା ପେସର ଦୀପକ ଚହର ଇଂଲଣ୍ଡରୁ ଫେରିବା ପୂର୍ବରୁ ସେ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଭେଟିଥିଲେ। ମୁଁ ଇଂଲଣ୍ଡ ଛାଡ଼ିବା ପୂର୍ବରୁ ସଭିଙ୍କୁ ଭେଟିଥିଲି। ମୋତେ ଦଳୀୟ କୋଚ୍ ଶାସ୍ତ୍ରୀ ପ୍ରଶଂସା କରିବା ସହ ମୋ କାର୍ଯ୍ୟରେ ଖୁସି ପ୍ରକାଶ କରିଥିଲେ। ଆଉ ସେ ମୋତେ ପ୍ରସ୍ତୁତ ରହିବାକୁ କହିଛନ୍ତି। ଯଦି କୌଣସି ବୋଲର ଆଘାତ ପାଆନ୍ତି, ତେବେ ମୋତେ ଡାକରା ଦିଆଯିବ ବୋଲି ଚହର କହିଛନ୍ତି। ତାଙ୍କ ସମେତ ଖଲିଲ ଅହମ୍ମଦ, ନବଦୀପ ସଇନି ଓ ଅଭେଷ ଖାନ୍‌ଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଟ୍ସରେ ବୋଲିଂ କରିବା ଲାଗି ଚୟନ କରାଯାଇଥିଲା।

## 'ଭାରତ' ମୁଭି ଦେଖିଲେ ଟିମ୍ ଇଣ୍ଡିଆ ସଦସ୍ୟ



'ଭାରତ' ମୁଭି ଦେଖିବାକୁ ଯାଇଥିବା ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ।

ଟ୍ରେଣ୍ଟ ବ୍ରିଜ୍,୧୨।୬

ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ରୁ ବ୍ରେକ୍ ନେଇ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ସୁପରଷ୍ଟାର ସଲମାନ ଖାଁଙ୍କ ଅଭିନୀତ ଭାରତ ସିନେମା ଦେଖିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବଙ୍କ ସମେତ ଅନ୍ୟ ଖେଳାଳିମାନେ ଏହି ସିନେମାକୁ ଦେଖି ବେଶ୍ ଆମୋଦିତ ହୋଇଛନ୍ତି। କେଦାର ଟୁଇଟରରେ ଏନେଇ ଏକ ଗ୍ରୁପ୍ ଫଟୋ ଶେୟାର କରିଛନ୍ତି। ସଲମାନ ମଧ୍ୟ ଏହାର ଜବାବ ରଖିଛନ୍ତି। ଆପଣମାନେ ଏହି ସିନେମା ଦେଖିଥିବାରୁ ଧନ୍ୟବାଦ ଜଣାଉଛି ବୋଲି ସଲମାନ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଭାରତ ଗୁରୁବାର ନ୍ୟୁଜିଲାଣ୍ଡ ଓ ରବିବାର ପାକିସ୍ତାନକୁ ଭେଟିବ।

# ବର୍ଷାକୁ ନେଇ ଆଇସିସିର ମୁଣ୍ଡବ୍ୟଥା

**ସୌରଭ ଗାଙ୍ଗୁଲି**

ବ୍ରିଟେନରେ ଗ୍ରୀଷ୍ମ ଏପର୍ଯ୍ୟନ୍ତ ପହଞ୍ଚିନାହିଁ। କିନ୍ତୁ ଗତ ଦୁଇଦିନ ହେବ ଏଠାରେ ପ୍ରବଳ ବର୍ଷା ହୋଇଛି। ଯାହା ଫଳରେ ତାପମାତ୍ରାରେ ଅବନତି ହୋଇଛି। ପର୍ଯ୍ୟଟକଙ୍କ ପାଇଁ ଏହା ଏକ ବଡ଼ ଉପଶମ ସାବ୍ୟସ୍ତ ହୋଇଛି। ତେବେ ବର୍ଷା କାରଣରୁ ଦୁଇଟି ମ୍ୟାଚ୍ ବାତିଲ ହୋଇଛି। ଏହା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏଥିପାଇଁ ରିଜର୍ଭ ଡେ' ନେଇ ଦାବି ଜୋର ଧରିଛି। ତେବେ ବିଶ୍ୱକପ୍ ଭଳି ଲମ୍ବା ଟୁର୍ନାମେଣ୍ଟରେ ଆଇସିସି ରିଜର୍ଭ ଡେ ଲାଗୁ କରିବ ବୋଲି ମୁଁ ଆଦୌ ନିଶ୍ଚିତ ନୁହଁ। ଗୁରୁବାର ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ତେଣୁ ଏଭଳି ସ୍ଥିତିରେ ଆଇସିସିର ଚିନ୍ତା ଆହୁରି ବଢିବ। କାରଣ ଭାରତର ମ୍ୟାଚ୍ ଯେକୌଣସି ଟୁର୍ନାମେଣ୍ଟ ପାଇଁ ଭିନ୍ନ ତଥା ଅଧିକ ଗୁରୁତ୍ୱ ବହନ କରିଥାଏ। ଏହି ମ୍ୟାଚ୍ ପାଇଁ ସବୁ ଟିକେଟ ବିକ୍ରି ସରିଛି। ତେଣୁ ଏଭଳି ସ୍ଥିତିରେ ମ୍ୟାଚ୍ ବାତିଲ ହେଲେ ବହୁ ପରିମାଣରେ ଆର୍ଥିକ କ୍ଷତି ହେବା ସଙ୍ଗେ ସଙ୍ଗେ ଏକ ଉଚ୍ଚକୋଟୀର ମ୍ୟାଚ୍ ଦେଖିବାରୁ ପ୍ରଶଂସକ ବଞ୍ଚିତ ହେବେ।

ବର୍ଷା ଯୋଗୁ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ବାତିଲ ହେଉଥିବା ବେଳେ ଯୁବରାଜ ସିଂ ସବୁପ୍ରକାର ଆନ୍ତର୍ଜାତିକ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥି ସହିତ ଯୁବିଙ୍କ ଚମତ୍କାର କ୍ୟାରିୟରର ଅନ୍ତ ଘଟିଛି। ହ୍ୱାଇଟ୍ ବଲ୍ ଫର୍ମାଟରେ ଯୁବି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଅନ୍ୟତମ ବିବେଚି ହୁଅନ୍ତି। ସେ ଜଣେ ଶତପ୍ରତିଶତ ମ୍ୟାଚ୍ ୱିନର। ଦେଶ ପାଇଁ ସେ ଯାହା କରିଛନ୍ତି ତାକୁ ନେଇ ସେ ଖୁସି ହେବା ଉଚିତ। କେବଳ କ୍ରିକେଟ ପଡିଆରେ ନୁହଁ ସେ ଜୀବନ ଯୁଦ୍ଧରେ ମଧ୍ୟ ଜଣେ ବିଜେତା। କ୍ୟାନସରକୁ ପରାଜିତ କରି ସେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ। ଏହ ତାଙ୍କ ଲଢୁଆ ମନୋବୃତ୍ତିର ପରିଚୟ ଦେଇଛି।






ଗତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା। ବୃହତ୍ ବ୍ୟବଧାନରେ ଭାରତ ଏହି ଡିଫେଣ୍ଡିଂ ଚାମ୍ପିୟନକୁ ପରାସ୍ତ କରିଥିଲା। ଭାରତର ବ୍ୟାଟିଂ ଦମ୍‌ଦାର ଥିଲା। ବିରାଟ କୋହଲିଙ୍କ ନେତୃତ୍ୱ ମଧ୍ୟ ଚମତ୍କାର ଥିଲା। ପୂର୍ବାପେକ୍ଷା ଭାରତ ଏହି ମ୍ୟାଚ୍‌ରେ ଆହୁରି ଶକ୍ତିଶାଳୀ ମନେହେଉଥିଲା। ଶିଖର ଧାୱନ ପୁଣି ଥରେ ଦିନିକିଆ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥିଲେ। ଆଘାତ ସମସ୍ୟା କାରଣରୁ ସେ ଏବେ କେତୋଟି ମ୍ୟାଚ୍‌ରୁ ବାଦ୍ ପଡିବେ। ତାଙ୍କ ସ୍ଥାନ ନେବା କଷ୍ଟକର। ଲୋକେଶ ରାହୁଲ ତାଙ୍କ ସ୍ଥାନରେ ଇନିଂସ ଓପନ୍ କରିବେ। ଫଳରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ତେବେ ୪ ନମ୍ବରରେ ଶଙ୍କର ବ୍ୟାଟିଂ କରିବା ଉଚିତ ବୋଲି ମୋର ମତ।

ନଟିଂହାମଠାରୁ ଟ୍ରେଣ୍ଟ ବ୍ରିଜ୍‌ର ପରିବେଶ ଟିକେ ଭିନ୍ନ। ମେଘୁଆ ପାଗ ନ୍ୟୁଜିଲାଣ୍ଡ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ବର୍ଷା ହେଲେ ପିଚ୍ ଜୀବିତ ରହିବ। ଫଳରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଫାଇଦା ଉଠାଇପାରିବେ। ବିଶ୍ୱକପ୍ ପୂର୍ବରୁ ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଜବରଦସ୍ତ ବୋଲିଂ କରି ଭାରତକୁ ଚକ୍‌ମା ଦେଇଥିଲା। ଯଦି କେନ୍ ୱିଲିୟମସନ ଟସ୍ ଜିତନ୍ତି ତାହେଲେ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିବେ। ଧାୱନଙ୍କୁ ବାଦ ଦେଲେ ଭାରତୀୟ ଦଳରେ ଆଉ କୌଣସି ପରିବର୍ତ୍ତନ ହେବନାହିଁ। ଟସ୍ ଜିତିବା କିମ୍ବା ହାରିବା ଭାରତ ପାଇଁ ସେତେଟା ଫରକ ଆଣିବ ନାହିଁ। ସବୁ ପ୍ରକାର ପରସ୍ଥିତିରେ ଭାରତ ବିଜୟୀ ହେବାକୁ ଚାହିଁବ। ମହମ୍ମଦ ସାମିଙ୍କ ବଦଳରେ ଭୁବନେଶ୍ୱର କୁମାରଙ୍କୁ ଦଳରେ ସାମିଲ କରି ଭାରତ ସାହସିକତାର ପରିଚୟ ଦେଇଛି। ଭୁବନେଶ୍ୱର ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ନିଜର ଖେଳକୁ ନେଇ ନିଜର ଜବରଦସ୍ତ ଆଭିମୁଖ୍ୟ ଭୁବନେଶ୍ୱରଙ୍କୁ ଜଣେ ଉନ୍ନତ ଖେଳାଳି ରୂପେ ଗଢି ତୋଳିଛି।

(ଗେମ୍ ପ୍ଲାନ୍)

## ସଂକ୍ଷେପରେ

# ବିଲରେ ଟଳି ପଡ଼ିଲେ ଚାଷୀ

### ଅଂଶୁଘାତରେ ମୃତ୍ୟୁ ସନ୍ଦେହ

ଭଦ୍ରକ ଅଫିସ, ୧୨।୬ ନିଜ ବିଲରେ କାମ କରୁଥିବା ବେଳେ ଟଳି ପଡ଼ିଲେ ଭଦ୍ରକ ବ୍ଲକ ନଲାଙ୍ଗ ଗାଁର ଚାଷୀ ରମେଶ ଦାସ(୫୮)। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ରମେଶଙ୍କ ପରିବାର ଲୋକଙ୍କ ସୂଚନା ଅନୁସାରେ, ମଙ୍ଗଳବାର ତାଙ୍କ ବିଲରେ ଟ୍ରାକ୍ଟର ହଳ କରିବାର ଥିଲା। ମଧାହ୍ନରେ ସେ ବିଲକୁ ବାହାରି ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରି ନ ଥିଲେ। ରାତି ଅଧିକ ହେବାରୁ ଘର ଲୋକେ ଗ୍ରାମବାସୀଙ୍କ ସହଯୋଗରେ ରମେଶଙ୍କୁ ଖୋଜିବାରୁ ରାତି ପ୍ରାୟ ୧୦ଟା ବେଳେ ରମେଶ ବିଲରେ ପଡ଼ିଥିବା ଦେଖିଥିଲେ। ସେତେବେଳକୁ ରମେଶଙ୍କ ନିଶ୍ୱାସ ପ୍ରଶ୍ୱାସ ଚାଲୁ ନ ଥିଲା। ତଥାପି ସେମାନେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଂଶୁଘାତଜନିତ ମୃତ୍ୟୁ କି ନୁହେଁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଉକ୍କେଲା ଉଡ଼ାଜାହାଜ ପଡ଼ିଆ

# ପ୍ରସ୍ତୁତି ଶେଷ, ଉଡାନକୁ ଅପେକ୍ଷା





ଉକ୍କେଲା ବିମାନ ଘାଟିର ମୁଖ୍ୟ ଗେଟ୍ ଓ ରନୱେ ।

କେସିଙ୍ଗା,୧୨।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉକ୍କେଲା ଗ୍ରାମପଞ୍ଚାୟତର ଉକ୍କେଲା ବିମାନ ଘାଟିର କାର୍ଯ୍ୟ ପ୍ରାୟ ୧ ବର୍ଷ ହେବ ଶେଷ ହୋଇଛି । ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି । ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଘାଟିରୁ ସିଧାସଳଖ ଭୁବନେଶ୍ୱର, ବିଶାଖାପାଟଣା, ଦିଲ୍ଲୀ, ରାୟପୁର, ଚେନ୍ନାଇ, ମୁମ୍ବାଇ, କଲିକତା ପ୍ରଭୃତି ସ୍ଥାନକୁ ବିମାନ ଯାତ୍ରା କରିପାରିବାର କ୍ଷମତା ରହିଛି । ଏୟାର ଓଡ଼ିଶା ପକ୍ଷରୁ କଳାହାଣ୍ଡିରୁ ଭୁବନେଶ୍ୱରକୁ ଗତ ସେପ୍ଟେମ୍ବର ୨୦୧୭ରେ ଉଡାଜାହାଜ ଉଡାନ ପାଇଁ ଘୋଷଣା କରାଯାଇଥିଲା। ଏଥିପାଇଁ ୨୦୧୬ ମେ' ମାସ ୨୩ ତାରିଖରେ ଭୁବନେଶ୍ୱରଠାରୁ ଉକ୍କେଲା ଉଡାଜାହାଜ ପଡିଆକୁ ପରୀକ୍ଷାମୂଳକ ଭାବେ ଏୟାର ଓଡିଶା ପକ୍ଷରୁ ବିମାନ ଉଡାନ ଶେଷ ହୋଇଛି ।

ବିମାନ ଘାଟିର ଉନ୍ନତୀକରଣ ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ୩ କୋଟି ବ୍ୟୟ ଅଟକଳରେ ରନୱେ ପିଚ୍, ଡ୍ରେନ, ବାଡ ନିର୍ମାଣ, ଦକ୍ଷିଣ ଉତ୍ତର ଦିଗର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ, ଗେଷ୍ଟ ହାଉସରୁ ଦକ୍ଷିଣ ଦିଗକୁ ରାସ୍ତା ସମ୍ପ୍ରସାରଣ ଆଦି କାମ ଶେଷ ହୋଇଯାଇଛି । ଏହି ବିମାନ ଘାଟି ୩୧ ଏକର ୮୩୬ ଡେସମିଲ ଜମି ଉପରେ ତିଆରି ହୋଇଛି । । ରନୱେର ଦୈର୍ଘ୍ୟ ୯୧୮ ମିଟର ରହିଛି । ପୂର୍ବ ପଶ୍ଚିମକୁ ୩୨ ମିଟର ଓସାର ରହିଛି। ବିମାନ ଘାଟିର ଆଧୁନିକୀରଣ ଓ ସମ୍ପ୍ରସାରଣ ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରେ ୩୪୦ ଏକର ଜମି ଉଭୟ ପାର୍ଶ୍ୱରେ ଥିବା କୋକୋମୁଣ୍ଡା ଓ ଠେମରା ଗ୍ରାମର ଚାଷୀଙ୍କଠାରୁ ଜମି ଅଧିଗ୍ରହଣ କରିବା ପାଇଁ କଳାହାଣ୍ଡି ପୂର୍ତ୍ତ ବିଭାଗ ପକ୍ଷରୁ ରାଜ୍ୟ ବେସାମରିକ ବିମାନ ଚଳାଚଳ ସଂସ୍ଥାକୁ ପ୍ରସ୍ତାବ ଦିଆଯାଇଛି । ୨୦୧୩-୧୪ ଆର୍ଥିକ ବର୍ଷରେ ପୂର୍ବ-ପଶ୍ଚିମ, ଉତ୍ତର-ଦକ୍ଷିଣ ଦିଗକୁ ପିଚୁ କାମ ପାଇଁ ୧ କୋଟି, ୧୫ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ଶେଷ ହୋଇଯାଇଛି । ଏହି ବିମାନଘାଟିରୁ କମରସିଆଲ ଭିତ୍ତିକ ୧୨ରୁ ୫୦ ସିଟ୍ ବିଶିଷ୍ଟ ବିମାନ ଅବତରଣ କରିବା ସହିତ ରାଜ୍ୟ ତଥା ଦେଶ ବିଦେଶକୁ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହୋଇସାରିଛି। ଜାତୀୟ ରାଜପଥ ୨୬ଠାରୁ ଉଡାଜାହାଜ ପଡିଆ ପର୍ଯ୍ୟନ୍ତ ୨୦୧୭-୧୮ ଆର୍ଥିକ ବର୍ଷରେ ପିଚୁ କାମ ମଧ୍ୟ ଶେଷ ହୋଇସାରିଛି । ବିମାନ ଘାଟିର ଆବଶ୍ୟକ ସିଗନାଲ ରୁମ, କଣ୍ଟ୍ରୋଲ ରୁମ, ବିଶ୍ରାମ ଗୃହ ଅଳ୍ପ ଦିନ ମଧ୍ୟରେ ଶେଷ ହେବ । ଏହି ଉଡାଜାହାଜ ପଡିଆର ଉନ୍ନତୀକରଣ ପାଇଁ ଭବାନୀପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକମାନେ ବହୁବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ଉକ୍ତ ବିମାନ ଘାଟିରୁ କେବେ ସେବା ମିଳିବ ତାହାକୁ କଳାହାଣ୍ଡି, ନୂଆପଡାବାସୀ ଅନାଇ ବସିଛନ୍ତି । ଏୟାର ଓଡ଼ିଶା ପକ୍ଷରୁ ଉକ୍କେଲା-ଭୁବନେଶ୍ୱର, ଭୁବନେଶ୍ୱର-ଜୟପୁର, ଝାରସୁଗୁଡାଠାରୁ ଭୁବନେଶ୍ୱର ଆଦି ସ୍ଥାନକୁ ଉଡିବା ପାଇଁ ସମୟ ଓ ଟିକେଟର ମୂଲ୍ୟ ମଧ୍ୟ ନିର୍ଘଣ୍ଟ କରାଯାଇଥିଲା । ଆଜି ଉଡିବ କାଲି ଉଡିବ ବୋଲି ଏକ ବର୍ଷ ହେଲାଣି ଉକ୍କେଲା ଉଡାଜାହାଜ ପଡିଆରୁ ବିମାନ ସେବା ମିଳୁ ନ ଥିବାରୁ କଳାହାଣ୍ଡି-ନୂଆପଡାବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ଡେପୁଟି ଇଞ୍ଜିନିୟର ବୈଦ୍ୟନାଥ ଦାଶଙ୍କୁ ପଚାରିବାରୁ ଉକ୍କେଲା ବିମାନଘାଟି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି। ବର୍ତ୍ତମାନ ଉଡାନ ଅପେକ୍ଷାରେ ରହିଛି ବୋଲି ପ୍ରକାଶ କରିଥିଲେ।

### ବହୁ ଚର୍ଚ୍ଚିତ ଗମ୍ଭାରୀ-ବେଲପଡା ରାସ୍ତା

# ଆରମ୍ଭ ହେଲା ବିଭାଗୀୟ ତଦନ୍ତ

### ରାସ୍ତା ଖୋଳି ନମୁନା ସଂଗ୍ରହ କଲେ ବୈଷୟିକ ଟିମ୍

ଖପ୍ରାଖୋଲ, ୧୨।୬(ଡି.ଏନ,ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ବେଲପଡା-ଗମ୍ଭାରୀ ରାସ୍ତା ନିର୍ମାଣର ମାନ ନିର୍ଦ୍ଧାରଣ ପାଇଁ ବୁଧବାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏକ ବୈଷୟିକ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଖୋଳି ନମୁନା ସଂଗ୍ରହ କରିଛନ୍ତି। ପ୍ରତିନିଧି ଦଳ ବୈଜଲ ସାଗରଠାରୁ ବେଲପଡା ମଧ୍ୟରେ ୧୩/୦ରୁ ୨୨/୦ କିଲୋମିଟର ମଧ୍ୟରେ ପ୍ରତି କିଲୋମିଟରରେ ଡ୍ରିଲର ମାଧ୍ୟମରେ ରାସ୍ତା ଖୋଳି ନମୁନା ସଂଗ୍ରହ କରିଛନ୍ତି। ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯିବ। ପରୀକ୍ଷଣ ହୋଇ ରିପୋର୍ଟ ଆସିଲା ପରେ ରାସ୍ତାର ମାନ କିପରି ହୋଇଛି ତାହା ଜଣାପଡିବ ବୋଲି ପ୍ରତିନିଧି ଦଳ କହିଥିଲେ। ପ୍ରତିନିଧି ଦଳରେ ଭୁବନେଶ୍ୱରସ୍ଥିତ ବିଶ୍ୱବ୍ୟାଙ୍କର ମୁଖ୍ୟଯନ୍ତ୍ରୀ ଅନିଲ କୁମାର ତ୍ରିପାଠୀ, ବଲାଙ୍ଗୀର ପୂର୍ତ୍ତ ବିଭାଗ ଏସ.ଇ. ଇଂ. ଉମେଶ ଚନ୍ଦ୍ର ମିଶ୍ର , ଭୁବନେଶ୍ୱର ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ରଥାଙ୍ଗ ଚରଣ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ପି.କେ.ଚୌଧୁରୀ, ସମ୍ବଲପୁର କ୍ୱାଲିଟି କଣ୍ଟ୍ରୋଲ ନିର୍ବାହୀ ଯନ୍ତ୍ରୀ ଇଂ. ହୀରାଲାଲ ଅଗ୍ରୱାଲ, କଣ୍ଟାବାଞ୍ଜି ସବ୍‌ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୁରେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ପରେ ସପ୍ତାହ ତଳେ ଗମ୍ଭାରୀ ଗାଁଠାରେ ପାଟଣାଗଡ ବିଧାୟକ ସରୋଜ ମେହେର ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ କାନଧରି ଉଠ୍‌ବସ୍ ହେବା ପାଇଁ କହୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଧାୟକ ଘଟଣାକୁ ନେଇ ଦୁଃଖପ୍ରକାଶ କରିଥିଲେ। ଏହି ଘଟଣା ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ରାସ୍ତାର ମାନ ନିର୍ଦ୍ଧାରଣ ପାଇଁ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ତଦନ୍ତ ହେବ। ନିର୍ମାଣ ନିମ୍ନମାନର ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଘଟଣାର ଏକ ସପ୍ତାହ ପରେ ବିଭାଗୀୟ ତଦନ୍ତ ହେବା ସହ ରାସ୍ତାରମାନ ସଂଗ୍ରହ କରାଯାଇଛି । ସୂଚନାଯୋଗ୍ୟ ଯେ, ରାସ୍ତା ନିର୍ମାଣ ପାଇଁ ବର୍ଷକ ତଳୁ କାମ ଆରମ୍ଭ ହୋଇଥିବା ବେଳେ ୮କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା।



ରାସ୍ତା ଖୋଳି ବୈଷୟିକ ଦଳ ନମୁନା ସଂଗ୍ରହ କରୁଛନ୍ତି।

# ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଘରେ ଚଢ଼ାଉ

ବରଗଡ଼ ଅଫିସ୍,୧୨।୬

ବରଗଡ଼ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ଟଙ୍କଧର ମେହେରଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ପାଇ ବୁଧବାର ଭିଜିଲାନ୍ସ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ କରିଥିଲା । ମେହେରଙ୍କ ବରଗଡ଼ ସହରସ୍ଥିତ ବାଲାଜୀ ସିଟି ବାସଭବନ (କ୍ୱାର୍ଟର ନଂ. ୪୨), ତାଙ୍କ ସରକାରୀ ଅଫିସ୍, ସରକାରୀ ବାସଭବନ, ବରଗଡ଼ ଜିଲା ପଦ୍ମପୁର ବ୍ଲକ ସର୍ଗିବାହାଲସ୍ଥିତ ପୈତୃକ ଘର ଏବଂ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଘସିଏନସ୍ଥିତ ଶ୍ୱଶୁର ଘରେ ଏହି ଚଢ଼ାଉ ହୋଇଥିଲା ।

ଖବର ଲେଖାହେବା ସୁଦ୍ଧା (ରାତ୍ରି ୯ଟା ପର୍ଯ୍ୟନ୍ତ) ମେହେରଙ୍କ ସମ୍ପତ୍ତି ଆକଳନ ଚୂଡ଼ାନ୍ତ ହୋଇ ନ ଥିଲା । ସେତେବେଳ ପର୍ଯ୍ୟନ୍ତ ତାଙ୍କ ସମ୍ପତ୍ତି ୯୮ଲକ୍ଷ ୧୧ହଜାର ଟଙ୍କା ଆକଳନ ହୋଇଥିଲା । ସେଥିମଧ୍ୟରେ ବରଗଡ଼ ସହର ବାଲାଜୀ ସିଟିରେ ୪୩ଲକ୍ଷ ଟଙ୍କାର ଡୁପ୍ଲେକ୍ସ ବିଲଡ଼ିଙ୍ଗ, ସର୍ଗିବାହାଲରେ ୨୫ଲକ୍ଷ ଟଙ୍କାର ଡୁପ୍ଲେକ୍ସ ବିଲ୍‌ଡିଙ୍ଗ, ୩ଲକ୍ଷ ୨୭ହଜାର ଟଙ୍କାର କାର୍, ଦେଢ଼ ଲକ୍ଷ ଟଙ୍କାର ୩ଟି ବାଇକ୍, ୫୨୯ ଗ୍ରାମ ଅର୍ଥାତ୍ ୮ଲକ୍ଷ ୯୭ହଜାର ଟଙ୍କାର ସୁନା ଗହଣା, ୪ଲକ୍ଷ ଟଙ୍କାର ଆସବାବପତ୍ର, ୭ଲକ୍ଷ ୧୦ହଜାର ଟଙ୍କାର ଆସବାବ ପତ୍ର ଏବଂ ୫ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ରହିଛି । ଆକଳନ ଜାରି ରହିଥିବା ଯୋଗୁ ସମ୍ପତ୍ତି ପରିମାଣ ଆହୁରି ବଢ଼ିବାର ସମ୍ଭାବନା ରହିଛି । ବରଗଡ଼ ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକ, ରାଉରକେଲା ଭିଜିଲାନ୍ସ ଡିଏସପି ଦାଶରଥୀ ସେଠୀ, ସମ୍ବଲପୁର ଭିଜିଲାନ୍ସ ଡିଏସପି ପରମେଶ୍ୱର କିଶାନ, ସୁନ୍ଦରଗଡ଼ ଭିଜିଲାନ୍ସ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ଝାରସୁଗୁଡ଼ା ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଦୀପ କୁମାର ଆଇନ୍ଦ, ରାଉରକେଲା ଭିଜିଲାନ୍ସ ଇନ୍ସପେକ୍ଟର ରୀତାଞ୍ଜଳି ପ୍ରଧାନ, ଦେବଗଡ଼ ଭିଜିଲାନ୍ସ ଇନ୍ସପେକ୍ଟର ସୁଧୀର କୁମାର ସାହୁ ପ୍ରମୁଖ ଏହି ଚଢ଼ାଉ କରିଥିଲେ ।



ବରଗଡ଼ ସହରସ୍ଥିତ ବାଲାଜୀ ସିଟି ବାସଭବନରେ ଚଢ଼ାଉ ଚାଲିଛି ।

# ପାଣି ଆଣି ନ ଦେବାରୁ ଟାଙ୍ଗିଆରେ ହାଣିଲେ ଯୁବକ

ମନମୁଣ୍ଡା, ୧୨।୬ (ଡି.ଏନ.ଏ)

ପାଣି ବୋତଲ କିଣି ଆଣି ଦେବାକୁ ମନା କରିବାରୁ ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମନମୁଣ୍ଡା ଥାନା ଅନ୍ତର୍ଗତ ବିଚିକା ଗ୍ରାମରେ। ପୋଲିସ ସୂଚନାମତେ, ସରିଆଁପାଲିର ଦଶରଥ ନାଏକ ମଙ୍ଗଳବାର ଅପରାହ୍ନ ସାଢ଼େ ୧ଟା ସମୟରେ ବିଚିକା ରଜାବନ୍ଧକୁ ମାଛ କିଣିବାକୁ ଯାଇଥିଲେ । ସେଠାରେ ଆଳପଡାର ଗଣେଶ୍ୱର କର୍ଣ୍ଣ ସାଙ୍ଗମାନଙ୍କ ସହ ବସି ଗପସପ କରୁଥିଲେ । ସେଠାରେ ଗଣେଶ୍ୱର ବଜାରରୁ ପାଣି ବୋତଲ କିଣି ଆଣିଦେବାକୁ ଦଶରଥଙ୍କୁ କହିଥିଲେ। କିନ୍ତୁ ଦଶରଥ ତାଙ୍କ କଥାରେ ରାଜି ନ ହେବାରୁ ଗଣେଶ୍ୱର ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଫଳରେ ଦଶରଥ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବଞ୍ଚାଇବା ପାଇଁ ସେଠାରୁ ଧାଇଁ ପଳାଇ ଯାଇଥିଲେ। ଦଶରଥ ଏ ନେଇ ବୁଧବାର ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୫/୧୯) ରୁଜୁ କରି ତଦନ୍ତ ଚଳାଇଛି । ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ।

# ପ୍ରେମ ପ୍ରତାରଣା, ଥାନାରେ ମାମଲା ରୁଜୁ

ଭେଡ଼େନ, ୧୨।୬ (ଡ଼ି.ଏନ.ଏ)

ଭେଡ଼େନ ଥାନା ଅନ୍ତର୍ଗତ ସୁନାଲରମ୍ଭା ଗ୍ରାମର ଜଣେ ଯୁବକ ସେହି ଅଞ୍ଚଳର ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ଏବେ ଫେରାର ହୋଇଯାଇଛନ୍ତି । ଫଳରେ ପ୍ରତାରିତା ଯୁବତୀ ଜଣକ ବୁଧବାର ଭେଡ଼େନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୦୧/୧୯) ରୁଜୁ କରିଛି । ପୋଲିସ ସମ୍ପୃକ୍ତ ଯୁବତୀଙ୍କ ଡାକ୍ତରୀ ମାଇନା କରାଇଛି । ଅଭିଯୁକ୍ତ ଯୁବକ ଫେରାର ଥିବାରୁ ତାଙ୍କୁ ଗିରଫ କରିପାରିନାହିଁ ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ତାତିଠୁ ଅସହ୍ୟ ହେଲାଣି ବିଦ୍ୟୁତ୍ ବିଭ୍ରାଟ

**ବରପାଲି, ୧୨।୬ (ଡି.ଏନ.ଏ):** ରାଜ୍ୟରେ ଗ୍ରୀଷ୍ମ ଲହରୀ ଲାଗି ରହିଥିବା ବେଳେ ବେଶ୍ କିଛି ଦିନ ଧରି ବରପାଲି ଅଞ୍ଚଳରେ ଅହେତୁକ ତାପମାତ୍ରା ବୃଦ୍ଧି ପାଇଛି । ଅସହ୍ୟ ତାତି ଯୋଗୁ ଦିନ ୧୦ଟାରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ରାସ୍ତାଘାଟ ଜନଶୂନ୍ୟ। ଏଭଳି ସ୍ଥିତିରେ ଏଠାରେ ଦିନକୁ ୬ରୁ ୮ଘଣ୍ଟା ବିଦ୍ୟୁତକାଟ୍ ହେଉଛି । ଦିନ ତମାମ ପ୍ରାୟ ୨୦ ଥର ବିଦ୍ୟୁତ ଯାଉଛି ଓ ଆସୁଛି। ରାତି ଅଧରେ ମଧ ବିଦ୍ୟୁତ ଚାଲିଯିବାରେ ଲୋକେ ଅସହ୍ୟ ଯନ୍ତ୍ରଣାରେ ପିଲାଛୁଆ ଧରି ଛଟପଟ ହେଉଛନ୍ତି । ତଥାପି ନିଷ୍ଠୁର ସାଜିଛି ବିଦ୍ୟୁତ ବିଭାଗ । ମଙ୍ଗଳବାର ରାତ ଓ ବୁଧବାର ସକାଳେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ବିଭ୍ରାଟ ହେବାରୁ ଲୋକେ ଅସୁବିଧା ଭୋଗିଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀ ବଳ ବାବୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଲେ କେଉଁଠି ନାଁ କେଉଁଠି ଫଲ୍ଟ ରହୁଛି । ଲୋକେ କାମ କରୁଛନ୍ତି । ଆମେ ବି ଖରାରେ ସନ୍ତୁଳି ହେଉଛୁ ବୋଲି କହିଥିଲେ।

### ଡ୍ରେନ ମରାମତି ହେଉନି, ରାସ୍ତାରେ ନର୍ଦ୍ଦମା ପାଣି

**ବରପାଲି, ୧୨।୬ (ଡି.ଏନ.ଏ):** ବରପାଲି ଏନଏସିରେ ଡ୍ରେନେଜ ବ୍ୟବସ୍ଥା ଭୁସୁଡି ପଡିଛି । ସହରର ଗୋଟିଏ ପଟେ ଡ୍ରେନ କରାଯାଇଥିବା ବେଳେ ଅନ୍ୟପଟେ ଆଦୌ ନାହିଁ । ଏହାର ଦୃଷ୍ଟାନ୍ତ ପାଲଟିଛି ରାସ୍ତା ମଝିରେ ଥିବା ଡ୍ରେନ । ଫଳରେ ଅହରହ ନର୍ଦ୍ଦମା ପାଣି ରାସ୍ତାରେ ଭାସୁଛି । ଲୋକେ ଯିବା ଆସିବାରେ ଖୁବ ଅସୁବିଧା ଭୋଗ କରୁଥିବା ବେଳେ ଏହା ଏକ ଦୁର୍ଘଟଣା ସ୍ଥଳ ହୋଇଛି । ଏହି ରାସ୍ତା ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡିଥିଲେ ମଧ ମରାମତି କରାଯାଉନାହିଁ ଫଳରେ ଖାଲଖମାରେ ଭର୍ତ୍ତି ହୋଇ ମେଟାଲ ଉଠି ରାସ୍ତା ଶୋଚନୀୟ ହୋଇପଡିଛି । ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ପୁଆଳ, ଧାନ ଖରି ଜଳିଗଲା

**ଅତାବିରା, ୧୨।୬ (ଡି.ଏନ.ଏ):** ଅତାବିରା ଥାନା ବୁଗବୁଗା ପଞ୍ଚାୟତ ଝାଉଁଯୋର ପାଲିବୁଗବୁଗା ନିକଟରେ ବୁଧବାର କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ୮୦ ଏକରରୁ ଉର୍ଦ୍ଧ୍ୱ ପୁଆଳ ଗୁର୍ଡା ଓ ଦେଢ଼ ଏକରର ଧାନ ଖରି ସମ୍ପୂର୍ଣ୍ଣ ଜଳି ଭସ୍ମୀଭୁତ ହୋଇଯାଇଛି । ଖବର ପାଇ ବରଗଡ ଅଗ୍ନିଶମ ବିଭାଗର ଦ୍ୱାରିକାନାଥ ବରାଳଙ୍କ ତତ୍ତ୍ୱାବଧାନରେ ବିକ୍ରମ ସାହୁ, ରଞ୍ଜନ ବାଗ, ବିନୋଦ କେର୍କେଟା, ଗୋପାଳ ପଣ୍ଡା, ପ୍ରଦୀପ ବରାଲ ପ୍ରମୁଖ ଅଗ୍ନିଶମ କର୍ମଚାରୀ ସେଠାକୁ ପହଞ୍ଚି ନିଆଁ ଲିଭାଇଥିଲେ । ପୋଡବାଡି ଗ୍ରାମର ଉଦ୍ଧବ କର୍ଣ୍ଣଙ୍କ ଦେଢ଼ ଏକର ଧାନ ଖରି, ପାଲିବୁଗବୁଗାର ଚାଷୀ ନିରଞ୍ଜନ ବେହେରା, ବିଜୟ ରଣା, କିଶୋର ରଣା, ଜିତୁ କର୍ଣ୍ଣ, ଚୈତନ୍ୟ କର୍ଣ୍ଣ, ଦଶରଥ ବିଶି, ଜି. ଭଗବାନଙ୍କ ପ୍ରାୟ ୭୦ ଏକରର ୯ଟି ପୁଆଳ ଗୁର୍ଡା ଜଳିଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଶାସନ ସହାୟତା ରାଶି ଯୋଗାଇ ଦେବା ସହିତ ପୋଲିସ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

## ■ ବରଗଡ଼ ଜିଲାରେ ବଢୁଛି ତାତି

# ୪୦ ଡିଗ୍ରୀ ଉପରେ ରହୁଛି ତାପମାତ୍ରା

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ରେ ତାତି ଥମିବା ନାଁ ନେଉନି। ଦିନକୁ ଦିନ ଏହା ବଢ଼ି ଚାଲିଛି । ପାରଦ ୪୦ ଡିଗ୍ରୀରୁ ତଳକୁ ଖସୁନାହିଁ । ଜିଲାର ତାପମାତ୍ରା ୪୦ରୁ ୪୫ଡିଗ୍ରୀ ମଧ୍ୟରେ ରହୁଛି। ଏଥିପାଇଁ ଜିଲାବାସୀଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି । ବେଳେବେଳେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହେଉଛି। ସେତେବେଳେ ତାତିରୁ ସାମାନ୍ୟ ନିସ୍ତାର ମିଳୁଛି। ମାତ୍ର ତାହା କ୍ଷଣସ୍ଥାୟୀ। ଅପରପକ୍ଷେ ଝଡ଼ବର୍ଷାର ଦିନକ ପରେ ଯେଉଁ ଗୁଳୁଗୁଳି ହେଉଛି, ତାହା ଅସହ୍ୟ ହୋଇ ପଡୁଛି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସାରା ଜିଲାରେ ଜୀବନ ଦହଗଞ୍ଜ ହୋଇ ପଡୁଛି ।

ଏଭଳି ତାତି ବୃଦ୍ଧି ଯୋଗୁ ଦିନବେଳା ରାସ୍ତାଘାଟ ଶୂନଶାନ ହୋଇ ପଡୁଛି। ବଜାର ମାନ୍ଦା ପଡୁଛି। ଫଳରେ ଦି ପଇସା ରୋଜଗାର ପାଇଁ ଦୋକାନ ଖୋଲୁଥିଲେ ମଧ ଦୋକାନୀଙ୍କୁ ନିରାଶ ହେବାକୁ ପଡୁଛି । କେହି ଘରୁ ପଦାକୁ ବାହାରିଲେ ସେମାନେ ଛତା, ପଗଡ଼ି, ଓଢ଼ଣୀ ଘୋଡ଼ାଇଥିବା ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ ଲୋକଙ୍କୁ ଅଂଶୁଘାତର ଶୀକାର ହେବାକୁ ପଡୁଛି । ଗତ ୧୫ଦିନ ମଧ୍ୟରେ ଜିଲାରେ ୩ ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗତ ମାସ ୨୭ତାରିଖରେ ବରଗଡ଼ ବ୍ଲକ ବରାହଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଆମ୍ବସଡ଼ା ଗ୍ରାମର ଜଣେ ମହିଳା ଶ୍ରମିକ ତେଜ ଦେହେରୀ(୫୨)ଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ବୁଧବାର ଦିନ ଜିଲାର ଅନ୍ୟ ଦୁଇଜଣ ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମର ଗ୍ରନ୍ଥ ପ୍ରଧାନ(୫୮) ଏବଂ ଗାଇସିଲେଟ ବ୍ଲକ ଟେଙ୍ଗନାପାଲି ଗ୍ରାମର ସହଦେବ ବରିହା(୮୦)ଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ବରଗଡ଼ ଜିଲାରେ ଗତ ୪ବର୍ଷ ମଧ୍ୟରେ ଅଂଶୁଘାତରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ଼ରୁ ଜଣାପଡ଼ିଛି। ଗତ ୨୦୧୫ ମସିହାରେ ଜିଲାରେ ଅଂଶୁଘାତରେ ୩ଜଣ, ୨୦୧୬ରେ ୨ଜଣ, ୨୦୧୭ରେ ୩ଜଣ ଏବଂ ୨୦୧୮ରେ ୨ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିଲା। ଉପରୋକ୍ତ ସମସ୍ତ ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ ଅନୁକମ୍ପା ରାଶି ମିଳିଥିଲା। ଏଥର ଯେଭଳି ଭାବେ ତାତି ବଢ଼ି ଚାଲିଛି, ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ଅଂଶୁଘାତଜନିତ ମୃତ୍ୟୁ ଅଧିକ ହୋଇପାରେ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି।



ଅସହ୍ୟ ତାତି ଯୋଗୁ ବରଗଡ଼ ସହରରେ ଯୁବତୀମାନେ ଓଢ଼ଣି ଘୋଡ଼ାଇ ଯାତାୟାତ କରୁଛନ୍ତି।

■ ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ
■ ୧୫ ଦିନରେ ୩ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ
■ ଅସହ୍ୟ ଗୁଳୁଗୁଳି, ବିଦ୍ୟୁତ ବିଭ୍ରାଟ କରୁଛି ଅତିଷ୍ଠ



ଏନଏସି ଅଧିକାରୀମାନେ ଗୋଟିଏ ଦୋକାନରେ ଚଢ଼ାଉ କରୁଛନ୍ତି ।

## ଏନଏସିର ପଲିଥିନ ଚଢ଼ାଉ ଅଭିଯାନ

**ବିଜେପୁର, ୧୨।୬ (ଡି.ଏନ.ଏ)**

ବିଜେପୁର ଏନଏସି ପକ୍ଷରୁ ବୁଧବାର ସ୍ଥାନୀୟ ସହରର ବ୍ୟବସାୟିକ ପ୍ରତିଷ୍ଠାନରେ ପଲିଥିନ ଚଢ଼ାଉ କରାଯାଇଥିଲା। ଏଥିରେ ୧୦ କେଜି ଓଜନର ପଲିଥିନ ଜବତ ହୋଇଛି । ସ୍ୱଚ୍ଛ ଓ ସୁନ୍ଦର ଓଡିଶା ଗଠନ ପାଇଁ ପରିବେଶ ପ୍ରଦୂଷଣ ରୋକିବାରେ ପଲିଥିନ ବାଧକ ସାଜୁଛି। ତେଣୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ତଥା ଏନଏସିର ବିକାଶ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରିଥିଲେ। ନବଗଠିତ ବିଜେପୁର ଏନଏସିକୁ ପଲିଥିନ ମୁକ୍ତ କରିବାକୁ ସମସ୍ତ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ନିଜ ନିଜ ଦୋକାନରୁ ପଲିଥିନ ହଟାଇବାକୁ ଦୁଇ ଦିନ ସମୟ ଦିଆଯାଇଛି। ଏହାର ଖିଲାପ କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନଏସି ପକ୍ଷରୁ ସୂଚନା ଦିଆଯାଇଛି ।

## ରେଳ ଯାତ୍ରୀଙ୍କ ସୁରକ୍ଷା ନେଇ ସଚେତନତା

**ବରଗଡ଼ ଅଫିସ୍,୧୨।୬**

ରେଳ ଯାତ୍ରୀଙ୍କୁ ସୁରକ୍ଷା ନେଇ ମଙ୍ଗଳବାର ସକାଳେ ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ସଚେତନତା ସୃଷ୍ଟି କରାଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ପାଇଁ ଖୋଲା ଯାଇଥିବା ଭାରତୀୟ ରେଳ ସୁରକ୍ଷା ହେଲ୍ପ ଲାଇନ ଉପରେ ଆରପିଏଫ ଅଧିକାରୀ, କର୍ମଚାରୀମାନେ ଯାତ୍ରୀଙ୍କୁ ସଚେତନ କରିଥିଲେ। ଏଥିପାଇଁ ରହିଥିବା ହେଲ୍ପ ଲାଇନ ୧୮୨କୁ ଫୋନ କରି ଘଟଣା ସମ୍ପର୍କରେ ଅବଗତ କରାଗଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେମାନେ ଯାତ୍ରୀଙ୍କୁ ସୂଚନା ଦେଇଥିଲେ। ବରଗଡ଼ ଆରପିଏଫ ପକ୍ଷରୁ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ସମ୍ବଲପୁର-ରାୟଗଡ଼ା ଏବଂ ଟିଟିଲାଗଡ଼-ହାୱଡ଼ା ଏକ୍ସପ୍ରେସ ଟ୍ରେନରେ ଥିବା ଯାତ୍ରୀ ତଥା ପ୍ଲାଟଫର୍ମରେ ଉପସ୍ଥିତ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା ।

## ତୀର୍ଥଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ନିକଟ ଅଶୋକା ବିଲକନ ଟୋଲଗେଟ୍ ନିକଟରେ ବୁଧବାର ସକାଳ ପ୍ରାୟ ସାଢ଼େ ୬ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ତୀର୍ଥଯାତ୍ରୀଙ୍କୁ ଧରି ପୁରୀରୁ ଛତିଶଗଡ଼ ରାଜ୍ୟ ଚାମ୍ପାକୁ ଫେରୁଥିବା ଏକ ଭ୍ୟାନ (ନଂ.ସିଜି୧୧ ଏଆର/୮୮୫)କୁ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଫଳରେ ଭ୍ୟାନରେ ବସିଥିବା ତୀର୍ଥଯାତ୍ରୀମାନେ ଆହତ ହୋଇଥିଲେ । ଆହତଙ୍କୁ ଅଶୋକା ବିଲକନର ଆମ୍ବୁଲାନ୍ସ ଯୋଗେ ବରଗଡ଼ ସରକାରୀ ଡାକ୍ତରଖାନାକୁ ନେଇ ଭର୍ତ୍ତି କରାଯାଇଥିଲା । ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ।



ଆହତଙ୍କୁ ଡାକ୍ତରଖାନା ନିଆଯାଉଛି ।

## ଭଟଲି ରଥଯାତ୍ରା: ପ୍ରଥମ ପ୍ରଶାସନିକ ସମନ୍ୱୟ ବୈଠକ

**ଭଟଲି, ୧୨।୬(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲିର ଦଧିବାମନ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ବୁଧବାର ବିଡିଓଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ଅଧକ୍ଷତା କରିଥିଲେ । ରଥଯାତ୍ରାକୁ ସୁଚାରୁ ରୂପେ ପାଳନ କରିବା ସକାଶେ ପୁରୁଣା କମିଟିର ସଦସ୍ୟଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, ଭଦ୍ରବ୍ୟକ୍ତିଙ୍କ ସହଯୋଗରେ ରଥଯାତ୍ରା ହେବ। ଏହାସହିତ ଉପଜିଲାପାଳଙ୍କ ସମେତ ବିଡିଓ, ରେଞ୍ଜର, ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ପ୍ରାକ୍ତନ କମିଟିର ସଦସ୍ୟ, ସରପଞ୍ଚ ଓ ଅଞ୍ଚଳବାସୀ ମିଳିତ ଭାବେ ରଥଯାତ୍ରା ପାଳନ କରିବା ପାଇଁ ବୈଠକରେ ଚୂଡ଼ାନ୍ତ ହୋଇଥିଲା ।

ବୈଠକର ପ୍ରସ୍ତାବ ଅନୁଯାୟୀ, ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ରଥଯାତ୍ରା ଦିନ ମହାପ୍ରଭୁଙ୍କ ପୂଜାବିଧି ପ୍ରତ୍ୟୁଷରୁ ଆରମ୍ଭ ହୋଇ ସାଢ଼େ ୧୦ଟାରେ ପହଣ୍ଡି ହେବ। ସାଢ଼େ ୧୨ଟାରେ ରଥଟଣା ଆରମ୍ଭ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ରଥ ବିଭିନ୍ନ ଛକରେ ରହିବା ସହିତ ସେଠାରେ ନବଜାତ ଶିଶୁମାନଙ୍କ ରଥଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରଥ ଗଡ଼ିବା ସମୟରେ ବଡ଼ଦାଣ୍ଡରେ ଟ୍ରାଫିକ୍ ସମସ୍ୟାର ତଦାରଖ କରିବା ପାଇଁ ତହସିଲଦାର, ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ମନ୍ଦିର ଟ୍ରଷ୍ଟ ବୋର୍ଡ଼ଙ୍କୁ ମିଳିତ ଭାବେ କାର୍ଯ୍ୟନିର୍ବାହ କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ, ତହସିଲଦାର ଅଞ୍ଜଳିନା ପଧାନ, ଅତିରିକ୍ତ ତହସିଲଦାର ରାମକୃଷ୍ଣ ମିଶ୍ର, ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ବେହେରା, ବିଦ୍ୟୁତ ବିଭାଗ ଏସ୍‌ଡିଓ ସୁବ୍ରତ ସେଠ୍, ଜେଇ ସୁକାନ୍ତ କୁମାର ପାଢ଼ୀ, ଭଟଲି ସିଏଏର୍‌ସସିର ବିକାଶ ମହାପାତ୍ର, ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତା, ରଥଯାତ୍ରା କମିଟିର ସଦସ୍ୟ, ଜିଲା ସତ୍ୟସାଇ ସେବା ସମିତି ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ। ଶେଷରେ ଯାତ୍ରା କମିଟି ସଦସ୍ୟ ମାଧବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭଟଲି ବିଡିଓଙ୍କ ସମ୍ମିଳନୀ କକ୍ଷରେ ଦଧିବାମନଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ ଚାଲିଛି।

■ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ହେବ
■ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ

## ଯୁବଗୋଷ୍ଠୀଙ୍କ ଜଳାଶୟ ସଫେଇ

**ଭେଡ଼େନ, ୧୨।୬ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତର ବରଗାଁ ଗ୍ରାମରେ ଥିବା କଟା(ଜଳାଶୟ) ବହୁଦିନରୁ ପରିତ୍ୟକ୍ତ ହୋଇ ପଡ଼ିରହିଥିଲା। ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଇଥିଲେ ମଧ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ପୁଣିଥରେ ବୋରଝାଞ୍ଜି ଆଦି ବିଭିନ୍ନ ଲଟାବୁଟାରେ କଟାଟି ଭରିଯାଇଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଗ୍ରାମର ଯୁବକମାନେ ବୁଧବାର ଏହି କଟାର ସଫେଇ ଆରମ୍ଭ କରିଛନ୍ତି। ଗ୍ରାମର ଶଶିଭୂଷଣ ପାଣିଗ୍ରାହୀ, ବୃନ୍ଦାବନ ବେରିହା, ମଦନ ଘୁସୁରୀ, ମହାଜନ ନାୟକ, ସଞ୍ଜୟ ପାତ୍ର ଏବଂ ଅନ୍ୟ ଯୁବକ ମାନେ ଏହି କଟାର ସଫେଇ କରୁଛନ୍ତି ।



ଯୁବକମାନେ ବରଗାଁ କଟା ସଫେଇ କରୁଛନ୍ତି ।

## ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହାର

**ଭେଡ଼େନ, ୧୨।୬ (ଡ଼ି.ଏନ.ଏ)**

ଭେଡ଼େନ ତହସିଲ ଅଫିସରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେବା ସହ ଏହା ଦୁର୍ନୀତିର ଗନ୍ତାଘର ସାଜିଛି । ଏହି ସବୁର ପ୍ରତିବାଦରେ ଗତ ସୋମବାରଠାରୁ ଭେଡ଼େନ ତହସିଲ ଓକିଲ ସଂଘର ସଦସ୍ୟମାନେ ତହସିଲ ଅଫିସ ଗେଟରେ ତାଲା ପକାଇ ଆନ୍ଦୋଳନ ଚଳାଇଥିଲେ। ବୁଧବାର ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଭେଡ଼େନ ତହସିଲଦାର ସୀମା ସବିତା କୁଲୁ, ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା ପ୍ରମୁଖ ଧାରଣାସ୍ଥଳକୁ ଆସି ଓକିଲମାନଙ୍କ ସହ ଆଲୋଚନା କରିଥିଲେ। ଓକିଲ ସଂଘର ଦାବି ମୁତାବକ ସମସ୍ତ ଅବ୍ୟବସ୍ଥାର ଦୂରୀକରଣ ଦିଗରେ ପଦକ୍ଷେପ ନେବା, ଅବ୍ୟବସ୍ଥା କରୁଥିବା କର୍ମଚାରୀମାନଙ୍କୁ ଆସନ୍ତା ୩୦ ତାରିଖ ସୁଦ୍ଧା ବଦଳି କରିବା ଆଦି ବିଷୟରେ ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଅଫିସ୍‌ରୁ ତାଲା ଖୋଲିଥିଲା। ପରେ ଅଫିସ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତେବେ ତହସିଲଦାର ଦେଇଥିବା ପ୍ରତିଶ୍ରୁତି ପାଳନ ନ କଲେ ଆସନ୍ତା ଜୁଲାଇ ୧ ତାରିଖରୁ ବ୍ୟାପକ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଲୋଚନା ସମୟରେ ସଂଘର ଉପସଭାପତି ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ରକ୍ଷାକାରୀ ଠେଲା, ସଦସ୍ୟ ଆନନ୍ଦ ପ୍ରଧାନ, କାର୍ତ୍ତିକ ରଣା, ନରେନ୍ଦ୍ର ଭୋଇ, ଲିଙ୍ଗରାଜ ବିଶିଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଭେଡ଼େନ ତହସିଲ ଅଫିସରେ ଅଧିକାରୀ ଏବଂ କିରାଣୀମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅବ୍ୟବସ୍ଥା ଦିନକୁ ଦିନ ବଢ଼ିଚାଲିଛି। ଅଫିସକୁ ଆସୁଥିବା ଚାଷୀ ତଥା ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ସବୁର ପ୍ରତିବାଦରେ ଗତ ସୋମବାର ଠାରୁ ଓକିଲ ସଂଘର ସଦସ୍ୟମାନେ ଧାରଣା ଦେଇ ତାଲାବନ୍ଦ ଆନ୍ଦୋଳନ କରିଥିଲେ ।



ଭେଡ଼େନ ତହସିଲ ଅଫିସ ଆଗରେ ଓକିଲ ଓ ଅଧିକାରୀଙ୍କ ଆଲୋଚନା।

**ଭେଡ଼େନ ତହସିଲରେ ତାଲାବନ୍ଦ ଆନ୍ଦୋଳନ**

## ପାଚେରି, ନଳକୂଅ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**ଅମ୍ବାଭୋନା, ୧୨।୬ (ଡି.ଏନ.ଏ)**

ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କୁ ମଙ୍ଗଳବାର ଭୁକ୍ତା-ପ୍ରକାଶପୁରଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏମ୍‌ପି ପୂଜାରୀ ପ୍ରଥମେ ଭୁକ୍ତା ମାର୍କେଟ ୟାର୍ଡ ବୁଲି ଧାନର ଅଭାବୀ ବିକ୍ରିର ତୁରନ୍ତ ପଦକ୍ଷେପ ନେବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ କହିଥିଲେ । ପରେ ସେ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଙ୍ଗଠନର କାର୍ଯ୍ୟାଳୟକୁ ଯାଇ ଚାଷୀ ନେତାମାନଙ୍କ ସହ ଆଲୋଚନା କରିଥିଲେ । ସଙ୍ଗଠନ ସଭାପତି ମୁନୁ ନାୟକ, ଉପସଭାପତି ଭଜନ ପଧାନ, ସମ୍ପାଦକ ଶଙ୍କର ଖମାରୀ ପ୍ରମୁଖ ଏମ୍‌ପି ପାଣ୍ଠିରୁ ପାଚେରୀ ନିର୍ମାଣ ଏବଂ ନଳକୂଅ ଖନନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଭୁକ୍ତା-ପ୍ରକାଶପୁର ସ୍ଥିତ ମହିମା ପୀଠରେ ମଧ ଏମ୍‌ପି ପୂଜାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ତାରାଚନ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୁନାରୁ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ସୁଶାନ୍ତ ମିଶ୍ର, ଜିଲା ଭାଜପା ସଭାପତି ଅରୂପାନନ୍ଦ ସାହୁ, ଇରାଶିଷ ଆଚାର୍ଯ୍ୟ, ସୌଚିରେଣ ବାରିକ, ଡ. ଚିନ୍ତାମଣି ପଟେଲ, ସୁରେଶ ପଧାନ, କୈଳାଶ ଦୁଆନ, ପ୍ରହଲ୍ଲାଦ ଖମାରୀ, ସତ୍ରାଜିତ ସାହୁ, ପୁରୁଷୋତ୍ତମ ପାତିକାର, ସାର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ବଡଧରା ଗ୍ରାମରେ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଜିଲାସ୍ତରୀୟ କୁରାଳ ସମାଜର ବାର୍ଷିକ ବୈଠକ

**ପୁରୁଣାକଟକ,୧୨।୬(ଡି.ଏନ.ଏ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତାକୁଡ଼ ଗ୍ରାମରେ କୁରାଳ ସମାଜର ତିଲେଶ୍ୱର କେନ୍ଦ୍ରରେ ଦୁଇଦିନ ଧରି ଚାଲିଥିବା ସାଧାରଣ ବୈଠକ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୁରାଳ ସମାଜ ଜିଲା ସଭାପତି ନନ୍ଦକିଶୋର ରଣାଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଶେଷ ହୋଇଥିଲା । ବୈଠକରେ ପ୍ରଥମେ ସମାଜର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରି ସଭା ଆରମ୍ଭ ହେବା ସହ ସମାଜର ବାର୍ଷିକ ବିବରଣୀ ପଠନ, ସମସ୍ୟାର ସମାଧାନ, ପାଣ୍ଠି ସଂଗ୍ରହ ଓ ସମାଜର ଉନ୍ନତି ଦିଗରେ ଆଲୋଚନା କରାଯାଇଥିଲା। ଏଥିରେ ସମାଜର ଉପସଭାପତି ମୁରଲିଧର ରଣା, ସମ୍ପାଦକ ଉମେଶ ରଣା, ସହ ସମ୍ପାଦକ ଭୋଳାନାଥ ରଣା, କୋଷାଧକ୍ଷ ତୀର୍ଥବାସୀ ରଣା ଯୋଗ ଦେଇଥିଲେ । ସେହିପରି ସମାଜର ୧୪ଟି କେନ୍ଦ୍ରର ସଭାପତି ଓ ସମ୍ପାଦକ ମାନେ ମଧ ଉପସ୍ଥିତ ଥିଲେ । ସମାଜ ପକ୍ଷରୁ ତିଲେଶ୍ୱର କେନ୍ଦ୍ରର ମୁଖ୍ୟ ପରିଚାଳକ ସଦାନନ୍ଦ ରଣା, ସାରଥି ରଣା, ଅର୍ଜୁନ ରଣା, ଶେଷଦେବ ରଣା ପ୍ରମୁଖ ସହଯୋଗ କରିଥିଲେ ।

### ବଗେଇବିରାରେ ନାମଯଜ୍ଞ

**ବରଗଡ଼ ଅଫିସ୍,୧୨।୬:** ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରାଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲିଆପାଲି, ହିର୍ଲିପାଲି, ବିଶିପଡ଼ା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଜପ କରିଥିଲେ । ଗ୍ରାମର ରଣଜିତ ତାଣ୍ଡି ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଯାପନୀ ଦିବସରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ଆଚାର୍ଯ୍ୟଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗ୍ରାମର ରାଜୀବ କ୍ଲବର ସମସ୍ତ ସଦସ୍ୟଙ୍କ ସମେତ ଶଙ୍କର ନାଗ, ନିଗମାନନ୍ଦ ବିଭାର, ତପନ ଦରଦମେଘ, ରୋହିତ ଦୀପ, ଗୋପାଳ ଦୀପ, ସୁରେଶ କୁଅଁର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

### ୧୦ ହଜାର ପଦ୍ମ ପୁଷ୍ପାଭିଷେକ

**ମନମୁଣ୍ଡା, ୧୨।୬ (ଡି.ଏନ.ଏ)** ବୌଦ୍ଧ ଜିଲା ବିଳାସପୁରର ଶ୍ରୀ ସୋମନାଥ ବାବାଙ୍କଠାରେ ମଙ୍ଗଳବାର ୧୦ ହଜାର ପଦ୍ମ ପୁଷ୍ପ ଅଭିଷେକ କରାଯାଇଛି । ଧୁଣ୍ଡିଗୋରାର ଶିକ୍ଷକ ନୀଳାମ୍ବର ଖମାରୀ ଏବଂ ତାଙ୍କ ସ୍ତ୍ରୀ ସୁଷମା ମଞ୍ଜରୀ ଖମାରୀ କର୍ତ୍ତା ଥିଲେ । ସକାଳେ ସ୍ଥାନୀୟ ପଦ୍ମ ପୋଖରୀରୁ ତାଲପଡାର ମହିଳା କଳସ ଶୋଭଯାତ୍ରା ହୋଇଥିଲା । ବ୍ରାହ୍ମଣ କରୁଣାକର ପାଣିଗ୍ରାହୀ, ଲାଲବାହାଦୂର ମିଶ୍ର, କୁନୁ ହୋତାଙ୍କ ମନ୍ତ୍ର ଉଚ୍ଚାରଣକ୍ରମେ ବିଭିନ୍ନ ପୋଖରୀରୁ ସଂଗୃହୀତ ୧୦ ହଜାର ପଦ୍ମପୁଷ୍ପ ଅଭିଷେକ କରାଯାଇଥିଲା। ସୁଦାମ ଚରଣ ଖମାରୀ, ସରୋଜ କୁମାର ସାହୁ, ସନ୍ତୋଷ ସାହୁ, ପରାଧିନ ନାଏକ, ବିହାରୀ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ■ କାମରେ ଆସୁନି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# ୧୯ ଲକ୍ଷ ମାଟିରେ ମିଶିଲା

**ମନମୁଣ୍ଡା, ୧୨।୬ (ଡି.ଏନ.ଏ)**

ବୌଦ୍ଧ ଜିଲା କଙ୍କାଳି ପାହାଡ ତଥା ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ରତାଖଣ୍ଡି, କଲରାଝୁଲି, ହାତୀପାଲି ଅଞ୍ଚଳରେ ଜଳସେଚନ ସୁବିଧା ନାହିଁ । ଏହି ଅଞ୍ଚଳ ବାରମ୍ବାର ମରୁଡିର ସମ୍ମୁଖୀନ ହେଉଥିବାରୁ ଉକ୍ତ ପାହାଡର ଉତ୍ତର ଦିଗ କଲରାଝୁଲି ମୌଜାରେ ଜଳସମ୍ପଦ ବିଭାଗ ତରଫରୁ ୨୦୧୪-୧୫ରେ ୧୯ ଲକ୍ଷ ୯୫୧ ଟଙ୍କା ବ୍ୟୟ ଅଟକଳରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇଥିଲା। ବିଭାଗ ତରଫରୁ ଉକ୍ତ ସ୍ଥାନରେ ମରାମତି, ମୃତ୍ତିକା ଖନନ ଓ ପୁନରୁଦ୍ଧାର କରାଯାଇଥିଲା । ଉଦ୍ଦେଶ୍ୟ ଥିଲା ଏହା ପାଖରେ ଥିବା ପ୍ରାୟ ୫୦ ଏକର ଜମିକୁ ଋତୁ ସମୟରେ ଜଳସେଚନର ବ୍ୟବସ୍ଥା କରାଯିବା । କିନ୍ତୁ ତାହା ସଫଳ ହୋଇପାରି ନାହିଁ । ଚାଷୀ ଲଳିତ କହଁର, ରାମ ବାଘ, ଘନଶ୍ୟାମ ମଲିକଙ୍କ ପ୍ରାୟ ୫ ଏକର ଜମିକୁ ଦରକାର ବେଳେ ଜଳସେଚନ ହୋଇପାରୁଥିବା ବେଳେ ଅନ୍ୟମାନେ ସେଥିରୁ ବଞ୍ଚିତ ହୋଇ ଆସୁଛନ୍ତି । ପ୍ରକଳ୍ପ ଯେତେ ଗଭୀର ଖନନ ହେବା କଥା ହୋଇ ନ ଥିବା ଜାଣିବାକୁ ମିଳିଛି। ବର୍ଷା ପାଣି ଦ୍ୱାରା କେବଳ ସେଠାରେ ଜଳ ଗଚ୍ଛିତ ହେଉଛି । ପାହାଡର ପାଦଦେଶରେ ପ୍ରକଳ୍ପ ରହିଛି । ପାହାଡର ବର୍ଷା ପାଣିକୁ ପ୍ରକଳ୍ପ ମଧ୍ୟକୁ ଆଣିବାର ସୁବିଧା ଥିଲେ ମଧ ତାହା କରାଯାଇ ନ ଥିବାରୁ ପାଣି ସବୁ ତେଲନଦୀକୁ ଅଯଥା ବୋହି ଯାଉଛି। ପାହାଡର ଦକ୍ଷିଣ ପାର୍ଶ୍ୱକୁ ଉକ୍ତ ପ୍ରକଳ୍ପ କରାଯାଇଥିଲେ ତହିଁରେ ପ୍ରଚୁର ଜଳ ଗଚ୍ଛିତ ରହିପାରିଥାନ୍ତା ଓ ୫୦ ଏକର ଜମିକୁ ସହଜରେ ଜଳସେଚନ ହୋଇ ପାରିଥାନ୍ତା ବୋଲି ସ୍ଥାନୀୟ ଚାଷୀ ନିରଞ୍ଜନ କର୍ଣ୍ଣ କହିଛନ୍ତି । କିନ୍ତୁ ଜଳ ସମ୍ପଦ ବିଭାଗ ଜଳସେଚନ ବ୍ୟବସ୍ଥା ନାଁରେ ପ୍ରକଳ୍ପ କରି ଅଯଥା ୧୯ ଲକ୍ଷ ଟଙ୍କା ବରବାଦ କଲେ ଯାହା କାମକୁ ଆସୁନାହିଁ ବୋଲି ସ୍ଥାନୀୟ ଚାଷୀ ମହଲ ପ୍ରକାଶ କରିଛନ୍ତି। ଏତେଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଉକ୍ତ ପ୍ରକଳ୍ପ ବର୍ଷା ଦିନ ବ୍ୟତୀତ ଅନ୍ୟ ସମୟରେ ଶୁଷ୍କ ରହୁଛି। ଏହାର ପାଣି ଚାଷ ଛଡା ଅନ୍ୟ କାମରେ ଲାଗି ପାରୁନାହିଁ। ଖରାରେ ଜଙ୍ଗଲର ଜୀବଜନ୍ତୁ ପିଇବା ପାଇଁ ପାଣି ବୁନ୍ଦାଏ ପାଉନାହାନ୍ତି। ଉକ୍ତ ପ୍ରକଳ୍ପରେ ଆହୁରି ମାଟି କାମ କଲେ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି । ଏ ନେଇ ଆସିଷ୍ଟାଣ୍ଟ ଇଂ. ଦୁର୍ଯ୍ୟୋଧନ ବେହେରାଙ୍କୁ ପଚାରିବାରୁ ଚାଷୀମାନେ ଲେଖିକରି ଜଣାଇଲେ ଆମେ ବିଭାଗକୁ ଜଣାଇ ଆବଶ୍ୟକପଦକ୍ଷେପ ନେବୁବୋଲିକହିଥିଲେ ।



କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପାଣି ନାହିଁ ।

## ଶହୀଦ ଯୁବକ ସଂଘର ନାଟକ ଉତ୍ସବ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ସହର ଉପକଣ୍ଠ ନାଗେନପାଲି ଶହୀଦ ଯୁବକ ସଂଘର ୪୪ତମ ବାର୍ଷିକ ନାଟକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଫିଲ୍ମ ପ୍ରଯୋଜକ ତଥା ନାଟ୍ୟକାର ପ୍ରଦୀପ ଭୋଳଙ୍କ ରଚିତ ତଥା ସୁଶୀଲ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ ଚିନି ଏବଂ ପ୍ରଦୀପ ପଣ୍ଡାଙ୍କ ରଚିତ ଓ ସୁନୀଲ ଖମାରୀଙ୍କ ନିର୍ଦ୍ଦେଶିତ ନାଟକ ହରିଭକ୍ତ ଗୟାସୁର ମଞ୍ଚସ୍ଥ ହୋଇଥିଲା । ବରଗଡ଼ ଲୋକସଭା ଏମପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରତିବର୍ଷ ଭଳି ଗ୍ରାମର ୩ଜଣ ପୁରୁଖା କଳାକାର ଲିଙ୍ଗରାଜ ଖମାରୀ, ଈଶ୍ୱର ନାଏକ ଏବଂ ମୀନ ଭଏନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ନାଟ୍ୟଗୁରୁ ହରିହର ମିଶ୍ର ଏବଂ ନାଟ୍ୟକାର ପ୍ରଦୀପ ପଣ୍ଡାଙ୍କ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂଘ ସଭାପତି ଶୁଭେନ୍ଦୁ ସାହୁ ସଭା ପରିଚାଳନା କରିଥିଲେ । ସମ୍ପାଦକ ଗୋବର୍ଦ୍ଧନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନାଟକରେ ସୁଶାନ୍ତ ବିଶ୍ୱାଳ, ସୁନୀଲ ଖମାରୀ, କିଶୋର ଭୋଇ, ରବି ଖମାରୀ, ଶିଶିର ଖମାରୀ, ସୁଶୀଲ ପ୍ରଧାନ, ବିଜୟ ପାତ୍ର, ସୁଢ଼ଳ ସାହୁ, ମୋହନ ପାତ୍ର, ନିର୍ମଳ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ଜୟନ୍ତ ସାହୁ ପ୍ରମୁଖ ଅଭିନୟ କରିଥିଲେ। ସେହିପରି ଶିଶୁ କଳାକାର ସୋହମ ବିଶ୍ୱାଳ, କିଷନ ପ୍ରଧାନ, ତୁଷାର ପାତ୍ର, ଲାବଣ୍ୟ ପାତ୍ର ଏବଂ କନକ ଉନସନାଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇଥିଲା ।



ନାଟକ ଉତ୍ସବରେ କଳାକାରମାନେ ଅଭିନୟ କରୁଛନ୍ତି ।

## ଇସ୍ରୋ ପରିଦର୍ଶନ ସାରି ଫେରିଲେ ନୈବ୍ୟା

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ସ୍ଥିତ ଶ୍ରୀ ଅରବିନ୍ଦ ସ୍କୁଲର ଛାତ୍ରୀ ନୈବ୍ୟା ନବେଲୀ ଆଚାର୍ଯ୍ୟ ଇତିମଧ୍ୟରେ ଅହମ୍ମଦାବାଦସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପରିଦର୍ଶନ କରି ଫେରି ଆସିଛନ୍ତି। ରାଜ୍ୟର ବଛା ହୋଇଥିବା ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ନବ୍ୟା ଗତ ୩ତାରିଖରେ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଦେଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ସାତଦିନ ଇସ୍ରୋ ପରିଦର୍ଶନ କରିବା ସହିତ ଦେଶର ବିଶିଷ୍ଟ ବୈଜ୍ଞାନିକମାନଙ୍କଠାରୁ ତତ୍‌ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ଏକ ନୂତନ ଅନୁଭୂତି ବୋଲି ନବ୍ୟା କହିଛନ୍ତି । ଇସ୍ରୋର ବୈଜ୍ଞାନିକ ପରୀକ୍ଷାଗାର ପରିଦର୍ଶନ ତଥା ରକେଟ୍ ଓ ସାଟେଲାଇଟ୍ ତିଆରି ପାଇଁ ଉଦ୍ଦିଷ୍ଟ ବୈଜ୍ଞାନିକ ଯନ୍ତ୍ରପାତି, ନିର୍ମାଣାଗାର ପରିଦର୍ଶନ ସହିତ ସେ ସମ୍ପର୍କରେ ଜ୍ଞାନ ଆହରଣ, ସାଟେଲାଇଟ୍‌ରୁ ପ୍ରେରିତ ତଥ୍ୟକୁ ଗ୍ରହଣ କରି ପ୍ରୟୋଗଶାଳା ପଠାଇବା ମାଧ୍ୟମ(ଆଣ୍ଟିନା)ର ଭୂମିକା ସହିତ କର୍ତ୍ତବ୍ୟନିଷ୍ଠ ବୈଜ୍ଞାନିକମାନଙ୍କ ସହିତ ପରିଚିତ କରିଥିଲେ । ଭାରତର ମହାକାଶ ଅଭିଯାନ ଓ ତତ୍‌ସମ୍ପର୍କିତ ଗବେଷଣା ସହିତ ଏଭଳି ପରିଦର୍ଶନର ସୁଯୋଗ ପାଇବା ଦ୍ୱାରା ଭବିଷ୍ୟତରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନରେ ସହାୟକ ହେବ ବୋଲି ନୈବ୍ୟା କହିଥିଲେ। ନୈବ୍ୟା ଚଳିତବର୍ଷ ମାଟ୍ରିକ ପରୀକ୍ଷାଫଳରେ ବରଗଡ଼ ଜିଲା ଟପ୍ପର ହୋଇଥିବାବେଳେ ସର୍ବାଧିକ ମାର୍କରେ ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି ।



ଇସ୍ରୋରେ ବରଗଡ଼ର ନୈବ୍ୟା ନବେଲୀ ଆଚାର୍ଯ୍ୟ।

## ମଣ୍ଡିରେ ପଡିଛି ଧାନ, ମିଲର୍ସଙ୍କ ଦେଖାନାହିଁ

**ମନମୁଣ୍ଡା, ୧୨।୬ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶିମିଳିପଦର ସେବା ସମବାୟ ସମିତିର ଚାଷୀମାନେ ଧାନ ବିକ୍ରି କରି ନ ପାରି ନାନାଦି ଅସୁବିଧା ଭୋଗୁଛନ୍ତି । ୨୩ ଜଣ ଚାଷୀ ମଣ୍ଡିରେ ଧାନ ଗଦାଇ ରଖିଥିବା ବେଳେ ମିଲର୍ସ ଆସୁ ନାହାନ୍ତି। ଫଳରେ ଚାଷୀମାନେ ଦିନ ରାତି ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ରାଜପଥରୁ ଶିମିଳିପଦରକୁ ଯାଇଥିବା ମୁଖ୍ୟରାସ୍ତାର ସିନ୍ଦୁରପୁର ଗ୍ରାମ ନିକଟରେ ରାସ୍ତା ସଙ୍କୀର୍ଣ୍ଣ । ସେଠାରେ ବିଦ୍ୟୁତ ତାର ତଳକୁ ଝୁଲି ଅତି ପାଖରେ ଯାଇଥିବାରୁ ଭାରିଯାନ ଯିବାରେ ଅସୁବିଧା ଦର୍ଶାଇ ମିଲର୍ସମାନେ ମଣ୍ଡିକୁ ଗାଡି ନେଉ ନ ଥିବା ଜାଣିବାକୁ ମିଳିଛି । ବିଦ୍ୟୁତ ବିଭାଗକୁ ଏ ନେଇ ଅଭିଯୋଗ କଲା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା କୃପାସିନ୍ଧୁ ସୁନା ଜଣାଇଛନ୍ତି । ଏହାର ସମାଧାନ ନିମନ୍ତେ ଆଲୋଚନା କରିବା ପାଇଁ ପ୍ୟାକ୍ସ ସଭାପତି ପ୍ରଫୁଲ୍ଲ ପ୍ରଧାନ ଏବଂ ସମ୍ପାଦକ ଅମରୀଶ ବାଘ ବୁଧବାର ଏକ ସଭା ଡାକିଥିଲେ । ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଚାଷୀ ସଭ୍ୟ ଥିବା ବେଳେ ମାତ୍ର ୩୦ରୁ ୩୨ ଜଣ ସଭାରେ ଉପସ୍ଥିତ ଥିଲେ। କୋରମ ଅଭାବରୁ ସଭାପତି ସଭାକୁ ବାତିଲ କରିଦେଇଥିଲେ। ତେବେ ମଣ୍ଡିର ଏହି ଅଚଳାବସ୍ଥାକୁ ଦୂର କରିବା ତଥା ଚାଷୀମାନେ ସହଜରେ ଧାନ ବିକ୍ରି କରିବା ନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ବିନାୟକ କ୍ଷେତି ଦାବି ଜଣାଇଛନ୍ତି । ମିଲର୍ସମାନଙ୍କ ଅସହଯୋଗ ଫଳରେ ବର୍ତ୍ତମାନ ପ୍ରାୟ ୧୨୦୦ ବସ୍ତା ଧାନ ମଣ୍ଡିରେ ପଡି ରହିଥିବା ବେଳେ ଚାଷୀମାନେ ତାହାକୁ ଜଗି ରହିଥିବା ସଭାପତି ପ୍ରଧାନ ଜଣାଇଛନ୍ତି । ଏହି ଅଚଳାବସ୍ଥା ଯୋଗୁ ବର୍ତ୍ତମାନ ମଣ୍ଡିକୁ ଧାନ ନ ଆଣିବାକୁ ଅନ୍ୟ ଚାଷୀମାନଙ୍କୁ ଅନୁରୋଧ କରାଯାଇଥିବା ସେ ପ୍ରକାଶ କରିଛନ୍ତି ।



ଚାଷୀ ସମସ୍ୟା ସମାଧାନ ପାଇଁ ବୈଠକ ବସିଛି ।

**କୋରମ ଅଭାବରୁ ପ୍ୟାକ୍ସ ସଭା ବାତିଲ**

## ଭୁଆଁ ବୁଲାଉଛି ବୀମା କମ୍ପାନୀ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ଜିଲାରେ ୨୦୧୭ ଖରିଫରେ ଫସଲକ୍ଷତିର ସମ୍ମୁଖୀନ ହୋଇଥିବା ସମସ୍ତ ଚାଷୀଙ୍କୁ ନ୍ୟାଶନାଲ ଇନ୍ସ୍ୟୁରାନ୍ସ କମ୍ପାନୀ(ଏନଆଇସି) ବୀମା କ୍ଷତିପୂରଣ ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି। ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଏଭଳି ଅଭିଯୋଗ କରି ବୁଧବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି । ଫସଲବୀମା କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉକ୍ତ ବୀମା କମ୍ପାନୀ ସମସ୍ତ ସୀମା ଉଲ୍ଲଂଘନ କରି ଚାଲିଛି। ଚାଷୀମାନେ ଯେଭଳି ବୀମା କ୍ଷତିପୂରଣ ପାଇପାରିବେ, ସେ ନେଇ ଠୋସ୍ ପଦକ୍ଷେପ ନେବା ପାଇଁ ଆସନ୍ତା ୧୦ଦିନ ମଧ୍ୟରେ ବୀମା କମ୍ପାନୀ, ବ୍ୟାଙ୍କ, ପ୍ରଶାସନ ଓ ଚାଷୀଙ୍କୁ ନେଇ ଏକ ବୈଠକ କରାଯିବାକୁ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ଜିଲାପାଳଙ୍କୁ ନିବେଦନ କରିଛି । ଏହା ନ ହେଲେ ସମିତିର ନେତୃତ୍ୱରେ ଚାଷୀମାନେ ବୀମା କମ୍ପାନୀର ଭୁବନେଶ୍ୱର ଅଫିସକୁ ଅଚଳ କରିଦେବା ପାଇଁ ବାଧ୍ୟ ହେବେ ବୋଲି ସମିତି ସମ୍ପାଦକ କିଶୋର ଦେବତା, ମୁକେଶ ମୁରାରୀ କେଡ଼ିଆ, ଯଶୋବନ୍ତ ସାହୁ ପ୍ରମୁଖ ସ୍ମାରକପତ୍ର ମାଧମରେ ଚେତାବନୀ ଦେଇଛନ୍ତି ।

## ଜିଲା ପୋଲିସ ସ୍ତରରେ ଅଦଳବଦଳ

**ବୌଦ୍ଧ,୧୨।୬(ସ୍ୱ.ପ୍ର)**

ବୌଦ୍ଧ ଜିଲା ପୋଲିସ ସ୍ତରରେ ଏକ ଛୋଟଧରଣର ଅଦଳବଦଳ ହୋଇଛି। ମିଳିଥିବା ସୂଚନା ମୁତାବକ, ଦୁଇଜଣ ସବ ଇନିସପେକ୍ଟର, ୭ଜଣ ଏଏସଆଇ, ଦୁଇଜଣ ହାବିଲଦାର ଓ ଜଣେ କନଷ୍ଟେବଲଙ୍କୁ ବଦଳି କରାଯାଇଥିବା ଜଣାପଡିଛି। ଘଣ୍ଟାପଡା ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର କିଶାନଙ୍କୁ ହରଭଙ୍ଗା ଥାନାକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ପୁରୁଣାକଟକ ଥାନା ଏସ୍‌ଆଇ ବଳଭଦ୍ର ଗଣ୍ଡାଳଙ୍କୁ ବଦଳି କରାଯାଇଛି। ସେହିପରି ଏଏସଆଇ ମଧୁସୁଦନ କହଁରଙ୍କୁ ପୁରୁଣାକଟକ ଥାନାରୁ କଣ୍ଟାମାଳ, ଏଏସଆଇ ରୋହିତ କୁମାର ପ୍ରଧାନଙ୍କୁ ଜହ୍ନାପଙ୍କ ଫାଣ୍ଡିରୁ କଣ୍ଟାମାଳ, ଏଏସଆଇ କିଶୋର କୁମାର ମହାକୁଡଙ୍କୁ ଶଗଡା ଫାଣ୍ଡିରୁ ବୌଦ୍ଧ ମଡେଲ ଥାନା, ଏଏସଆଇ ଉପେନ୍ଦ୍ର ଦିଗାଲଙ୍କୁ ହରଭଙ୍ଗା ଥାନାରୁ ପୁରୁଣାକଟକ ଥାନା, ଏଏସଆଇ ଚାପଧାରୀ ପ୍ରଧାନଙ୍କୁ କଣ୍ଟାମାଳ ଥାନାରୁ ବୌଦ୍ଧ ମଡେଲ ଥାନା, ଏଏସଆଇ ସୁଶୀଲ କୁମାର ପଟ୍ଟନାୟକଙ୍କୁ କଣ୍ଟାମାଳ ଥାନାରୁ ପୁରୁଣାକଟକ ଥାନା ଓ ଏଏସଆଇ ଦ୍ୱାରିକାନାଥ ସେଠୀଙ୍କୁ ବଘିଆପଡା ଫାଣ୍ଡିରୁ ପୁରୁଣାକଟକ ଥାନାକୁ ବଦଳି କରାଯାଇଛି । ଏହାସହିତ ହାବିଲଦାର ଏମ. ବେହେରାଙ୍କୁ ପୁରୁଣାକଟକ ଥାନାରୁ ବୌଦ୍ଧ ମଡେଲ ଥାନା, ହାବିଲଦାର ଏସ. କହଁରଙ୍କୁ ବୌଦ୍ଧ ମଡେଲ ଥାନାରୁ ପୁରୁଣାକଟକ ଥାନା ଓ କନଷ୍ଟେବଲ ଆର. ମଲ୍ଲିକଙ୍କୁ ହରଭଙ୍ଗା ଥାନାରୁ ବାଉଁଶୁଣୀ ଥାନାକୁ ବଦଳି କରାଯାଇଛି ।

## କ୍ରିକେଟ: ଭେଉଁରିଆ ଚାମ୍ପିୟନ

**ଗାଇସିଲେଟ୍,୧୨।୬(ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ୟଙ୍ଗ ଷ୍ଟାର କ୍ରିକେଟ୍ ଟିମ୍ ଆନୁକୂଲ୍ୟରେ ଚାଲିଥିବା ଦିବାରାତ୍ର ସମୀର ଦାଶ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବାବେବାହାଲ ଓ ଭେଉଁରିଆ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଭେଉଁରିଆ ଦଳ ଚାମ୍ପିୟନ ଘୋଷିତ ହୋଇଥିଲା । ଚାମ୍ପିୟନ ଦଳକୁ ଟ୍ରଫି ସହିତ ୧୨ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ୮ହଜାର ଟଙ୍କାରେ ପୁରସ୍କୃତ କରାଯାଇଥିଲା। ନୀଳମଣି ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବିଜେଡ଼ିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଲାଲବିକ୍ରମ ସିଂ ମୁଖ୍ୟଅତିଥି, କୀର୍ତ୍ତନ ଦାଶ, ଚୈତନ୍ୟ ସାହୁ, ଭଗବାନ ପୁଟେଲ, ଦିବ୍ୟକିଶୋର ସିଂ, ପ୍ରମୋଦ ଦେବତା, ସଞ୍ଜୀବ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପ୍ରସ୍ତୁତି

**ବୌଦ୍ଧ,୧୨।୬(ସ୍ୱ.ପ୍ର)**

ମୌସୁମୀ କେରଳ ଛୁଇଁ ଥିବା ବେଳେ ଏହା ଓଡ଼ିଶାକୁ ଖୁବ ଶୀଘ୍ର ପ୍ରବେଶ କରିବ। ମୌସୁମୀ ପୂର୍ବରୁ ଜିଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଓ ମକ୍ ଡ୍ରିଲ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସେଠୀ ବନ୍ୟା ପ୍ରସ୍ତୁତି ପାଇଁ ଜିଲାରେ ରହିଥିବା ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କରିବା ସହିତ ଉପସ୍ଥିତ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ଆଗୁଆ ପ୍ରସ୍ତୁତି ନେଇ ସତର୍କ କରାଇଥିଲେ। ବନ୍ୟାରେ ବିଶେଷ ଭାବେ କଣ୍ଟାମାଳ ଓ ହରଭଙ୍ଗା ବ୍ଲକର ଅନେକ ଗ୍ରାମ ପ୍ରତିବର୍ଷ କ୍ଷତିଗ୍ରସ୍ତ ହେଉଛି। ସେହି ଅଞ୍ଚଳ ଗୁଡିକରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲାରେ ଥିବା ବନ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖାଯିବା ସହିତ ସେଠାରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଆବଶ୍ୟକତାକୁ ନେଇ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ (ଛାତଘର) ଗୁଡିକୁ ମଧ୍ୟ ବନ୍ୟା ଆଶୟସ୍ଥଳୀ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ସାପ କାମୁଡା ଭଳି ଇଞ୍ଜେକ୍ସନ ଓ ଜରୁରୀ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ଭାବିତ ବନ୍ୟାର ମୁକାବିଲା ପାଇଁ ବ୍ଲକ ଓ ଜିଲାସ୍ତରରେ ସଚେତନତା ସଭା କରି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସେଥିରେ ସାମିଲ କରିବା ପାଇଁ କୁହାଯାଇଥିଲା। ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ଓ ଓଡ୍ରାଫ ଦଳ ଦ୍ୱାରା ମକ୍ ଡ୍ରିଲ ମାଧ୍ୟମରେ କୌଶଳ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ଆସନ୍ତା ୧୯ ତାରିଖରେ କରାଯିବ। ବୈଠକରେ ତିନି ବ୍ଲକର ବିଡିଓ, ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ, ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଆଇଆରବି ୫ମ ବାଟାଲିୟନର ଅଧିକାରୀ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସମ୍ଭାବ୍ୟ ବନ୍ୟା ପରିସ୍ଥିତି ନେଇ ପ୍ରଶାସନିକ ପ୍ରସ୍ତୁତି ବୈଠକ ଚାଲିଛି ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ବିନିକାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

**ବିନିକା, ୧୨।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ତାପମାତ୍ରା ୪୪ଡିଗ୍ରୀରୁ କମିବାର ନାଁ ଧରୁନି। ପୂର୍ବାହ୍ନ ୧୦ଟା ହେଲେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଗ୍ରୀଷ୍ମରେ ଲୋକେ ଆଉଟପାଉଟ ହେଉଥିବା ବେଳେ ଜଳାଭାବ ସଙ୍ଗୀନ ପରିସ୍ଥିତି ସୃଷ୍ଟି କରୁଛି। ଏହି ପରିସ୍ଥିତିରେ ଅଘୋଷିତ ବିଦ୍ୟୁତ୍ କାଟ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏହି ପରିସ୍ଥିତିରେ ଲୋକେ ମୌସୁମୀ ବର୍ଷାକୁ ଅପେକ୍ଷା କରି ରହିଛନ୍ତି।

**ଧରିତ୍ରୀ ପ୍ରଭାବ**

### ଅଚଳ ସ୍ୱଜଳଧାରା ପ୍ରକଳ୍ପ କାମ ଆରମ୍ଭ ହେଲା

**ବିନିକା, ୧୨।୬(ଡି.ଏନ୍.ଏ.):** ବିନିକା ବ୍ଲକ ବାବୁପାଲି ପଞ୍ଚାୟତରେ ୧୨ବର୍ଷ ତଳେ ୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍ୱଜଳ ଧାରା ପ୍ରକଳ୍ପ ଅଚଳ ହୋଇ ପଡଛି। ଏହାର ପୁନରୁଦ୍ଧାର ପାଇଁ କୌଣସି ବ୍ୟବସ୍ଥା ବିଭାଗ ପକ୍ଷରୁ କରାଗଲାନାହିଁ। ଏ ନେଇ ଗତ ତା୨୪।୪।୧୯ରିଖରେ ଧରିତ୍ରୀରେ 'କାମେ ନାଇଁ ଆଏବାର୍ ସ୍ୱଜଳଧାରା ପ୍ରକଳ୍ପ,ପାଏନ୍ ଲାଗି ଗୁଲ୍‌ଗୁଲା'ଶୀର୍ଷକରେ ଏକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ବିନିକା ଗ୍ରାମ୍ୟ ଜଳଯୋଗାଣ ବିଭାଗ ତତ୍ପର ହୋଇଥିଲା। ପ୍ରଥମେ ସ୍ୱଜଳ ଧାରାକୁ କାର୍ଯ୍ୟକ୍ଷମ କରିବା ପାଇଁ ୩୦କେଭିର ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା କାମ ଆରମ୍ଭ ହୋଇଛି। ଜଳ ଯୋଗାଣ ପାଇଁ ପାଇପ୍ ବିଛାଯାଇଛି। ଯଥାଶୀଘ୍ର ଦେଣ୍ଢୁପଦର ଗ୍ରାମରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗଜେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

### ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି

**ଉଲୁଣ୍ଡା, ୧୨।୬ (ଡି.ଏନ.ଏ.):** ଉଲୁଣ୍ଡା ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୁଧବାର ବିଶ୍ୱ ଯୋଗ ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୨୧ ତାରିଖ ଦିନ ହେବାକୁ ଥିବା ବିଶ୍ୱ ଯୋଗଦିବସ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପତଞ୍ଜଳି ରାଜ୍ୟ ସଦସ୍ୟ ମନୋଜ ପଣ୍ଡା, ଭାରତ ସ୍ୱାଭିମାନ ତହସିଲ ପ୍ରଭାରୀ ଦୁର୍ଗାଚରଣ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖରୁ ଉଲୁଣ୍ଡା ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଆରମ୍ଭ କରାଯାଇ ୨୧ ତାରିଖ ତଥା ବିଶ୍ୱ ଯୋଗଦିବସ ଦିନ ଉଦ୍‌ଯାପନୀ କରାଯିବାକୁ ସ୍ଥିର ହୋଇଛି। ତେବେ ସୁବର୍ଣ୍ଣପୁର ପତଳି ଯୁବଭାରତ ଏବଂ ଉଲୁଣ୍ଡା ପତଞ୍ଜଳି ପରିବାରର ମିଳିତ ଉଦ୍ୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବ ସଙ୍ଗଠନ ସମେତ ସାଧାରଣ ଲୋକ ମଧ ଭାଗ ନେଇପାରିବେ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଟଙ୍କଧର ହରିପାଲ, ହୃଷିକେଶ ଦେହୁରୀ, ନାରାୟଣ ଦେହୁରୀ, ଉମାକାନ୍ତ ପଧାନ, କୃଷ୍ଣଚନ୍ଦ୍ର ଦଳାଇଙ୍କ ସମେତ ବହୁ ଯୋଗପ୍ରେମୀ ଉପସ୍ଥିତ ଥିଲେ। ଜନାର୍ଦ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ପଙ୍କୋଦ୍ଧାର ପାଇଁ ଯୋଗୀକଟା ପାଣି କଟାଯାଇଥିଲା

# ସୂଚନା ଫଳକରେ ସୀମିତ ପୁନରୁଦ୍ଧାର

**ଡୁଙ୍ଗୁରିପାଲି, ୧୨।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମ ପଞ୍ଚାୟତର ସଦରଗାଁ ସୁନାପାଲିରେ ଥିବା ଯୋଗୀକଟା (ଜଳାଶୟ)ର ପଙ୍କୋଦ୍ଧାର ଓ ଅନ୍ୟାନ୍ୟ କାମ ପାଇଁ ପାଣିକୁ କଟାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଏଥିପାଇଁ ୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ମାସକରୁ ଊର୍ଦ୍ଧ୍ୱ ସମୟ ହେବ ବନ୍ଧ ହୁଡାରେ ସୂଚନା ଫଳକ ବି ଲଗାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ହାତରେ କାମ କରିବାର କାର୍ଯ୍ୟାଦେଶ ରହିଛି। ହେଲେ ଅଦ୍ୟାବଧି କୌଣସି କାମ ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁନ ୧୫ ପରେ ସାଧାରଣତଃ ମାଟିକାମ ବନ୍ଦ କରିବାକୁ ନିର୍ଦ୍ଦେଶ ଥିବାରୁ ଚଳିତ ଋତୁରେ ପ୍ରକଳ୍ପର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ସବୁ ଅଭିଯୋଗ ନେଇ ଗ୍ରାମବାସୀ ମଙ୍ଗଳବାର ଡୁଙ୍ଗୁରିପାଲି ବିଡିଓଙ୍କୁ ଭେଟି ଏ ନେଇ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରକଳ୍ପ କାମ ଢେର ବିଳମ୍ବରେ ଆରମ୍ଭ କରାଗଲା। ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହୋଇଥିଲେ ଲୋକେ ଅଗାମୀ ବର୍ଷମାନଙ୍କରେ ଜଳାଭାବରୁ ସୁବିଧା ପାଇ ପାରିଥାନ୍ତେ। ହେଲେ କାମ ତ ହେଲାନି ବରଂ ଏହି ନିଦାଘ ଗ୍ରୀଷ୍ମରେ ଦୁଇୱାର୍ଡ ବିଶିଷ୍ଟ ସୁନାପାଲି ଗାଁର ଲୋକେ ପାଣି ପାଇଁ ଛଟପଟ ହେଲେ। କେନାଲ ପାଣି ବନ୍ଦ ହୋଇଯାଇଥିବା ବେଳେ ଗାଁରେ ଥିବା କେତେକ ନଳକୂପରୁ ଆବଶ୍ୟକ ପାଣି ବାହାରୁନାହିଁ। ଯେଉଁ କେତୋଟିରୁ ପାଣି ବାହାରୁଛି ସେଥିରେ ଏତେବଡ ଗାଁର ଲୋକଙ୍କ ଜଳ ଆବଶ୍ୟକତା ପୂରଣ କରି ପାରୁନାହିଁ। ହେଲେ କଷ୍ଟେମଷ୍ଟେ ସେଥିରେ ଗ୍ରାମବାସୀ କାମ ଚଳାଉଛନ୍ତି। ଏପରିସ୍ଥଳେ କାମ ଏବେ ଆଗେଇବା ସମ୍ଭବ ନ ଥିବାରୁ ଅବିଳମ୍ବେ କଟା ଯାଇଥିବା ବନ୍ଧକୁ ତୁରନ୍ତ ମାଟି ପକାଇ ବନ୍ଦ କରିବାକୁ ବିଡିଓଙ୍କୁ ଜଣାଇଥିବା ଗାଁର ବୁଦ୍ଧଦେବ ପଧାନ, ହରିହର ସାହୁ, ରଞ୍ଜନ ସେଠ, ନୀଳକଣ୍ଠ ପଧାନ, ରାଜକୁମାର ପଧାନ, ପ୍ରକାଶ ବିଶି, ମୀନକେତନ ମେଶ୍ରୁଆ, ଦାମୋଦର କର୍ଣ୍ଣ ପ୍ରମୁଖ କହିଛନ୍ତି। ଏ ନେଇ ବିଡିଓ ସହଦେବ ସମାଧିଆଙ୍କୁ ଯୋଗାଯୋଗ କରିବାରୁ ମୌସୁମୀ ଦ୍ୱାରଦେଶରେ। ତେଣୁ ଏବେ କାମ ସମ୍ପୂର୍ଣ୍ଣ ହେବା ଆଶାକ୍ଷୀଣ। ତେଣୁ କଟାଯାଇଥିବା ବନ୍ଧକୁ ତୁରନ୍ତ ବନ୍ଦ କରାଯିବ ବୋଲି କହିଛନ୍ତି।



ପାଣି ପାଇଁ କଟା ଯାଇଥିବା ବନ୍ଧ।




କାମ ପାଇଁ ଲଗାଯାଇଥିବା ସୂଚନା ଫଳକ।

■ ପାଣି ପାଇଁ ଲୋକେ ହଟହଟା
■ ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

# ସମ୍ପୂର୍ଣ୍ଣାଙ୍କୁ ଗ୍ରହଣ କଲେ ବାଙ୍ଗାଲୋରର ଦମ୍ପତି

**ସୋନପୁର,୧୨।୬(ନି.ପ୍ର.)**

ସୁବର୍ଣ୍ଣପୁରର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ରହୁଥିବା ଶିଶୁ କନ୍ୟା(ସମ୍ପୂର୍ଣ୍ଣା)ଙ୍କୁ ବାଙ୍ଗାଲୋରରେ ରହୁଥିବା ଦମ୍ପତି ମଙ୍ଗଳବାର ଗ୍ରହଣ କରିଛନ୍ତି। ଏହି ଶିଶୁକୁ ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ସମ୍ପୃକ୍ତ ଆଇଟି ଇଞ୍ଜିନିୟର ଦମ୍ପତିଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଶିଶୁଟି ୧୦ଦିନର ହୋଇଥିବା ବେଳେ ତାର ମା' ଶିଶୁ ମଙ୍ଗଳ ସମିତିକୁ ଗତ ୨୦୧୮ ଡିସେମ୍ବର ମାସରେ ହସ୍ତାନ୍ତର କରିଥିଲେ। ଆଇନଗତ ପ୍ରକ୍ରିୟା ସରିବା ପରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଇନତଃ ଘୋଷଣା କରାଯାଇଥିଲା। ଏହି ହସ୍ତାନ୍ତର କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ନାୟକଙ୍କ ସମେତ ସଭ୍ୟ ମଧୁସୂଦନ ପଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ, କାଉନସେଲର ପ୍ରଶାନ୍ତ ମହାକୁଡ, ଥବିର କାଲସେ, ସାର ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ ଓ ସଂଯୋଜକ ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଶିଶୁ କନ୍ୟାକୁ ବାଙ୍ଗାଲୋରର ଦମ୍ପତି ଗ୍ରହଣ କରୁଛନ୍ତି ।

ଜିଲାସ୍ତରୀୟ ସମନ୍ୱୟ ବୈଠକ

# ୧୯ରେ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ




ବୈଠକରେ ଉପସ୍ଥିତ ଜିଲା ପରିଷଦ ଅଧ୍ୟକ୍ଷା, ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସ୍‌ପି ପ୍ରମୁଖ ।

**ସୋନପୁର,୧୨।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ବର୍ଷାଋତୁକୁ ଆଖି ଆଗରେ ରଖି ଜଲାସ୍ତରୀୟ ସମନ୍ୱୟ ବୈଠକ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟବ୍ରତ ବେହେରା, ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ସ୍ୱାଇଁ, ତେଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ଦିଲ୍ଲିପ କୁମାର ପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ତହସିଲଦାର ଅରବିନ୍ଦ ବେହେରା, ବୀରମହାରାଜପୁର ବିଡିଓ ସୂର୍ଯ୍ୟାଂଶୁ ରୁଟ୍, ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ତହସିଲଦାର ଅଲେଖ ଗୁଟା, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଜିଲା ଗ୍ରାମ୍ୟ ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ଓ ଏଫଏସଏମଏମସି ସଭ୍ୟ ଯୋଗ ଦେଇଥିଲେ। ଆସନ୍ନ ବାତ୍ୟାକୁ ନେଇ ୧୯ରେ ମକ୍‌ଡ୍ରିଲ କରିବା ପାଇଁ ସ୍ଥିର ହୋଇଥିଲା। ନଦୀକୂଳିଆ ଲୋକଙ୍କୁ ବାତ୍ୟା ସମୟରେ କିଭଳି ନିରାପଦରେ ରଖା ଯାଇପାରିବ ଓ ଉଦ୍ଧାର କାର୍ଯ୍ୟକୁ କିଭଳି ସୂଚାରୁ ରୂପେ ପରିଚାଳନା କରାଯିବ ସେ ସମ୍ପର୍କରେ ବିଶଦ ଚର୍ଚ୍ଚା ହୋଇଥିଲା। ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ସଫାସୁତୁରା ରଖିବା, ଡଙ୍ଗା ଓ ବୋଟ୍‌କୁ ଯଥା ସ୍ଥାନରେ ନିୟୋଜିତ କରିବା ସହିତ ଶୁଖିଲା ଖାଦ୍ୟ ମହଜୁଦ୍ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବାତ୍ୟା ଆଶ୍ରୟସ୍ଥଳୀର ପରିଚାଳନା ଦାୟିତ୍ୱ ନେଇଥିବା ସଭ୍ୟଙ୍କ ମତାମତ ଲୋଡାଯାଇଥିଲା। ସୋନପୁର ସର୍କିଟ୍ ହାଉସ ଓ ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ୧୯ ତାରିଖରେ ମକ୍‌ଡ୍ରିଲ କରାଯିବା ପାଇଁ ସ୍ଥିର ହୋଇଥିଲା। ସେହିପରି ଡୁଙ୍ଗୁରିପାଲି ବ୍ଲକର ଦିଗିଶିରା, ବିନିକା ସହରର ବାତ୍ୟା ଆଶ୍ରୟସ୍ଥଳୀ, ଉଲୁଣ୍ଡା ବ୍ଲକର ମୁଣ୍ଡୋଘାଟ ଓ ବୀରମହାରାଜପୁର ବ୍ଲକର ସୁବଳୟା ଆଶ୍ରୟସ୍ଥଳୀଠାରେ ମକ୍‌ଡ୍ରିଲ କରାଯିବ। ଏଥିରେ ଏନସିସି ଛାତ୍ରୀଛାତ୍ର, ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଶିଶୁ ଯତ୍ନ ଅନୁଷ୍ଠାନକୁ ସାମିଲ କରାଯିବ।

# ଶିଶୁ ଶ୍ରମିକ ଆଇନ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ

**ସୋନପୁର,୧୨।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସଭାଗୃହରେ ଆୟୋଜିତ ସଚେତନତା ସଭାରେ ଜଜ୍ ପରିବାର ଅଦାଲତ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଗରିବୀ ଓ ଅଶିକ୍ଷା କାରଣରୁ ଶିଶୁ ପାଠ ପଢିବା ସମୟରେ ବିପଦସଙ୍କୁଳ ଅବସ୍ଥାରେ ଶ୍ରମିକଭାବେ କାର୍ଯ୍ୟ କରୁଛି। ଏହା ବନ୍ଦ ହେବା ଆବଶ୍ୟକ। ଏଥିପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ସହ ସଚେତନତାମୂଳକ କାର୍ଯ୍ୟକ୍ରମ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ସିଭିଲ କୋର୍ଟର ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସିନିୟର ସିଭିଲ ଜଜ ଚିନ୍ମୟ ଗୋଛାୟତ, ସୋନପୁର ଜେଏମଏଫସି ଅଙ୍କିତା ଶର୍ମା, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଓ ସହକାରୀ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ପ୍ରମୁଖ ଶିଶୁ ଶ୍ରମିକ ଆଇନକୁ କଡାକଡି ପାଳନ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଓ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀ ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଗ, ସୁନିଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଅଙ୍ଗନୱାଡି ଗୃହ ନିର୍ମାଣ ଅଧାପନ୍ତରିଆ



**ବିନିକା,୧୨।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ ଅନ୍ତର୍ଗତ କୌଡିଆମୁଣ୍ଡା ତାମୁଲଟିକ୍ରା ପଡା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଦୀର୍ଘ ୫ବର୍ଷ ହେଲା ଏହି କେନ୍ଦ୍ରର ଗୃହ ନିର୍ମାଣ କାମ ଶେଷ ହୋଇପାରୁ ନାହିଁ । ସ୍ଥାୟୀ ଗୃହ ନଥିବାରୁ ଖରା, ବର୍ଷା, ଶୀତରେ କୁନିକୁନି ପିଲାମାନେ ପ୍ରାକ୍ ଶିକ୍ଷା ପାଇଁ ନିଜ ପଡାଠାରୁ ୧କି.ମି ଦୂର କୌଡିଆମୁଣ୍ଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ଶିକ୍ଷା ଗ୍ରହଣ ପାଇଁ ଯାଉଛନ୍ତି। ଅଙ୍ଗନୱାଡି କୋଠା ନିର୍ମାଣ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। କେନ୍ଦ୍ରର ସ୍ଥାୟୀ ଗୃହ ନଥିବାରୁ ପଡାବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ କୋଠା ନିର୍ମାଣ ପାଇଁ ଦାବି କରିଥିଲେ । ୨୦୧୫-୧୬ ଆର୍ଥିକ ବର୍ଷରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୃହ ନିର୍ମାଣ କାମ ଆରମ୍ଭ ହୋଇଥିଲା । ମାତ୍ର ଛାତ ପର୍ଯ୍ୟନ୍ତ କାମ ଯାଇ ଅଟକି ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣ କାମ ଶେଷ କରିବାକୁ ସାଧାରଣରେ ଦାବି ହେଉଛି ।

■ ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ମା'ବାପା

**ଉଲୁଣ୍ଡା, ୧୨।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ତେଲଣ୍ଡାରୁ ମାଟିଖାଇକୁ ସଂଯୋଗ କରୁଥିବା ରାସ୍ତାର ମଧଭାଗ ଧୁଲଧୁଲା ଗ୍ରାମ ନିକଟରେ ଗତ ମାସ ଏପ୍ରିଲ ୧୪ରେ ଏକ ସଡକ ଦୁର୍ଘଟଣାରେ ତେଲଣ୍ଡା ଗ୍ରାମର ପଞ୍ଚାନନ ମିଶ୍ର(୨୬)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଏବେ ଭିନ୍ନ ମୋଡ ନେଇଛି। ଏହା କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ନୁହେଁ ବରଂ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ମା' ଓ ବାପା ଉଲୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ ଘଟଣା ଦିନ ପଞ୍ଚାନନ ନିଜ ଗ୍ରାମର ୩ ଜଣ ସାଙ୍ଗଙ୍କ ସହ ୨ଟି ବାଇକରେ ଉଲୁଣ୍ଡା ବୁଲିବାକୁ ଆସିଥିଲେ। କାମସାରି ନିଜ ବାଇକ (ନଂ.ଓଡି-୩୧-ଡି-୮୭୬୪)ରେ ଜଣେ ବନ୍ଧୁଙ୍କ ସହ ଫେରୁଥିବା ବେଳେ କଥିତ ସ୍ଥାନରେ ଦୁର୍ଘଟଣା ଘଟି ପଞ୍ଚାନନଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା। ତାଙ୍କ ମୁହଁରେ ଆଘାତ ଲାଗିଥିବା ଦେଖାଯାଇଥିବା ବେଳେ ଶରୀରର ଅନ୍ୟ କୌଣସିଠାରେ କ୍ଷତ ଚିହ୍ନ ନ ଥିଲା। ଅପରପକ୍ଷରେ ଦୁର୍ଘଟଣାଗ୍ରସ୍ତ ବାଇକର କୌଣସି କ୍ଷତି ହୋଇ ନ ଥିବା ବେଳେ ସହ ଆରୋହୀ ବନ୍ଧୁଙ୍କର ମଧ ଆଘାତପ୍ରାପ୍ତ ହୋଇ ନ ଥିଲେ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ପଞ୍ଚାନନଙ୍କ ବନ୍ଧୁ ଫେରାର ହୋଇଯାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ତାଙ୍କ ମୁହଁକୁ ପଥର କିମ୍ବା କୌଣସି ଧାରୁଆ ଅସ୍ତ୍ରରେ ଛେଚି ପରେ ଦୁର୍ଘଟଣାର ରୂପ ଦିଆଯାଇଥିବା ନେଇ ମୃତକଙ୍କ ପିତା ଲକ୍ଷ୍ମଣ ମିଶ୍ର ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ମୌଖିକ ଭାବେ ଅଭିଯୋଗ ପାଇଛୁ। ମାମଲା ରୁଜୁ ହେଲେ ତଦନ୍ତ କରାଯିବ ବୋଲି ଉଲୁଣ୍ଡା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ରଥଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ

**ସୋନପୁର,୧୨।୬(ନି.ପ୍ର.)**

ଚଳିତ ରଥଯାତ୍ରା ସକାଶେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ବଳରାମ ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ରଥଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ରଥ ନିର୍ମାଣ, ପହଣ୍ଡି, ଛେରାପହଁରା ନୀତି, ରଥଟଣା, ଅବତାର, ବାହୁଡା ଯାତ୍ରା, ଟାହିୟା ସେବା, ଆଇନଶୃଙ୍ଖଳା, ପାନୀୟ ଜଳ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଥଦାଣ୍ଡ ମରାମତି ଓ ସହରର ପରିମଳ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। ପୁରାତନ ଗଡଜାତ ରାଜ୍ୟ ସୋନପୁରର ରଥଯାତ୍ରା ସ୍ୱତନ୍ତ୍ର। ରାଜାରାଜୁଡା ଅମଳରୁ ଏହି ରଥଯାତ୍ରା ପାଳନ ହୋଇଆସୁଛି । ଚଳିତ ଥର ବ୍ୟୟ ଅଟକଳକୁ ସାଢେ ୪ ଲକ୍ଷ ଟଙ୍କାରେ ସୀମିତ ରଖାଯାଇଛି । ସହରର ଗଡଭିତର ଜଗନ୍ନାଥ ମନ୍ଦିରର ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କ ପାଇଁ ୩ଟି ରଥ, ଘୋଡାଘାଟପଡାର ଦଧିବାମନ ମନ୍ଦିର ଓ ରାୟଗୁରୁପଡାର ବୃନ୍ଦାବନ ବିହାରୀ ମନ୍ଦିରର ମହାପ୍ରଭୁଙ୍କ ସକାଶେ ଗୋଟିଏ ଲେଖାଏଁ ରଥ ନିର୍ମିତ କରାଯିବ। ଗଡଭିତର ମନ୍ଦିରର ଦେବୀ ସୁଭଦ୍ରାଙ୍କ ପାଇଁ ୨୦୧୫ରୁ ନୂତନ କରି ରଥ ନିର୍ମାଣ ହେଉଛି। ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଭକ୍ତମାନେ ପୂର୍ବ ବର୍ଷମାନଙ୍କ ଭଳି ଟାଣିବେ। ଏଥିପାଇଁ ସମସ୍ତଙ୍କ ସହଯୋଗରେ ରଥଯାତ୍ରା ସମାରୋହରେ ପାଳିତ ହେବ ବୋଲି ମତପ୍ରକାଶ ପାଇଥିଲା। ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ଦେବୀ ପ୍ରସାଦ ଦାଶ ସୂଚନା ଦେଇଥିଲେ। ରଥ ନିର୍ମାଣ, ପରିବେଶ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଜୁଲାଇ ୨ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ୪ରେ ମହାପ୍ରଭୁଙ୍କ ପହଣ୍ଡି ବିଜେ, ୫ରେ ରଥ ଟଣାହୋଇ ମାଉସୀ ମା'ମନ୍ଦିରକୁ ବିଜେ, ୧୨ରେ ବାହୁଡା ଯାତ୍ରାଠାରୁ ଆରମ୍ଭ କରି ଜୁଲାଇ ୧୫ରେ ରଥ ଟଣା ହୋଇ ଜଗନ୍ନାଥ ମନ୍ଦିରଙ୍କୁ ଶ୍ରୀଜୀଉଙ୍କ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିଲା। ଆସନ୍ତା ଜୁନ୍ ୨୪ରେ ଆଉ ଏକ ବୈଠକ କରାଯିବା ପାଇଁ ସ୍ଥିର ହୋଇଛି। ବୈଠକରେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଡିଏସପି ଡିଆଇବି ମନୋରଞ୍ଜନ ପ୍ରଧାନ, ଡାକ୍ତର ପ୍ରଦୀପ କୁମାର ଗୁରୁ, ତହସିଲଦାର ଅରବିନ୍ଦ ବେହେରା, ସୋନପୁର ଏସ୍‌ଡିପିଓ ଧୀରଜ କୁମାର ଚୋପଦାର, ୱେସ୍କୋର ନିର୍ବାହୀ ଯନ୍ତ୍ରୀ ଇଂ. ଶ୍ରୀନିବାସ ସାହୁ, ଥାନା ଅଧିକାରୀ ଲୋକେଶ ସାହୁ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଇନ୍ଦ୍ରଜିତ ସାହୁ, ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ବିଦ୍ୟାପତି ପଣ୍ଡା, ଦେବୋତ୍ତର ବିଭାଗର ପରିଚାଳକ ଅନନ୍ତ ପ୍ରସାଦ ବାଗ୍, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ବାଲାଜି ବିଭୁରଞ୍ଜନ ତରାସିଆ, ରାମଶଙ୍କର ଭୋଇ, ସୁମିତ ପୂଜାହାରୀ, ବିଦ୍ୟୁତ୍, ଅଗ୍ନିଶମ ବିଭାଗର ଅଧିକାରୀ ଓ ରଥଯାତ୍ରା କମିଟିର ସଭ୍ୟମାନେ ଅଂଶଗ୍ରହଣ କରିଥିଲେ ।



ରଥଯାତ୍ରା ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିରିକ୍ତ ଜିଲାପାଳ, ଏସ୍‌ପି, ଉପଜିଲାପାଳ ଓ ଅତିରିକ୍ତ ଏସ୍‌ପି ।



"ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ପରିମଳ, ବର୍ଜ୍ୟବସ୍ତୁ ତାଲିମ ଶିବିର

ଖଡିଆଲ ଏନ୍‌ଏସି,୧୨।୬ (ଡି.ଏନ.ଏ.)- ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡିଆଲ ଆନୁକୂଲ୍ୟ କଲ୍ୟାଣ ମଣ୍ଡପ-୨ଠାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏହି ଶିବିରରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ସାହୁ ଅଧକ୍ଷତା କରିଥିଲେ ଓ ମୁଖ୍ୟଅତିଥି ଭାବରେ ମମତା ମଞ୍ଜରୀ ଥପା ଏବଂ ମୁଖ୍ୟବକ୍ତା ଭାବେ ଅଜିତ ପଣ୍ଡା, ସଂଯୁକ୍ତା ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ହୋମିଓପାଥିକ ମେଡିକାଲ ଅଫିସର ଡା. ସିଦ୍ଧାର୍ଥ ଶଙ୍କର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଖଡିଆଲ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ଆହ୍ୱାନ କରିଥିଲେ। ପରିଷଦର କର୍ମଚାରୀ ଆଶିଷ ପଣ୍ଡା, ଗୌତମ ସାହୁ, ଲକ୍ଷ୍ମୀ କାଣ୍ଡ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୮୦ ଜଣ ମହିଳା ଯୋଗଦାନ କରିଥିଲେ। ଆଗାମୀ ଦିନରେ ସହରକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ସହରରେ ଘୋଷଣା ପରିପ୍ରେକ୍ଷୀରେ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଜିତ ଗଣ୍ଡ ସ୍ୱଚ୍ଛ ସହର ସୁନ୍ଦର ସହର ନାରା ଦେଇ ଶପଥ ପାଠ କରାଇଥିଲେ।

### ବିଧାୟକ ପ୍ରଦୀପ ଦିଶାରୀଙ୍କୁ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୧୨।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଦୁର୍ଗା ମଣ୍ଡପ ପଡିଆରେ ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ନବନିର୍ବାଚିତ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ବ୍ଲକ ଅଧକ୍ଷ ଇଂ ଫକୀରମୋହନ ମାଝି, ବିଡିଓ ମୁନୀନ୍ଦ୍ର ହୋନ୍ନାଗା, ଏବିଡିଓ ବିଭୁତିଭୂଷଣ ଶତପଥୀ, ସିଡିପିଓ କୁସୁମମଞ୍ଜରୀ ପ୍ରହରାଜ, ଜିପିଇଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ। ବିଧାୟକ ଦିଶାରି ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ପରେ ଦୁର୍ଗାମଣ୍ଡପ ପଡିଆରେ ଦଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେଡି ଜିଲା ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲ, ବିଜେଡି ନେତା ପ୍ରବୋଧ ରଥ, ଋତୁରାଜ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆଁ ପରିଚାଳନା କରିଥିଲେ। ଏଥିରେ ବ୍ଲକ ବିଜେଡି ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଧାୟକଙ୍କ ଲାଞ୍ଜିଗଡ ଗସ୍ତ ଅବସରରେ ଲାଞ୍ଜିଗଡ ପ୍ରେସ୍ କ୍ଲବ ସଭାପତି କୈଳାସ ସାହୁ, ଉପସଭାପତି ବି. ତ୍ରିପତି ପାତ୍ର, ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, କୋଷାଧକ୍ଷ ପରେଶ ନାୟକ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଦୁଇ ସପ୍ତାହ ହେଲା ପଡ଼ିଛି ଧାନ

ନୂଆପଡା ଅଫିସ/କୋମନା,୧୨।୬

ନୂଆପଡ଼ା ଜିଲାରେ ଏଥର ରବି ଧାନ କିଣାରେ ବ୍ୟାପକ ଅବହେଳା ଦେଖିବାକୁ ମିଳୁଛି। ଆଗକୁ ବର୍ଷା ଋତୁ ଆସୁଥିବାବେଳେ ବିଭିନ୍ନ ମଣ୍ଡିରେ ଧାନ ଉଠିପାରୁନାହିଁ। ଗୋଟିଏ ପଟେ ଧାନସବୁ କାଳବୈଶାଖୀ ବର୍ଷାରେ ଭିଜିରହୁଥିବାବେଳେ ଅନ୍ୟପଟେ ମିଲର୍ସମାନେ କଟନୀ ଦାବି କରି ଧାନ ଉଠାଉ ନ ଥିବା ଅଭିଯୋଗ ହୋଇଛି। କୋମନା ବ୍ଲକର ଜଡାମୁଣ୍ଡା ମଣ୍ଡିରେ ଏଭଳିସ୍ଥିତି ଦେଖାଦେଇଛି। ଏହି ମଣ୍ଡିରେ ଆରମ୍ଭରୁ ସମସ୍ୟା ସୃଷ୍ଟି ହୋଇଛି। ଏହି ମଣ୍ଡିରୁ ମୋଟ ୨୬ ହଜାର କୁଇଣ୍ଟାଲ ଧାନକିଣା ଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୨୬ ଶହ କୁଇଣ୍ଟାଲ ଧାନ କିଣାଯାଇଛି। ଗତ ୨୮ ତାରିଖଠାରୁ ମଣ୍ଡିରେ ଧାନ ପଡିଥିଲେ ହେଁ ଧାନ କିଣାଯାଉ ନ ଥିବାରୁ ଚାଷୀ ବାରମ୍ବାର ଜିଲା ଅଫିସକୁ ଦୌଡୁଛନ୍ତି। କିଛି ଦିନତଳେ ନୂଆପଡା ଜିଲାପାଳଙ୍କ ଅଫିସକୁ ଆସି ପ୍ରତିଶ୍ରୁତି ପାଇଥିଲେ ହେଁ କିଛି ସୁଫଳ ନ ମିଳିବାରୁ ସୋମବାର ପୁଣି ଥରେ ଜିଲା ଯୋଗାଣ ବିଭାଗ ଅଫିସକୁ ଆସି ଦାବି ଜଣାଇଛନ୍ତି। ଚାଷୀଙ୍କ ସହ



ଜଡ଼ାମୁଣ୍ଡା ମଣ୍ଡିରେ ଧାନ ପଡ଼ିରହିଛି।

ରାଜ୍ୟ ବିଜେଡି ସମ୍ପାଦକ ସରୋଜ କୁମାର ସାହୁ, ରାଜ୍ୟ ଭାଜପା ଉପସଭାପତି ପ୍ରସନ୍ନ କୁମାର ପାଢୀ ପ୍ରମୁଖ ଆସି ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ଭେଟି ଜଣାଇଛନ୍ତି। ଜଡାମୁଣ୍ଡା ଅଞ୍ଚଳରେ ଚାଷୀମାନେ ହାଡଫୁଟା ପରିଶ୍ରମ କରି ଧାନ ଉପାର୍ଜନ କରିଛନ୍ତି। ହେଲେ ପ୍ରଶାସନ ସେମାନଙ୍କୁ ତାରି ଫଳ ଦେଇପାରୁନାହିଁ। ଗତ ୨୮ ତାରିଖ ଯାଏଁ ଧାନ କିଣାଯାଇଥିଲା। ମାତ୍ର ୨୬ ଶହ କୁଇଣ୍ଟାଲ ଧାନ କିଣାଯାଇଛି।

**ଜଡ଼ାମୁଣ୍ଡା ମଣ୍ଡି**
- ଚାଷୀ ଜିଲା ଯୋଗାଣ ଅଫିସରେ ହାଜର
- ୨୬ ହଜାର ଜାଗାରେ କିଣା ହୋଇଛି ୩୬ ଶହ କୁଇଣ୍ଟାଲ

ଏପଟେ ମଣ୍ଡିରେ ୧୦ ହଜାର କୁଇଣ୍ଟାଲରୁ ଅଧିକ ଧାନ ପଡିରହିଛି। ଧାନସବୁ ଭିଜି ଗଜା ହୋଇପଡିଛି। ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହା ଉପରେ ତୁରନ୍ତ ପଦକ୍ଷେପ ନ ନେଲେ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଏହି ମଣ୍ଡିରୁ ଧାନ ଉଠାଉଥିବା ମିଲର୍ସମାନଙ୍କୁ ବାଦ ଦେଇ ନୂଆ ମିଲର୍ସଙ୍କୁ କୁହାଯାଇଛି। ସେମାନେ ବୁଧବାରଠାରୁ ଧାନ କିଣା ଆରମ୍ଭ କରିବେ ବୋଲି ଜିଲା ଯୋଗାଣ ଅଧିକାରୀ ଦାସ କହିଛନ୍ତି। ପ୍ରତିଶ୍ରୁତି ପରେ ଚାଷୀମାନେ ଫେରି ଯାଇଛନ୍ତି।




ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

ନୂଆପଡ଼ା ଅଫିସ,୧୨।୬

ସ୍ଥାନୀୟ ଆମସେନାସ୍ଥିତ ଗୁରୁକୁଳ ଆଶ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଡିଏଭି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଅସୀମ କୁମାର ଦଳବେହେରା ମୁଖ୍ୟଅତିଥି, ଗୁରୁକୁଳ ଆଶ୍ରମ ମୁଖ୍ୟ ଧର୍ମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ସିଜେଏମ ସଞ୍ଜୀବ ରଞ୍ଜନ ସାମନ୍ତ, ସବଜଜ୍ ସୁଧୀର କୁମାର ମିଶ୍ର, ପ୍ରାଧିକରଣର ସମ୍ପାଦକ ଅଜିତ କୁମାର ଓତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ର. କୁଞ୍ଜଦେବ ମନିଷୀ ପ୍ରମୁଖ ସମ୍ମାନିତ ଅତିଥି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ଶ୍ରମିକ ଉଚ୍ଛେଦ, ଶିଶୁଙ୍କ ଉପରେ ହେଉଥିବା ବିଭିନ୍ନ ପ୍ରକାର ଅତ୍ୟାଚାର ଶୋଷଣ ଉପରେ କିପରି ସାମନା କରିପାରିବା ସେ ଉପରେ ବକ୍ତାମାନେ ଆଇନଗତ ପରାମର୍ଶ ଦେଇଥିଲେ। ଆଜିର ଶିଶୁ କାଲିର ନାଗରିକ। ଶିଶୁ ସମୟରୁ ଆମକୁ ବିଭିନ୍ନ ବିଷୟରେ ଅବଗତ ହେବା ଜରୁରୀ। ଯେକୌଣସି ପରିସ୍ଥିତିରେ ଶିଶୁମାନେ ଯଦି ଅସ୍ୱାଭାବିକ ମନେ କରିବେ ସେ ଉପରେ ଉପଯୁକ୍ତ ଫୋରମକୁ ଯିବାକୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁକୁଳର ସମସ୍ତ ବ୍ରହ୍ମଚାରିଣୀ ବ୍ରହ୍ମଚାରୀମାନେ ଯୋଗଦେଇଥିଲେ।

## କାନାଡ଼ା କନ୍‌ଫରେନ୍ସରୁ ଫେରିଲେ ଶାଳିନୀ




ଶାଳିନୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ନୂଆପଡା ଅଫିସ,୧୨।୬

ବାଲ୍ୟ ବିବାହ, କିଶୋରୀ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର ଉପରେ କାନାଡାରେ ହୋଇଥିବା ଓମେନ୍ସ କନଫରେନ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଶାଳିନୀ ସାହୁ ଘରକୁ ଫେରିଛନ୍ତି। ସେଠାକୁ ନେଇଥିବା ସେଭ ଦି ଚିଲଡ୍ରେନ ନାମକ ସାମାଜିକ ସଙ୍ଗଠନ ତାଙ୍କୁ ବୁଧବାର ଏକ ଭବ୍ୟ ସମ୍ବର୍ଦ୍ଧନା ଦେଇଛି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ବିଭାଗ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସେଭ ଦି ଚିଲଡ୍ରେନର ଜିଲା ଅଧିକାରୀ ବିଦ୍ୟାଧର ମେହେର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ସେଭ ଦି ଚିଲଡ୍ରେନର କେନ୍ଦ୍ରୀୟ ଅଧିକାରୀ (ଦିଲ୍ଲୀ) ରଘୁ ମହର୍ଷି, ଜିଲା ଅଧିକାରୀ ମନୋଜ ମିଶ୍ର, ସିଡବ୍ଲ୍ୟୁସିର ସଦସ୍ୟ କୁମୁଦ ହୋତା, ଡା. ବି. ବି. ଜଗତ, ଡା. ବି.କେ.ଭି. ପଟ୍ଟନାୟ. ଏନୱାଇକେରୁ ଆଶୀଷ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶାଳିନୀ ନୂଆପଡା ଜିଲାରେ ସେଭ ଦି ଚିଲଡ୍ରେନ ତରଫରୁ ଚାଲିଥିବା ଅନନ୍ୟା କାର୍ଯ୍ୟକ୍ରମରେ ବାଲ୍ୟ ବିବାହ, ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର ଉପରେ ବିଶେଷ ସଚେତନତା ସୃଷ୍ଟି କରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲେ। ସେ ୬ ତାରିଖ କାନାଡାରେ ହୋଇଥିବା ସମ୍ମିଳନୀକୁ ଭାରତକୁ ପ୍ରତିନିଧିତ୍ୱ କରି ଯାଇଥିଲେ। ସେଠାରେ ବିଭିନ୍ନ ସମସ୍ୟାକୁ ପ୍ରୋଜେକ୍ଟ ମାଧ୍ୟମରେ ଠିକ ଭାବେ ଉପସ୍ଥାପିତ କରି ସମ୍ମାନିତ ହୋଇଥିବା ପ୍ରକାଶ। ଏହି ଅବସରରେ ଅତିଥିମାନେ ତାଙ୍କୁ ଟ୍ରଫି ସହ ଫୁଲତୋଡା ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ନାଗରିକ କମିଟି ପକ୍ଷରୁ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର ଅଫିସ, ୧୨।୬

ବଲାଙ୍ଗୀର ଆଇନ ମହାବିଦ୍ୟାଳୟରେ ବଲାଙ୍ଗୀର ନାଗରିକ କମିଟି ତରଫରୁ ନବନିର୍ବାଚିତ ଏମପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ ସଭା ସଂଯୋଜନା କରିଥିଲେ। ପ୍ରଫେସର ମଧୁସୁଦନ ପତି ଏବଂ ଡା. ଲକ୍ଷ୍ମୀକାନ୍ତ ମହାପାତ୍ର ବକ୍ତବ୍ୟ ରଖି ବଲାଙ୍ଗୀରର ବିକାଶ ଦିଗରେ ଏମପି ସକ୍ରିୟ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା ଉତ୍ତର ରଖି ଏମ୍‌ପି ସିଂଦେଓ ବଲାଙ୍ଗୀରର ମୁଖ୍ୟ ସମସ୍ୟା ବାଇପାସ ରାସ୍ତା ନିର୍ମାଣ, ଖୋର୍ଦ୍ଧା-ବଲାଙ୍ଗୀର ରେଲୱେ ଲାଇନ, ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରିବା ଦିଗରେ ଦୃଷ୍ଟିଦେବେ ବୋଲି କହିଥିଲେ। ନାଗରିକ କମିଟି ଉପାଧକ୍ଷ ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଜିଲା ଓକିଲ ସଂଘ, ବରିଷ୍ଠ ନାଗରିକ ସଂଘ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ରେଳ ଉପଭୋକ୍ତା ସଂଘ, ମାଲପଡା ନାଗରିକ କମିଟି, ଶିଶୁ ବିକାଶ କେନ୍ଦ୍ର, ମାହେଶ୍ୱରୀ ସଂଗଠନ, ବ୍ରାହ୍ମଣ ମହାସଭା, ଦୁଲଦୁଲି କଳା ପରିଷଦ, ପୂର୍ବତନ ସୈନିକ ସଂଘ ସହ ଅନ୍ୟ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପ୍ରତିନିଧିମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଦେଇଥିଲେ।

## ଅଧକ୍ଷ ପଦ ନିଯୁକ୍ତିକୁ ସିଟିଜେନ୍ ଫୋରମ୍‌ର ବିରୋଧ

ଭବାନୀପାଟଣା,୧୨।୬ (ଡି.ଏନ.ଏ.)

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜର ଅଧକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ଦଳେଇ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ବିବାଦ ଘେନେଇଛି। ତାଙ୍କ ନିଯୁକ୍ତିକୁ କଳାହାଣ୍ଡି ସିଟିଜେନ ଫୋରମ ପକ୍ଷରୁ ବିରୋଧ କରାଯିବା ସହ ଉଚ୍ଚଶିକ୍ଷା ବିଭାଗକୁ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜର ପୂର୍ବ ଅଧକ୍ଷ ଡ. ବାବ ମିଶ୍ର ଗତ ୩୧ ତାରିଖରେ ଅବସର ନେଇଥିଲେ। ତାଙ୍କ ସ୍ଥାନରେ ରାଜନୀତି ବିଜ୍ଞାନ ବିଭାଗ ଏସୋସିଏଟ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଦଳେଇଙ୍କୁ ଆର୍ଥିକ କ୍ଷମତା ଓ ଅଧକ୍ଷ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦଳେଇଙ୍କ ନିଯୁକ୍ତି ନେଇ ବିବାଦ ଘେନେଇବାରେ ଲାଗିଛି। ଅଭିଯୋଗ ହୋଇଛି ଯେ ସେ କୋରାପୁଟ ସରକାରୀ ମହିଳା ଜୁନିୟର କଲେଜର ଅଧକ୍ଷ ଥିବା ବେଳେ କନିଷ୍ଠ କିରାଣି ପଦବିରେ ଜଣଙ୍କୁ ଚଞ୍ଚକତା କରି ନିଯୁକ୍ତି ପ୍ରଦାନ କରିଥିଲେ। ଏ ନେଇ ଉଚ୍ଚଶିକ୍ଷା ବିଭାଗର ଚିଠି ନଂ. ୩୭୩୮/୧୦/୨୦୧୭ ରେ ଦଳେଇଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ତତ୍କାଳୀନ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ମୁତାବକ କୋରାପୁଟ ଥାନାରେ ଲିଖିତ ଅଭିଯୋଗ

**ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜ**



କରାଯାଇଥିଲା। ରାଜନୈତିକ ଚାପରେ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଅଭିଯୋଗ ବି ଉଠିଥିଲା। ସେହିଭଳି ସେ ଅଧକ୍ଷ ଥିବାବେଳେ ମହିଳା କଲେଜରେ ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ବିବାଦୀୟ ପରିସ୍ଥିତି ଉପୁଜିବାରୁ ତାଙ୍କୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜର ରାଜନୀତି ବିଭାଗ ଏସୋସିଏଟ ପ୍ରଫେସର ଭାବରେ ବଦଳି କରାଯାଇଥିଲା। ବର୍ତ୍ତମାନ ତାଙ୍କୁ ଏଠାରେ ଅଧକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। ଅପରାଧିକ ଅଭିଯୋଗ ଥିଲେ ମଧ ତାଙ୍କୁ ଅଧକ୍ଷ କରାଯାଇଥିବା ଦର୍ଶାଇ ସିଟିଜେନ ଫୋରମ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗ ସଚିବଙ୍କୁ ଦାବିପତ୍ର ଦିଆଯାଇଛି। ତୁରନ୍ତ ତାଙ୍କୁ ଉକ୍ତ ପଦବିରୁ ହଟାଯାଇ ସ୍ଥାୟୀ ଅଧକ୍ଷ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରାଯାଇଛି। କଲେଜରେ ଏଭଳି ବିବାଦୀୟ ପରିସ୍ଥିତିକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଅଧକ୍ଷ ଦଳେଇଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ସେ କୋରାପୁଟ କଲେଜରେ ଥିବା ବେଳେ ତାଙ୍କ ହସ୍ତଖତକୁ ଜାଲ କରି ନିଯୁକ୍ତି ପ୍ରଦାନ କରାଯାଇଥିଲା। ଦସ୍ତଖତ ତାଙ୍କର ନ ଥିବା କଥା ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରିଥିଲି ବୋଲି ଦଳେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଡକାୟତି ଘଟଣାର ପର୍ଦ୍ଦାଫାଶ: ୩ ଗିରଫ

ଲାଠୋର, ୧୨।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଲାନ୍ଥନଦୀ ନିକଟରେ ୨୦୧୯ ମେ ୧୪ତାରିଖରେ ଘଟିଥିବା ଏକ ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି ଲାଠୋର ଥାନା ପୋଲିସ। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଡକାୟତିରେ ବ୍ୟବହୃତ ବାଇକ ଜବତ ହୋଇଛି। ତେବେ ଘଟଣାର ମାଷ୍ଟରମାଇଣ୍ଡ ଫେରାର ଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପାଟଣାଗଡ ଥାନା ଅଧିନ ବିନ୍ଧନପଦର ଗ୍ରାମର ଚାଁହାରବଞ୍ଜି ବ୍ୟବସାୟୀ ଗୌରାଙ୍ଗ ମେହେର ଚାଁହାର ମଞ୍ଜି ସଂଗ୍ରହ କରି କଣ୍ଟାବାଞ୍ଜିର ବିଜୟ କୁମାର ଅଗ୍ରୱାଲଙ୍କ ପିକ୍‌ଅପ ଭ୍ୟାନ ନଂ ଓଡି ୦୩ ଏମ ୬୨୯୩ରେ ବିକ୍ରି ପାଇଁ ଖରିଆର ରୋଡ ନେଉଥିଲେ। ବିକ୍ରୟ କରି ଲାଠୋର ଦେଇ ସେ ତୁରେକେଲା ରାସ୍ତାରେ ଘରକୁ ଫେରୁଥିଲେ। ଗାଡିରେ ଡ୍ରାଇଭର ବେଲପଡା ଥାନା ଅଧିନ କଦଳୀ ଗ୍ରାମର ପୀତବାସ ଭୋଇଙ୍କର ଯୋଜନା କ୍ରମେ ଲାଠୋର ଲାନ୍ଥ ନଦୀ ପାଖରେ ତାଙ୍କର ତିନି ଜଣ ସହଯୋଗୀ ତୁରେକେଲା ଥାନା ଅଧିନ ମହୁଲପାଟି ଗ୍ରାମର ହିରାଲାଲ ଶବର (୨୧), ଗଇନ୍ଦିମାଲ ଗ୍ରାମର ଦିର୍ଯ୍ୟୁ ପଧାନ ଓ ମହନିଲହ ଗ୍ରାମର ଧ୍ରୁବଲେଶ୍ୱର ସାହୁ (୪୨) ଗୌରାଙ୍ଗ ମେହେରଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇଥିଲେ। ପରେ ସେ ରଖିଥିବା ୨ ଲକ୍ଷ ୮୦ ହଜାର ଟଙ୍କାକୁ ଲୁଟ୍ କରି ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ୪ଜଣ ଯାକ ମଲିକଦରୋ ଜଙ୍ଗଲରେ ୭୦ ହଜାର ଟଙ୍କା ଲେଖାଏଁ ଭାଗବଣ୍ଟା କରିଥିଲେ। ଘଟଣା ବିଷୟରେ ଗୌରାଙ୍ଗ ଲାଠୋର ଥାନାରେ ଏକ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଲାଠୋର ପୋଲିସ ତଦନ୍ତ ଜାରି ରଖିଥିଲା। ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ବୁଧବାର ଗିରଫ କରି ହିରାଲାଲଙ୍କ ପାଖରୁ ୨୦ ହଜାର ୫ ଶହ ଟଙ୍କା, ଦିର୍ଯ୍ୟୁ ପଧାନଙ୍କଠାରୁ ୫ ହଜାର ଟଙ୍କା ଓ ଧ୍ରୁବଲେଶ୍ୱର ଠାରୁ ୩ ହଜାର ଟଙ୍କା ଏବଂ ଡକାୟତିରେ ବ୍ୟବହୃତ ବାଇକ ନଂ ଓଡି-୨୬-ବି-୩୦୧୬କୁ ଜବତ କରିଛି। ଲାଠୋର ଥାନାରେ ଏକ ମାମଲା(ନଂ.୪୪/୧୯)ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।



ଲାଠୋର ପୋଲିସ ଗିରଫ କରିଥିବା ୩ ଡକାୟତ।

# ଅଗ୍ନିଶମ ବିଭାଗର କୋଚିଂ ସେଣ୍ଟର ଯାଞ୍ଚ

- ଅଗ୍ନିନିର୍ବାପକ ଯନ୍ତ୍ର ବ୍ୟବହାର ନେଇ ତାଲିମ ପ୍ରଦାନ

ଭବାନୀପାଟଣା,୧୨।୬ (ଡି.ଏନ.ଏ.)

ଓଡିଶା ଅଗ୍ନିଶମ ସେବା ସଂସ୍ଥାର ୧୦ଟି ଟିମ ଭବାନୀପାଟଣାର ସହରରେ ଥିବା ୧୦ଟି ପ୍ରମୁଖ କୋଚିଂ ସେଣ୍ଟରରେ ବୁଧବାର ଏକ କାଳିନ ଚଢାଉ କରାଯିବା ଅଗ୍ନି ନିରୋଧକ ଓ ଅଗ୍ନି ନିରାପତ୍ତା ଯାଞ୍ଚ କରିଥିଲେ। ଏହି ଯାଞ୍ଚରେ ପ୍ରତ୍ୟେକ ଟିମରେ ୫ ଜଣ ଅଗ୍ନି ସେବା କର୍ମଚାରୀ ଓ ପୋଲିସ ନିୟୋଜିତ ଥିଲେ। କୋଚିଂ ସେଣ୍ଟରରେ ଲଗାଯାଇଥିବା ଅଗ୍ନି ନିର୍ବାପନ ଯନ୍ତ୍ରମାନ ଯାଞ୍ଚ କରିବା ସହିତ ସେଠାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅଗ୍ନି ସଚେତନତା ସୃଷ୍ଟି କରିଥିଲେ। ମାଲିକମାନଙ୍କୁ କୋଚିଂ ସେଣ୍ଟରରେ ଆବଶ୍ୟକତା ଥିବା ଅଗ୍ନିନିର୍ବାପକ ଯନ୍ତ୍ର ଓ ତାହାର ପରିଚାଳନା ଓ ବ୍ୟବହାର ଉପରେ ସଚେତନ କରାଯାଇଥିଲା। ଛାତ୍ରୀଛାତ୍ରମାନେ କିପରି ନିଆଁ ଓ ଧୂଆଁ ଦାଉରୁ ନିଜକୁ ରକ୍ଷା କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଯାଞ୍ଚ ସମୟରେ ଦେଖାଯାଇଥିଲା ଯେ ବହୁତ କୋଚିଂ ସେଣ୍ଟରରେ ଆବଶ୍ୟକ ଅନୁଯାଇ ଅଗ୍ନି ନିରୋଧକ ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେତେକ ସ୍ଥାନରେ ଅଗ୍ନିନିର୍ବାପକ ଯନ୍ତ୍ରପାତି ଥିଲେ ମଧ ତାହା ଠିକ ଭାବରେ କାର୍ଯ୍ୟକ୍ଷମ ହେଉ ନ ଥିଲା। ବହୁ ସ୍ଥାନରେ ଘର, ସିଡ ଓ ଅଗଣାଗୁଡିକରେ ଦହନୀୟ ପଦାର୍ଥ ଯଥା ଟାୟାର, କାର୍ଟୁନ, କାଠ, କାଗଜ, କପଡା ଆଦି ବର୍ଜ୍ୟ ଉପକରଣ ମାନ ରଖାଯାଇ ଯିବା ଆସିବା ବାଟକୁ ଅବରୋଧ କରାଯାଇଛି। କେତେକ ସ୍ଥାନରେ ପିଲାମାନଙ୍କ ପାଇଁ ସତର୍କ ସୂଚନା ଫଳକ ମଧ ଲଗାଯାଇ ନାହିଁ। ଏହି କୋଚିଂ ସେଣ୍ଟରକୁ ଅଗ୍ନିଶମ ବିଭାଗ ତରଫରୁ ଏକ ନୋଟିସ ଦିଆଯିବା ସହିତ ସେଠାରେ ଥିବା ଅଗ୍ନି ନିର୍ବାପନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଲକ୍ଷ୍ୟ ବିଭିନ୍ନ ଅଟ୍ଟାଳିକା ମାନଙ୍କରେ ଅଗ୍ନି ନିରୋଧକ ବ୍ୟବସ୍ଥା ଗ୍ରହଣ କରାଇବା ଓ ଲୋକମାନଙ୍କ ମଧ୍ୟରେ ଅଗ୍ନି ସଚେତନତା ସୃଷ୍ଟି କରିବା, ଫଳରେ ରାଜ୍ୟ ତଥା ଦେଶର ବହୁମୂଲ୍ୟବାନ ଧନ ଜୀବନ ରକ୍ଷା କରାଯାଇପାରିବ। ଏହି ଯାଞ୍ଚ ସମୟରେ ବ୍ରହ୍ମପୁର ବିଭାଗ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ, କଳାହାଣ୍ଡି ଅଗ୍ନିଶମ ବିଭାଗ ଅଧିକାରୀ ସଲିଲ ପ୍ରକାଶ କିଣ୍ଡୋ, ସହକାରୀ ଅଗ୍ନିଶମ ଅଧିକାରୀ ଭବାନୀପାଟଣା ସୁବାଶ ଚନ୍ଦ୍ର ପଡିଆରି ପ୍ରମୁଖ ଉପସ୍ଥିତ ଥିଲେ।

**କଳାହାଣ୍ଡି ଅଗ୍ନିଶମ ସେବା ସଂସ୍ଥା**



ଅଗ୍ନିଶମ ବିଭାଗ ଅଧିକାରୀମାନେ କୋଚିଂ ସେଣ୍ଟର ଯାଞ୍ଚ ପାଇଁ ଯାଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ଜୁନ, ୨୦୧୯



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ




### ଫନୀ ପ୍ରଭାବିତଙ୍କ ପାଇଁ ବେଦାନ୍ତ ୨୪.୩ ଲକ୍ଷ ଟଙ୍କା ଦେଲା

**ଭବାନୀପାଟଣା,୧୨।୬ (ଡି.ଏନ.ଏ.)-** ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ସହାୟତା ନିମନ୍ତେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ୨୪.୩ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । କମ୍ପାନୀର ଝାରସୁଗୁଡା ଓ ଲାଞ୍ଜିଗଡ ୟୁନିଟର କର୍ମଚାରୀମାନେ ଗୋଟିଏ ଦିନର ଦରମା ଦାନ କରିଛନ୍ତି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଆଲୁମିନିୟମ ଏବଂ ପାୱାର) ଅଜୟ କପୁର କହିଲେ ଯେ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆମେ ରାଜ୍ୟ ପ୍ରଶାସନ ତଥା ଜନସାଧାରଣଙ୍କ ସାଙ୍ଗରେ ରହିଛୁ । ରିଲିଫ୍ ତଥା ଥଇଥାନ ବ୍ୟବସ୍ଥା ପାଇଁ ବେଦାନ୍ତର ସମସ୍ତ କର୍ମଚାରୀ ଅକୁଣ୍ଠ ଚିତ୍ତରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି।

### ବଗେଇବିରାରେ ନାମଯଜ୍ଞ

**ବରଗଡ଼ ଅଫିସ୍,୧୨।୬**
ବରଗଡ଼ ବ୍ଲକ ବଗେଇବିରାଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲିଆପାଲି, ହିର୍ଲିପାଲି, ବିଶିପଡ଼ା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଜପ କରିଥିଲେ । ଗ୍ରାମର ରଣଜିତ ତାଣ୍ଡି ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଯାପନୀ ଦିବସରେ ଯୋଗ ଦେଇଥିଲେ । ଗ୍ରାମର ରାଜୀବ କ୍ଲବର ସମସ୍ତ ସଦସ୍ୟଙ୍କ ସମେତ ଶଙ୍କର ନାଗ, ନିଗମାନନ୍ଦ ବିଭାର, ତପନ ଦରଦମେଘ, ରୋହିତ ଦୀପ, ଗୋପାଳ ଦୀପ, ସୁରେଶ କୁଅଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



### କଳାହାଣ୍ଡି ଏମ୍‌ପି, ଭବାନୀପାଟଣା ବିଧାୟକଙ୍କୁ ସମ୍ବର୍ଦ୍ଧନା

**କେସିଙ୍ଗା,୧୨।୬ (ଡି.ଏନ.ଏ.)**
କଳାହାଣ୍ଡି ଜିଲା କେସିଙ୍ଗା ଭାଜପା ପକ୍ଷରୁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଓ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ରସେନ ଭବନଠାରେ ସମ୍ବର୍ଦ୍ଧନା ଓ ସ୍ୱାଗତ କରାଯାଇଥିଲା । ଏହି ଉପଲକ୍ଷେ ଏକ ସଭାର ମଧ୍ୟ ଆୟୋଜନ କରାଯାଇଥିଲା । କଳାହାଣ୍ଡି ତଥା ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯିବା ପାଇଁ ଏମ୍‌ପି ଓ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାଜପାର ବରିଷ୍ଠ କର୍ମକର୍ତ୍ତାଗଣ ଯୋଗଦେଇଥିଲେ ।

ନିଦାବିଷ୍ଟ ସାଜିଛି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ

# ପାଣି ପାଇଁ ଲୋକେ ଡହଳବିକଳ

- ୯ ବର୍ଷ ପରେ ବି ଠିକ ଭାବେ କାର୍ଯ୍ୟକ୍ଷମ ହେଉନି ପାଣି ଟାଙ୍କି
- ଠିକାଦାର ଜଣକ ଅଧାପନ୍ତିରିଆ କାମ କରି ଚମ୍ପଟ୍

**ଜୁନାଗଡ଼,୧୨।୬ (ଡି.ଏନ.ଏ.)**

ଲୋକଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ ସରକାର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଗ୍ରାମରେ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପଗୁଡିକ ବିଭିନ୍ନ କାରଣରୁ ଦୀର୍ଘବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପିଇବା ପାଣି ପାଇଁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗ ନିଦାବିଷ୍ଟ ସାଜିବା ସାଧାରଣରେ ଚର୍ଚ୍ଚାର ବିଷୟ। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହଲ ଗ୍ରାମରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ପାଣିଟାଙ୍କି ନିର୍ମାଣର ୯ ବର୍ଷ ପରେ ମଧ୍ୟ ଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୦୦୯-୧୦ରେ ଏଠାକାର ଲୋକଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ସେହି ସମୟରେ ଗ୍ରାମରେ ପାଇପ୍ ବିଛା ହେବା ସହ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଷ୍ଟାଣ୍ଡ ପୋଷ୍ଟଗୁଡିକ ମଧ୍ୟ ଲଗାଯାଇଥିଲା। ଏହି ପ୍ରକଳ୍ପକୁ ଅଞ୍ଚଳର ଜଣେ ଜୈନିକ ଠିକାଦାର ଟେଣ୍ଡର ପାଇଥିଲେ। ଠିକାଦାର ଜଣକ ଅଧାପନ୍ତିରିଆ କାମ କରି ଚମ୍ପଟ ମାରିଥିଲେ। ତେବେ ଲୋକଙ୍କ ପିଇବା ପାଣିର ଅସୁବିଧାକୁ ଦେଖି ଗତ ବର୍ଷକ ତଳେ ଚାରବାହାଲ ପଞ୍ଚାୟତ ପକ୍ଷରୁ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ପାଇଁ ୮ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଅର୍ଥଭାବରୁ ଆହୁରି ୩ ଶହ ମିଟର ପାଇପ ବିଛା ହେବା ବାକି ରହିଥିବାରୁ ଜଳ ଯୋଗାଣ ହୋଇପାରୁନାହିଁ। ସେହିପରି ବିଭାଗ ପକ୍ଷରୁ ମଧ୍ୟ ଏହି ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ଆନ୍ତରିକତା ତଥା ସହଯୋଗ କରାଯାଉ ନ ଥିବାରୁ ପାଣି ଟାଙ୍କିଟି ଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ପିଇବା ପାଣି ପାଇ ଚାରବାହାଲ ଗ୍ରାମବାସୀ ଏବେ ଡହଳବିକଳ ହେଉଥିବା ଜଣାପଡିଛି। ଏ ନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ବିନୋଦ କୁମାର ସିଂଙ୍କୁ ପଚାରିବାରୁ ଓଭର ହେଡ ପାଣି ଟାଙ୍କି ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି। ସ୍ଥାନୀୟ ପମ୍ପ ଚାଳକଙ୍କ ଅବହେଳା ଯୋଗୁ ପାଣି ଯୋଗାଣରେ ଅସୁବିଧା ହେଉଥିବା କହିଥିଲେ।


ଚାରବାହାଲ ଓଭରହେଡ ପାଣି ଟାଙ୍କି ।



ଶିଶୁ ଶ୍ରମିକ ନିରୋଧ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

**ଭବାନୀପାଟଣା,୧୨।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ନେହେରୁ ସେବା ସଂଘ ପରିସରରେ କଳାହାଣ୍ଡି ଜିଲା ଓ ଦୌରାଜଜ୍ ତଥା ଅଧକ୍ଷ ଜିଲା ଆଇନସେବା ପ୍ରାଧିକରଣ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ବୁଧବାର ପାଳିତ ହୋଇଛି । ଏହି ଅବସରରେ ଏକ ସଚେତନତା ଶିବିରରେ ବର୍ତ୍ତମାନ ଶିଶୁ ଶ୍ରମିକ ସମସ୍ୟା ଭାବେ ଉଭା ହୋଇଥିବାରୁ ଏଥିପ୍ରତି ଯତ୍ନବାନ ହେବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି । କୋମଳମତି ଶିଶୁମାନଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ବିନିଯୋଗ ନ କରିବାକୁ ଶିଶୁ ଶ୍ରମିକ ନିରୋଧ ଓ ନିୟନ୍ତ୍ରଣ ଆଇନ ଉପରେ ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ଶିବିରରେ ଫ୍ୟାମିଲି କୋର୍ଟ ଜଜ୍ ଶୁସାନ୍ତ କୁମାର ପଟେଲ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଇନ୍ଦିରା ପ୍ରିୟଦର୍ଶିନି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୋନାଲିସା ଦାସ, ମାନଷ କୁମାର ଦଳେଇ, ଲେବର ଇନ୍ସପେକ୍ଟର ବିକାଶ ରଞ୍ଜନ କର, ପ୍ରୋଟେକସନ୍ ଅଫିସର ସତ୍ୟନାରାୟଣ ମହାପାତ୍ର, ସିଡବ୍ଲ୍ୟୁସି ସଭ୍ୟ ସରୋଜିନୀ ଦାସ, ସମ୍ପାଦକ ନେହେରୁ ସେବା ସଂଘ, ପାରା ଭଲୁନଟିୟର୍, ନେହେରୁ ସେବା ସଂଘର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସଚେତନତା ଶିବିରକୁ ଆଇନସେବା ପ୍ରାଧିକରଣ ସଚିବ ଇନ୍ଦିରା ପ୍ରିୟଦର୍ଶିନି ପରିଚାଳନା କରିଥିଲେ।


ବ୍ଲକ ଉପାଧକ୍ଷ, ଜିଲା ପରିଷଦ ସଭାପତିଙ୍କ ସହ ଅନ୍ୟମାନେ ଡୁଙ୍ଗରିପଡ଼ାକୁ ଯାଇ ପାନୀୟ ଜଳ ସମସ୍ୟା ନେଇ ଆଲୋଚନା କରୁଛନ୍ତି।

## ଡୁଙ୍ଗରିପଡ଼ାରେ ପାନୀୟଜଳ ସଙ୍କଟ

### ସ୍ଥିତି ଅନୁଧାନ କଲେ ବ୍ଲକ ଅଧକ୍ଷା, ଜିଲା ପରିଷଦ ସଭାପତି

**ଭବାନୀପାଟଣା,୧୨।୬ (ଡି.ଏନ.ଏ.)**

ଭବାନୀପାଟଣା ସଦର ମହକୁମାଠାରୁ ମାତ୍ର ୪ କି.ମି. ଦୂରରେ ରିସିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗରିପଡା ଗ୍ରାମରେ ପାନୀୟ ଜଳର ଉତ୍କଟ ସଙ୍କଟ ଦେଖାଦେଇଛି। ୧୫୦ ପରିବାରଙ୍କ ପାଇଁ ଦୁଇଟି ନଳକୂପ ଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ରୂପେ ଶୁଖିଯାଇଛି। ଲୋକେ ନାଳ ଓ ପୋଖରୀ ପାଣି ଉପରେ ନିର୍ଭର କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଗ୍ରାମକୁ ସୁଜଳଧାର ଯୋଜନା ମଧ୍ୟରେ ପାଇପ ପାଣି ଯୋଗାଣ କରିବାକୁ ରାଜ୍ୟ ସରକାର ଅନୁମୋଦନ ହୋଇଥିଲା। ମାତ୍ର ବିଭାଗୀୟ ଅଧିକାରୀଙ୍କ ଜିଦ୍‌ଖୋର ମନୋବୃତ୍ତି ଏବଂ ଗ୍ରାମବାସୀଙ୍କ ପ୍ରତି ଅସମ୍ବେଦନତା ଯୋଗୁ ଉକ୍ତ ଅନୁସୂଚିତବର୍ଗ ବହୁଳ ଗ୍ରାମ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହୋଇଗଲା। ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜାଣିବା ପରେ ଜିଲା ପରିଷଦ ସଭାପତି ନମିତା ରାଣୀ ସାହୁ, ଭବାନୀପାଟଣା ବ୍ଲକ ଅଧକ୍ଷା ସନ୍ତୋଷୀ ଦାସ ଓ ସ୍ଥାନୀୟ ସରପଞ୍ଚ ଉକ୍ତ ଡୁଙ୍ଗରିପଡା ଗ୍ରାମକୁ ଗ୍ରାମର ତପନ ବେହେରାଙ୍କ ସହିତ ପହଞ୍ଚି ବାସ୍ତବିକ ସ୍ଥିତି ପରଖିବା ସହ ତୁରନ୍ତ ଏହି ପାନୀୟ ଜଳର ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କଠାରେ ଅନୁରୋଧ କରିଛନ୍ତି ।

## ସିଟିଜେନ୍ ଫୋରମ୍ ଗୃହ ପାଇଁ ଜମି, ୧ ଲକ୍ଷ ଟଙ୍କା ଦାନ

**ଭବାନୀପାଟଣା,୧୨।୬ (ଡି.ଏନ.ଏ.)**

ବୁଧବାର କଳାହାଣ୍ଡି ସିଟିଜେନ୍ ଫୋରମ୍ ତରଫରୁ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଲାଲ ଚନ୍ଦ୍ର ଚୌଧୁରୀ ଜିଲାର କର୍ଲାମୁଣ୍ଡା ବ୍ଲକରେ ସିଟିଜେନ୍ ଫୋରମ୍ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ନିଜସ୍ୱ ଅର୍ଥରେ ୪ ଡିସିମିଲ୍ ଜମି ଓ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । କଳାହାଣ୍ଡି ସିଟିଜେନ୍ ଫୋରମ ତରଫରୁ ସ୍ଥାନୀୟ ଆମ୍ବ ବିକାଶ କେନ୍ଦ୍ର ପରିସରରେ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର ଅଧକ୍ଷତା ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଫୋରମର ଆଜୀବନ ସଦସ୍ୟ ତଥା ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ରାମଚନ୍ଦ୍ର ଚୌଧୁରୀ ମନ୍ତ୍ରୀ ମିଶ୍ରଙ୍କୁ ପୁଷ୍ପମାଲ୍ୟ ସହିତ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଫୋରମର ପ୍ରେମଚନ୍ଦ୍ର ବାଗ ଉପଦେଷ୍ଟା ଡା. ଲମ୍ବୋଦର ସାହୁ, ଉପସଭାପତି ସୁବାଷ ଚାନ୍ଦ, ଲାଲଚାନ୍ଦ ଚୌଧୁରୀ ଜିଲାର ବିଭିନ୍ନ ସମସ୍ୟା ମନ୍ତ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ କଳାହାଣ୍ଡି ଜିଲାକୁ ଏକ ବିକଶିତ ଜିଲାରେ ପରିଣତ କରିବା ପାଇଁ ମନ୍ତ୍ରୀ ମିଶ୍ର ସବୁପ୍ରକାର ଉଦ୍ୟମ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫୋରମର ସମ୍ପାଦକ ଅଧ୍ୟାପକ ସିମାଞ୍ଚଳ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ଲୋକନାଥ ପାଢ଼ି ଧନ୍ୟବାଦ ଦେଇଥିଲେ।

## ବାହକଜନିତ ରୋଗ ସମ୍ପର୍କିତ କର୍ମଶାଳା

**ଭବାନୀପାଟଣା,୧୨।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ବାହକ ଜନିତ ରୋଗ ନିୟନ୍ତ୍ରଣ ସମ୍ପର୍କରେ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଓଡିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଭବାନୀପାଟଣା ମ୍ୟୁନିସିପାଲିଟି, ଜୁନାଗଡ ଏନ୍ଏସି ଅଞ୍ଚଳର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବନଲତା ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆରଡିଏ ପ୍ରସନ୍ନ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଗକୁ ବର୍ଷା ଋତୁ ଆସୁଥିବାରୁ ଓ କଳାହାଣ୍ଡି ଜିଲା ଏକ ମ୍ୟାଲେରିଆ ଡେଙ୍ଗୁ ପ୍ରବଣ ଜିଲା ହୋଇଥିବାରୁ ଏହାର ପ୍ରତିଶୋଧକ ଓ ସଚେତନତା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବନଲତା ଦେବୀ ଭୟାନକ ଡେଙ୍ଗୁ ରୋଗର ବିଭିନ୍ନ ଲକ୍ଷଣ ଓ ଏହାର ପ୍ରତିଷେଧକ ପାଇଁ କିଭଳି ସଚେତନ ହୋଇପାରିବା ସେ ବିଷୟରେ ବାଖ୍ୟାଇଥିଲେ । ସେ କହିଥିଲେ ନିଜର ଗୃହରୁ ସଚେତନତା ସୃଷ୍ଟି ହେବା ଉଚିତ। ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ରୋଗୀଠାରୁ ସୁସ୍ଥ ଲୋକଙ୍କୁ ଆକ୍ରମଣ କରିଥାଏ । ସେ ସମ୍ପର୍କରେ ଏଡିପିଏଚ୍ଓ. ଭିଭିଡିସିପି ଡ. ନିହାରେନ୍ଦ୍ର ପଣ୍ଡା ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଉଦାହରଣ ଦେଇ ଏଥିରୁ ରକ୍ଷା ପାଇବା ପାଇଁ ଜନସାଧାରଣ କିଭଳି ସତର୍କତା ଗ୍ରହଣ କରିବେ ସୂଚନା ଦେଇଥିଲେ । ୨୦୧୮ରେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ୬ ଶହ ସନ୍ଦେହଜନକ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା ଏବଂ ସେଥିରୁ ୨ ଶହ ରୋଗୀ ଡେଙ୍ଗୁ ଆକ୍ରମଣର ଶିକାର ହୋଇଥିଲେ । ମାତ୍ର ଡାକ୍ତରମାନଙ୍କର ଉପଯୁକ୍ତ ପଦକ୍ଷେପ ଯୋଗୁ କୌଣସି ରୋଗୀଙ୍କ ମୃତ୍ୟୁ ଘଟି ନ ଥିଲା । ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ରୋଗ ବିଷୟରେ ସୂଚନା ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲା ଯାଇଥିବା ବେଳେ ଡେଙ୍ଗୁ ରୋଗୀଙ୍କ ପାଇଁ ଏକ ୬ ଶଯ୍ୟା ବିଶିଷ୍ଟ ଏକ କୋଠରି ରହିଛି ବୋଲି ସିଡିଏମ୍‌ଓ ଡ. ବନଲତା ଦେବୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏପିଡୋମିଲୋଜିଷ୍ଟ ଡ. ସୁଶିଲ ଚନ୍ଦ୍ର ରଥ, ଡିପିଏମ୍ ଅବନୀ ରଞ୍ଜନ ମହପାତ୍ର, ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ, ଦାୟୀତ୍ୱରେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ପିତା ବେହେରା, ଡିପିସି ଖଗେନ୍ଦ୍ର ମାଝି, ଆଶା ଜିଲା ମ୍ୟାନେଜର ଅକ୍ଷୟ କୁମାର ରଣା, ଭବାନୀପାଟଣା ମ୍ୟୁନିସିପାଲିଟି ଓ କେସିଙ୍ଗା ଏନ୍ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ। ଭିଭିଡି ପରାମର୍ଶ ଦାତା ସନ୍ତୋଷ କୁମାର ବାଗ କାର୍ଯ୍ୟକ୍ରମ ପରିଚାଳନା ଏବଂ ଡିପିଏମ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ବାହକ ଜନିତ ରୋଗ ନିୟନ୍ତ୍ରଣ ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅନ୍ୟମାନେ ।

- ପ୍ରହସନ ପାଲଟିଛି ସୌଭାଗ୍ୟ ଯୋଜନା

# ବିଦ୍ୟୁତ୍ ଆଲୋକ ପାଇବାରୁ ବଞ୍ଚିତ ଉପଭୋକ୍ତା

## ନିମ୍ନମାନର ବିଦ୍ୟୁତ୍ ଉପକରଣ ଲଗାଯାଇଥିବା ଅଭିଯୋଗ

**ଭବାନୀପାଟଣା/କଲମପୁର, ୧୨।୬ (ଡି.ଏନ.ଏ.)**

ଗରିବ ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନା କରିଛନ୍ତି। ବିଭିନ୍ନ ଠିକା ସଂସ୍ଥା ମାଧ୍ୟମରେ ବିଭିନ୍ନ ଗ୍ରାମଗୁଡିକରେ ବିଦ୍ୟୁତ୍ ସଂଯୋଗ କରାଯାଉଛି। କିନ୍ତୁ ଠିକା ସଂସ୍ଥା କର୍ମଚାରୀଙ୍କ ଅପାରଗତା ଯୋଗୁ ୨୦୧୮ ନଭେମ୍ବରରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଯାଏଁ ଅଧାପନ୍ତରିଆ ଭାବେ ପଡିରହିଛି। ଏଭଳି ଘଟଣା କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଭାଟିଗାଁ ଗ୍ରାମରେ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ, କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଭାଟିଗାଁ ଗ୍ରାମର ଗରିବ ଉପଭୋକ୍ତାଙ୍କୁ ଚିହ୍ନଟ କରାଯାଇ ୧୩୬ ଜଣଙ୍କୁ ସରକାର ତରଫରୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବା ବ୍ୟବସ୍ଥା ହୋଇଛି। ଏହାକୁ ଜିଲା ବାହାରର ଠିକା ସଂସ୍ଥା କାର୍ଯ୍ୟ କରୁଥିବା ବେଳେ ପ୍ରାୟ ସମସ୍ତଙ୍କ ଘରରେ ବିଦ୍ୟୁତ୍ ଉପକରଣ ବିଦ୍ୟୁତ୍ ବୋର୍ଡ, ତାର, ମିଟର ଇତ୍ୟାଦି ସଂଯୋଗ କରାଯାଇଛି। ଅନ୍ୟପକ୍ଷେ ନିମ୍ନମାନର ବିଦ୍ୟୁତ୍ ଉପକରଣ ଲଗାଯାଇଥିବା ଜଣାପଡିଛି। ଗାଁ ବାହାରେ ଏକ ଟ୍ରାନ୍ସଫର୍ମର ଲାଗାଯାଇଥିବା ବେଳେ ଗାଁ ଭିତରେ ଏଯାଏଁ ବିଦ୍ୟୁତ୍ ଖୁଣ୍ଟ ପୋତା ସମ୍ପୂର୍ଣ୍ଣ ହୋଇନାହିଁ। ବିଦ୍ୟୁତ୍ ଟ୍ରାନ୍ସଫର୍ମରଠାରୁ ଉପଭୋକ୍ତାମାନଙ୍କ ଘରଗୁଡିକ ନିକଟରେ ଖୁଣ୍ଟ ଲଗାଯାଇ ପାରି ନାହିଁ। ସର୍ଭେ ରିପୋର୍ଟ ଅନୁସାରେ ଭାଟିଗାଁ ଗ୍ରାମକୁ ସମୁଦାୟ ୧୩୬ ଜଣ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ପାଇଁ ନିମନ୍ତେ ୪୦ଟି ବିଦ୍ୟୁତ୍ ଖୁଣ୍ଟର ଆବଶ୍ୟକତା ରହିଛି। ତନ୍ମଧ୍ୟରୁ ୨୨ଟି ଖୁଣ୍ଟ ପୋତାଯାଇଥିବା ବେଳେ ୧୮ଟି ପୋତା ଯାଇନାହିଁ। ଗତ ୨୦୧୮ ନଭେମ୍ବରରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏ ଯାଏଁ ଅଧାପନ୍ତରିଆ ଭାବେ ପଡିରହିଛି। ଫଳରେ ଉପଭୋକ୍ତାମାନେ ବିଦ୍ୟୁତ୍ ଆଲୋକ ପାଇବାରୁ ବଞ୍ଚିତ ହୋଇ ପ୍ରଚଣ୍ଡ ଗ୍ରୀଷ୍ମରେ କଲବଲ ହେଉଥିବା ବେଳେ କାର୍ଯ୍ୟକାରୀ ଠିକା ସଂସ୍ଥା ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କ ଦେଖା ମିଳୁନାହିଁ। ଏ ନେଇ କଲମପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ ପ୍ରଶାଦ ସ୍ୱାଇଁଙ୍କୁ ପଚାରିବାରୁ ଯେ ପର୍ଯ୍ୟନ୍ତ କାର୍ଯ୍ୟକାରୀ ସଂସ୍ଥାଗୁଡିକ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଆମକୁ ହସ୍ତାନ୍ତର କରିନାହାନ୍ତି ସେ ପର୍ଯ୍ୟନ୍ତ ଆମେ କିଛି କରିପାରିବୁ ନାହିଁ ବୋଲି କହିଥିଲେ। ସୌଭାଗ୍ୟ ଜ୍ୟୋତି ଯୋଜନାରେ କାର୍ଯ୍ୟ କରୁଥିବା କର୍ମଚାରୀ ସନତ ନାଏକଙ୍କୁ ପଚାରିବାରୁ ଭାଟିଗାଁ-ମଣ୍ଡଳ ରାସ୍ତା ନିର୍ମାଣ ଚାଲିଥି ଯୋଗୁ ଖୁଣ୍ଟ ପରିବହନ ହୋଇପାରି ନ ଥିବାରୁ କାର୍ଯ୍ୟରେ ବିଳମ୍ବ ହୋଇଛି ଓ ଅଳ୍ପଦିନ ମଧ୍ୟରେ ଆମେ କାର୍ଯ୍ୟାରମ୍ଭ କରି ସମ୍ପୂର୍ଣ୍ଣ କରିବୁ ବୋଲି କହିଥିଲେ। ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇଙ୍କୁ ପଚାରିବାରୁ ସେ ମଣ୍ଡଳ ଗ୍ରାମପଞ୍ଚାୟତ ଭାଟିଗାଁଠାରେ ସୌଭାଗ୍ୟ ଜ୍ୟୋତି ଯୋଜନାରେ ଯେଉଁ ବିଦ୍ୟୁତ୍ କାମ ଚାଲିଛି ଠିକା ସଂସ୍ଥା ପକ୍ଷରୁ କୌଣସି ଦିନ ମଧ୍ୟ ମୋତେ ଜଣାଇ ନାହାନ୍ତି। ଯଦି ଠିକା ସଂସ୍ଥା ମୋତେ ଜଣାଇଥିବା କଥା କହୁଛନ୍ତି ସମ୍ପୂର୍ଣ୍ଣ ଭାବେ ଏହା ମିଥ୍ୟା ବୋଲି କହିଥିଲେ। କଲମପୁର ଅଞ୍ଚଳର ଭାଟିଗାଁ, ଖଣ୍ଡିଡୋଙ୍ଗରୀଗୁଡା, ବଲାଗାଁ, କୋଟାଗାଁ, ପଣ୍ଡିଗାଁ, ପାତ୍ରବସା, ସାଗବାରୀ, ତେନ୍ତୁଳିଖୁଣ୍ଟି ଆଦି ଅଞ୍ଚଳରେ ଆଜି ବି ଉପଭୋକ୍ତାମାନେ ଏଭଳି ପରିସ୍ଥିତିର ସମ୍ମୁଖିନ ହୋଇଛନ୍ତି।



ଗାଁ ବାହାରେ ସ୍ଥାପନ କରାଯାଇଥିବା ଟ୍ରାନ୍ସଫର୍ମର । ଘରେ ଲାଗିଥିବା ବିଦ୍ୟୁତ୍ ବୋର୍ଡ ।

## ବିଧାୟକଙ୍କ ଗିରଫ ଦାବି କଲା ଜିଲା ବସୁ ସମାଜ

**ଧର୍ମଗଡ,୧୨।୬ (ଡି.ଏନ.ଏ.)**

ପାଟଣାଗଡ ନବନିର୍ବାଚିତ ବିଧାୟକ ସରୋଜ ମେହେର ଆଦିବାସୀ ସମ୍ପ୍ରଦାୟର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଉଠ୍‌ବସ୍ କରାଇବା ଓ ଜାତିଆଣ ଆପେକ୍ଷ କରି ଗାଳିଗୁଲଜ କରିବା ଘଟଣା ପ୍ରତିବାଦରେ ବୁଧବାର କଳାହାଣ୍ଡି ଜିଲା ବସୁ ସମାଜ ପକ୍ଷରୁ ଧର୍ମଗଡଠାରେ ପ୍ରତିବାଦ କରାଯାଇଛି। ଶୀଘ୍ର ଏହି ଘଟଣାରେ ବିଧାୟକଙ୍କୁ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଛନ୍ତି। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଧର୍ମଗଡ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଜିଲା ସଭାପତି ଚନ୍ଦ୍ର ଶେଖର ଶବରଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ସରୋଜ କୁମାର ଶବର, ଜୟପାଟଣା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଶବର, ସମ୍ପାଦକ ବଦନ ଶବର, କୋକସରା ବ୍ଲକ ସଭାପତି ଶଙ୍କର ପ୍ରସାଦ ଶବର, ସମ୍ପାଦକ ମଣିରାମ ଶବର, ଧର୍ମଗଡ ବ୍ଲକ ସଭାପତି ଶତ୍ରୁଘ୍ନ ଶବର, ସମ୍ପାଦକ ମୁକ୍ତେଶ୍ୱର ଶବର, ଜୁନାଗଡ ବ୍ଲକ ସଭାପତି ରଞ୍ଜନ ଶବର, ସମ୍ପାଦକ ନେପାଳ ଶବର ପ୍ରମୁଖଙ୍କ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଧର୍ମଗଡରେ ବସୁ ସମାଜ ପକ୍ଷରୁ ପ୍ରତିବାଦ କରାଯାଉଛି।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ଟ୍ରକରେ ଲାଗିଲା ବିଦ୍ୟୁତ୍ ତାର, ଡ୍ରାଇଭର ମୃତ

**ମୁରିବାହାଲ, ୧୨।୬(ଡି.ଏନ.ଏ.):** ମୁରିବାହାଲ ବ୍ଲକ ଚଣାବାହାଲ ଦେଇ ଯାଉଥିବା ଏକ ହାଇୱା ଟ୍ରକ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ବୁର୍ଡା ଗାଁର କୁରୁପତି ମାଝୀ(୪୨)। ମୁରିବାହାଲ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଛି। ଏ ନେଇ ମୁରିବାହାଲ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୧୯) ରୁଜୁ ହୋଇଛି। ଟ୍ରକ(ନଂ.ଓଆର୦୬ଜେ୩୪୧୭)କୁ ଜବତ କରାଯାଇଛି ବୋଲି ଏଏସଆଇ ପି.ଏନ.ରାଉତ କହିଛନ୍ତି। ଅଣ୍ଡଳଦୋର କୁଆଁରିରୁ ହାଇୱାରେ ମେଟାଲ ନେଇ କୁରୁପତି ଚଣାବାହାଲ ରାସ୍ତାକାମ ପାଖରେ ଅନଲୋଡ କରି ଫେରୁଥିଲେ। ଚଣାବାହାଲ ଗାଁରେ ଝୁଲିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଟ୍ରକ ଆସିରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୱେସ୍କୋ କାର୍ଯ୍ୟାଳୟ ଘେରାଉ

**କଣ୍ଟାବାଞ୍ଜି, ୧୨।୬(ଡି.ଏନ.ଏ.):** କଣ୍ଟାବାଞ୍ଜି ସହରରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରୁଛି। ଏ ନେଇ ବାରମ୍ବାର କହିଲେ ମଧ ସ୍ଥିତିରେ ପରିବର୍ତ୍ତନ ହେଉନାହିଁ। ଏହାର ପ୍ରତିବାଦ କରି ବୁଧବାର ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ୱେସ୍କୋ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଘେରାଉରେ ବିଜୟ ବଂଶଲ, ଅରୁଣ ଆର୍ଯ୍ୟା,ଦେବେନ୍ଦ୍ର ବେହେରା, ଭୁବନାନନ୍ଦ ମହାନ୍ତି, ମୁରାରୀ ଅଗ୍ରୱାଲଙ୍କ ସହ ଶତାଧିକ ସାମିଲ ଥିଲେ। ବିଦ୍ୟୁତ୍ କାଟ ଉପରେ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

### ସିଭିଲ ସୋସାଇଟି ପକ୍ଷରୁ ଏମ୍ପି, ଏମ୍ଏଲ୍ଏଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୧୨।୬:** ବଲାଙ୍ଗୀର ସିଭିଲ ସୋସାଇଟି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ନବନିର୍ବାଚିତ ଏମପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୋସାଇଟି ସଭାପତି ନୀଳମଣି ମିଶ୍ରଙ୍କ ଅଧକ୍ଷତା ତଥା ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ଆବହକତ୍ୱରେ ଅନୁଷ୍ଠିତ ସମାରୋହରେ ଆକ୍ସନ କମିଟି ଆବାହକ ତଥା ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ମୁଖ୍ୟ ଉପଦେଷ୍ଟା ଡ. ଶ୍ରୀକର ମିଶ୍ର ମଞ୍ଚାସୀନ ଥିଲେ।

### ସଙ୍କୁଳ ଯୋଗ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

**ଲୋଇସିଂହା,୧୨।୬(ଡି.ଏନ.ଏ.):** **ବଲାଙ୍ଗୀର ଜିଲା** ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଚାଲିଥିବା ସଙ୍କୁଳ ଯୋଗ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଲୋଇସିଂହା ସଙ୍କୁଳର ୭ଟି ବିଦ୍ୟାଳୟର ୧୪ଜଣ ଗୁରୁମାଗୁରୁଜୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ସଭାରେ ପ୍ରଧାନ ଅଚାର୍ଯ୍ୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ପତଞ୍ଜଳି ଯୋଗ ସମିତି ଜିଲା ସଂଯୋଜକ ଅଶୋକ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ବିରାମ ନିରୀକ୍ଷକ ବିପିନ ବିହାରୀମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମାଗଦର୍ଶନ ଦେଇଥିଲେ।

### ସ୍ଥାନୀୟ ଚାଷୀଙ୍କ ଧାନ କିଣା ଯାଉନି

# ମିଲ୍‌କୁ ଆସୁଛି ବାହାର ଜିଲାର ଧାନ

**ଦେଓଗାଁ,୧୨।୬(ଡି.ଏନ.ଏ.)**

**ରବିଧାନ କ୍ରୟରେ ଅଣଦେଖା ଅଭିଯୋଗ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତ ରବି ଧାନକ୍ରୟରେ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି ଚାଷୀବୃନ୍ଦ। ଏ ପର୍ଯ୍ୟନ୍ତ ବ୍ଲକର ଗୋଟିଏ ଦୁଇଟି ପ୍ୟାକ୍ସକୁ ବାଦ୍‌ଦେଲେ ଅନ୍ୟ କେଉଁଠି ଚାଷୀଙ୍କ ଧାନକ୍ରୟ କରାଯାଉନାହିଁ। ଯେଉଁ କେତୋଟି ପ୍ୟାକ୍ସରେ ଧାନକ୍ରୟ ପାଇଁ ନିର୍ଦ୍ଦେଶ ରହିଛି ସେଠାରେ କେବଳ ୪ଶହରୁ ୫ଶହ କୁଇଣ୍ଟାଲ ଟାର୍ଗେଟ ଦିଆଯାଉଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଥିବା ସମ୍ପୃକ୍ତ ପ୍ୟାକ୍ସମାନଙ୍କର ସମ୍ପାଦକମାନେ କହିଛନ୍ତି। ଦେଓଗାଁ, ଟେବେଡାମୁଣ୍ଡା, ଗୁଡଭେଲା ଓ ତୁଷୁରାସ୍ଥିତ ମିଲକୁ ପ୍ରତ୍ୟହ ଅନ୍ୟ ଜିଲାମାନଙ୍କରୁ ଶହଶହ ଟ୍ରକ ଧାନ ଆସୁଥିବା ନଜରକୁ ଆସୁଛି। ଏ ଦିଗରେ ବିଭାଗୀୟ ଅଧିକାରୀ ତଥା ଜିଲା ପ୍ରଶାସନ କୌଣସି ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି।

ଦେଓଗାଁ କୃଷିବିଭାଗର ତଥ୍ୟ ଅନୁସାରେ ବ୍ଲକ ଅଧୀନ ୨୦ଟି ପଞ୍ଚାୟତର ୪୮୪ ହେକ୍ଟର ଜମିରେ ଡାଲୁଅ ଧାନଚାଷ କରାଯାଇଥିଲା। ହେକ୍ଟର ପିଛା ୪୮ କୁଇଣ୍ଟାଲ ଧାନ ଉତ୍ପାଦନ ଆକଳନ କରାଯାଇଥିବା ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ନାୟକ କହିଛନ୍ତି। ତେବେ ସରକାରୀ ଆକଳନ ହିସାବରେ ବ୍ଲକରେ ୨୩ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱଧାନ ଉତ୍ପାଦନ ହୋଇଛି। ଅନ୍ୟପକ୍ଷେ ଚାଷୀଙ୍କ ଦାବି ଅନୁସାରେ ସରକାରୀ ତଥ୍ୟ ବାହାରେ ମଧ ରବିଧାନ ଚାଷ ହୋଇଛି। ଏଣୁ ଦେଓଗାଁ ବ୍ଲକରେ ଅଧିକ ରବିଧାନ ଚାଷ କରାଯାଉଛଇ। ପ୍ୟାକ୍ସମାନଙ୍କରେ ଅତିକମ୍‌ରେ ସରକାରୀ ଆକଳନ ହିସାବରେ ଧାନକ୍ରୟ ପାଇଁ ଟାର୍ଗେଟ ଦେବା କଥା ବୋଲି ଚାଷୀମାନେ ଦାବି କରିଛନ୍ତି। ଦେଓଗାଁ ଓ ଗୁଡଭେଲା ବ୍ଲକରେ ପର୍ଯ୍ୟାପ୍ତ ପରିମାଣର ଧାନ ଗଚ୍ଛିତ ଥାଇ କିପରି ମିଲ୍‌ମାନଙ୍କୁ ବାହାର ଜିଲାରୁ ଧାନ ଆସିବାରେ ବିଭାଗୀୟ ଅଧିକାରୀମାନେ ସହଯୋଗ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ପଚାରିବାରୁ କୋରାପୁଟ ଜିଲାରେ ସରପ୍ଲସ ଧାନ ଥିବାରୁ ବଲାଙ୍ଗୀରକୁ ଆସୁଛି। ତେବେ ସ୍ଥାନୀୟ ଚାଷୀଙ୍କ ଧାନକ୍ରୟ ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ।




# ପଲିଥିନ, ପ୍ଲାଷ୍ଟିକମୁକ୍ତ ସହର ପାଇଁ ସଚେତନତା ରାଲି

**କଣ୍ଟାବାଞ୍ଜି, ୧୨।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିକୁ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ସହରଭାବେ ଗଢି ତୋଳିବା ପାଇଁ ଏକ ସଚେତନତା ରାଲି ବୁଧବାର ସନ୍ଧ୍ୟାରେ ସହର ପରିକ୍ରମା କରିଥିଲା। ରାଲି ସ୍ଥାନୀୟ ଏନଏସି କାର୍ଯ୍ୟାଳୟଠାରୁ ବାହାରିଥିଲା। ଏହି ସଚେତନତା ରାଲିରେ ପଲିଥିନ ବ୍ୟାଗ, ପଲିଥିନ ବ୍ୟବହାର ନ କରିବା ପାଇଁ ସ୍ଲୋଗାନମାନ ଦିଆଯାଇଥିଲା। ଏହି ସଚେତନତା ରାଲିରେ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର, ସିଓ ଜ୍ୟୋସ୍ନାରାଣୀ ବାରିକ, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ଜମାଦାର ଧିରେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଲୋଇସିଂହା ସିନିୟର ସିଟିଜେନ ଆସେମ୍ବ୍ଲିର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ସିନିୟର ସିଟିଜେନ ଆସେମ୍ବ୍ଲିର ନୂତନ କର୍ମକର୍ତ୍ତା

**ଲୋଇସିଂହା,୧୨।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସିନିୟର ସିଟିଜେନ ଆସେମ୍ବ୍ଲିର ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କମିଟି ପର୍ନଗଠିତ ହୋଇଛି। କମିଟିକୁ ସରକାରୀ ଅନୁବନ୍ଧିତ ପାଇଁ ଜିଲା ପ୍ରଶାସନ ନିକଟରେ ଆବେଦନ କରିବାକୁ ବୈଠକରେ ସିଦ୍ଧାନ୍ତ ହୋଇଥିଲା। ଆଗାମୀ ଦିନରେ କମିଟି ଦ୍ୱାରା ଅଞ୍ଚଳର ବିକାଶ କାମଗୁଡିକ କିପରି ହୋଇ ପାରିବ ତାହା ଉପରେ ଆଲୋଚନା ହୋଇଥିଲା। କମିଟି ସଭାପତି ଧର୍ମସିଂ ମିଶ୍ର ସଭାରେ ଅଧ୍ୟକ୍ଷତାରେ କରିଥିଲେ। ପରେ କମିଟି ଉପସଭାପତି ବିଭୂତିଭୁଷଣ ସାହଣୀ କମିଟି ଗଠନର ୮ ବର୍ଷର ଯାତ୍ରା ସମ୍ପର୍କରେ ଅବଗତ କରିଥିଲେ। ବିଗତ ଦିନରେ କମିଟିର ଅନୁରୋଧରେ ହୋଇଥିବା ବିକାଶ କାମ ଓ ପୂର୍ବ ବୈଠକ ସିଦ୍ଧାନ୍ତ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଲୋଇସିଂହା ତ୍ରିଶୂଳବନ୍ଧରେ ପାଣି ଭର୍ତ୍ତି ଏବଂ ଗ୍ରୀଷ୍ମଦିନରେ ପାଣି ମୁକାବିଲା ପାଇଁ ଏକ ବୋରୱେଲ ଖନନ ସମେତ ଆହୁରି ବିକାଶ କାମନେଇ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକ ପୂର୍ବରୁ ନୂତନ କମିଟି ଗଠିତହୋଇଥିଲା। ଏଥିରେ ସଭାପତିଭାବେ ଧର୍ମସିଂ ମିଶ୍ର, ଉପସଭାପତି ବିଭୂତଭୂଷଣ ସାହଣୀ, ସମ୍ପାଦକ ଗଜାନନ ଅଗ୍ରୱାଲ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଅଗ୍ରୱାଲ ମନୋନୀତ ହୋଇଥିଲେ। ବ୍ରଜବନ୍ଧୁ ମିଶ୍ର,ବିଶ୍ୱନାଥ ଭୂୟାଁ, ରାଜେନ୍ଦ୍ର ବିଶ୍ୱାଳ, ମଞ୍ଜୁବାଳା ମେହେର, ଗୌରଚରଣ ନାଏକ, ଶଶୀଭୂଷଣ ଶତପଥୀ, ପଞ୍ଚୁ ସା କାର୍ଯ୍ୟକାରୀ କିମିଟିରେ ରହିଛନ୍ତି। ରାମଚନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଦେଓଗାଁ,୧୨।୬(ଡି.ଏନ.ଏ.)**

ଦେଓଗାଁ କଲେଜ ଛକ ଜାତୀୟ ରାଜପଥରେ ବୁଧବାର ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ ଗାଇବାହାଲର ସରୋଜ ପୋଡ଼। ତାଙ୍କୁ ବଲାଙ୍ଗୀର ବଡ ମେଡିକାଲ ପଠାଯାଇଛି। ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ବୋଲେରୋକୁ ଅଟକ ରଖିଛି। ବଲାଙ୍ଗୀର ପଟରୁ କଳାହାଣ୍ଡି ଯାଉଥିବା ବୋଲେରୋ(ନଂ ଓଆର୦୩ଏଫ୪୨୧୩) ଗାଇବାହାଲ ପଟରୁ ଦେଓଗାଁ ଆସୁଥିବା ବେଳେ କଲେଜଛକ ଠାରେ ବାଇକ(ନଂ.ଓଡି୦୩ ୦୯୧୮) ସହ ଧକ୍କା ଦେଇଥିଲା।

### ରାମାୟଣ ପାରାୟଣ

**ଦେଓଗାଁ,୧୨।୬(ଡି.ଏନ.ଏ.)**

ଦେଓଗାଁ ବ୍ଲକ କଛାରପାଲିରେ ବୁଧବାର ସ୍ଥାନୀୟ ମହିଳା ଗୋଷ୍ଠୀଙ୍କ ଆୟୋଜନକ୍ରମେ ରାମାୟଣ ପାରାୟଣ (ସୁନ୍ଦରାକାଣ୍ଡ) ଅନୁଷ୍ଠିତ ହୋଇଯାଇଛି। ବ୍ୟାସଭାବେ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେଶ ମେର୍ଲି, ଟିକି ମେର୍ଲି ପ୍ରମୁଖ ସହଯୋଗ କରିଥିଲେ।

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଜିଲାପାଳ ଅଫିସ ଘେରାଉ

**ଲୋଇସିଂହା, ୧୨।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଅମାମୁଣ୍ଡା ଗାଁର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଗାଁ ପୋଖରୀ ନିକରୁ ଗତ ଶନିବାର ପୋଲିସ ଉଦ୍ଧାର କରିଥିଲା। ତାଙ୍କୁ ବଳାତ୍କାର ପରେ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ ଦାବିରେ ଗ୍ରାମର ମହିଳାମାନେ ଜିଲାପାଳ ଅଫିସ ବୁଧବାର ଘେରାଉ କରିଥିଲେ।

ସୂଚନାମତେ, ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଅମାମୁଣ୍ଡା ଗାଁର ଏହି ଯୁବତୀ ଜଣକ ଗତ ଗୁରୁବାରଠାରୁ ଘରୁ ନିଖୋଜ ଥିଲେ। ନିଖୋଜର ୩ ଦିନପରେ ତଥା ଗତ ଶନିବାର ସକାଳେ ଗ୍ରାମର କେତେକ ଲୋକେ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ନିକଟସ୍ଥ ଏକ ଏକ ପଳାସ ଗଛରେ ଜଣେ ଯୁବତୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ମୃତାଙ୍କ ପରିବାର ଲୋକେ ସେଠାକୁ ଯାଇ ଝିଅକୁ ଚିହ୍ନଟ କରିଥିଲେ। ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଯାଇ ମତୃଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନ.୬/୧୯) ରୁଜୁ କରିଥିଲା। ଘଟଣା ସ୍ଥଳରୁ ପାରିପାର୍ଶ୍ୱିକସ୍ଥିତିକୁ ଗ୍ରାମବାସୀ ଦେଖିଲା ପରେ ଆତ୍ମହତ୍ୟା ନୁହେଁ। ଯୁବତୀକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ସନ୍ଦେହ କରିଥିଲେ। ଏହିଘଟଣାରେ ଗ୍ରାମର ଜଣେ ଯୁବକଙ୍କୁ ସନ୍ଦେହ କରି ଗ୍ରାମବାସୀ ତାଙ୍କୁ ଘରୁ ଟାଣି ଆଣି ଗାଁଦାଣ୍ଡରେ ଅଟକ ରଖିଥିଲେ। ସନ୍ଧ୍ୟାରେ ଲୋଇସିଂହା ପୋଲିସ ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ଅଧିକ ପଚରାଉଚରା ଚଲାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଗ୍ରାମର ଶତାଧିକ ମହିଳା ଜିଲାପାଳଙ୍କ ଅଫିସକୁ ଯାଇ ଦାବି କରିଥିଲେ।

# ମାରୱାଡି ସମ୍ମେଳନ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ବଲାଙ୍ଗୀର ଅଫିସ,୧୨।୬**




ମାରୱାଡି ସମ୍ମେଳନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି, କାର୍ଯ୍ୟକର୍ତ୍ତା।

ବଲାଙ୍ଗୀର ରାଧାରାଣୀପଡାସ୍ଥିତ ମାରୱାଡି ସେବା ସଦନଠାରେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ପୂର୍ବତନ ଅଧକ୍ଷ ନକୁଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନବନିର୍ବାଚିତ ବଲାଙ୍ଗୀର ଏମପି ସଙ୍ଗୀତା କୁମାର ସିଂଦେଓ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଏବଂ ଚଳିତବର୍ଷ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେଉଥିବା କଣ୍ଟାବାଞ୍ଜିର ନବଲ କୁମାର ଜୈନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ତେରାପନ୍ଥ ମହିଳା ମଣ୍ଡଳ ତରଫରୁ ସ୍ୱାଗତ ଗାନ ପ୍ରସ୍ତୁତ କରାଯାଇଥିଲା। ସଭାରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟବକ୍ତା ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ସମ୍ପାଦକ ପ୍ରଦୀପ ବନସଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ସଭା ସଂଯୋଜନା କରିଥିଲେ। ମନୋଜ ଜୈନ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ କଣ୍ଟାବାଞ୍ଜିରୁ ଆସିଥିବା ନବଲ ଜୈନଙ୍କ ପିତା ଡାଲୁରାମ ଜୈନ, ମାତା ବବିତା ଜୈନ ଓ ପରିବାର ସଦସ୍ୟ, ମାରୱାଡି ଯୁବାମଞ୍ଚ ଅଧକ୍ଷ ବୀରେନ ଅଗ୍ରୱାଲ, ଉପଦେଷ୍ଟା ଗଜାନନ ଅଗ୍ରୱାଲ, ସମ୍ମେଳନ ଉପାଧକ୍ଷ ସଞ୍ଜୟ ଅଗ୍ରୱାଲ, ରୋଟାରୀ କ୍ଲବ ଅଧକ୍ଷ ଡ. ଆକାଶ ଜୈନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଯୁବାମଞ୍ଚ ସଭ୍ୟ ଅମିତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଟେନିସ୍ ବଲ୍ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ

# ଭିଲାଇ, ଭବାନୀପାଟଣା ରୁରାଲ ଷ୍ଟାର ଫାଇନାଲରେ

**ପାଟଣାଗଡ, ୧୨।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଗଡଭିତର କ୍ରିକେଟ ପଡିଆରେ ଚାଲିଥିବା ଟେନିସ୍ ବଲ୍ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଭିଲାଇ ଓ ଭବାନୀପାଟଣା ରୁରାଲ ଷ୍ଟାର ପ୍ରବେଶ କରିଛି। ମଙ୍ଗଳବାର ରାତିରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭିଲାଇ ଦଳ ବଲାଙ୍ଗୀର ଅଲରାଉଣ୍ଡରକୁ ୯ ଉଇକେଟରେ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ନିର୍ଦ୍ଧାରିତ ୮ ଓଭରରେ ୬୩ ରନ ସଂଗ୍ରହ କରିଥିଲା। ଜବାବରେ ଗୋଲଡିଙ୍କ ଦ୍ରୁତ ୪୫ରନ ବଳରେ ଦଳ ୨୫ଟି ବଲ୍ ପୂର୍ବରୁ ଆବଶ୍ୟକ ରନ୍ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଭବାନୀପାଟଣା ରୁରାଲ ଷ୍ଟାର ଦଳ କଟାବାଞ୍ଜି ଅଲରାଉଣ୍ଡରକୁ ୨ରନରେ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କଟାବାଞ୍ଜି ନିର୍ଦ୍ଧାରିତ ୮ ଓଭରରେ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ଅମିତଙ୍କ ଲଗାତାର ୬ ବଲରୁ ୬ ଛକା ରନ କରି ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

# ବୀମାରାଶି ପ୍ରଦାନରେ ଅଣଦେଖା

## ସମସ୍ତ ପଞ୍ଚାୟତକୁ ସାମିଲ ନ କଲେ ଆନ୍ଦୋଳନ

**ଦେଓଗାଁ,୧୨।୬(ଡି.ଏନ.ଏ.)**

**ଦେଓଗାଁ ବ୍ଲକ**

ଦେଓଗାଁ ବ୍ଲକରେ ଚାଷୀମାନେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବ୍ୟାପକ କ୍ଷତି ସହିଆସୁଛନ୍ତି। ବ୍ଲକ ଅଧୀନ ୨୬ ପଞ୍ଚାୟତ ମଧ୍ୟରୁ ଅର୍ଦ୍ଧେକ ପଞ୍ଚାୟତର ଚାଷୀ ବୀମାରାଶି ପାଇବେ ବୋଲି ସୂଚନା ଆସିବା ପରେ ବଞ୍ଚିତ ରହୁଥିବା ପଞ୍ଚାୟତମାନଙ୍କର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଦେଓଗାଁ ବ୍ଲକର ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ନ ମିଳିଲେ ରାଜପଥକୁ ଅବରୋଧ କରି ପ୍ରତିବାଦ କରିବେ ବୋଲି ଆଲୋଚନା ହେଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ସମସ୍ତ ୨୬ଟି ପଞ୍ଚାୟତରେ ଗତବର୍ଷ ମରୁଡି ହୋଇଥିଲା। ଯେଉଁ କେତେକ ଜମିରେ ଚାଷ ବଞ୍ଚି ରହିଥିଲା ତାହା ଅଦିନିଆ ବର୍ଷା ଓ ଚକଡା ପ୍ରାଦୁର୍ଭାବରେ ନଷ୍ଟ ହୋଇଯାଇଥିଲା। ଏବେ ସରକାରଙ୍କ ତରଫରୁ ଗତବର୍ଷର ମରୁଡି ଘୋଷଣା କରିବାପରେ କେଉଁ ପଞ୍ଚାୟତର ଚାଷୀ ବୀମାରାଶି ପାଇବେ ସେ ନେଇ ପ୍ରଶ୍ନ ଉଠିଛି। ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆସିଥିବା ସୂଚନା ଅନୁସାରେ ୭ ପ୍ୟାକ୍ସ ଅନ୍ତର୍ଗତ ୧୫ଟି ପଞ୍ଚାୟତ ମଧ୍ୟରୁ ରାମଚନ୍ଦ୍ରପୁର, ଡୁମେରପିଟା, ଦେଷଣ୍ଡ, ସିଂହାମୁଣ୍ଡା, ବନ୍ଧପଡା,ବ୍ରାହ୍ମଣୀଯୋର,ସିକୁଆଁ ଓ ହାତିସରା ଆଦି ପଞ୍ଚାୟତର ୧୧୨୩ ଚାଷୀଙ୍କ ପାଇଁ ୨କୋଟି୫୦ଲକ୍ଷ୯୫ ହଜାର ଟଙ୍କା ଆସିଛି। ତେବେ ଏହି ବ୍ୟାଙ୍କ ଶାଖା ଅନ୍ତର୍ଗତ ଦେଓଗାଁ, ଗାଇବାହାଲ, କୁତୁର୍ଲା, ବଡବନ୍ଧ, ସାରସମାଲ, ଧଣ୍ଡାମାଲ ଓ ଲଣ୍ଡାପଥର ଆଦି ପଞ୍ଚାୟତର ଚାଷୀଙ୍କୁ ବୀମାରାଶି ମିଳିବାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେରୁ ଉକ୍ତ ପଞ୍ଚାୟତମାନଙ୍କର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଏହି ବ୍ଲକ ଅନ୍ତର୍ଗତ ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ୫ଟି ପ୍ୟାକ୍ସ ଜରାସିଂହା, ମହଲାଇ, ଉପରଝର, ଅର୍ଜୁନପୁର ଓ ଗୌରଗୋଠ ଅନ୍ତର୍ଗତ ୧୧ ପଞ୍ଚାୟତ ମଧ୍ୟରୁ କେଉଁ ପଞ୍ଚାୟତର କେତେ ଚାଷୀ ବୀମାରାଶି ପାଇବେ ଅଦ୍ୟାବଧି କୌଣସି ସୂଚନା ଆସି ନ ଥିବା ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ ବେହେରା କହିଛନ୍ତି। ତେବେ ମରୁଡିର ଶିକାର ପଞ୍ଚାୟତମାନଙ୍କୁ ବୀମା ରାଶି ପ୍ରଦାନରେ ଅଣଦେଖା କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେବାସହ କୃଷି ବିଭାଗର ତଥ୍ୟକୁ ନେଇ ଚାଷୀ ମହଲରେ ସନ୍ଦେହ ପ୍ରକାଶ ପାଇଛି।

# ଅଗ୍ନିଶମ ବିଭାଗ ପକ୍ଷରୁ କୋଚିଂ ସେଣ୍ଟର ତଦାରଖ

**ବଲାଙ୍ଗୀର ଅଫିସ, ୧୨।୬**



ଅଗ୍ନିଶମ ଟିମ୍ ରୁଗୁଡିପଡା ଡିଭାଇନ୍ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଦାରଖ କରୁଛନ୍ତି।

ଅଗ୍ନିଶମ ବିଭାଗର ୧୦ଟି ଟିମ୍ ବଲାଙ୍ଗୀର ସହରର ୧୦ଟି କୋଚିଂ ସେଣ୍ଟରରେ ପହଞ୍ଚି ଅଗ୍ନି ନିରାପତ୍ତା ନେଇ ତଦାରଖ କରିଛି। ଓଡିଶା ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ଟି ଟିମ ସକାଳୁ ସହରର ବିଭିନ୍ନ କୋଚିଂ ସେଣ୍ଟରକୁ ଯାଇଥିଲେ। ସେଠାରେ ଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିରାପତ୍ତା ସଚେତନତା ନେଇ ବୁଝାଇଥିଲେ। ହଠାତ୍ ଅଗ୍ନିକାଣ୍ଡ ଘଟିଲେ ଛାତ୍ରୀଛାତ୍ରମାନେ କିଭଳି ସୁରକ୍ଷିତ ବାହାରିବେ ସେନେଇ ବୁଝାଇଥିଲେ। କୋଚିଂ ସେଣ୍ଟର ମାଲିକ ଓ ଶିକ୍ଷକଙ୍କ ସହ ଆଲୋଚନା କରି ଅଗ୍ନି ନିରାପତ୍ତା ପାଇଁ କେଉଁ ସବୁ ଜିନିଷ ଅତ୍ୟାବଶ୍ୟକ ସେ ସମ୍ପର୍କରେ କହିଥିଲେ। କିଭଳି ଭାବେ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବଜାୟ ରହିବ ଓ ଛାତ୍ରୀଛାତ୍ର ତଥା ଶିକ୍ଷକମାନେ ସୁରକ୍ଷିତ ଶିକ୍ଷାଦାନ କରିପାରିବେ ସେନେଇ ବୁଝାଇଥିଲେ। ଆବଶ୍ୟକ ଥିବାର କୋଚିଂ ସେଣ୍ଟରକୁ କୋଠା ସବୁକୁ ଅଗ୍ନି ନିରାପତ୍ତାଜନକ କରିବାକୁ ପରାମର୍ଶ ଦେଇଥିଲେ। ଏଦିଗରେ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ଗୁଜରାଟ ପ୍ରଦେଶର ସୁରଟରେ କୋଚିଂ ସେଣ୍ଟରରେ ଭୟାବହ ଅଗ୍ନିକାଣ୍ଡ ଘଟି ଛାତ୍ରୀଛାତ୍ର ମୃତାହତ ଘଟଣା ପରେ ଓଡିଶାରେ ଥିବା କୋଚିଂ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଥିବା ଜଣାପଡିଛି।